# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୩୦/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, March 30/2026 | Page 14 | ₹ 7.00

୫୨ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 124 | ମୂଲ୍ୟ ₹୭/-




**ଟେନ୍‌ସନରେ ହ୍ରିତିକ୍‌ଙ୍କ ଗର୍ଲଫ୍ରେଣ୍ଡ**

ବଲିଉଡ ଅଭିନେତା ହ୍ରିତିକ୍ ରୋଶନଙ୍କ ଗର୍ଲଫ୍ରେଣ୍ଡ ସବା ଆଜାଦ ସାଇକ୍ଲୋସ୍ପୋରା କାଏଟାନେନ୍ସିସ ନାମକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇଛନ୍ତି।

୦୨

୧୪

**ଆଣ୍ଟୋନେଲି ଜାପାନିଜ ଗ୍ରାଁପ୍ରି ବିଜେତା**

ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି ମର୍ସିଡିଜର ଇଟାଲିଆନ ଡ୍ରାଇଭର କିମି ଆଣ୍ଟୋନେଲି।





ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ତିହିଡ଼ିର ଗଦି ବଜାରରେ ରବିବାର ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

### ପରିବାର ଆଣିଲେ ହତ୍ୟା ଅଭିଯୋଗ

ପୁରୀ/ କୋଣାର୍କ, ୨୯।୩ (ଅଜିତ୍ କୁମାର ମହାନ୍ତି/ ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଙ୍ଗରସ୍ଥିତ ଜିଲା କାରାଗାରରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାରାଗାରରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ସାକ୍ଷୀଗୋପାଳ ଡାହାଣ କୁମ୍ଭାରପଡ଼ାର ଦୀପ୍ତି ରଞ୍ଜନ ସ୍ୱାଇଁ ଓରଫ ସିଲୁ (୨୭)। ଶୌଚାଳୟରୁ ତାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ଏନେଇ ରାମଚଣ୍ଡୀ ଥାନା ପୋଲିସ (କେସ୍ ନଂ-୩/୨୬) ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ସିଲୁଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ, ରବିବାର ମଧ୍ୟାହ୍ନରେ ସିଲୁ ଶୌଚାଳୟରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କୁ ଅପରାହ୍ନରେ ଅବଗତ କରାଯାଇଥିଲା। ଏହା ପରେ ପରିବାରଲୋକେ ଚିକିତ୍ସାଳୟରେ ପହଞ୍ଚି ହୋ-ହଲ୍ଲା କରିବା ସହ ସିଲୁଙ୍କ ମୃତ୍ୟୁ ଘଟଣାରେ କାରାଗାର କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ସୂଚନା ମୁତାବକ, ୨୦୨୪ ଜୁନ୍ ୩ରୁ ଦୀପ୍ତିରଞ୍ଜନ ଏକ ବଳାତ୍କାର ମାମଲାରେ ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ରହିଥିବା ବେଳେ ରବିବାର ପୂର୍ବାହ୍ନ ସାଢ଼େ ୧୦ରେ ନିଜ ଭଉଣୀଙ୍କ ସହ ଜେଲରୁ ବାହାରିବା ସମ୍ପର୍କରେ କଥା ହୋଇଥିଲେ। ଆସନ୍ତା ୧୮ରେ ଅଦାଲତରେ ତାରିଖ ରହିଥିବା ବିଷୟ ଦୀପ୍ତିରଞ୍ଜନଙ୍କୁ କୁହାଯାଇଥିଲା ବୋଲି ମା' କାଳିକା ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଜେଲ କର୍ତ୍ତୃପକ୍ଷ ସଞ୍ଜୟ ବର୍ମା କହିଛନ୍ତି, ଦୀପ୍ତିରଞ୍ଜନ ଶୌଚାଳୟରେ ଦଉଡ଼ି ଦେଇ ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା। ମୁମୂର୍ଷୁ ଅବସ୍ଥାରେ ପ୍ରଥମେ କାରାଗାର ଡାକ୍ତରଖାନା ଏବଂ ପରେ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ☞ପୃଷ୍ଠା-୪

# ଉଠୁନି ଧାନ, ରାସ୍ତାରେ ଚାଷୀ

**ଧାନ ସଂଗ୍ରହକୁ ଆଉ ମାତ୍ର ମଝିରେ ଗୋଟେ ଦିନ ବାକି ଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀଙ୍କ ଠାରୁ ଧାନ କିଣା ହୋଇପାରି ନାହିଁ। ମଣ୍ଡିରେ ଧାନ ଗଦା କରି ଅପେକ୍ଷା କରି ରହିଛନ୍ତି ଚାଷୀ। ମାର୍ଚ୍ଚ ୩୧ ତାରିଖ ଧାନ ସଂଗ୍ରହର ଶେଷ ଦିନ ଥିବାବେଳେ ଚାଷୀଙ୍କଠାରୁ କିଣା ନ ହେବା ଏକ ଅପ୍ରିତିକର ସ୍ଥିତି ସୃଷ୍ଟି କରିଛି। ଧାନ ସଂଗ୍ରହରେ ପରିଚାଳନାଗତ ତ୍ରୁଟିକୁ ଦାୟୀ କରି ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ତୁରନ୍ତ ସେମାନଙ୍କ ଧାନ ନେବାକୁ ପ୍ରଶାସନ ନିକଟରେ ଜିଦ୍ ଧରିଛନ୍ତି। ରବିବାର ବାଲେଶ୍ୱର ଖନ୍ତାପଡ଼ାଠାରେ ଚାଷୀମାନେ ଜାତୀୟ ରାଜପଥ(ଏନ୍ଏଚ୍-୧୬) ଅବରୋଧ କରିଥିବାବେଳେ ଭଦ୍ରକ ଜିଲାର ତିହିଡ଼ି ଏବଂ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତାକୁ ଓହ୍ଲାଇଛନ୍ତି।**

ବାହାନଗା/ତିହିଡ଼ି/ ଭଣ୍ଡାରିପୋଖରୀ, ୨୯।୩ (ଅରୂପ କୁମାର ଦାସ/ ସଞ୍ଜିତ ବଳ/ ରାଜେନ୍ଦ୍ର ଶତପଥୀ )

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ଖନ୍ତାପଡ଼ାଠାରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଛି। ଟୋକନ ପାଇ ମଣ୍ଡିରେ ଧାନ ବିକି ନ ପାରି ପ୍ରତିବାଦ ସ୍ୱରୂପ ରବିବାର ଶତାଧିକ ଚାଷୀ ୧୬ନଂ. ଜାତୀୟ ରାଜପଥ ୨ ଘଣ୍ଟା ଧରି ଅବରୋଧ କରିଥିଲେ। ଖନ୍ତାପଡ଼ା ସମିତି ସଭାପତି ଦିଲ୍ଲୀପ ଦାସ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କ ସହ କଥା ହୋଇ ୨୪ ଘଣ୍ଟା ମଧ୍ୟରେ ଧାନ କିଣା ହେବ ଓ ଯେଉଁ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବ ସେମାନଙ୍କୁ ଆଉଥରେ ଟୋକନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ଖନ୍ତାପଡ଼ା ସମିତିକୁ ଖରିଫ ଧାନ କିଣିବାପାଇଁ ସରକାର ୪୦ ହଜାର କୁଇଣ୍ଟାଲ ଟାର୍ଗେଟର ଟୋକନ ଦେଇଥିଲେ। ସେଥିମଧ୍ୟରୁ ୩୦ ହଜାର କୁଇଣ୍ଟାଲ ଧାନ କିଣା ସରିଛି। ଆଉ ସାଢେ ୬ ହଜାର କୁଇଣ୍ଟାଲ ଧାନ କିଣି ସମିତି

### ଧାନ ସଂଗ୍ରହ କଣ୍ଟକୁ ଦିନେ, ଜିଦିରେ ଅଟଳ

ଗୋଦାମରେ ଗଚ୍ଛିତ ରଖିଥିଲେ ମଧ୍ୟ ତାହାକୁ କୌଣସି ମିଲର ନେଉନାହାନ୍ତି। ୨ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଘରେ ପଡ଼ିରହିଥିଲେ ମଧ୍ୟ ଆଉ ଧାନ କିଣା ହେଉନି। ଅନ୍ୟପଟେ କେତେଜଣ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲାଣି। ଏହାର ପ୍ରତିବାଦରେ ଖନ୍ତାପଡ଼ା ସେବା ସମବାୟ ସମିତି ଅଧୀନରେ ଥିବା ଚକଜଗନ୍ନାଥପୁର, କଷପାଜୟପୁର, ଖନ୍ତାପଡ଼ା ଆଦି ୩ଟି ପଞ୍ଚାୟତର ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ତୁରନ୍ତ ସରକାର ଚାଷୀଙ୍କ ଧାନ କିଣନ୍ତୁ ଓ ଲାପ୍ସ ଟୋକନ ଫେରସ୍ତ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଆନ୍ଦୋଳନସ୍ଥଳରେ ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲା।

ସେହିପରି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଜାମଯୋଡ଼ି ଓ ଅମୃତପୁର ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ସକାଳ ୮ଟା ବେଳେ ଗଦି ବଜାରରେ ଧାନବସ୍ତା ରଖି ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ସେମାନେ ଦର୍ଶାଇଥିଲେ, ଟାର୍ଗେଟ ନ ଥିବାରୁ ସମିତି କର୍ତ୍ତୃପକ୍ଷ ଧାନ କିଣା ବନ୍ଦ କରି ଦେଇଛନ୍ତି। ଫଳରେ ଜାମଯୋଡ଼ି ସମିତି ମଣ୍ଡିରେ ୧୫୬ ଏବଂ ଅମୃତପୁର ସମିତି ମଣ୍ଡିରେ ୧୦୧ଜଣ ଚାଷୀ ଧାନ ବିକିପାରି ନାହାନ୍ତି। ଜାମଯୋଡ଼ି ମଣ୍ଡିକୁ ୬୪୦୦ ଏବଂ ଅମୃତପୁର ମଣ୍ଡିକୁ ୧୯୯୬ କୁଇଣ୍ଟାଲ ଟାର୍ଗେଟ ପାଇଁ ସେମାନେ ଦାବି କରିଥିଲେ। ଏହାବ୍ୟତୀତ ଜାମଯୋଡ଼ି ମଣ୍ଡିରେ ୮୦୦୦ କୁଇଣ୍ଟାଲ ଏବଂ ଅମୃତପୁର ମଣ୍ଡିରେ ୭୦୦୦ କୁଇଣ୍ଟାଲ ଧାନବସ୍ତା ପଡ଼ିରହିଛି। ମିଲରମାନେ ମଣ୍ଡିରୁ ଧାନବସ୍ତା ଉଠାଉ ନ ଥିବାରୁ ବର୍ଷା ଖାଇ ଧାନ ଗଜା ମାରିଲାଣି। ଅପରପକ୍ଷେ ଧାନ ବିକିଥିବା ବହୁ ଚାଷୀ ଅଦ୍ୟାବଧି ପ୍ରାପ୍ୟ ପାଇନାହାନ୍ତି। ଅତିରିକ୍ତ ତହସିଲଦାର ନମିତା ଧଳ ଓ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚାଷୀମାନେ ସମିତିକୁ ଟାର୍ଗେଟ୍ ଦିଆଯାଉ ବୋଲି ଦାବି କରିଥିଲେ। ପରେ ଅଧିକାରୀମାନେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଫୋନ୍‌ରେ କଥା ହୋଇ ସମିତିକୁ ଟାର୍ଗେଟ୍ ଦିଆଯାଇ ଚାଷୀଙ୍କ ସବୁ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ଟାର୍ଗେଟ ଦିଆଯାଉ ଦାବି କରି ଚାଷୀମାନେ ଆନ୍ଦୋଳନ ଅବ୍ୟାହତ ରଖିଥିଲେ। ପରେ ବିଡିଓ ନିରଞ୍ଜନ ବାରିକ ପହଞ୍ଚି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସନ୍ଧ୍ୟାରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପହଞ୍ଚି ୨ ସମିତିକୁ ଅଧିକ ଟାର୍ଗେଟ ପ୍ରଦାନ ☞ପୃଷ୍ଠା-୪

# ପାକ୍ ମଧ୍ୟସ୍ଥ, ଭାରତ ଅସ୍ପଷ୍ଟ

## ଇସ୍‌ଲାମାବାଦରେ ସାଉଦିଆରବ, ଇଜିପ୍ଟ ଓ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ

**ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ। ଆମେରିକା-ଇସ୍ରାଏଲ୍‌ର ମିଳିତ ଇରାନ୍ ଆକ୍ରମଣକୁ ରବିବାର ୩୦ ଦିନ ପୂରିଥିବାବେଳେ ପଶ୍ଚିମ ଏସିଆ ସଂଘର୍ଷ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ବିଶେଷକରି ଇରାନ୍ ଉପସାଗରୀୟ ରାଷ୍ଟ୍ରଗୁଡ଼ିକରେ ଥିବା ଆମେରିକୀୟ ସେନାଘାଟିକୁ ଟାର୍ଗେଟ୍ କରୁଥିବାବେଳେ ଇସ୍ରାଏଲ୍ ତେହରାନ୍ ଉପରେ ଘନ ଘନ ମିଶାଇଲ ମାଡ଼ କରୁଛି। ସେପଟେ ଆମେରିକା ସ୍ଥଳଭାଗରେ ଇରାନ୍ ଆକ୍ରମଣ ପାଇଁ ପ୍ରସ୍ତୁତ ହେଲାଣି। ଏଭଳି ସ୍ଥିତିରେ ପାକିସ୍ତାନ ଶାନ୍ତି ଆଲୋଚନା ପାଇଁ ମଧ୍ୟସ୍ଥ ଭୂମିକା ନେଇଛି। ଉତ୍ତେଜନା ହ୍ରାସ ନିମନ୍ତେ ଇସ୍‌ଲାମାବାଦରେ ସାଉଦି ଆରବ, ତୁର୍କୀ ଓ ଇଜିପ୍ଟର ବହିର୍ବ୍ୟାପାର ମନ୍ତ୍ରୀମାନେ ଏକାଠି ହୋଇଛନ୍ତି। ଏପରି କି ଇରାନୀୟ ନେତାଙ୍କ ସହ ଆଲୋଚନା ପାଇଁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ପାକିସ୍ତାନ ଯାଇପାରନ୍ତି ବୋଲି କୁହାଯାଉଛି। ଦେଖିବାକୁ ଗଲେ ପାକିସ୍ତାନ ଏହି ସମ୍ମିଳନୀର ଆୟୋଜନ କରି କୂଟନୈତିକ ବିଚକ୍ଷଣତାର ପରିଚୟ ଦେଇଥିବାବେଳେ ଭାରତର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି।**

ଇସ୍‌ଲାମାବାଦ/ ଦୁବାଇ/ ନୂଆଦିଲ୍ଲୀ, ୨୯।୩

ଏୟାର ଷ୍ଟ୍ରାଇକ୍ ପରେ ସ୍ଥଳଭାଗରେ ଇରାନ୍ ଆକ୍ରମଣ ପାଇଁ ଆମେରିକା ସଜବାଜ ହେଉଛି। ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଥିବା ଆମେରିକୀୟ ସୈନ୍ୟ ଯଦି ଟାର୍ଗେଟ କରନ୍ତି ତେବେ ସେମାନଙ୍କୁ ଜାଳି ଦିଆଯିବ ବୋଲି ଇରାନ୍ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର କାଲିବଫ୍ ଚେତାବନୀ ଦେଇଛନ୍ତି। ଇରାନ୍ ନିଜ ଭୂଖଣ୍ଡରେ କୌଣସି ପ୍ରକାର ଆମେରିକୀୟ ସୈନ୍ୟ ଏବଂ ୱାଶିଂଟନ୍‌ର କ୍ଷେତ୍ରୀୟ ସହଯୋଗୀଙ୍କ ମୁକାବିଲା ପାଇଁ ପ୍ରସ୍ତୁତ ବୋଲି କହିବା ସହ ଶାନ୍ତି ଆଲୋଚନା ବିଷୟକୁ ଖଣ୍ଡନ କରିଛନ୍ତି। ଇରାନୀୟ ବାଚସ୍ପତିଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି ଯେତେବେଳେ କି ଇସ୍‌ଲାମାବାଦରେ ସାଉଦି ଆରବ, ତୁର୍କୀ ଓ ଇଜିପ୍ଟ ବହିର୍ବ୍ୟାପାର ମନ୍ତ୍ରୀ ଆଲୋଚନା ଆରମ୍ଭ କରିଛନ୍ତି। ରବିବାର ଓ ସୋମବାର ୨ ଦିନ ଧରି ହେବାକୁ ଥିବା ଉକ୍ତ ବୈଠକରେ ଆମେରିକା କିମ୍ବା ଇସ୍ରାଏଲ୍ ଯୋଗଦେଇ ନ ଥିବାବେଳେ ☞ପୃଷ୍ଠା-୪

## ବରିଷ୍ଠ ଓଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

### ୭ ଉପଜିଲାପାଳ ନିଯୁକ୍ତ

ଭୁବନେଶ୍ୱର, ୨୯।୩ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ରବିବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୭ଜଣ ଓଏଏସ୍ ଅଧିକାରୀଙ୍କୁ ଉପଜିଲାପାଳ ଭାବେ ଏବଂ ଜଣଙ୍କୁ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ସମ୍ବଲପୁର କୁଚିଣ୍ଡା ଆଇଟିଡିଏ ପିଏଙ୍କୁ ବରଗଡ଼ ଉପଜିଲାପାଳ ଭାବେ ନିଯୁକ୍ତ କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମଞ୍ଚରେ ପାକିସ୍ତାନ**

# ମନ୍ କୀ ବାତ୍‌ରେ ସମ୍ବଲପୁରର ସୁଜାତା

### ମତ୍ସ୍ୟଚାଷ ମାଧ୍ୟମରେ ହୋଇଛନ୍ତି ସ୍ୱାବଲମ୍ବୀ

ସମ୍ବଲପୁର, ୨୯।୩ (ପ୍ରମୋଦ ବହିଦାର)

ଜଣେ ସାଧାରଣ ଗୃହିଣୀରୁ ସଫଳ ମତ୍ସ୍ୟଚାଷୀ ସାଜିଥିବା ସମ୍ବଲପୁରର ସୁଜାତା ଭୂୟାଁଙ୍କ ସଫଳତା ଆଜି ସାରା ଦେଶ ପାଇଁ ଏକ ଉଦାହରଣ ସାଜିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସୁଜାତାଙ୍କ ଉଦ୍ୟମ ଓ ସଫଳତା ସମ୍ପର୍କରେ ଆଲୋଚନା କରିବା ପରେ ତାଙ୍କ ପାଖକୁ ଏବେ ଶୁଭେଚ୍ଛାର ସୁଅ ଛୁଟିଛି। ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ରବିବାର ତାଙ୍କ ଘରେ ପହଞ୍ଚି ସୁଜାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କି ବାତ୍‌ର ୧୩୨ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଏହି ସଂସ୍କରଣରେ ସେ ଦେଶ-ବିଦେଶର ବିଭିନ୍ନ ପ୍ରସଙ୍ଗକୁ ଉପସ୍ଥାପନ କରିବା ସହ ଦୁଇଜଣ ଓଡ଼ିଆଙ୍କୁ ମଧ୍ୟ ସେମାନଙ୍କ ଉଦ୍ୟମ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ସେମାନେ ହେଲେ ସମ୍ବଲପୁରର ସୁଜାତା ଭୂୟାଁ ଏବଂ କେନ୍ଦ୍ରାପଡ଼ାର ଓମ୍ ପ୍ରକାଶ ରଥ।



ହୀରାକୁଦ ଜଳଭଣ୍ଡାରରେ ମତ୍ସ୍ୟଚାଷୀ ସୁଜାତା ଭୂୟାଁ।

ପ୍ରଧାନମନ୍ତ୍ରୀ ମୋଦି ମହିଳା ସଶକ୍ତୀକରଣ ଉଦାହରଣ ଦେଇ କହିଥିଲେ, ସୁଜାତା ଜଣେ ଗୃହିଣୀ। କିନ୍ତୁ ସେ କିଛି ଭିନ୍ନ କାମ କରିବା ସହିତ ପରିବାରର ଉନ୍ନତିରେ ଭାଗୀଦାରି ହେବାକୁ ଚିନ୍ତା କରିଥିଲେ। ଏଥିପାଇଁ ସେ କିଛି ବର୍ଷ ପୂର୍ବରୁ ହୀରାକୁଦ ଜଳଭଣ୍ଡାରରେ ଫିଶ୍ ଫାର୍ମ(ମତ୍ସ୍ୟଚାଷ) ଆରମ୍ଭ କରିଥିଲେ। ତେବେ ସୁଜାତାଙ୍କର ଏହି ଯୋଜନା ସହଜ ନ ଥିଲା। କାରଣ ପାଣିପାଗ ଏବଂ ଅନ୍ୟ ପାରିପାର୍ଶ୍ୱିକ ସ୍ଥିତି ଯୋଗୁ ସେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ। ☞ପୃଷ୍ଠା-୪


SIKSHA 'O' ANUSANDHAN

SAAT-2026

Empowering students for a brighter future

AGRICULTURAL PROGRAMMES
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC
- Accredited by ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏବଂ ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକଙ୍କୁ କାଠମାଣ୍ଡୁ ଜିଲା କୋର୍ଟ ରବିବାର ୫ ଦିନିଆ ରିମାଣ୍ଡରେ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ତେବେ ଓଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ କାଠମାଣ୍ଡୁର ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଉଛି। ଗତବର୍ଷ ନେପାଳରେ ଜେନ୍ ଜି ଆନ୍ଦୋଳନକୁ ଦମନ କରିବାରେ ସମ୍ପୃକ୍ତି ନେଇ ଓଲି ଏବଂ ଲେଖକଙ୍କୁ ଶନିବାର ଗିରଫ କରାଯାଇଥିଲା।






ସାଉଦି ଆରବର ଅଲ୍ ଖର୍ଜସ୍ଥିତ ପ୍ରିନ୍ସ ସୁଲ୍‌ତାନ ଏୟାର ବେସ୍‌ରେ ଇରାନ୍ ପକ୍ଷରୁ ଶୁକ୍ରବାର କରାଯାଇଥିବା ଷ୍ଟ୍ରାଇକ୍‌ରେ ଆମେରିକା ବାୟୁସେନାର ଇ-୩ ସେଣ୍ଟ୍ରି ଏଡବ୍ଲ୍ୟୁଏସିଏସ୍ ବିମାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

# ୧୦ ବର୍ଷରେ ୧୦,୦୦୦ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଓବାଦୀଶୂନ୍ୟ ଭାରତ ଉପରେ ଆଜି ଲୋକ ସଭାରେ ଆଲୋଚନା**

ନୂଆଦିଲ୍ଲୀ,୨୯।୩(ପି.ଟି.)

ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓବାଦୀ ମୁକ୍ତ କରିବା ଲାଗି ସରକାର ସମୟସୀମା ଧାର୍ଯ୍ୟ କରିଥିଲେ। ଏହା ଶେଷ ହେବାକୁ ଆଉ ମାତ୍ର ଗୋଟିଏ ଦିନ ଥିବାବେଳେ ଏନେଇ ସରକାର କରିଥିବା ଉଦ୍ୟମ ସମ୍ପର୍କରେ ସୋମବାର ଲୋକ ସଭାରେ ଆଲୋଚନା ହେବ। ରୁଲ୍-୧୯୩ ଅନୁଯାୟୀ, ଉକ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଲୋକ ସଭା ସଚିବାଳୟ ତାଲିକାଭୁକ୍ତ କରିଥିବାରୁ ଏହା ଉପରେ ଭୋଟିଂ ହେବ ନାହିଁ। ସ୍ୱଳ୍ପ ସମୟର ଏହି ଆଲୋଚନା ପରେ ସରକାର ଉତ୍ତର ରଖିବେ। ଟିଡିପି ସଦସ୍ୟ ବାୟରେଡ୍ଡୀ ଶବରୀ ଏବଂ ଶିବସେନା ସଦସ୍ୟ ଶ୍ରୀକାନ୍ତ ଶିନ୍ଦେ ଆଲୋଚନା ଆରମ୍ଭ କରିବେ।

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦୀ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଘୋଷଣା କରିଥିଲେ। ସଦ୍ୟ ସମୀକ୍ଷା ଅନୁଯାୟୀ, ଦେଶରେ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୮ରୁ ୭କୁ ହ୍ରାସ ପାଇଛି। ମାଓବାଦୀ ନିରୋଧୀ ଅଭିଯାନରେ ଅଧିକ ସୁରକ୍ଷା ବଳଙ୍କୁ ସାମିଲ କରାଯାଇ ସମୟସୀମା ଶେଷ ସୁଦ୍ଧା ଅବଶିଷ୍ଟ ସଶସ୍ତ୍ର ମାଓବାଦୀଙ୍କୁ ନିପାତ କରିବା ଲାଗି ଉଦ୍ୟମ ଜାରି ରହିଛି।

ସୁରକ୍ଷା ଚାପ ସହ ପୁନର୍ବାସନ ଉଦ୍ୟମ ମାଓବାଦ ଅଭିଯାନକୁ ବଡ଼ ଝଟକା ଦେଇଛି। ଗତ ଦଶନ୍ଧି ମଧ୍ୟରେ ୧୦,୦୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଅସ୍ତ୍ର ତ୍ୟାଗ କରିଥିବାବେଳେ ବହୁସଂଖ୍ୟାରେ ଶୀର୍ଷ ମାଓବାଦୀ ନିହତ ହୋଇଥିବା ସରକାରୀ ଅଧିକାରୀମାନେ ସୂଚନା ନେଇଛନ୍ତି। ୨୦୨୫ରେ ମୋଟ ୨,୩୦୦ ମାଓବାଦୀ ଅସ୍ତ୍ର ସମର୍ପଣ କରିଥିବାବେଳେ ୨୦୨୬ର ପ୍ରଥମ ୩ ମାସରେ ୬୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାଓବାଦୀଙ୍କୁ ଦମନ କରିବା ପାଇଁ ସରକାର ଏକକ, ବହୁମୁଖୀ ଏବଂ ନିର୍ଣ୍ଣାୟକ ରଣନୀତି ଆପଣାଇଛନ୍ତି। ଏଥିସହିତ ମାଓବାଦୀ ପ୍ରବଣ ଅଞ୍ଚଳର ବିକାଶ ପାଇଁ ସରକାର ରୂପରେଖ ପ୍ରସ୍ତୁତ କରିଛନ୍ତି। ଉକ୍ତ ଅଞ୍ଚଳରୁ ସରକାର ୫ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ଫୋର୍ସ (ପିଏପିଏଫ୍)ଙ୍କୁ ପ୍ରତ୍ୟାହାର କରିନେଇ ସେଠାରେ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।

# ମଧ୍ୟପ୍ରାଚ୍ୟ ରଣକ୍ଷେତ୍ର: ଟଳିଲେଣି ୪,୫୦୦

## ମାସକରେ ୪୦ ଲକ୍ଷ ବିସ୍ଥାପିତ

ତେହରାନ୍,୨୯।୩

ଫେବୃଆରୀ ୨୮ରେ ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଆରମ୍ଭ କରିଥିବା ଅପରେଶନକୁ ଇତିମଧ୍ୟରେ ଏକ ମାସ ପୂରିଛି। ଇରାନ୍ ଉପରେ ଉକ୍ତ ଦୁଇ ଦେଶର ଆକ୍ରମଣ ପରେ ଏହି ଯୁଦ୍ଧ ମହାଯୁଦ୍ଧରେ ପରିଣତ ହେବା ସହ ସମଗ୍ର ମଧ୍ୟପ୍ରାଚ୍ୟ ଘୋର ସଙ୍କଟ ମଧ୍ୟକୁ ଟାଣି ହୋଇଯାଇଛି। ଗୋଟିଏପଟେ ଆମେରିକା ଓ ଇସ୍ରାଏଲ ଇରାନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଇରାନ୍ ଆମେରିକାକୁ ଟାର୍ଗେଟ କରି ସାଉଦି ଆରବ, ୟୁଏଇ, କାତାର, କୁଏଟ୍, ଇରାକ୍ ଏବଂ ଜୋର୍ଡାନ ଉପରେ ଆକ୍ରମଣ ଚଳାଇଛି। ସେପଟେ ଇରାନ୍ ସମର୍ଥନରେ ବାହାରି ହିଜବୁଲ୍ଲା ଇସ୍ରାଏଲ ଉପରେ ଆକ୍ରମଣ କରିବାରୁ ଇସ୍ରାଏଲର ଆଇଡିଏଫ୍ ଲେବାନନ୍‌ରେ ଆକାଶମାର୍ଗରୁ ଆକ୍ରମଣ କରିବା ସହ ଗ୍ରାଉଣ୍ଡ ଅପରେକଶନ ଜାରି ରଖିଛି। ମଙ୍ଗଳବାର ହୁତି ବିଦ୍ରୋହୀ ସଂଗଠନ ଇରାନ୍‌କୁ ସମର୍ଥନ କରି ଇସ୍ରାଏଲ ଉପରେ ଆକ୍ରମଣ କରିଥିଲାବେଳେ ଏବେ ୟେମେନ୍ ମଧ୍ୟ ଏହି ମହାଯୁଦ୍ଧରେ ଯୋଡିହୋଇ ଆମେରିକା ଏବଂ ଇସ୍ରାଏଲ ଟାର୍ଗେଟକୁ ଆସିଛି। ଫଳରେ ସମଗ୍ର ମଧ୍ୟପ୍ରାଚ୍ୟ ଏବେ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଆଗକୁ ଆମେରିକା ଇରାନ୍‌ରେ ଗ୍ରାଉଣ୍ଡ ଅପରେଶନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିବା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆଶଙ୍କା ବଢ଼ିଛି।

ବର୍ତ୍ତମାନ ସୁଦ୍ଧା ଏକ ମାସ ଧରି ଚାଲିଥିବା ଯୁଦ୍ଧରେ ମଧ୍ୟପ୍ରାଚ୍ୟ ମୃତ୍ୟୁସଂଖ୍ୟା ୪୫୦୦ରୁ ଅଧିକରେ ପହଞ୍ଚିଛି। କେବଳ ଇରାନ୍‌ରେ ଏହାର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ୨୦୦୦ରୁ ୩୩୦୦ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ୨୪,୮୦୦ ଲୋକ ଆହତ ହୋଇଥିଲାବେଳେ ପ୍ରାୟ ୪୦ ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ଇରାନୀୟ ଗଣମାଧ୍ୟମ ସୂତ୍ରରୁ କୁହାଯାଇଛି। ଇସ୍ରାଏଲ ଆକ୍ରମଣରେ ଲେବାନନ୍‌ରେ ୧୧୦୦ ଲୋକଙ୍କ ମୃତ୍ୟୁ ହୋଇଥିଲାବେଳେ ପ୍ରାୟ ୩ ହଜାର ଲୋକ ବିସ୍ଥାପିତ ହୋଇଥିବା କୁହାଯାଇଛି। ଇରାନ୍ ଆକ୍ରମଣରେ ଇସ୍ରାଏଲରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଆମେରିକା ସେନାର ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଏହାବ୍ୟତୀତ ସାଉଦି ଆରବ, ୟୁଏଇ , କାତାର, ଇରାକ୍ ଆଦି ଦେଶରେ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଏକାଧିକ ନାଗରିକ ଆହତ ହୋଇଥିବା କୁହାଯାଇଛି। ଏହି ଯୁଦ୍ଧରେ ଇରାନ୍‌ର ପ୍ରାୟ ୧୦,୦୦୦ ସାମରିକ, ଶିଳ୍ପାଞ୍ଚଳ, ଗବେଷଣାଗାରକୁ ଆମେରିକା ଓ ଇସ୍ରାଏଲ ଟାର୍ଗେଟ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଛନ୍ତି। ଏହି କ୍ରମରେ ଏଠାକାର ୮୧,୦୦୦ରୁ ଅଧିକ ଅଟ୍ଟାଳିକା ଧ୍ୱଂସ ହୋଇଯାଇଥିବା କୁହାଯାଇଛି। ଇରାନ୍‌ର ୧୫୦ରୁ ଅଧିକ ନୌସେନା ଘାଟିକୁ ଉଡ଼ାଇ ଦିଆଯାଇଛି। ସବୁଠୁ ବଡ଼ କଥା ହେଲା, ମଧ୍ୟପ୍ରାଚ୍ୟର ସମସ୍ତ ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ଦେଶ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଯୁଦ୍ଧରେ ଜଡ଼ିତ ହୋଇପଡ଼ିଥିବାରୁ ଇନ୍ଧନ ସମସ୍ୟାକୁ ନେଇ ବୈଶ୍ୱିକ ଅର୍ଥନୀତି ମାସକ ମଧ୍ୟରେ ୧୧.୫ ଟ୍ରିଲିୟନ ଡଲାର ହ୍ରାସ ପାଇଛି। ସେହିପରି ଅନ୍ତର୍ଜାତୀୟ ବଜାରରେ ପେଟ୍ରୋଲିୟମ ଏବଂ ଗ୍ୟାସ୍ ମୂଲ୍ୟ ଅନ୍ୟୁନ ୪୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଛି। କେବଳ ଏଲଏନ୍‌ଜି ମୂଲ୍ୟରେ ୬୦ ପ୍ରତିଶତ ବୃଦ୍ଧି ହୋଇଥିବା କୁହାଯାଇଛି।

## ଆମେରିକା, ୟୁରୋପରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ ତୀବ୍ର

ୱାଶିଂଟନ୍ ,୨୯।୩

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଚାଟିଆ ନୀତି ଓ ଇରାନ୍ ଯୁଦ୍ଧକୁ ବିରୋଧ କରି ଆମେରିକାରେ ଲକ୍ଷ ଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଯୁଦ୍ଧ ଯୋଗୁ ଏବେ ଆମେରିକାରେ ଦେଖାଯାଇଥିବା ମହଙ୍ଗା ସ୍ଥିତିକୁ ନେଇ ଆମେରିକାରେ ସବୁ ପ୍ରଦେଶରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ ତେଜିଥିଲାବେଳେ ଏହା ୟୁରୋପକୁ ମଧ୍ୟ ବ୍ୟାପିଛି। ଏଥିପାଇଁ ‘ନୋ କିଙ୍ଗସ୍’ ର୍‍ୟାଲି ଓ ବିକ୍ଷୋଭରେ ୮୦ ଲକ୍ଷରୁ ଅଧିକ ଲୋକ ସାମିଲ ହୋଇଛନ୍ତି। ଶନିବାର ୱାଶିଂଟନ୍, ନ୍ୟୁୟର୍କ, ଲସ୍ ଏଞ୍ଜେଲସ୍ , ଟେକ୍ସାସ୍ ସମେତ ଅନ୍ୟ ପ୍ରମୁଖ ସହରଗୁଡିକରେ ଲକ୍ଷ ଲକ୍ଷ ଲୋକ ବିକ୍ଷୋଭ କରିଛନ୍ତି। କେବଳ ମିନେସୋଟାରେ ୧୦ ଲକ୍ଷରୁ ଅଧିକ ନାଗରିକ ବିକ୍ଷୋଭରେ ସାମିଲ ହୋଇଥିବା କୁହାଯାଇଛି। ଗତ ବର୍ଷ ଟ୍ରମ୍ପଙ୍କ ବିରୋଧରେ ଦୁଇଟି ପର୍ଯ୍ୟାୟରେ ଏହି ରାଲି ଆୟୋଜିତ ହୋଇଥିଲାବେଳେ ଏବେ ନୋ କିଙ୍ଗସ୍ ରାଲି ଆମେରିକାର ୫୦ଟି ପ୍ରଦେଶ ସମେତ ଲଣ୍ଡନ, ପ୍ୟାରିସ୍ ଏବଂ ରୋମ୍‌ରେ ଆୟୋଜନ କରାଯାଇଛି। ଆମେରିକାର ବଡ଼ ବଡ଼ ସହର ସମେତ ଅନ୍ୟ ବହୁ ସହରରେ ୩୨୦୦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟ୍ରମ୍ପଙ୍କୁ ତୁରନ୍ତ ହଟାଇବାକୁ ଦାବି କରାଯାଇଛି। ଆଗକୁ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ରହିଥିବାରୁ ଆମେରିକାରେ ଏଭଳି ସ୍ଥିତି ଟ୍ରମ୍ପ୍ ପ୍ରଶାସନ ପାଇଁ ପ୍ରତିକୂଳ ସ୍ଥିତି ଆଣିବ ବୋଲି ଆଶଙ୍କା କରାଯାଉଛି।




ଆମେରିକାରେ ଚାଲିଥିବା ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ।

## ଏଲ୍‌ପିଜି ସଂଯୋଗ ଫେରାଇଲେଣି ୬,୦୦୦ ପିଏନ୍‌ଜି ଉପଭୋକ୍ତା

ନୂଆଦିଲ୍ଲୀ,୨୯।୩

ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେଇଥିବା ୬,୦୦୦ ଉପଭୋକ୍ତା ଇତିମଧ୍ୟରେ ସେମାନଙ୍କ ଏଲ୍‌ପିଜି ସଂଯୋଗ ଫେରାଇଦେଲେଣି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସଚିବ ନୀରଜ ମିତ୍ତଲ କହିଛନ୍ତି। ଅନ୍ୟ ପିଏନ୍‌ଜି ଉପଭୋକ୍ତାମାନେ ତୁରନ୍ତ ସେମାନଙ୍କ ଏଲ୍‌ପିଜି ସଂଯୋଗ ତ୍ୟାଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହୋଇଥିବାବେଳେ ଯେଉଁଠି ପିଏନ୍‌ଜି ସଂଯୋଗ ରହିଛି, ସେଠାରେ ଲୋକମାନେ ଏହାର ସୁଯୋଗ ନେବା ଲାଗି ପରାମର୍ଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ନ ନେବେ, ସେମାନଙ୍କୁ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ ବୋଲି ସରକାର ପୂର୍ବରୁ କହିଥିଲେ। ଚଳିତ ମାସରେ ୨,୯୦,୦୦୦ ନୂଆ ପିଏନ୍‌ଜି ସଂଯୋଗ ନେଲେଣି। ପିଏନ୍‌ଜି ଏବଂ ସିଏନ୍‌ଜି ଯୋଗାଣ ପୂର୍ଣ୍ଣମାତ୍ରାରେ ଜାରି ରହିଛି। ଶିଳ୍ପସଂସ୍ଥା ଏବଂ ବ୍ୟବସାୟିକ ଉପଭୋକ୍ତାମାନେ ସେମାନଙ୍କ ହାରାହାରି ବ୍ୟବହାରରୁ ୮୦ ପ୍ରତିଶତ ଉପରୋକ୍ତ ଗ୍ୟାସ୍ ବ୍ୟବହାର କରୁଛନ୍ତି।

## ଯୁଦ୍ଧକୁ ନେଇ କଂଗ୍ରେସର ରାଜନୀତି ପ୍ରବାସୀ ଭାରତୀୟଙ୍କ ପାଇଁ ବିପଦ: ମୋଦି

ନୂଆଦିଲ୍ଲୀ ,୨୯।୩

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଏବେ ସାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ଭାରତ ମଧ୍ୟ ପ୍ରଭାବିତ ହୋଇଛି। କିନ୍ତୁ ଯୁଦ୍ଧକୁ ନେଇ କଂଗ୍ରେସ ଯେଭଳି ଟିପ୍ପଣୀ କରୁଛି, ତଦ୍ୱାରା ଉପସାଗରୀୟ ଦେଶଗୁଡିକରେ ରହୁଥିବା ଭାରତୀୟଙ୍କ ପାଇଁ ବିପଦ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ରବିବାର କେରଳର ପାଲାକାଡ୍‌ରେ ଏକ ରାଲିକୁ ସମ୍ବୋଧିତ କରି ମୋଦି କହିଛନ୍ତି, ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତ ଉପରେ ଯେତେ କମ୍ ପ୍ରଭାବ ପଡ଼ିବ ତାହା ଉପରେ ସରକାର ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ବିଶେଷକରି ଉପସାଗର ଅଞ୍ଚଳର ବିଭିନ୍ନ ଦେଶରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରାଯାଉଛି। କିନ୍ତୁ କଂଗ୍ରେସ ଏଭଳି ସ୍ଥିତିରେ ରାଜନୈତିକ ଫାଇଦା ଉଠାଇବାରୁ ପଛଉ ନାହିଁ। ଯୁଦ୍ଧ ପ୍ରସଙ୍ଗରେ କଂଗ୍ରେସ ନେତା ଯେଭଳି ମନ୍ତବ୍ୟ ଦେଉଛନ୍ତି ତାହା ଉପସାଗର ଅଞ୍ଚଳରେ ରହୁଥିବା ପ୍ରାୟ ୧ କୋଟି ଭାରତୀୟଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବାପରେ ମଧ୍ୟପ୍ରାଚ୍ୟ ସ୍ଥିତି ଜଟିଳ ହୋଇଥିବାରୁ ସାଉଦି ଆରବ, ୟୁଏଇ, କାତାର ଏବଂ କୁଏଟ୍ ଆଦି ଦେଶ ସହ କୂଟନୈତିକ ସ୍ତରରେ ଆଲୋଚନା କରି ଭାରତୀୟଙ୍କ ସୁରକ୍ଷା ଲାଗି ନିରନ୍ତର ଉଦ୍ୟମ କରାଯାଇଛି।

## ସପ୍ତାହରେ ୨ ଦିନ ଲକ୍‌ଡାଉନ୍ ଘୋଷଣା କରିପାରେ ପାକିସ୍ତାନ

ଇସ୍‌ଲାମାବାଦ,୨୯।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ପାକିସ୍ତାନରେ ଇନ୍ଧନ ସଙ୍କଟ ଗୁରୁତର ହୋଇଛି। ସାରା ଦେଶରେ ଶକ୍ତି ଓ ଇନ୍ଧନ ବ୍ୟବହାର କମାଇବା ଉଦ୍ୟମ ସ୍ୱରୂପ ପାକ୍ ସରକାର ପ୍ରତି ସପ୍ତାହରେ ୨ ଦିନ ଲକ୍‌ଡାଉନ୍ କରିବା ପାଇଁ ବିଚାର କରୁଛନ୍ତି। ଏନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରମାନଙ୍କୁ ଦିଆଯିବା ସହ ଆଜାଦ କଶ୍ମୀର ଏବଂ ଗିଲ୍‌ଗିଟ୍-ବଲ୍ଟିସ୍ତାନ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଇଛି। ସେମାନଙ୍କ ମତାମତ ମିଳିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପ୍ରସ୍ତାବିତ ଯୋଜନାରେ ଶନିବାର ମଧ୍ୟାହ୍ନରୁ ରବିବାର ମଧ୍ୟରାତ୍ର ପର୍ଯ୍ୟନ୍ତ ଲକ୍‌ଡାଉନ୍ କଟକଣା ଜାରି ରହିବ। ଏହି ସମୟରେ ବିବାହ ସମେତ ବ୍ୟବସାୟିକ କାର୍ଯ୍ୟ ହେବ ନାହିଁ। ବଜାର, ଅଫିସ ଓ ଅନ୍ୟାନ୍ୟ ଅଣଜରୁରୀ ସେବା ବନ୍ଦ ରହିବ। ଅଧିକ ବ୍ୟବହାର ସମୟରେ ଆର୍ଥିକ କାର୍ଯ୍ୟ ରୋକି ଶକ୍ତି ସମ୍ବଳ ଉପରୁ ଚାପ ହ୍ରାସ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟଗୁଡ଼ିକର ସହମତି ମିଳିବା ପରେ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବା ଆଶା କରାଯାଉଛି। ପ୍ରସ୍ତାବକୁ ମଞ୍ଜୁରୀ ମିଳିଲେ ଏପ୍ରିଲ ୪ରୁ ଏହା ଲାଗୁ ହୋଇପାରେ ବୋଲି କୁହାଯାଉଛି।

## ଗ୍ରୀଡ୍ ଉପରେ ବୋମାମାଡ଼: ତେହରାନ୍ ଅନ୍ଧାରରେ

ତେହରାନ୍,୨୯।୩

ତେହରାନ୍ ଏବଂ ଏହାର ଆଖପାଖ ଅଞ୍ଚଳର ବିଦ୍ୟୁତ୍ ଗ୍ରୀଡ୍ ଉପରେ ଇସ୍ରାଏଲ୍ ଶନିବାର ବୋମାମାଡ଼ କରିଛି। ଫଳରେ ତେହରାନ୍ ସମେତ ଅନେକ ସହରରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ପ୍ରଥମଥର ପାଇଁ ଇସ୍ରାଏଲ ବିଦ୍ୟୁତ୍ ଭିତ୍ତିଭୂମି ଉପରେ ଆକ୍ରମଣ କରିଛି। ଇତିମଧ୍ୟରେ ଆମେରିକା ଗ୍ରାଉଣ୍ଡ ଅପରେଶନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଥିଲାବେଳେ ଇରାନ୍ ରବିବାର ଆମେରିକାକୁ ପୁଣି ଧମକ ଦେଇଛି। ଏକ ଭିଡିଓ ବାର୍ତ୍ତାରେ ଇରାନ୍ ସେନା ପ୍ରବକ୍ତା ଇବ୍ରାହିମ୍ ଜୋଲଫାଗାରି କହିଛନ୍ତି, ପାରସ୍ୟ ସାଗର ସାର୍କମାନଙ୍କ ପାଇଁ ଆମେରିକା ସୈନିକ ଭଲ ଖାଦ୍ୟ ହେବେ। ଆମେରିକା ଇରାନ୍‌କୁ ସେନା ପଠାଇ ଭୟଙ୍କର ସ୍ଥିତି ଉତ୍ପନ୍ନ କରିବାକୁ ଯାଉଛି। ଆମେ ସେମାନଙ୍କୁ ଅପେକ୍ଷା କରିଛୁ ବୋଲି ଇବ୍ରାହିମ୍ କହିଛନ୍ତି। ଏହା ପୂର୍ବରୁ ଆମେରିକା ସୈନିକଙ୍କୁ ସମୁଦ୍ରରେ ବୁଡ଼ାଇ ମାରିବାକୁ ଇରାନ ଧମକ ଦେଇଥିଲା।

## ମାତାପିତାଙ୍କୁ ଅବହେଳା କଲେ ଦରମାରୁ କଟିବ ୧୦ ହଜାର

**ତେଲଙ୍ଗାନା ସରକାର ଆଣିଲେ ବିଲ୍**

ହାଇଦ୍ରାବାଦ,୨୯।୩

ବୃଦ୍ଧ ମାତାପିତାଙ୍କ ପ୍ରତି ଯତ୍ନ ଏବଂ ପରିଣତ ବୟସରେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ସାମାଜିକ ଦାୟିତ୍ୱବୋଧକୁ ତେଲଙ୍ଗାନା ସରକାର ଗୁରୁତ୍ୱ ଦେଇ ରବିବାର ଏକ ଐତିହାସିକ ବିଲ୍‌କୁ ଅନୁମୋଦନ ଦେଇଛନ୍ତି। ‘ତେଲଙ୍ଗାନା ଏମ୍ପ୍ଲଇଜ୍ ଆକାଉଣ୍ଟେବିଲିଟି ଆଣ୍ଡ ମନିଟରିଂ ଅଫ୍ ପାରେଣ୍ଟିଆଲ ସପୋର୍ଟ ବିଲ୍-୨୦୨୬’ ନାମରେ ଅଣାଯାଇଥିବା ବିଲ୍ ବିଧାନସଭାରେ ବହୁମତରେ ପାରିତ ହୋଇଛି। ଏହି ବିଲ୍ ଅନୁସାରେ ଯଦି କୌଣସି ସରକାରୀ କର୍ମଚାରୀ ତାଙ୍କ ମାଆବାପାଙ୍କ ଯତ୍ନ ନେଉ ନ ଥିବା ଅଭିଯୋଗ ହୁଏ ତେବେ ତାଙ୍କ ଦରମାର ୧୫% କିମ୍ବା ୧୦ ହଜାର(ଯେଉଁଟା ସର୍ବନିମ୍ନ ହେବ) ଟଙ୍କା ସରକାର କାଟିଦେବେ। ଅନ୍ୟପକ୍ଷରେ ପିଲାମାନଙ୍କଠାରୁ ଆର୍ଥିକ ସହାୟତା ପାଉ ନ ଥିବା ଅଭିଭାବକ ଜିଲ୍ଲାପାଳ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଓ ବରିଷ୍ଠ ନାଗରିକ ଆୟୋଗଙ୍କ ନିକଟରେ ଆବେଦନ କରି ସହାୟତା ପାଇପାରିବେ। ପିଲାମାନଙ୍କ ଉପରେ ନିର୍ଭରଶୀଳ ବୃଦ୍ଧ ମାଆବାପାଙ୍କ ପ୍ରତି ଯତ୍ନ ଏବଂ ଆର୍ଥିକ ଦିଗକୁ ନିଶ୍ଚିତ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡି କହିଛନ୍ତି, ବୃଦ୍ଧ ମାଆବାପାଙ୍କ ଯତ୍ନ ଲାଗି ବ୍ୟକ୍ତିଗତ ସ୍ତରରେ ନିଶ୍ଚିତ କରିବାକୁ ହେବ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଉତ୍ତରଦାୟିତ୍ୱ ରହିଛି। ବାପାମାଆଙ୍କ ପ୍ରତି ରହିଥିବା ଏହି ସାମାଜିକ ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉକ୍ତ ବିଲ୍ ଆଣିଛନ୍ତି।

## ୨ ଆସନରୁ ଲଢ଼ିବେ ବିଜୟ

**ପ୍ରାର୍ଥୀ ଘୋଷଣା କଲା ଟିଭିକେ**

ଚେନ୍ନାଇ,୨୯।୩



ଆଗାମୀ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝଗମ୍ (ଟିଭିକେ) ରବିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରଥମ ଥର ପାଇଁ ଟିଭିକେ ନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ବିଜୟ ପେରାମ୍ବୁର ଏବଂ ତ୍ରିଚି ଇଷ୍ଟ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଦଳକୁ ଗୋଟିଏ ଥର ସୁଯୋଗ ଦେବା ନିମନ୍ତେ ବିଜୟ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଦଳୀୟ ଚିହ୍ନ ହ୍ୱିସିଲରେ ଭୋଟ ଦିଅନ୍ତୁ, ଏହା ଏକ ହ୍ୱିସିଲ୍ ବିପ୍ଳବ ନିର୍ବାଚନ ବୋଲି ସେ କହିଛନ୍ତି।

ଏପ୍ରିଲ ୨୩ରେ ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଶାସକ ଡିଏମ୍‌କେ ପଞ୍ଚମୁଖୀ ଲଢ଼େଇର ସମ୍ମୁଖୀନ ହେବାକୁ ଯାଉଛି। ଏଆଇଏଡିଏମ୍‌କେ ଏବଂ ଭାଜପାକୁ ନେଇ ଏନ୍‌ଡିଏ ମେଣ୍ଟ କ୍ଷମତାକୁ ଫେରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ବଡ଼ ଫଳାଫଳ ଲକ୍ଷ୍ୟରେ ବିଜୟଙ୍କ ଟିଭିକେ ରହିଛି। ଏସ୍. ରାମଦୋସଙ୍କ ନେତୃତ୍ୱାଧୀନ ପିଏମ୍‌କେ ଏବଂ ଶଶୀକଳାଙ୍କ ଦଳ ଚତୁର୍ଥ ଫ୍ରଣ୍ଟ ଭାବେ ଉଭା ହୋଇଥିବାବେଳେ ନାମ୍ ତାମିଲାର କାଟ୍‌ଚି (ଏନ୍‌ଟିକେ) ଏକାକୀ ଲଢ଼ୁଛି।

## ଟେନ୍‌ସନ୍‌ରେ ହ୍ରିତିକ୍‌ଙ୍କ ଗର୍ଲଫ୍ରେଣ୍ଡ

ମୁମ୍ବାଇ



ସବା ଆଜାଦ

ବଲିଉଡ ଅଭିନେତା ହ୍ରିତିକ୍ ରୋଶନଙ୍କ ଗର୍ଲଫ୍ରେଣ୍ଡ ସବା ଆଜାଦ ଆଜିକାଲି କଷ୍ଟକର ସ୍ଥିତି ଦେଇ ଗତି କରୁଛନ୍ତି। ସାଇକ୍ଲୋସ୍ପୋରା କାଏଟାନେନ୍ସିସ ରୋଗରେ ସେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର ୧୪ ଦିନ ମଧ୍ୟରେ ତାଙ୍କର ୪ କିଲୋ ଓଜନ ହ୍ରାସ ହୋଇଛି। ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ସେ ନିଜ ଯନ୍ତ୍ରଣା ବିଷୟ ପ୍ରକାଶ କରିଛନ୍ତି। ହସ୍ପିଟାଲ୍‌ରେ ଶୋଇଥିବା ଏକ ଫଟୋ ଶେୟାର କରି ସବା ଲେଖିଛନ୍ତି, ମୋ ଜୀବନର ସବୁଠାରୁ ଖରାପ ୧୪ ଦିନ। ସାଇକ୍ଲୋସ୍ପୋରା କାଏଟାନେନ୍ସିସ ଏକ ଭୟଙ୍କର ରୋଗ। ବିଶେଷକରି ମୋ ପରି ଜଣେ ମହିଳାଙ୍କ ପାଇଁ, ଯିଏ କେବଳ ଘରେ ରନ୍ଧା ଖାଦ୍ୟ ଖାଏ ଏବଂ ଯେଉଁଠାକୁ ଯାଏ ସାଙ୍ଗରେ ନିଜ ପାଣି ବୋତଲ ନେଇକି ଯାଏ। କିଏ ଜାଣେ ଏହି ରୋଗ କେଉଁଠାରୁ ଆସିଲା। ଚଲାବୁଲା ମଧ୍ୟ ମୋ ପାଇଁ ଏକ ସଂଘର୍ଷ ପାଲଟିଛି। ତେବେ ଏଭଳି ପରିସ୍ଥିତିରେ ବି ହ୍ରିତିକ୍ ମୋ ସହ ଅଛନ୍ତି ବୋଲି ସବା ଉଲ୍ଲେଖ କରିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years



ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ବିଭିନ୍ନ ଗଣ ସଂଗଠନ ପକ୍ଷରୁ ଆୟୋଜିତ ଲୋକ ଅଧିକାର ସମାବେଶ। **(ଫଟୋ: ମନୋରଞ୍ଜନ ମିଶ୍ର)**

# ପୋଲିସର ଚିନ୍ତା ବଢ଼ାଇଲେ ୯ ମାଓବାଦୀ

## ମାଓବାଦୀମୁକ୍ତ ଡେଡ୍‌ଲାଇନ୍‌କୁ ଆଉ ଦିନେ

## ଶୁକ୍ରୁଙ୍କ ପରେ ମଙ୍ଗ ଧରିଛନ୍ତି ଛତିଶଗଡ଼ର ରାଜୁ

ଭୁବନେଶ୍ୱର/ଫୁଲବାଣୀ,୨୯।୩
(ତ୍ରିନାଥ ମହାନ୍ତି)/ରାକେଶ କୁମାର ରାଉତ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ମାଓବାଦୀମୁକ୍ତ ଟାର୍ଗେଟ ସମୟ ମାର୍ଚ୍ଚ ୩୧କୁ ଆଉ ଗୋଟିଏ ଦିନ ରହିଛି। ହେଲେ ଏବେବି କନ୍ଧମାଳରେ ୮/୯ଜଣ ମାଓବାଦୀ ଲୁଚି ବୁଲୁଥିବାରୁ ଓଡ଼ିଶା ପୋଲିସର ଚିନ୍ତା ବଢ଼ିଛି। ଟପ୍ କ୍ୟାଡର ମାଓବାଦୀ କୁହାଯାଉଥିବା ଶୁକ୍ରୁଙ୍କ ଆତ୍ମସମର୍ପଣ ପରେ ଶେଷ ସଙ୍ଗଠନ ଭାଙ୍ଗିଯିବ ଓ ତାଙ୍କ ସହ ଥିବା ସମସ୍ତ ମାଓବାଦୀ ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବେ ବୋଲି ପୋଲିସ ଆଶା ରଖିଥିଲା। ଖୋଦ୍ ପୋଲିସ ଡିଜି ୱାଇ.ବି. ଖୁରାନିଆ ମଧ୍ୟ ବାରମ୍ବାର କହୁଥିଲେ, ଶୁକ୍ରୁଙ୍କୁ ଏନ୍‌କାଉଣ୍ଟର କିମ୍ବା ସେ ଆତ୍ମସମର୍ପଣ କରିବା ପରେ ଓଡ଼ିଶା ମାଓବାଦୀମୁକ୍ତ ହୋଇଯିବ ଓ ଆଣ୍ଟି ମାଓବାଦୀ ଅପରେଶନ ଶେଷ ହେବ। କିନ୍ତୁ ଇତିମଧ୍ୟରେ ଶୁକ୍ରୁ ଓ ତାଙ୍କ ସହଯୋଗୀ ଆତ୍ମସମର୍ପଣ କରିଥିଲେ ମଧ୍ୟ ଅନ୍ୟ ସହଯୋଗୀମାନେ ଆସୁନାହାନ୍ତି। ଏପରିକି ଶୁକ୍ରୁଙ୍କ ମାଧ୍ୟମରେ ମଧ୍ୟ ପୋଲିସ ସେମାନଙ୍କୁ ଆତ୍ମସମର୍ପଣ ପାଇଁ ଚାପ ପକାଇଥିଲା। ☞ପୃଷ୍ଠା-୯

# ଭିମ୍‌ସାରରେ ପିଜି ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

- ଚିକିତ୍ସା ପାଇଁ ଆଇସିୟୁରେ ଭର୍ତ୍ତି
- ଏଚ୍‌ଓଡିଙ୍କ ନିର୍ଯାତନା ଅଭିଯୋଗ ନେଇ ଚର୍ଚ୍ଚା

ସମ୍ବଲପୁର,୨୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ(ଭିମ୍‌ସାର)ର ଜଣେ ପିଜି ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି। ବର୍ତ୍ତମାନ ସେ ଭିମ୍‌ସାରର ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ହେଉଛନ୍ତି ଭିମ୍‌ସାର ଶିଶୁରୋଗ ବିଭାଗ ପ୍ରଥମ ବର୍ଷର ପିଜି ଛାତ୍ରୀ ନୀହାର ନଳିନୀ ମେହେର(୨୬)। ଶନିବାର ସକାଳେ ସେ କେତୋଟି ନିଶାବଟିକା ଖାଇ ଦେଇଥିଲେ। ଇମରଜେନ୍ସି ଡ୍ୟୁଟି ଓ ଅନ୍ୟାନ୍ୟ କାର୍ଯ୍ୟକୁ ନେଇ ସେ ମାନସିକ ଚାପରେ ଥିଲେ। ଏହାସାଙ୍ଗକୁ ବିଭାଗୀୟ ମୁଖ୍ୟଙ୍କ ମାନସିକ ନିର୍ଯାତନାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଚର୍ଚ୍ଚା ଜୋର୍ ଧରିଛି। ତେବେ ଭିମ୍‌ସାରର ଅଧୀକ୍ଷକ ତଥା ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ଲାଲମୋହନ ନାୟକ କହିଛନ୍ତି, ଛାତ୍ରୀଜଣଙ୍କ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯିବ। ଅଭିଯୋଗର ସତ୍ୟାସତ୍ୟ ଅନୁସାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାୟ ମାସେ ତଳେ ସେ ଶିଶୁରୋଗ ବିଭାଗରେ ଯୋଗଦେଇଥିଲେ। ଛାତ୍ରୀଙ୍କ ସ୍ୱାମୀ ମଧ୍ୟ ଜଣେ ଡାକ୍ତର ଏବଂ ସେ କଟକ ଏସ୍‌ସିବିରେ ନ୍ୟୁରୋ ସର୍ଜରିରେ ପିଜି କରୁଛନ୍ତି।




# ନର୍ସଙ୍କୁ ପଣବନ୍ଦୀ ରଖି ବାରମ୍ବାର ବଳାତ୍କାର

ଗୁରୁଗ୍ରାମ,୨୯।୩

ପଞ୍ଜାବର ଜଣେ ୨୫ ବର୍ଷୀୟା ନର୍ସଙ୍କୁ ହରିୟାଣାର ନୁହସ୍ଥିତ ଏକ ଗ୍ରାମରେ ଅନେକ ଦିନ ଧରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ଟ୍ରକ୍ ଡ୍ରାଇଭର ତାଙ୍କୁ ପଣବନ୍ଦୀ ରଖି ବହୁବାର ବଳାତ୍କାର କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ପୀଡ଼ିତା ନର୍ସଙ୍କ ବୟାନ ଆଧାରରେ ପୋଲିସ ରବିବାର ଏହି ସୂଚନା ଦେଇଛି।

ଅଭିଯୋଗ ହେଲା, ଟ୍ରକ୍ ଡ୍ରାଇଭର ଫିରୋଜପୁରର ନର୍ସଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ ଚାପ ପକାଇଥିଲେ। ନର୍ସ ମନା କରିବାରୁ ସେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏପରି କି ଆପତ୍ତିଜନକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ମଧ୍ୟ ଅଭିଯୁକ୍ତ ଡ୍ରାଇଭର ଧମକ ଦେଇଥିଲେ। ନର୍ସ କୌଣସିମତେ ଡ୍ରାଇଭରଙ୍କ କବଳରୁ ଶନିବାର ରାତିରେ ଖସିଯିବାରେ ସକ୍ଷମ ହୋଇଥିଲେ। ଏହା ପରେ ସେ ଫିରୋଜପୁର ଝିର୍କା ଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ ଜାହିର(୨୦)ଙ୍କୁ ଗିରଫ କରିଥିବା ଏସ୍‌ଏଚ୍‌ଓ କୁଲଦୀପ ସିଂ ସୂଚନା ଦେଇଛନ୍ତି। ନୁହ୍ ଜିଲା ଧୋନ୍ଧ ଗ୍ରାମର ଜାହିରଙ୍କୁ ରବିବାର ନୁହସ୍ଥିତ ଏକ କୋର୍ଟରେ ହାଜର କରାଇବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରାୟ ବର୍ଷକ ପୂର୍ବେ ନର୍ସ ସୋସିଆଲ ମିଡିଆରେ ଜାହିରଙ୍କୁ ଭେଟିଥିଲେ। ବନ୍ଧୁତାରୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ଅଭିଯୁକ୍ତ ତାଙ୍କୁ ଏକ ହୋଟେଲକୁ ନେଇ ବଳାତ୍କାର କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ତିଆରି କରିଥିଲେ। ଜାହିର ତାଙ୍କୁ ବ୍ଲାକ୍‌ମେଲ କରି ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଅସୁଲ କରିଥିଲେ। ଭିଡିଓ ଭାଇରାଲ କରିଦେବେ କହି ବାରମ୍ବାର ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତା ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ମେନ୍ ଅଡିଟୋରିୟମ, ଏମ୍ସ, ସମୟ: ସକାଳ ୯ଟା ୩୦।
- ଅଭିଭାବକ ମହାସଂଘର ଧାରଣା, ସ୍ଥାନ: ଅର୍ଥ ସଚିବଙ୍କ ସରକାରୀ ବାସଭବନ ସମ୍ମୁଖ, ୟୁନିଟ୍-୬, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ, ଏକାମ୍ର ସାହିତ୍ୟ ସଂସଦ ମିଳିତ ସହଯୋଗରେ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ସମ୍ବନ୍ଧୀୟ ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ପିପୁଲ ପଦ୍ମଜା ପ୍ରିମିୟମ ହୋଟେଲ ଆଣ୍ଡ କନଭେନଶନ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଓଡ଼ିଆ ପକ୍ଷ-୨୦୨୬' ସମ୍ବନ୍ଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ୧୦୯ତମ ଭଗବତ ବାସୁଦେବ ମେଳଣ ଉପଲକ୍ଷେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ପାଣ୍ଡରା ଗ୍ରାମ ମେଳଣ ପଡ଼ିଆ, ସମୟ: ରାତି ୧୧ଟା।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ ସୀତା ସ୍ୱୟମ୍ବର, ସ୍ଥାନ: ବେଣୁପୁର ସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ରାମଲୀଳା ନାଟକ ଶିବଧନୁ ଭଙ୍ଗ ଓ ସୀତା ବିବାହ, ସ୍ଥାନ: କାକରୁଦ୍ରପୁରସ୍ଥିତ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ନାଟକ ପରିବେଷଣ, ସ୍ଥାନ: ବଇଚୁଆ ଗାନ୍ଧୀ ଛକ ଓ ଗୋତଳିନ୍ଦାସ୍ଥିତ ସୀତା ରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ ପକ୍ଷରୁ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୧୪ତମ ଆଲୋଚନାଚକ୍ର ଓ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ଅପରାହ୍ନ ୫ଟା ୪୫।
- ସାଇବିନାୟକ ଶିଶୁ ମନ୍ଦିରର ୭ମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶିଶୁ ମନ୍ଦିର ପରିସର, ଗୋବିନ୍ଦପ୍ରସାଦ, ବମିଖାଲ, ସମୟ: ସନ୍ଧ୍ୟା ୬ଟା।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଜିସ୍ ଲାହୋର ନହିଁ ଦେଖାହେ ଓ ଜନ୍ମାହି ନହିଁ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ପାଠାଗାର ଆଧୁନିକୀକରଣ ଓ ଡିଜିଟାଇଜେଶନ୍‌ର ଉଦ୍‌ଘାଟନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ଅପରାହ୍ନ ୧ଟା ୩୦।
- ନୂଆପାଟଣା ନଂ.୧ ବୁଣାକାର ତନ୍ତୁବାୟ ସହଯୋଗ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସମିତି ପରିସର, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜ, ଓଡ଼ିଶାର ୧୦୫ ତମ ସାଧାରଣ ଅଧିବେଶନ ସ୍ଥାନ: କପିଳେଶ୍ୱର ମନ୍ଦିର, ତାଳବସ୍ତ, ସମୟ: ଅପରାହ୍ନ ୪ ଟା।
- କଟକ ବୈଶାଖୀ ବାଣିଜ୍ୟ ମେଳାର ପଞ୍ଚମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ବାବାଜୀ ଶ୍ରୀ କଳି ବାଲ୍ମିକୀଙ୍କ ରଚିତ ଶ୍ରୀରାମଲୀଳାର ଗୀତାଭିନୟ (ସୀତା ଚୋରୀ), ସ୍ଥାନ: ଦୁଲଣାପୁର, ରଘୁନାଥ ମନ୍ଦିର, ବାଙ୍କୀ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଗୁରୁ ଆର୍ତ୍ତତ୍ରାଣ ଶତପଥୀଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶୀ ରସ ମହୋଦଧି ପାଳନ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।
- ସହିଯାତ ଉତ୍ସବ, ସ୍ଥାନ: ମାର୍କଣ୍ଡେଶ୍ୱର ସାହି, ଭଗବତୀ ଆଖଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ନଗରସ୍ଥିତ ଶ୍ରୀରାମ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

## ବାଲେଶ୍ୱର

- ମିଳିତ ଜନଶୁଣାଣି ଶିବିର, ସ୍ଥାନ:ବ୍ଲକ ସମ୍ମିଳନୀ କକ୍ଷ, ସିମୁଳିଆ,ସମୟ:ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ପ୍ରଶିକ୍ଷଣ ଉତ୍ସବ, ସ୍ଥାନ:ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର,ସମୟ:ପୂର୍ବାହ୍ନ ୧୧ଟା।
- ଅନ୍ନପୂର୍ଣ୍ଣା ଯୋଜନାରେ ଖାଦ୍ୟ ବଣ୍ଟନ,ସ୍ଥାନ:ମିଶନ ପଡ଼ିଆ, ବାଲେଶ୍ୱର,ସମୟ: ମଧ୍ୟାହ୍ନ ୧୨ଟା।
- ୫ମ ବାର୍ଷିକ ସହଜପଦା ମହୋତ୍ସବ, ସ୍ଥାନ:ସହଜପଦା, ସିମୁଳିଆ, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ପୂର୍ବତନ ଖବରଦାତା ମଦନ ମୋହନ ଦାସଙ୍କ ସ୍ମୃତିସଭା, ସ୍ଥାନ: କାଞ୍ଚିଆପାଳ, ଖଡ଼ିପଦା, ଧାମନଗର, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ମହାଯଜ୍ଞର ପୂର୍ଣ୍ଣାହୁତି ଓ ରାବଣ ପୋଡ଼ି, ସ୍ଥାନ: ଧାମନଗର ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଶାଳ ନଗର ସଙ୍କୀର୍ତ୍ତନ, ସ୍ଥାନ: ଧାମନଗର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଆର୍‌କେ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ଶିଶୁମନ୍ଦିରର ବାର୍ଷିକୋତ୍ସବ,ସ୍ଥାନ: ଡିହିରାକୁଳ ବିଦ୍ୟାଳୟ ପରିସର, ଉଦଳା, ସମୟ: ଅପରାହ୍ନ ୪ଟା୩୦।

## ବ୍ରହ୍ମପୁର

- ଉପଡାକଘର ଉଦଘାଟନ, ସ୍ଥାନ: ମେଡିକାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: କୋଟିନଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୧ଟା।

## ଅନୁଗୋଳ

- ଏନ୍‌ସିଏନ୍‌ଏଫ୍ ତରଫରୁ 'ଭଲ ଖାଇବା ଭଲ ଖୁଆଇବା' କର୍ମଶାଳା, ସ୍ଥାନ: କୃଷି କାର୍ଯ୍ୟାଳୟ, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର

- ନୂଆବଜାର ବଣିକସଂଘ ପକ୍ଷରୁ ୨୩ତମ ତ୍ରିନାଥ ମେଳା ଓ ନାମଯଜ୍ଞ, ସମୟ: ନୁଆବଜାର ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ପଥରପଡା, ଚାନ୍ଦୋଲ, ଡେରାବିଶ, ସମୟ: ସକାଳ ୬ଟା।
- ମାର୍ଶାଘାଇ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଜୟା ଦଶମୀ ମହାଯଜ୍ଞ, ସ୍ଥାନ: ମେଳଣ ପଡିଆ, ମେଡିକାଲ ବଜାର, ଧାମନଗର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ୫୪ତମ ଓଡ଼ିଶା ପ୍ରସିଦ୍ଧ ଗଣିଆ ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ୪ର୍ଥ ଦିବସରେ ପୂଜା ପାଠ, ଭରତ ମିଳନ, ବିରାୟୁଧ ବଧ ଓ ବେଢ଼ା ବୁଲା, ସ୍ଥାନ: ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ପୀଠ ଗଣିଆ, ସମୟ: ପୂର୍ବାହ୍ନ ୧୦ଟାରୁ ପ୍ରାତଃ ୫ଟା।
- ଜିଲାପାଳଙ୍କ ଜନଶୁଣାଣି ଶିବର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଷମକଟକ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଏସ୍‌ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଓ ଡଗ୍ ଶୋ, ସ୍ଥାନ: ରାଜମହଲ, ଜୟପୁର, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ସ୍ୱତନ୍ତ୍ର ମିଳିତ ଜନଶୁଣାଣି, ସ୍ଥାନ: ବ୍ଲକ କନଫେରନ୍ସ ହଲ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ବାଲିମେଳା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ମା' କାମାକ୍ଷା ଦେବୀଙ୍କ ସ୍ୱତନ୍ତ୍ର ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୯ଟା ୩୦।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲୋଇସିଂହା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଉତ୍କଳ ଦିବସ ପାଇଁ ପ୍ରତିଯୋଗିତା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ:ପୂର୍ବାହ୍ନ ୧୦ଟା।
- ନିଃଶୁଳ୍କ ଆର୍ଟ୍ସ କର୍ମଶାଳା, ସ୍ଥାନ: ଗୋପବନ୍ଧୁପାଠାଗାର, ସମୟ: ସକାଳ ୮ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ,ସ୍ଥାନ:ବାଲିଶଙ୍କରା ବ୍ଲକ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ବାବାମଠ(ମାଲିପାଲି), ଗାଇସୀମା, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବହୁଜନ ସମାଜ ପାର୍ଟି ପକ୍ଷରୁ ଆନ୍ଦୋଳନ, ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ କାରଖାନା ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଖୁଣ୍ଟିଗୋରା, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ ମଧୁପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଗବର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉର୍ଲେ ରାମଲୀଳାରେ ସୀତା ବିବାହ, ସ୍ଥାନ: ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଚତୁର୍ଥ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକ, ସ୍ଥାନ: ଅଡ଼ାଲ, ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।

## ନୂଆପଡ଼ା

- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ବଡଦୋହେଲ ଗାଁ, ସମୟ: ସକାଳ ୭ଟା ୪୫।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ କରଣବାହାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ୩ୟ ଜେପି ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ବିଶୋରା ଗାଁ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସକାଳୁ ବନ୍ଧୁଙ୍କ ମାଧ୍ୟମରେ ଶୁଭଖବର ପାଇ ଖୁସି ହେବେ। ଟେନ୍ସନ କାରଣରୁ ଆଜି କୌଣସି କାମ କରିବାକୁ ଆଦୌ ଇଚ୍ଛା ହେବନାହିଁ। ପଡ଼ୋଶୀଙ୍କ ସହାୟତାରେ ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ଆନୁଷ୍ଠାନିକ କାମ କିମ୍ବା ନିର୍ମାଣ କାମ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ପୁରାତନ ରୋଗରେ କଷ୍ଟ ଅନୁଭବ କରିପାରନ୍ତି। ଆଇନ ଓ ଗଣତନ୍ତ୍ରର ପ୍ରତୀକ ଶନି ସଂଗଠନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। ପ୍ରତିବନ୍ଧକ ଦୂରେଇଯିବା ସହ ଶିଳ୍ପ , ବାଣିଜ୍ୟ ଓ ପରିବହନ ସକାଶେ ଦିନଟି ଭଲ। ଲୋକସମ୍ପର୍କ ବୃଦ୍ଧି ପାଇବା ସହ ଅଭିଳଷିତ କାର୍ଯ୍ୟ ହାସଲ କରିପାରିବେ।

**ମିଥୁନ** ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିକୁ ସଜାଡି ନେବେ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, କଦାପି ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡୋଶୀମାନଙ୍କ ସହ ଆଲୋଚନା ଫଳପ୍ରଦ ହେବ। କଳା,ସାହିତ୍ୟ ଓ କ୍ରୀଡ଼ା ମନୋରଞ୍ଜନ ପ୍ରୀତିପ୍ରଦ ହେବା ସହ ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କ୍ଷେତ୍ରରେ ଅଗ୍ରଗତି ଘଟିବ।

**କର୍କଟ** ଦିନଟି ବହୁତ ବଢିଆ, ଯାହା ଆଶା କରୁଛନ୍ତି ତାହା ଅବଶ୍ୟ ସମ୍ପନ୍ନ ହୋଇପାରିବ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମୟିକ ମତାନ୍ତରର ଆଶଙ୍କା ରହିଛି।

**ସିଂହ** ପ୍ରତ୍ୟେକ କାମ ସଂଘର୍ଷ ଓ ସମସ୍ୟା ମଧ୍ୟ ଦେଇ ହାସଲ କରିବେ। ବିଶେଷ କାମରେ ହଠାତ୍ ବାହାରକୁ ଯିବାକୁ ପଡିପାରେ। ଏଣେ ପରିବାରରେ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତଭେଦର ଆଶଙ୍କା ରହିଛି। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** ବିଶେଷ ଅସୁବିଧା ନ ହେଲେ ମଧ୍ୟ ନିଜଲୋକଙ୍କ ବିରୁଦ୍ଧାଚରଣ ବେଶି ବାଧିବ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତିତ ରହିଛନ୍ତି, ସେଥିରେ ସଫଳତା ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ। କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ଭାବପ୍ରବଣବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ତୁଳା** ଶୁଭଗ୍ରହଙ୍କ ସୁଫଳ ପ୍ରଭାବରୁ ଅର୍ଥନୈତିକ, ସାମାଜିକ, ବୈଷୟିକ ସୁଖ ସୁବିଧାର ଅଭାବ ରହିବ ନାହିଁ। ଆଜି ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଓ ପ୍ରଶଂସା ଲାଭ କରିବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମିତ ହେବେ। ଉଚ୍ଚାରୋହୀ ରବିଙ୍କ ପ୍ରଭାବରୁ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା** ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ କ୍ଷତିରେ ପଡିବେ। ସବୁ ସମୟରେ ଅଯଥା କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ, ରାଜନୈତିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ।

**ଧନୁ** ଚନ୍ଦ୍ରଙ୍କ ପ୍ରଭାବରେ ମନରେ ଯାହା ଥାଉନା କାହିଁକି ଉପରେ ହସି କଥା କହି ପ୍ରିୟଭାଜନ ହେବେ। ପଡୋଶୀଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ।

**ମକର** ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥିତିରୁ ମାନସିକ ଅସ୍ଥିରତା କ୍ରମଶଃ ଦୂରେଇଯାଇ ମୁହଁରେ ହସ ଫୁଟି ଉଠିବ। ଆଗାମୀ ଆଶା ଓ ଭରସାକୁ ନେଇ ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା କରିପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ। ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ।

**କୁମ୍ଭ** ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ଦ୍ୱିତୀୟସ୍ଥ ରବି ପାରିବାରିକ ସମସ୍ୟା କିମ୍ବା କଳହ ସାଙ୍ଗକୁ ଧନହାନି ଘଟାଇପାରେ। ସମସ୍ୟା ବଢ଼ିବାରୁ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଯୋଗାଯୋଗ କଲେ କେତେମାତ୍ରାରେ ଉପକୃତ ହୋଇପାରନ୍ତି।

**ମୀନ** ଦ୍ୱାଦଶାଧିପ ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ସହ ଦୂର ଯାତ୍ରା କରିପାରନ୍ତି। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ର ସମସ୍ୟାର ସମାଧାନ ହୋଇଯିବ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ। ପାରିବାରିକ, ଅର୍ଥନୈତିକ ଓ ବନ୍ଧୁ ସମ୍ପର୍କ ମଧ୍ୟ ଊଣା ହେବନାହିଁ।

ଆଜି ମାର୍ଚ୍ଚ ୩୦ ତାରିଖ, ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ସୋମବାର। ଶ୍ରୀମନ୍ଦିରରେ ଶ୍ରୀରାମ ବନବାସ ଓ କନ୍ଦର୍ପାଧିବାସ, ରାଶିନକ୍ଷତ୍ର-ମଘା/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ, ଘ.୦୭।୧୭ ମଧ୍ୟେ, ଘ.୧୦।୩୮ ଗତେ, ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୭ ଗତେ, ଘ. ୦୮।୪୮ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘିଅ ସରସର ଗୁଡ଼ ସରସର**
**ଫୁଲୁଥାଏ ବିରିବରା,**
**ତୁଚ୍ଛା ପଲମରେ ଫୁଲି ମରୁଥାଏ**
**ନିଳଠା ଚିତଉ ଫଡ଼ା।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘୁଙ୍ଗା ଯାହା ସପନ ଦେଖେ**
**ମନ କଥା ମନରେ ରଖେ।**

ମୂକ ବ୍ୟକ୍ତି ମନର କଥାକୁ କାହା ଆଗରେ ବର୍ଣ୍ଣନା କରିପାରି ନ ଥାନ୍ତି। ଦେଖିଥିବା ସ୍ୱପ୍ନ ଭଳି ଆଖି ଦେଖା କଥାକୁ ଅନ୍ୟ ଆଗରେ ବ୍ୟକ୍ତ କରିବାରେ ଅସମର୍ଥ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଉଠୁନି ଧାନ, ...

ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଅମୃତପୁର ସମିତି ସଭାପତି ବିଜୟ କୁମାର ରାଉତ ଏବଂ ଜାମଯୋଡ଼ି ସମିତି ସଭାପତି ଅର୍ଜୁନ ଚରଣ ନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ।

ଅନୁରୂପ ଭାବେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଶିରିଡ଼ି ସାଇ ସ୍ୱୟଂସହାୟକ ଗୋଷ୍ଠି ମଣ୍ଡିରେ ଧାନ ବିକ୍ରି ଅପେକ୍ଷାରେ ଥିବା ଚାଷୀମାନେ ରବିବାର ପୂର୍ବାହ୍ନରେ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତା ଅବରୋଧ କରିଥିଲେ। ୩୮୦୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ମଣ୍ଡିକୁ ଟାର୍ଗେଟ ମିଳିଥିବାବେଳେ ୩୩୦୦୦ କୁଇଣ୍ଟାଲ କିଣାସରିଛି। ଆଉ ୧୦୯ ଚାଷୀ ୫୧୦୦ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ଅଛନ୍ତି। ହେଲେ ମଣ୍ଡିକୁ ଅଧିକ ଟାର୍ଗେଟ ମିଳିନାହିଁ। ୨ ଦିନ ଅତିକ୍ରମ କରିଗଲେ ଆଉ ଧାନ ବିକିବା ସମ୍ଭବ ହେବ ନାହିଁ ବୋଲି ଆଶଙ୍କା କରି ଶତାଧିକ ଚାଷୀ ମଣ୍ଡିସମ୍ମୁଖ ରାସ୍ତା ଉପରେ ଧାନବସ୍ତା ରଖି ବସି ରହିଥିଲେ। ଅତିରିକ୍ତ ତହସିଲଦାର ନୀହାର ରଞ୍ଜନ ମଲ୍ଲିକ, ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ହିମାଂଶୁ ଦାସ ଓ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ସୋମବାର ମଧ୍ୟାହ୍ନ ସୁଦ୍ଧା ଚାଷୀଙ୍କ ଧାନକିଣା ନିଷ୍ପତ୍ତି ହେବ ବୋଲି ପ୍ରଶାସନିକ ପ୍ରତିଶ୍ରୁତି ମିଳିବା ପରେ ସେପର୍ଯ୍ୟନ୍ତ ରାସ୍ତା ଅବରୋଧ ସ୍ଥଗିତ ରଖାଯାଇଛି।

## ପାକ୍ ମଧ୍ୟସ୍ଥ, ଭାରତ ...

ପାକିସ୍ତାନ ଏଥିରେ ଅଧ୍ୟକ୍ଷତା ବା ଶାନ୍ତି ପାଇଁ ମଧ୍ୟସ୍ଥତା କରୁଛି। ମଧ୍ୟପ୍ରାଚ୍ୟ ସ୍ଥିତି ସମ୍ପର୍କରେ ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫେବୃଆରୀ ୨୮ରୁ ଚାଲିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧର ମାସକ ଭିତରେ ୩,୦୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଲାଣି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୧୫ ସୂତ୍ରୀ ସର୍ତ୍ତ ରଖିବା ସହ ସାମୟିକ ଯୁଦ୍ଧବିରତି ଘୋଷଣା କରିଥିବାବେଳେ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଜାରି ରହିଛି। ତେହରାନ୍ ମଧ୍ୟ ଏହାର ଜବାବ ଦେବାକୁ ପଛାଉନାହିଁ। ଆମେରିକା ଅନେକ ହଜାର ସୈନ୍ୟଙ୍କୁ ମଧ୍ୟପ୍ରାଚ୍ୟକୁ ପଠାଇଥିବାବେଳେ ଇରାନ୍ ସମର୍ଥିତ ହୁତି (ୟେମେନ୍‌ର କିଛି ଅଂଶ ଶାସନ କରୁଥିବା) ସଶସ୍ତ୍ର ଗୋଷ୍ଠୀ ଇସ୍ରାଏଲ୍‌କୁ ଟାର୍ଗେଟ କରି ମିଶାଇଲ ଛାଡ଼ିଛି। ଯୁଦ୍ଧାବସାନର ସଙ୍କେତ ମିଳୁ ନ ଥିବାବେଳେ ପାକିସ୍ତାନ ପକ୍ଷରୁ କୂଟନୈତିକ ଟେବୁଲରେ ଶାନ୍ତି ପ୍ରୟାସ ଆଶାର ଆଲୋକ ଦେଖାଇଛି। ଇଜିପ୍ଟର ବଦର ଅବ୍‌ଦେଲାଟି, ତୁର୍କୀର ହକାନ୍ ଫିଦାନ ଓ ସାଉଦି ଆରବର ପ୍ରିନ୍ସ ଫରହାନ୍ ଏଥିରେ ସାମିଲ ହୋଇଛନ୍ତି। ଅବ୍‌ଦେଲାଟି କହିଛନ୍ତି, ଯୁଦ୍ଧ ସମୟରେ ଆମେରିକା ଓ ଇରାନ୍ ମଧ୍ୟସ୍ଥଙ୍କ ଜରିଆରେ ଅନେକ ଆଲୋଚନା କରିଥିବାବେଳେ ଏବଂ ଉଭୟ ପକ୍ଷଙ୍କୁ ନେଇ ପ୍ରତ୍ୟକ୍ଷ ଆଲୋଚନା କରାଇବା ହେଉଛି ଏହି ବୈଠକର ଉଦ୍ଦେଶ୍ୟ। ଏପରି କି ଇରାନ୍ ମଧ୍ୟ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସମ୍ପର୍କିତ କଟକଣାକୁ କିଛିମାତ୍ରାରେ କୋହଳ କରିଛି। ତେହରାନ୍ ଶନିବାର ବିଳମ୍ବିତ ରାତିରେ ଆଉ ୨୦ଟି ପାକିସ୍ତାନୀ ଜାହାଜକୁ ଏହି ଜଳପଥ ଦେଇ ଯାତ୍ରା ଅନୁମତି ଦେଇଛି। ଏହି ସପ୍ତାହାନ୍ତରେ ଆମେରିକା ଓ ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନାର ଏକ ସଂକୀର୍ଣ୍ଣ ବାଟ ଫିଟିଛି। ଏହି ଘଟଣାକ୍ରମ ପରେ ପାକିସ୍ତାନର କୂଟନୈତିକ ସ୍ଥିତି ମଜଭୁତ୍ ହୋଇଛି। ଇସ୍‌ଲାମାବାଦରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଇଶାକ୍ ଡାର ନିଜ ପ୍ରତିପକ୍ଷମାନଙ୍କ ସହ ପୃଥକ୍ ଭାବେ ୱାନ୍-ଟୁ-ୱାନ୍ ବୈଠକ ମଧ୍ୟ କରିଛନ୍ତି। ସେହିପରି ପାକିସ୍ତାନର ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ଫିଲ୍ଡ ମାର୍ଶଲ ଆସିମ୍ ମୁନିର ମଧ୍ୟ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ସାମରିକ ସ୍ତରରେ ନିୟମିତ ସମାନ୍ତରାଳ ଆଲୋଚନା ଚଳାଇଛନ୍ତି। ତୁର୍କୀ ସୂତ୍ରରୁ ଜଣାପଡ଼ିଛି ଯେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ପ୍ରସ୍ତାବ ଉପରେ ଆଙ୍କାରା ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ଉଦ୍ୟମ ଚଳାଇଛି। ଆଉ ଏକ କୂଟନୈତିକ ସୂତ୍ରରୁ ଜଣାପଡ଼ିଛି, ତୁର୍କୀ ଯୁଦ୍ଧବିରତି ଉପରେ ଗୁରୁତ୍ୱ ଦେଉଛି। ଏସବୁ ଭିତରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଥରକୁ ଥର ବିବୃତି ଜାରି କରି କହୁଛି, ଇରାନ୍ ଆଉ ୨ଟି ଇନ୍ଧନ ବୋଝେଇ ଜାହାଜକୁ ଭାରତ ପାଇଁ ଛାଡ଼ି ଦେଇଛି, ଯାହାକି ଦିନେ ଦୁଇଦିନ ଭିତରେ ପହଞ୍ଚିବ। ଏଠାରେ ଗୋଟିଏ କଥା ଲକ୍ଷ୍ୟ କରାଯାଇପାରେ ଯେ, ଆମେରିକା-ଇସ୍ରାଏଲ୍ ଆରମ୍ଭ କରିଥିବା ଯୁଦ୍ଧକୁ ନୂଆଦିଲ୍ଲୀ ଅଦ୍ୟାବଧି ନିନ୍ଦା କରିନାହିଁ। ତେଣୁ ଭାରତ ପକ୍ଷରୁ ଯାହାକିଛି କରାଯାଉଛି, ତାହା କେବଳ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ବୋଝେଇ ଜାହାଜକୁ ଭାରତକୁ ଆଣିବା ପାଇଁ ଉଦ୍ଦିଷ୍ଟ। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତର ଆଭିମୁଖ୍ୟରେ କୌଣସି ସ୍ପଷ୍ଟତା ନ ଥିବା କେତେଜଣ ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ମତ ଦେଇଛନ୍ତି।

## ମନ୍ କୀ ବାତ୍‌ରେ ...

ମତ୍ସ୍ୟଚାଷ ସହିତ ପରିବାରର ଦାୟିତ୍ୱ ତୁଲାଇବା ତାଙ୍କ ପାଇଁ ସେତେଟା ସହଜ ନ ଥିଲା। ଏଭଳି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ତାଙ୍କ ଲକ୍ଷ୍ୟରେ ଅଗ୍ରସର ହୋଇ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ସଫଳତା ଆଜିର ଦିନରେ ସମାଜର ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ସୁଜାତା କହିଛନ୍ତି, ହୀରାକୁଦ ଜଳଭଣ୍ଡାରରେ ଜିଲା ମତ୍ସ୍ୟ ବିଭାଗ ସହଯୋଗରେ କେଜ୍ କଲ୍‌ଚର ମାଧ୍ୟମରେ ସେ ଏହି ମତ୍ସ୍ୟଚାଷ ଆରମ୍ଭ କରିଥିଲେ। ପ୍ରଥମେ ୨୦୨୨ ମସିହାରେ ପ୍ରାୟ ୩୨ଲକ୍ଷ ୪୦ହଜାର ଟଙ୍କା ବ୍ୟୟକରି ବ୍ୟବସାୟ ଆରମ୍ଭ କରିଥିଲେ। ଏଥିରେ ସରକାରଙ୍କ ତରଫରୁ ସବ୍‌ସିଡି ସହାୟତା ବ୍ୟବସ୍ଥା ତାଙ୍କୁ ଏହି ବ୍ୟବସାୟକୁ ଆଗକୁ ନେବାରେ ସହାୟକ ହୋଇଛି। ବର୍ତ୍ତମାନ ସେ ବାର୍ଷିକ ୨୫ରୁ ୩୦ ଟନ୍ ମାଛ ଉତ୍ପାଦନ କରୁଥିବାବେଳେ ଏଥିରୁ ୬ରୁ ୭ ଲକ୍ଷ ଟଙ୍କା ଲାଭ ପାଉଛନ୍ତି। ମୁଖ୍ୟତଃ 'ତେଲାପିଆ' କିସମର ମାଛ ଚାଷ କରୁଥିବାବେଳେ ତାଙ୍କ ଉତ୍ପାଦିତ ମାଛ ରାୟପୁର, କୋଲକାତା ଓ ବେଙ୍ଗାଲୁରୁ ଆଦି ବଡ଼ ସହରକୁ ରପ୍ତାନି ହେଉଛି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ତାଙ୍କୁ ଆଗକୁ ଏହି ବ୍ୟବସାୟକୁ ଆହୁରି ବଡ଼ କରିବା ଲକ୍ଷ୍ୟରେ ପ୍ରୋତ୍ସାହିତ କରିଛି ବୋଲି ସୁଜାତା କହିଛନ୍ତି।

## ବିଚାରାଧୀନ କଏଦୀଙ୍କ ...

ଘୋଷଣା କରିଥିଲେ। କାରାଗାରରେ ଦୀପ୍ତିରଞ୍ଜନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତାଙ୍କ ପୁଅକୁ ମାରିଦେଇ ମିଛରେ ଶୌଚାଳୟରେ ଆତ୍ମହତ୍ୟା କରିଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ପରିବାର ଲୋକେ କାରାଗାର ଭିତରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରିବା ସହ ଦୋଷୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡବିଧାନ ପାଇଁ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ରାମଚଣ୍ଡୀ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

## ବରିଷ୍ଠ ଓଏଏସ୍ ...

ସେହିପରି ଭୁବନେଶ୍ୱର ମହାନଗର ନିଗମର ଉପାୟୁକ୍ତ ଅଶୋକ କୁମାର ଦାସଙ୍କୁ ବଣାଇ ଉପଜିଲାପାଳ, ଦୟାସିନ୍ଧୁ ପରିଡ଼ାଙ୍କୁ ମୟୂରଭଞ୍ଜ କରଞ୍ଜିଆ ଉପଜିଲାପାଳ, ଯଦୁମଣି ନାଏକଙ୍କୁ ଜୟପୁର ଉପଜିଲାପାଳ, ଆଶିଷ ରଞ୍ଜନ ସାହୁଙ୍କୁ ତାଳଚେର ଉପଜିଲାପାଳ, ଅଜୟ ପ୍ରକାଶ ତିର୍କୀଙ୍କୁ ରାଇରଙ୍ଗପୁର ବାମନଘାଟି ଉପଜିଲାପାଳ, ମନସ୍ୱିନୀ ଦାସଙ୍କୁ କଟକ ବାଙ୍କୀ ଉପଜିଲାପାଳ, ଖୋର୍ଦ୍ଧାର ପୂର୍ବତନ ବିଡିଓ କ୍ଷୀରବ୍ଧିତନୟା ସାହୁଙ୍କୁ ରାୟଗଡ଼ା ଉପଜିଲାପାଳ ଏବଂ ରାୟଗଡ଼ା ଉପଜିଲାପାଳ ଥିବା ରମେଶ କୁମାର ଜେନାଙ୍କୁ ବିଧାନସଭା ସଚିବାଳୟର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସ୍ମୃତିରଞ୍ଜନ ମଲ୍ଲିକଙ୍କୁ ଭଦ୍ରକ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ସଂସଦୀୟ ସ୍ଥାୟୀ ଆଇଟି ଯୋଗାଯୋଗ କମିଟିରୁ ଇସ୍ତଫା ଦେଲେ ସସ୍ମିତ

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)


ଡ. ସସ୍ମିତ ପାତ୍ର

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଲୋକ ସଭା ସଦସ୍ୟ ତଥା ସଂସଦୀୟ ସ୍ଥାୟୀ କମିଟି(ଆଇଟି-ଯୋଗାଯୋଗ) ଅଧ୍ୟକ୍ଷ ନିଶିକାନ୍ତ ଦୁବେ କରିଥିବା ଅସମ୍ମାନଜନକ ବ୍ୟବହାରକୁ ନେଇ ରାଜ୍ୟ ସଭା ଏମ୍‌ପି ଡ. ସସ୍ମିତ ପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସସ୍ମିତ ଏହି ଘଟଣାକୁ ନେଇ ଶନିବାର ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ପତ୍ର ଲେଖି ନିଶିକାନ୍ତଙ୍କ ଅଧ୍ୟକ୍ଷତାରେ ଥିବା ଆଇଟି-ଯୋଗାଯୋଗ କମିଟିରୁ ଇସ୍ତଫା ପ୍ରଦାନ କରିଥିବା ନେଇ ଅବଗତ କରାଇଛନ୍ତି।

ସସ୍ମିତ ଚିଠିରେ ଉଲ୍ଲେଖ କରିଛନ୍ତି, ସର୍ବସାଧାରଣରେ ଦୁବେ ଯେପରି ଭାବେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଷୟରେ ଅସମ୍ମାନଜନକ ମତାମତ ଦେଇଛନ୍ତି ତାହା ଅସହନୀୟ। ନୈତିକତା ଅନୁଯାୟୀ, ଏପରି ବ୍ୟକ୍ତିଙ୍କ ଅଧୀନରେ ଆଉ ରହିବାକୁ ଚାହୁଁନାହିଁ। ଏହି ପରିସ୍ଥିତିରେ ମୋର ଇସ୍ତଫାପତ୍ରକୁ ଗ୍ରହଣ କରି ଲୋକ ସଭା ବାଚସ୍ପତିଙ୍କ ନିକଟକୁ ବିଧିବଦ୍ଧ ଭାବେ ପଠାଇବାକୁ ସେ ଅନୁରୋଧ କରିଛନ୍ତି।

# ବିଧାୟିକାଙ୍କ ଝରକା ଭାଙ୍ଗି ପଶିଲା ନର୍ଲା ପୋଲିସ

ଭୁବନେଶ୍ୱର/ଭବାନୀପାଟଣା/ ନର୍ଲା, ୨୯।୩ (ତ୍ରିନାଥ ମହାନ୍ତି/ ଉତ୍ତମ କୁମାର ଦାଶ/ ସନ୍ତୋଷ ପାତ୍ର)

## ତହସିଲଦାରଙ୍କୁ ବିଧାୟିକା ସ୍ୱାମୀଙ୍କ ହତ୍ୟା ଧମକ ମାମଲା


ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ ପୋଲିସ ସହ ଆଲୋଚନା କରୁଛନ୍ତି।

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୩ରେ ରହୁଥିବା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସରକାରୀ ବାସଭବନରେ କଳାହାଣ୍ଡି ଜିଲା କେସିଙ୍ଗା ଥାନା ପୋଲିସ ରବିବାର ଚଢ଼ାଉ କରିଛି। ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂଙ୍କୁ ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ହତ୍ୟା ଧମକ ଦେବା ଅଭିଯୋଗରେ ନର୍ଲା ଥାନା ପୋଲିସ ମାମଲା (ନଂ.୭୨/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେଣୁ ନର୍ଲା ଥାନାର ଏକ ପୋଲିସ ଟିମ୍ ଭୁବନେଶ୍ୱର ଆସି ସକାଳେ ବିଧାୟିକାଙ୍କ ଘର କବାଟ ବାଡ଼େଇଥିଲେ। ହେଲେ କେହି ନ ଖୋଲିବାରୁ ପୋଲିସ ଘର ଝରକା ଭାଙ୍ଗି ଭିତରକୁ ପଶି ବିଧାୟିକାଙ୍କ ଘରୋଇ ସହାୟିକାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଖବର ପାଇବା ପରେ ଖାରବେଳନଗର ଥାନା ପୋଲିସ ପହଞ୍ଚି ନର୍ଲା ପୋଲିସକୁ ତଦନ୍ତରେ ସହଯୋଗ କରିବା ସହ ଗାଳିଗୁଲଜ ଅଭିଯୋଗର ତଦନ୍ତ କରିଥିଲା। ତେବେ ସେତେବେଳେ ବିଧାୟିକା ଘରେ ନ ଥିବାବେଳେ ପୋଲିସ ତାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦଙ୍କୁ ନ ପାଇ ଫେରିଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ବିଧାୟିକାଙ୍କ ଘରେ ପୋଲିସ ପହଞ୍ଚିବାକୁ ନେଇ ଆପତ୍ତି ଉଠାଇଛନ୍ତି ତାଙ୍କ ଘରୋଇ ସହାୟିକା। ଏପରିକି ପୋଲିସ ବିନା ସୂଚନାରେ ହଠାତ୍ ପହଞ୍ଚି ଖୋଜାଖୋଜି କରିବା ଓ ସେ ଘର ଭିତରେ ପୋଷାକ ବଦଳାଉଥିବା ବେଳେ ପୋଲିସ ଜବରଦସ୍ତ ପଶି ଗାଳିଗୁଲଜ କରିଥିବା ସେ କହିଛନ୍ତି। ତେବେ ପୋଲିସ ଚଢାଉ ଖବର ପାଇ ବିଜେଡି ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଈପ୍ସିତା ସାହୁ, ମନ୍ମଥ ରାଉତରାୟଙ୍କ ସମେତ କେତେଜଣ ବିଜେଡି ନେତା ପହଞ୍ଚି ଘଟଣାକୁ ବିରୋଧ କରିଥିଲେ। କାହିଁକି ନର୍ଲା ପୋଲିସ ବିନା ୱାରେଣ୍ଟରେ ବିଧାୟିକାଙ୍କ ଘରେ ଚଢ଼ାଉ କଲା, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସଭା ନିର୍ବାଚନରେ ଭାଜପାକୁ ଭୋଟ ଦେବାକୁ ବିଧାୟିକା ମନୋରମା ମହାନ୍ତିଙ୍କ ଉପରେ ଚାପ ପକାଯାଇଥିଲା। ସେ ଭୋଟ ନ ଦେବାରୁ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ସ୍ୱାମୀଙ୍କ ନାଁରେ ମିଛ ମାମଲା ରୁଜୁ କରାଯାଇ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛି ବିଜେଡି।

ହେଲେ ଏପରି ଅଭିଯୋଗକୁ କଳାହାଣ୍ଡି ଏସ୍‌ପି ନାର୍ଗାଜୁନ ଦେବରକୋଣ୍ଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ପୋଲିସ କୌଣସି ରେଡ୍ କିମ୍ବା ଗିରଫଦାରି ପାଇଁ ଯାଇ ନ ଥିଲା। ପୋଲିସ ନୋଟିସ ଦେବାକୁ ଯାଇଥିଲା। ବିଧାୟିକାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ ନେଇ ହୋଇଥିବା ଅଭିଯୋଗ ଠିକ୍ ନୁହେଁ। ନିୟମ ଅନୁସାରେ ପୋଲିସ ପଚରାଉଚରା ପାଇଁ ଯାଇଥିବା ଏସ୍‌ପି କହିଛନ୍ତି।

ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ନର୍ଲା ପୋଲିସ ବିଧାୟିକାଙ୍କ ଘରେ ଚଢାଉ କରିବା ପରେ ଆମକୁ ଖବର ଦେଇଥିଲା। ପରେ ଆମେ ଯାଇ ସହଯୋଗ କରିଥିଲୁ। କେବଳ ବିଧାୟିକାଙ୍କ ସ୍ୱାମୀଙ୍କୁ ଖୋଜିବାକୁ ନର୍ଲା ପୋଲିସ ଆସିଥିଲା। ତାଙ୍କୁ ନ ପାଇ ଫେରିଯାଇଥିବା ଥାନା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ନର୍ଲା ତହସିଲଦାର ବିଭୁ ପ୍ରସାଦ ସିଂ ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ସେ ଉଲ୍ଲେଖ କରିନ୍ତି ଯେ, ଦୁର୍ଗା ପ୍ରସାଦ ବିଭିନ୍ନ ସରକାରୀ କାମରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରି ଆସୁଥିଲେ। ବିରୋଧ କରିବାରୁ ସେ ମୋତେ ଫୋନ୍ କରି ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ସରକାରୀ କର୍ମଚାରୀଙ୍କ ପ୍ରତି ଜଣେ ଲୋକ ପ୍ରତିନିଧି ଏଭଳି ଆଚରଣ ସମ୍ବିଧାନ ସହ ତାଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଧରିତ୍ରୀ ବିରୋଧରେ ଅଭିଯୋଗ ଖାରଜ

ପୁରୀ/ଗୋପ,୨୯।୩( ଅଜିତ ମହାନ୍ତି/ ଭାରତୀ ଭୂଷଣ ଉପାଧ୍ୟାୟ)

ଜାଲ ସାର୍ଟିଫିକେଟ ରାକେଟ ସମ୍ପର୍କିତ ଖବର ପ୍ରକାଶନ ବିରୋଧରେ ଧରିତ୍ରୀ ଏବଂ ଏହାର ଖବରଦାତାଙ୍କ ବିରୋଧରେ ହୋଇଥିବା ଏକ ମାନହାନି ମାମଲାକୁ ଅଦାଲତ ଭିତ୍ତିହୀନ ଦର୍ଶାଇ ଖାରଜ କରିଦେଇଛନ୍ତି। ପ୍ରକାଶିତ ଖବରରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ନିଆଯାଇ ନ ଥିଲା କିମ୍ବା ନିର୍ଦ୍ଦିଷ୍ଟ ବିଦ୍ୟାଳୟ ନାମ ଉଲ୍ଲେଖ କରାଯାଇ ନ ଥିବାରୁ ଏହା କୌଣସି ଆକ୍ଷେପମୂଳକ ଖବରକୁ ପ୍ରୋତ୍ସାହିତ କରୁ ନାହିଁ ବୋଲି ଦର୍ଶାଇ ନିମାପଡ଼ା ଅତିରିକ୍ତ ଜିଲାଜଜ୍ ମାନ୍ୟବର ସୌମ୍ୟକ ପାତ୍ର ଅପିଲକୁ ରଦ୍ଦ କରିବା ସହ ନିମାପଡ଼ା ସିଭିଲ୍ ଜଜ୍ ସିନିୟର ଡିଭିଜନ କୋର୍ଟଙ୍କ ରାୟକୁ ବଳବତ୍ତର ରଖିଛନ୍ତି।

ପ୍ରକାଶ ଯେ, ୨୦୦୮ ମସିହାରେ ଧରିତ୍ରୀରେ ଗୋପ ବ୍ଲକ ଅଞ୍ଚଳରେ ଜାଲ ସାର୍ଟିଫିକେଟରେ କେତେଜଣ ଶିକ୍ଷକ ଚାକିରି କରିଥିବା ସମ୍ପର୍କିତ ଅଭିଯୋଗକୁ ନେଇ ଏକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଏପରି କି ଉକ୍ତ ଖବରରେ ଗୋପ ଅଞ୍ଚଳର ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମ୍ପୃକ୍ତ ଥାଇ ୫ ହଜାରରୁ ୨୦ ହଜାର ଟଙ୍କା ମଧ୍ୟରେ ବିଭିନ୍ନ ଡିଗ୍ରୀ ସାର୍ଟିଫିକେଟ ପ୍ରଦାନ କରୁଥିବା ନେଇ ଖବର ପ୍ରକାଶିତ ହୋଇଥିଲା। ଉକ୍ତ ଖବର ବିରୋଧରେ ଜଣେ ଶିକ୍ଷକ ଧରିତ୍ରୀ ସମ୍ପାଦକ ଏବଂ ଗୋପ ଅଞ୍ଚଳରେ କାର୍ଯ୍ୟ କରୁଥିବା ଖବରଦାତା ଭାରତୀ ଭୂଷଣ ଉପାଧ୍ୟାୟଙ୍କ ବିରୋଧରେ ନିମାପଡ଼ା ସିଭିଲ୍ ଜଜ୍(ବରିଷ୍ଠ)ଙ୍କ ଅଦାଲତରେ ଏକ ମାନହାନୀ ମାମଲା(ସିଏସ୍ ନଂ. ୧୨୪/୨୦୦୮) ରୁଜୁ ସହ ୧ଲକ୍ଷଟଙ୍କା କ୍ଷତିପୂରଣ ଦାବି କରିଥିଲେ। ଉକ୍ତ ମାମଲାରେ ସିଭିଲ ଜଜ୍ ଶୁଣାଣି କରି ସମସ୍ତ ସାକ୍ଷ୍ୟ ଏବଂ ପ୍ରମାଣକୁ ଭିତ୍ତି କରି ୨୦୨୫ ଫେବୃଆରୀ ୧୧ରେ ରାୟ ପ୍ରକାଶ କରିବା ସହ ମାମଲାକୁ ଖାରଜ କରିଥିଲେ। ଅଦାଲତଙ୍କ ଉକ୍ତ ରାୟ ବିରୋଧରେ ସମ୍ପୃକ୍ତ ଶିକ୍ଷକ ନିମାପଡ଼ା ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଅପିଲ୍ କରିଥିଲେ। ଅତିରିକ୍ତ ଜିଲା ଜଜ୍ ସମସ୍ତ ଦସ୍ତାବିଜ ଏବଂ ତଳ କୋର୍ଟଙ୍କ ରାୟକୁ ସମୀକ୍ଷା କରିବା ପରେ ଆବେଦନକାରୀଙ୍କ ପ୍ରାର୍ଥନାକୁ ଖାରଜ କରିବା ସହ ତଳ କୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି।

# ପୋଲିସ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି



ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ନର୍ଲାର ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବାସଭବନରେ ପୋଲିସର ଚଢ଼ାଉ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେଡି କହିଛି।

ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ବିଧାୟିକା ମନୋରମା ମହାନ୍ତି କହିଛନ୍ତି, ଭାଜପାର ଚାପ ଆଗରେ ମୁଣ୍ଡ ନ ନୁଆଁଇ କ୍ରସ୍ ଭୋଟିଂ କରି ନ ଥିବାରୁ ପୋଲିସ ଲଗାଇ ନିର୍ଯାତନା ଦିଆଯାଉଛି। ଭାଜପା ସରକାର ପ୍ରତିଶୋଧ ପରାୟଣ ହୋଇ ରାଜନୈତିକ ଅଭଦ୍ରାମିର ସୀମା ଲଂଘୁଛି ବୋଲି ମିଶ୍ର ଅଭିଯୋଗ କରିଛନ୍ତି।

ମିଶ୍ର କହିଛନ୍ତି, ବିଧାନସଭା ଚାଲିଥିଲା ବେଳେ ବାଚସ୍ପତିଙ୍କ ବିନା ଅନୁମତିରେ ଜଣେ ବିଧାୟିକାଙ୍କ ପଦମର୍ଯ୍ୟାଦା କ୍ଷୁଣ୍ଣ କରି, ତାଙ୍କ ସରକାରୀ ବାସଭବନକୁ ବଳପୂର୍ବକ ପୋଲିସ ପଶିବା ଅତ୍ୟନ୍ତ ନିନ୍ଦନୀୟ। ଏହି ଘଟଣାର ପ୍ରଚ୍ଛଦପଟରେ କିଏ ରହିଛି ତାହା ସାର୍ବଜନୀନ ହେବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ପୋଲିସର ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ।

ବିଧାୟିକା ମନୋରମା କହିଛନ୍ତି, ବାସଭବନରେ ସେ ଅନୁପସ୍ଥିତ ଥିବାବେଳେ ଝିଅ ଓ ମହିଳା ସହାୟିକାଙ୍କ ପ୍ରତି ପୋଲିସ ଅଶୋଭନୀୟ ଆଚରଣ ପ୍ରଦର୍ଶନ

### ମୋତେ ନ୍ୟାୟ ଦିଅ: ବିଧାୟିକା ମନୋରମା

କରିଛି, ଏହା ଅତ୍ୟନ୍ତ ନିନ୍ଦନୀୟ। ଭାଜପା ସରକାରରେ ଜଣେ ବିଧାୟିକା ଭାବେ ନିଜ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବାରେ ସକ୍ଷମ ହୋଇପାରୁନାହିଁ। ରାଜଧାନୀରେ ଯଦି ଜଣେ ମହିଳା ବିଧାୟକଙ୍କ ପ୍ରତି ଏଭଳି ବ୍ୟବହାର କରାଯାଉଛି ତେବେ ଏ ସରକାରରେ ମହିଳାମାନେ କେତେ ନିର୍ଯାତିତ ହେଉଥିବେ ତାହା ସ୍ପଷ୍ଟ ଅନୁମେୟ। ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ରାଜି ହେଲିନି ବୋଲି ରାଜ୍ୟ ସଭା ନିର୍ବାଚନର ପୂର୍ବ ଦିନ ମୋ ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଅନୁରୋଧ କରୁଛି ବିନା ମହିଳା ପୋଲିସରେ ମୋ ବାସଭବନକୁ ବଳପୂର୍ବକ ପୁରୁଷ ପୋଲିସ ପଶିବା ଘଟଣାରେ ମୋତେ ନ୍ୟାୟ ଦିଆଯାଉ ବୋଲି ମନୋରମା କହିଛନ୍ତି।

ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଈପ୍ସିତା ସାହୁ ପୋଲିସର ଏଭଳି କାର୍ଯ୍ୟକୁ ନିନ୍ଦା କରି କହିଛନ୍ତି, ରାଜ୍ୟରେ ଦିନକୁ ୪ ହତ୍ୟା, ୮ ବଳାତ୍କାର ସହ ଚୋରି, ଡକାୟତି ଓ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ବିଧାୟକମାନଙ୍କୁ ଯେତେ ହଇରାଣ, ନିର୍ଯାତନା ଓ ଧମକ ଦେଲେ ମଧ୍ୟ ଅବିଚଳିତ ଭାବେ ଛାତ୍ର ଓ ଯୁବ ବିଜେଡି ଏହାର ସମ୍ମୁଖୀନ କରିବ ଏବଂ ଜବାବ ଦେବ।

# ଟିଟିଲାଗଡ଼ ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ: କଂଗ୍ରେସ

ଭୁବନେଶ୍ୱର,୨୯।୩(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସାଂସଦ ଓ ବିଧାୟକମାନେ କ୍ଷମତା ନିଶାରେ ଅନ୍ଧ ହୋଇ ପଡ଼ିଛନ୍ତି। ସର୍ବସାଧାରଣରେ ଟିଟିଲାଗଡ଼ ବିଧାୟକ ବନ୍ଧୁକରୁ ଗୁଳି ଫୁଟାଇବା ଅପରାଧରେ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି କଂଗ୍ରେସ ଅଭିଯୋଗ କରିଛି।

ରାଜ୍ୟ କଂଗ୍ରେସ ଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, ଟିଟିଲାଗଡ ଭାଜପାର ଲୋକ ପ୍ରତିନିଧି ରାମନବମୀରେ ସର୍ବସାଧାରଣରେ ଫାଙ୍କା ଗୁଳିଚାଳନା କରିଛନ୍ତି। ଏଥିରୁ ବିଧାୟକଙ୍କ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ପ୍ରତି ଭକ୍ତି ତଥା ଓଡ଼ିଆ ଅସ୍ମିତାକୁ କେତେ ଭଲ ପାଉଛନ୍ତି ତାହା ସ୍ପଷ୍ଟ ଜଣାପଡୁଛି। ଏହାସହିତ ଜନସାଧାରଣରେ ବିଧାୟକ ଏଭଳି କାର୍ଯ୍ୟକଳାପ କରି ଲୋକଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି। ଏତେବଡ଼ ଘଟଣାରେ ବିଧାୟକଙ୍କ ଏହି ଆପରାଧିକ କାର୍ଯ୍ୟକଳାପ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନ' ନେବା ଅତ୍ୟନ୍ତ ନିନ୍ଦନୀୟ କଥା ବୋଲି ଦେବାଶିଷ କହିଛନ୍ତି। ଏହି ସମ୍ମିଳନୀରେ ମୁଖପାତ୍ର ଜୟଶ୍ରୀ ପାତ୍ର ଯୋଗଦେଇ ଭାଜପା ବିଧାୟକ ଓ ସାଂସଦଙ୍କ କାର୍ଯ୍ୟକଳାପକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି।

# ପଞ୍ଚାୟତ ନିର୍ବାଚନରେ ଆମ ପ୍ରାର୍ଥୀ ଲଢ଼ିବେ: ସମୀର


କାର୍ଯ୍ୟକର୍ତ୍ତା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୨୯।୩(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଭାଜପାରେ ଗୋଷ୍ଠୀ କନ୍ଦଳ ରବିବାର ସାମ୍ନାକୁ ଆସିଛି। ପୂର୍ବତନ ବିଜେଡି ନେତା ତଥା ଏବେକାର ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଖୋଲାଖୋଲି ଦଳୀୟ ନେତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବିରୋଧ କରିଛନ୍ତି। ସ୍ଥାନୀୟ ବାମନାଳହାଟ ପଡ଼ିଆଠାରେ ଅନୁଷ୍ଠିତ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ସମୀର ତାଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଓ ତାଙ୍କ ସମର୍ଥକମାନେ ଭାଜପାରେ ଅଛନ୍ତି ସତ, ହେଲେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ। ପ୍ରଭାତୀ ଯେହେତୁ ତାଙ୍କୁ ଏବଂ ତାଙ୍କ ସମର୍ଥକଙ୍କୁ ଅଣଦେଖା କରି ଆସୁଛନ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରଭାତୀଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ବିରୋଧ କରାଯିବ ବୋଲି ସମୀର କହିଛନ୍ତି। ସମୀରଙ୍କ ଏଭଳି ମନ୍ତବ୍ୟ ପରେ ବିଭିନ୍ନ ଆଲୋଚନା ହେଉଛି।

କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ଯୁବନେତା ବିଶ୍ୱଜିତ ଛୋଟରାୟ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ମୁଖପାତ୍ର ସମୀର ଯୋଗ ଦେଇଥିଲେ। ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ରଞ୍ଜନ ଭୋଇ, ଯୁବନେତା ଅଶୋକ ସାହୁ, ଅଖିଳ କୁମାର ଛାଟୋଇ ପ୍ରମୁଖ ଯୋଗଦେଇ ଭାରତୀୟ ଜନତା ପାର୍ଟି ବିଶ୍ୱର ୧ ନମ୍ବର ରାଜନୈତିକ ଦଳ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଭାରତବର୍ଷ ଆଜି ସ୍ୱୟଂସମ୍ପନ୍ନ ହୋଇପାରିଛି ବୋଲି କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼, ଶକ୍ତିଶାଳୀ, କ୍ରିୟାଶୀଳ କରିବା ସହ ନିର୍ବାଚନରେ ଭାଜପା ବିଜୟ ହାସଲ କରିବାକୁ ଦଳୀୟ କର୍ମୀ ଓ ନେତୃତ୍ୱମାନେ ଅଣ୍ଟାଭିଡ଼ି ନିଷ୍ଠାର ସହ କାର୍ଯ୍ୟ କରିବାକୁ ସମୀର କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତରେ ପାର୍ଟିର ଆବାହକ ଭାବେ ବିଶ୍ୱଜିତ ଛୋଟରାୟ, ସହ ଆବାହକ ଭାବେ ଅଖିଳ କୁମାର ଛାଟୋଇ, ରଞ୍ଜନ ଭୋଇ, ଆଲୋକ ନାୟକ ପ୍ରମୁଖଙ୍କୁ ନେଇ ଏକ ୧୭ଜଣିଆ ପଞ୍ଚାୟତ କମିଟି ଗଠନ କରାଯାଇଥିବା ଜଣାପଡ଼ିଛି। ସମ୍ମିଳନୀରେ ଶତାଧିକ ମହିଳାଙ୍କ ସମେତ ପ୍ରାୟ ୪ଶହ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇଥିଲେ।





| * ଯୋଗାଣକାରୀଙ୍କ ପ୍ରକାର | | # ଆର୍ଥିକବର୍ଷ ୨୦୨୫-୨୬ ସମୟରେ ସର୍ବମୋଟ ବାର୍ଷିକ ଟର୍ନଓଭର |
|---|---|---|
| ସାମଗ୍ରୀଗୁଡ଼ିକର ଯୋଗାଣକାରୀ | ୦୮ଟି ବିନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜୀକୃତ ଟିକସଦାତା | ₹ ୭୫ ଲକ୍ଷ ପର୍ଯ୍ୟନ୍ତ |
| | ଅନ୍ୟ ରାଜ୍ୟଗୁଡ଼ିକରେ ପଞ୍ଜୀକୃତ ଟିକସଦାତା | ₹୧୫୦ ଲକ୍ଷ ପର୍ଯ୍ୟନ୍ତ |
| ସେବାଗୁଡ଼ିକର ଯୋଗାଣକାରୀ | | ₹୫୦ ଲକ୍ଷ ପର୍ଯ୍ୟନ୍ତ |

ଅଧିକ ବିବରଣୀ ପାଇଁ, ଦୟାକରି ସିଜିଏସ୍‌ଟି ଅଧିନିୟମର ଧାରା ୧୦, ସିଜିଏସ୍‌ଟି ନିୟମାବଳୀର ନିୟମ ୩-୭ ଏବଂ ଅଧିସୂଚନା ନଂ.୧୪/୨୦୧୯ - କେନ୍ଦ୍ରୀୟ ଟିକସ ତାରିଖ ୦୭.୦୩.୨୦୧୯ ଦେଖନ୍ତୁ

ଜିଏସ୍‌ଟି କମ୍ପୋଜିଶନ ଯୋଜନା: ଛୋଟ ଟିକସଦାତାଗଣଙ୍କ ପାଇଁ ବଡ଼ ଲାଭ

@cbicindia @cbic_india @cbicindia @CBICINDIA @CBIC india

CBC 15502/13/0052/2526

"ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟଲାଭ କରିବାକୁ। –ଶ୍ରୀମା

-ଅନଙ୍ଗ ତ୍ରୟୋଦଶୀ,
ଶ୍ରୀମନ୍ଦିରରେ
ବନବାସ ଓ କନ୍ଦର୍ପାଧିବାସ



# ମଞ୍ଚରେ ପାକିସ୍ତାନ

ଭାରତ ସମେତ ବିଶ୍ୱର ଅଳ୍ପ କେତେକ ଦେଶ ପାକିସ୍ତାନକୁ ଏକ ଦୁର୍ଜନ ରାଷ୍ଟ୍ର ଭାବେ ଦେଖିଥାଆନ୍ତି। ଆତଙ୍କବାଦୀଙ୍କ ପାଇଁ ଏହି ଦେଶ ପରିଚିତ ଓ ତା'ର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣରେ ସେମାନେ ଗୁରୁତ୍ୱ ବହନ କରିଥାଆନ୍ତି ବୋଲି କୁହାଯାଇଆସୁଛି। ଭାରତୀୟ ଗଣମାଧ୍ୟମ ଓ ସରକାରୀ ମୁଖପାତ୍ରମାନେ ଏଭଳି ବିଶେଷକରି ଗତ କିଛି ଦଶନ୍ଧି ଧରି ପାକିସ୍ତାନକୁ ଏକ ଉଗ୍ରବାଦ ସମର୍ଥକ, ଦରିଦ୍ର ଓ ଦୁର୍ବଳ ଦେଶ ଭାବେ ଚିତ୍ରଣ କରିଆସୁଛନ୍ତି। ଏବକାର ସ୍ଥିତିରେ ସେହିସବୁ ମନଗଢ଼ା କାହାଣୀ ହୁଏତ ଗ୍ରହଣଯୋଗ୍ୟ ହେବା କଷ୍ଟକର। ସେଥିପାଇଁ ଏବେ ପାକିସ୍ତାନ ପ୍ରତି ନୂଆ ଶବ୍ଦ–ଦଲାଲ ରାଷ୍ଟ୍ର–ବ୍ୟବହାର କରାଯିବା ଆରମ୍ଭ ହେଲାଣି। ଏଠାରେ ମନେରଖିବାକୁ ହେବ ଯେ, ରାଶନ କାର୍ଡ ହେଉ କିମ୍ବା ଡ୍ରାଇଭିଂ ଲାଇସେନ୍ସ, ଯିଏ ଆଣିବାକୁ ଯାଏ ସିଏ ପ୍ରଥମେ 'ଦଲାଲ' ଖୋଜିଥାଏ। ସାଧାରଣରେ ଦଲାଲମାନେ ଯେଉଁ କାମ ହାସଲ କରିପାରନ୍ତି ତାହା ଅନ୍ୟମାନେ କରିପାରିବେ ନାହିଁ ବୋଲି ସ୍ୱୀକାର କରାଯାଏ। ତେଣୁ ଅନ୍ତର୍ଜାତୀୟ ରାଜନୀତିରେ ଯିଏ ଦଲାଲ ହୋଇ ନିଜର ଲକ୍ଷ୍ୟ ହାସଲ କରିପାରିବ, ସେହି ଦେଶର ନେତୃତ୍ୱ ପୃଥିବୀରେ ଦକ୍ଷ ଭାବେ ପରିଚିତ ହେବ। ପାକିସ୍ତାନର ଏହିଭଳି ଦଲାଲି ପାଇଁ ସେହି ଦେଶର ପତାକା ଉଡ଼ାଉଥିବା ୨୦ଟି ପାଣିଜାହାଜକୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ପାକିସ୍ତାନ ବନ୍ଦର ଯିବାର ଅନୁମତି ଇରାନ୍ ତରଫରୁ ମିଳିସାରିଲାଣି। ଭାରତୀୟ ଗଣମାଧ୍ୟମରେ ମିଥ୍ୟା ପ୍ରଚାର କରି କୁହାଗଲା ଯେ ପାକିସ୍ତାନରେ ତୈଳ ଅଭାବ ଯୋଗୁ ଲକ୍‌ଡାଉନ୍ ବା ସବୁକିଛି ବନ୍ଦ ହେବ। ଏହା ସମ୍ପୂର୍ଣ୍ଣ ଅସତ୍ୟ ବୋଲି ଏବେ ଜଣାପଡୁଛି। ସେହିଭଳି ଭାରତୀୟ ଗଣମାଧ୍ୟମରେ ପ୍ରଚାର କରାଗଲା ଯେ, ଇରାନ ରାଷ୍ଟ୍ରପତି ଓ ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଭାରତର ତୈଳବାହୀ ଜାହାଜ ହର୍ମୁଜ ଦେଇ ଆସିବାର ଅନୁମତି ମିଳିଛି। ଏହିସବୁ ଜାହାଜର ନାମ, ମାଲିକାନା କିମ୍ବା କେତେ ପରିମାଣର ତେଲ ଆଣୁଛନ୍ତି ସେ ସମ୍ପର୍କରେ କୌଣସି ତଥ୍ୟ ଇଣ୍ଟରନେଟ୍‌ରେ ଉପଲବ୍ଧ ହେଉ ନାହିଁ।

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣଜନିତ ସୃଷ୍ଟ ଯୁଦ୍ଧ ଯୋଗୁ ସମଗ୍ର ପୃଥିବୀ ପ୍ରଭାବିତ ହୋଇଥିବା ବେଳେ ପାକିସ୍ତାନ ମଧ୍ୟସ୍ଥ ଭୂମିକା ନିର୍ବାହ କରିବାକୁ ଆଗେଇ ଆସିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ସମ୍ବନ୍ଧୀୟ ଆଲୋଚନା ପାଇଁ ପାକିସ୍ତାନ, ସାଉଦି ଆରବ, ତୁର୍କୀ ଓ ଇଜିପ୍ଟ ବହିର୍ବ୍ୟାପାର ମନ୍ତ୍ରୀମାନେ ଇସ୍‌ଲାମାବାଦରେ ଏକ ବୈଠକରେ ଯୋଗଦେଇଛନ୍ତି। ଦୁଇଦିନିଆ ବୈଠକରେ ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ ଲାଗି ନେତାମାନେ ଆଲୋଚନା କରିବେ। ଏହା ଜଣାଶୁଣା ଯେ, ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ସହ ପାକିସ୍ତାନର ଉତ୍ତମ ସମ୍ପର୍କ ରହିଛି। ପରମାଣୁ ଅସ୍ତ୍ର ଧାରଣ କରିଥିବା ପାକିସ୍ତାନ ସହିତ ସାଉଦି ଆରବର ସାମରିକ ବୁଝାମଣା ହୋଇଥିବା ଦୃଷ୍ଟିରୁ ଇସ୍‌ଲାମାବାଦଠାରେ ଯୁଦ୍ଧ ବନ୍ଦ ସଂକ୍ରାନ୍ତ ଆଲୋଚନା ଗୁରୁତ୍ୱ ବହନ କରୁଛି। ଏମିତି ଦେଖିଲେ ଇରାନ୍ ସହ ପାକିସ୍ତାନର ମଧ୍ୟ ଦୀର୍ଘ ବର୍ଷର ସମ୍ପର୍କ ରହିଆସିଛି। ଅତୀତକୁ ଦେଖିଲେ ପାକିସ୍ତାନକୁ ଆମେରିକା ବହୁ ବର୍ଷ ଧରି ସାମରିକ ସାହାଯ୍ୟ ଓ ଆର୍ଥିକ ସହଯୋଗ ଯୋଗାଇ ଆସିଛି। ସମ୍ଭବତଃ ଯୁଦ୍ଧଗ୍ରସ୍ତ ଇରାନ୍ ଓ ଆମେରିକା ସାମ୍ପ୍ରତିକ ସ୍ଥିତି ଦେଖି ପାକିସ୍ତାନର ମଧ୍ୟସ୍ଥତାକୁ ଗ୍ରହଣ କରିପାରନ୍ତି।

ଉପରଲିଖିତ ବିଷୟ ଉପରେ ଆଲୋଚନା କଲା ବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତର ମଧ୍ୟସ୍ଥ ଭୂମିକା ଗୌଣ କିମ୍ବା ଶୂନ ହୋଇଗଲା ଭଳି ଦେଖାଯାଉଛି। ଯୁଦ୍ଧ ୪ର୍ଥ ସପ୍ତାହରେ ପହଞ୍ଚିଲା ପରେ ଗୋଟେ 'ଘୋ' ସୃଷ୍ଟି ହୋଇଥିଲା ଯେ, ମଧ୍ୟପ୍ରାଚ୍ୟରେ ଶାନ୍ତି ଆଣିବା ଲାଗି ଭାରତ ପ୍ରମୁଖ ରାଷ୍ଟ୍ର ଭାବେ ଉଭା ହେବ। କାରଣ ଇରାନ୍ ସହିତ ଭାରତର ପାରମ୍ପରିକ ଓ ବ୍ୟବସାୟିକ ସମ୍ପର୍କ ସୁଦୃଢ଼ ରହିଆସିଛି। କେବଳ ଗୋଟେ କେଁ ଉଠିଲା ଯେ, ଭାରତର ପ୍ରଧାନମନ୍ତ୍ରୀ ଇସ୍ରାଏଲ ଗସ୍ତ କରି ଫେରିବା ପରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ହେଲା। ସେବେଠାରୁ ଇରାନ୍ ସମ୍ପୂର୍ଣ୍ଣ ଭାବେ ଭାରତକୁ ଭରସି ପାରୁନାହିଁ। ଏଥିସହିତ ଇରାନ୍‌ରେ ନିର୍ମାଣାଧୀନ ଚବାହାର ବନ୍ଦର ହାତକୁ ନେଇଥିବା ଭାରତ ସେଥିରୁ ସମ୍ପୂର୍ଣ୍ଣ ଭାବେ ଓହରି ଯାଇଛି। ଏହାର ଅର୍ଥ ହେଲା ଇରାନ୍ ସହ ସମ୍ପର୍କ ତୁଟିବା ସହିତ ଭାରତୀୟ କରଦାତାଙ୍କ ଦ୍ୱାରା ଦିଆଯାଇଥିବା ଅନେକ ହଜାର କୋଟି ଟଙ୍କା ମୂଲ୍ୟର ସେହି ପୁଞ୍ଜିନିବେଶ ପାଣିରେ ପଡ଼ି ନଷ୍ଟ ହେଲା।

୨୮ ମାର୍ଚ୍ଚରେ ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମଧ୍ୟରେ ଏକ ଘଣ୍ଟା ଫୋନ୍‌ରେ ଆଲୋଚନା ହୋଇଥିବା ଖବର ପ୍ରକାଶ ପାଇଛି। ସେଥିରେ ପେଜେସ୍କିଆନ୍ ପାକିସ୍ତାନର କୂଟନୈତିକ ପ୍ରୟାସକୁ ପ୍ରଶଂସା କରିଛନ୍ତି। କଥାବାର୍ତ୍ତା ବେଳେ ଶରିଫ୍ ଇରାନ୍ ରାଷ୍ଟ୍ରପତିଙ୍କୁ ଆମେରିକା ଓ ଉପସାଗରୀୟ ରାଷ୍ଟ୍ରଙ୍କ ସହ କୂଟନୈତିକ ସମ୍ପର୍କ ବିଷୟରେ ଜଣାଇଥିବା ଗଣମାଧ୍ୟମରେ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଭାରତର ବୈଶ୍ୱିକ ଭୂମିକା ସୁଦୃଢ଼ ରହିଆସିଥିବା ନେଇ ବାରମ୍ବାର ନୂଆଦିଲ୍ଲୀ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଠିକ୍ ବେଳକୁ ଛାତ୍ର ପଛ ବେଞ୍ଚରେ ବସିଲା ଭଳି ଦୃଶ୍ୟ ସାମ୍ନାକୁ ଆସୁଛି। ବୈଦେଶିକ ସମ୍ପର୍କ କେବଳ କଥାରେ କହିବୁଲିଲେ ହୋଇ ନ ଥାଏ। ସେଥିପାଇଁ ସଘନ ପ୍ରୟାସ ଓ ନିରନ୍ତର କୌଶଳ ଆପଣାଯିବା ଦରକାର। ପାକିସ୍ତାନ ସାମରିକ ରଣକୌଶଳ ଓ ସ୍ୱଷ୍ଟ କୂଟନୈତିକ ଆଭିମୁଖ୍ୟ ପୋଷଣ କରିଆସୁଥିବାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ବଡ଼ ଯୁଦ୍ଧ ସଙ୍କଟକୁ ଟାଳିବା ଲାଗି ମଧ୍ୟସ୍ଥ ହେବାର ସୁଯୋଗ ପାଇଲା ବୋଲି କୁହାଯାଉଛି। ଓଡ଼ିଆରେ ଢଗ ଅଛି–'ପଗଡ଼ି ଭିଡୁ ଭିଡୁ କଚେରି ବରଖାସ୍ତ'। ମଧ୍ୟସ୍ଥ ଟେବୁଲକୁ ଯୁଦ୍ଧଗ୍ରସ୍ତ ଦେଶକୁ ଆଣିବା ଲାଗି ନିଆଯାଉଥିବା ଆନୁଷଙ୍ଗିକ ପଦକ୍ଷେପ ସୋସିଆଲ ମିଡିଆରେ ପୋଷ୍ଟ କରି ବାହାବା ନେବା ଭାରତୀୟ ନେତୃତ୍ୱଙ୍କ ପାଇଁ ଆଗ ହୋଇଯାଇଥିବାରୁ ପାକିସ୍ତାନ ଆଲୋଚନାର କେନ୍ଦ୍ରସ୍ଥଳରେ ପହଞ୍ଚିଗଲା। କୌତୂହଳର ବିଷୟ ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ୨୪ ମାର୍ଚ୍ଚରେ ହୋଇଥିବା ଟେଲିଫୋନ୍ କଥାବାର୍ତ୍ତା ବେଳେ ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କଙ୍କ ଉପସ୍ଥିତି ନେଇ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଖବରକୁ ଖଣ୍ଡନ କରିବା ଲାଗି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ବ୍ୟସ୍ତ ହୋଇ ଲାଗିପଡ଼ିଲେ। କୁହାଯାଇପାରେ, ଯେତେବେଳେ ଯାଏ ପ୍ରଚାରସର୍ବସ୍ୱ ଦିଗକୁ ଭାରତ ଗୁରୁତ୍ୱ ଦେଉଥିବ ସେତେବେଳ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ନେତୃତ୍ୱ ନେବା ଲାଗି ଜରୁରୀ ବିଷୟ ଗୌଣ ହେଇଯାଉଥିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | | 9 | |
| 1 | | 9 | | | | 8 | 2 | |
| | | | | 8 | | | | 7 |
| | | | 4 | | 5 | 3 | 6 | |
| | | | | 9 | 1 | 4 | | 8 |
| | | | | | | | | |
| 9 | | 1 | | | | | | 6 |
| | 6 | | | 3 | | | | |
| | | 5 | 9 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 3 | 4 | 9 | 6 | 5 | 8 |
| 6 | 9 | 8 | 7 | 1 | 5 | 3 | 4 | 2 |
| 5 | 3 | 4 | 8 | 6 | 2 | 7 | 9 | 1 |
| 3 | 6 | 2 | 1 | 7 | 4 | 5 | 8 | 9 |
| 9 | 4 | 1 | 6 | 5 | 8 | 2 | 3 | 7 |
| 8 | 7 | 5 | 2 | 9 | 3 | 4 | 1 | 6 |
| 1 | 2 | 3 | 5 | 8 | 7 | 9 | 6 | 4 |
| 4 | 5 | 6 | 9 | 2 | 1 | 8 | 7 | 3 |
| 7 | 8 | 9 | 4 | 3 | 6 | 1 | 2 | 5 |

ଗତକାଲିର ଉତ୍ତର

# ଆମେରିକାର ବିଶ୍ୱ ଅଭିଯାନ



ଜନାର୍ଦ୍ଦନ ପତି

ଚଳିତ ବର୍ଷ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଯୋଡ଼ି ଅଚାନକ ଇରାନ୍ ଉପରେ ବୋମାବର୍ଷଣ କରି ଇରାନର ଶୀର୍ଷନେତା ଆୟାତୋଲ୍ଲା ଖାମେନେଇ ଓ ତାଙ୍କ ପରିବାର ସହିତ ଅନ୍ୟ ସାମରିକ ନେତାଙ୍କୁ ହତ୍ୟା କରିଛନ୍ତି। କେବଳ ସେତିକି ନୁହେଁ ଇରାନର ଏକ ବାଳିକା ବିଦ୍ୟାଳୟରେ ଆକ୍ରମଣ ଯୋଗୁ ୧୮୦ ଛାତ୍ରୀ ଏବଂ ଶିକ୍ଷକର ମୃତ୍ୟୁ ଘଟିଛି। ଏହି ଆକ୍ରମଣର ପୂର୍ବଦିନ ପର୍ଯ୍ୟନ୍ତ ସୁଇଜରଲାଣ୍ଡର ଜେନେଭାରେ ଇରାନ–ଆମେରିକା ମଧ୍ୟରେ ଆଲୋଚନା ଚାଲିଥିଲା ଏବଂ ଓମାନ ମଧ୍ୟସ୍ଥତା କରୁଥିଲା। ସେତେବେଳେ ପର୍ଯ୍ୟନ୍ତ ଇରାନ କିମ୍ବା ଓମାନ ଜାଣି ନ ଥିଲେ ଯେ, ଆଉ କେଇଘଣ୍ଟା ପରେ ଆମେରିକା–ଇସ୍ରାଏଲ ଆକ୍ରମଣ କରିବେ। ଅର୍ଥାତ ଶାନ୍ତି ଆଲୋଚନା ଥିଲା ଏକ ଛଳନା। ଆଲୋଚନାର ପର୍ଦ୍ଦା ପଛରେ ଇସ୍ରାଏଲ ଓ ଆମେରିକା ମଧ୍ୟରେ ଗୁପ୍ତ ମନ୍ତ୍ରଣା ଚାଲିଥିଲା ଇରାନ ଉପରେ କିପରି ଆକ୍ରମଣ କରାଯିବ।

୨୦୨୫ ଜୁନ୍‌ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ୧୨ ଦିନ ଧରି ଯୁଦ୍ଧ କରିଥିଲେ ଏବଂ ଇରାନର ସୁଡ଼ଙ୍ଗ ଭିତରେ ଥିବା ଆଣବିକ ଶକ୍ତିକୁ ବୋମାମାରି ଧ୍ୱଂସ କରିଦେବା ସହିତ ଇରାନ ସେନାପତିମାନଙ୍କୁ ହତ୍ୟା କରିଥିଲେ। ଏହି ଆକ୍ରମଣ ଯୋଗୁ ଇରାନର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା ଓ ଇରାନରେ ସରକାର ବିରୋଧରେ ଲଗାତର ବିକ୍ଷୋଭ ହୋଇଥିଲା। ଅବଶ୍ୟ ଏହି ଗଣବିକ୍ଷୋଭ ପଛରେ ସି.ଆଇ.ଏ.ର ହାତ ଥିଲା। ଇରାନ ସରକାର ଏହି ବିକ୍ଷୋଭକୁ ଦମନ କରିବାକୁ ଯାଇ ପ୍ରାୟ ତିନି ହଜାର ଲୋକଙ୍କୁ ହତ୍ୟା କରିଥିଲେ। ଆମେରିକା ଆଶା କରିଥିଲା ଯେ, ଇରାନର ଲୋକମାନେ ସରକାରଙ୍କୁ ବିତାଡିତ କରିଦେବେ, ଯେମିତି ବାଂଲାଦେଶ ଓ ନେପାଳରେ ହୋଇଥିଲା। ଆମେରିକା ରାଷ୍ଟ୍ରପତି ବାରମ୍ବାର ଇରାନର ବିକ୍ଷୋଭକାରୀଙ୍କୁ ସରକାରକୁ ଭାଙ୍ଗି ଦେବା ପାଇଁ ଆହ୍ୱାନ ଦେଇଥିଲେ। ହେଲେ ଆମେରିକାର ଏହି ଚକ୍ରାନ୍ତ ସଫଳ ହେଲା ନାହିଁ।

ଅନ୍ୟ ଏକ ଦେଶର ସରକାରକୁ ହଟାଇ, ଶାସନକୁ ବଦଳାଇ ଦେବାର ଧାରା ଆମେରିକା ଗ୍ରହଣ କରି ଚାଲିଛି। ଇରାକର ରାଷ୍ଟ୍ରପତି ସଦ୍ଦାମ ହୁସେନ, ଲିବିୟାର ରାଷ୍ଟ୍ରପତି ଗଦାଫି, ପାନାମାର ରାଷ୍ଟ୍ରପତି ନରିଏଗା, କଂଗୋର ରାଷ୍ଟ୍ରମୁଖ୍ୟ ପ୍ୟାଟ୍ରିସ ଲୁମୁମ୍ବା, ଚିଲିର ରାଷ୍ଟ୍ରପତି ସାଲଭୋଦୋର ଆଲେଣ୍ଡେ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମିଲୋସେଭିକ ଓ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇ ପ୍ରମୁଖଙ୍କୁ ଆମେରିକା ହତ୍ୟା କରିଛି ବା ଜେଲରେ ମାରିଛି। ଗତ ଜାନୁଆରୀ ୩ରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ବଳପୂର୍ବକ ଅପହରଣ କରି, ମିଥ୍ୟା ମାମଲାରେ ଜେଲରେ ରଖିଛି। ଆମେରିକା ନିଜକୁ ଏକ ସଭ୍ୟ ଓ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ଡିଣ୍ଡିମ ପିଟୁଛି। ମାତ୍ର ଏହା ବର୍ବରତା ଓ ଅସଭ୍ୟତାର ରାସ୍ତା ଧରିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ (୧୯୪୫) ପୃଥିବୀରେ ଯେଉଁ ବିଶ୍ୱବ୍ୟବସ୍ଥା ଗଢ଼ି ଉଠିଛି, ଆମେରିକା ତାହାକୁ ପରିବର୍ତ୍ତନ କରିବାକୁ ଚାହୁଁଛି। ରାଷ୍ଟ୍ରସଂଘକୁ ଭାଙ୍ଗି ଦେଇ ଆମେରିକା ନେତୃତ୍ୱରେ ଆଉ ଏକ ବିଶ୍ୱସଂସ୍ଥା ଗଢିବାକୁ ଆମେରିକା ଚାହୁଁଛି। ଜର୍ମାନୀର ମ୍ୟୁନିକ ସହରରେ ଅନୁଷ୍ଠିତ 'ନିରାପା ସମ୍ମିଳନୀ' (ଫେବୃଆରୀ ୧୩–୧୫, ୨୦୨୬)ରେ ଆମେରିକାର ସେକ୍ରେଟାରି ଅଫ୍ ଷ୍ଟେଟ୍‌ସ ମାର୍କୋ ରୁବିଓ ଯେଉଁ ଭାଷଣ ଦେଲେ ତାହା ସବୁଠାରୁ ଗମ୍ଭୀର ଓ ବିପଦପୂର୍ଣ୍ଣ। ରୁବିଓ କହିଲେ , କଲମ୍ବସଙ୍କ ଆମେରିକାର ଆବିଷ୍କାର ପରଠାରୁ ୧୪୫୨ରୁ ୧୯୪୫ ପର୍ଯ୍ୟନ୍ତ ପାଞ୍ଚଶହ ବର୍ଷ ଧରି ପାଶ୍ଚାତ୍ୟ ସଭ୍ୟତା ସମଗ୍ର ବିଶ୍ୱକୁ କବଳିତ କରିଥିଲା। ମାତ୍ର ଦା–ହାତୁଡ଼ି ପତାକା ଧରି ଧର୍ମଦ୍ରୋହୀମାନେ ବିପ୍ଳବ କରି, ପୃଥିବୀର ଭାରସାମ୍ୟକୁ ବଦଳାଇବାକୁ ଉଦ୍ୟମ କରୁଛନ୍ତି। ଏହି ପରିସ୍ଥିତିରେ ବିଶ୍ୱରେ ପାଶ୍ଚାତ୍ୟ ସଭ୍ୟତାକୁ ଶକ୍ତିଶାଳୀ କରିବା ପାଇଁ ଆମେରିକା ପଛରେ ୟୁରୋପ ନିଃସର୍ତ୍ତରେ ଠିଆ ହେବା ଦରକାର। ଏହାର ଅର୍ଥ ଆମେରିକା ଓ ପଶ୍ଚିମ ୟୁରୋପ ମିଳିତ ଭାବେ ସମଗ୍ର ବିଶ୍ୱକୁ କବଳିତ କରିବାକୁ ହେବ।

ଭେନେଜୁଏଲା ଉପରେ ଆକ୍ରମଣ କରିଥିବା ପଟଭୂମିରେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଆମେରିକାକୁ ସମର୍ଥନ କରିଛନ୍ତି। ଇରାନ ଉପରେ ଇସ୍ରାଏଲ–ଆମେରିକା ଆକ୍ରମଣ କରିବା ପରେ ପଶ୍ଚିମ ୟୁରୋପ ଓ ଉପସାଗରୀୟ ଆମେରିକାର ବୋଲକରା ଦେଶଗୁଡ଼ିକ ଆମେରିକା ଯୁଦ୍ଧଘାଟି ଉପରେ ଇରାନର ଆକ୍ରମଣକୁ ନିନ୍ଦା କରିଛନ୍ତି। ଆଉ ଏକ ଘଟଣା ହେଉଛି ଯେ, ୟୁରୋପର ଅଧିକାଂଶ ଦେଶ ଆମେରିକାର ଆକ୍ରମଣ ନୀତିକୁ ଗ୍ରହଣ କରୁନାହାନ୍ତି।

ପଶ୍ଚିମ ଏସିଆ ସୀମା ଡେଇଁ ଏହି ଯୁଦ୍ଧ ଭାରତ ମହାସାଗରରେ ପହଞ୍ଚିଲାଣି। ଗତ ଫେବୃଆରୀରେ ଭାରତ ସରକାରଙ୍କ ନିମନ୍ତ୍ରଣ ପାଇ ଇରାନର ଏକ ଯୁଦ୍ଧଜାହାଜ ବିଶାଖାପାଟଣା ବନ୍ଦର ନିକଟରେ ଭାରତ ସହିତ ମିଳିତ ସମରାଭ୍ୟାସ କରି ଫେରୁଥିଲା। ଶ୍ରୀଲଙ୍କା ନିକଟରେ ଏହି ଯୁଦ୍ଧ ଜାହାଜ ଥିବା ଅବସ୍ଥାରେ ଆମେରିକାର ସବମରିନରୁ ମାରଣାସ୍ତ୍ର କ୍ଷେପଣ କରାଯାଇ ତାକୁ ଧ୍ୱଂସ କରଦିଆଗଲା। ଫଳରେ ଶତାଧିକ ନୌବାହିନୀ ଅଫିସର ପ୍ରାଣ ହରାଇଛନ୍ତି। ଶ୍ରୀଲଙ୍କାର ତଟରକ୍ଷୀ ବାହିନୀ ୩୨ ଜଣଙ୍କୁ ଉଦ୍ଧାର କରିଛନ୍ତି। ପରିତାପର ବିଷୟ, ଭାରତ ମହାସାଗରକୁ ଏ ଯୁଦ୍ଧ ପହଞ୍ଚିବା ପରେ ଓ ଭାରତର ନିମନ୍ତ୍ରଣକ୍ରମେ ଆସିଥିବା ଏହି ଯୁଦ୍ଧ ଜାହାଜକୁ ଭାବେ ଧ୍ୱଂସ କରାଯିବା ସତ୍ତ୍ୱେ ଭାରତ ସରକାର ନୀରବ ରହିଛନ୍ତି।



ଇରାନସ୍ଥିତ ହର୍ମୋଜ ଷ୍ଟ୍ରେଟ୍ ଦେଇ ବିଶ୍ୱର ପ୍ରାୟ ୨୦ ଶତାଂଶ ବ୍ୟବସାୟିକ ଜାହାଜ ବିଭିନ୍ନ ଦେଶକୁ ଯାଇଥାଏ। ଇରାନ ଏବେ ହର୍ମୋଜ ଷ୍ଟ୍ରେଟ୍ ଦେଇ ଜାହାଜଗୁଡ଼ିକୁ ଯିବାପାଇଁ ଅନୁମତି ଦେଉନାହିଁ। ରୁଷିଆ, ଚାଇନା ଜାହାଜକୁ ଅବଶ୍ୟ ଯିବାକୁ ଅନୁମତି ଦିଆଯାଉଛି। ୟୁରୋପର ଜାହାଜ ଅଟକିଯିବା ଫଳରେ ତେଲ ଓ ଗ୍ୟାସ ସରବରାହ ବନ୍ଦ ହୋଇଯାଇଛି।

ୟୁରୋପିୟାନ ୟୁନିୟନ ତଥା ନାଟୋର ସଦସ୍ୟ ସ୍ପେନ ନିଜ ଦେଶର ବନ୍ଦର ବା ବିମାନ ବନ୍ଦରରୁ କ୍ଷେପଣାସ୍ତ୍ର ପ୍ରୟୋଗ କରି ଇରାନ ଉପରେ ଆକ୍ରମଣ କରିବାକୁ ଅନୁମତି ଦେଉନାହିଁ। ଫଳରେ ସ୍ପେନ ଓ ଆମେରିକାର ସମ୍ପର୍କରେ ଅବନତି ଘଟୁଛି। ଆମେରିକା ଭିତରେ ଏହି ଯୁଦ୍ଧକୁ ବିରୋଧ କରାଯାଉଛି, କାରଣ ଏହି ଯୁଦ୍ଧ ପାଇଁ ଆମେରିକା କଂଗ୍ରେସର ଅନୁମତି ନିଆଯାଇନାହିଁ। ବିଶେଷଜ୍ଞଙ୍କ ମତରେ ଆମେରିକା ଦୀର୍ଘକାଳ ଧରି ଯୁଦ୍ଧ ଚଳାଇବା ସମ୍ଭବ ନୁହେଁ। କାରଣ କ୍ରମଶଃ ବିଶ୍ୱ ଜନମତ ଆମେରିକା ବିରୋଧରେ ଯାଉଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ଶିଶୁ ଓ ମହିଳାଙ୍କୁ ହତ୍ୟା କରିବାର ପ୍ରବଣତା ଦେଖାଇଛନ୍ତି।

ସାମ୍ରାଜ୍ୟବାଦ ଅନ୍ୟ ଦେଶକୁ ଦଖଲ କରେ। ସେହି ଦେଶର ସମ୍ପଦକୁ ନିଜ ଦଖଲକୁ ନେଇଥାଏ। ସେହିକ୍ରମରେ ଇରାନରେ କିଏ ସରକାରରେ ରହିବ, ତାହା ନିଷ୍ପତ୍ତି ନେବ ଆମେରିକା। ୧୯୭୯ରେ ଇସ୍‌ଲାମିକ ବିପ୍ଳବ ସମୟରେ ଇରାନର ଶେଖ ଦେଶ ଛାଡ଼ି ପଳାଇଥିଲେ। ବର୍ତ୍ତମାନ ତାଙ୍କ ପୁଅ ରେଜା ପାହେଲଭିଙ୍କୁ ଇରାନର ରାଷ୍ଟ୍ର କ୍ଷମତାରେ ବସାଇବା ପାଇଁ ଆମେରିକା ମସୁଧା କରୁଛି। ତେବେ ଏହା ଆଦୌ ସହଜ ନୁହେଁ। ଇରାନ, ଇରାକ ନୁହେଁ। ଇରାନର ସାଧାରଣ ଲୋକମାନେ ଆମେରିକାର ବୋଲକରାକୁ ମାନିବେ ନାହିଁ। ଅତୀତରେ ଇରାନର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ୧୯୫୩ରେ ସି.ଆଇ.ଏ. ଦ୍ୱାରା ଗାଦିଚ୍ୟୁତ କରାଯିବା ପରେ ଫାଶୀ ଦିଆଯାଇଥିଲା ଓ ଆମେରିକାର ବୋଲାକରା ରେଜା ପାହଲିଭିଙ୍କୁ କ୍ଷମତାସୀନ କରାଯାଇଥିଲା। ଏହି ଷଡ଼ଯନ୍ତ୍ରରେ ଆମେରିକା ଓ ଇଂଲଣ୍ଡ ସାମିଲ ଥିଲେ। ମାତ୍ର ୧୯୭୯ରେ ଖୋମେନିଙ୍କ ନେତୃତ୍ୱରେ ଇସଲାମିକ ବିପ୍ଳବ ଘଟିଥିଲା ଓ ଶାହା ଗାଦିଚ୍ୟୁତ ହୋଇଥିଲେ। ଆମେରିକା ୧୯୭୯ ଠାରୁ ଇରାନ ବିରୋଧରେ ବାସନ୍ଦ ଲଗାଇଛି। ୧୯୮୦ ଦଶକରେ ଇରାକ–ଇରାନ ଯୁଦ୍ଧ ଆଠ ବର୍ଷ ଧରି ଚାଲିଥିଲା। ଏହି ଯୁଦ୍ଧରେ ଆମେରିକା ଇରାକକୁ ସାହାଯ୍ୟ କରିଥିଲା। ମାତ୍ର ଇରାନ ଏଥିରେ ଲୋପ ହୋଇନଥିଲା। ଏବେ ଇରାନ ସାହସର ସହ ଆମେରିକା ଓ ଇସ୍ରାଏଲର ମିଳିତ ବାହିନୀ ବିରୋଧରେ ଲଢୁଛି। ଉପସାଗରୀୟ ଦେଶଙ୍କ ମଧ୍ୟରୁ ଲେବାନନ, ସିରିଆ ଏବଂ ଓମାନକୁ ଛାଡ଼ିଦେଲେ ଅନ୍ୟ ସବୁ ଦେଶ ଯଥା– ସାଉଦିଆରବ, ଜୋର୍ଡାନ, ୟୁଏଇ, କାତାର, କୁଏଟ ଆଦି ଆମେରିକାର ବୋଲକରା ତଥା ଏଜେଣ୍ଟ ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ବେଲଜିୟମ, ୟୁକ୍ରେନ, ହଙ୍ଗେରୀ ସମେତ ୟୁରୋପିୟାନ ୟୁନିୟନମାନେ ଆମେରିକା ସପକ୍ଷରେ। ଏକ ଅନ୍ୟାୟ ଓ ଧ୍ୱଂସକାରୀ ଯୁଦ୍ଧକୁ ତଥାକଥିତ ସଭ୍ୟ ଦେଶଗୁଡ଼ିକ ସମର୍ଥନ ଦେବା ଘୃଣାର ବିଷୟ।

ଏ ଯୁଦ୍ଧର ପରିଣାମ କ'ଣ ହେବ, ତାହା ସ୍ପଷ୍ଟ ନୁହେଁ। ତେବେ ଇରାନ ପ୍ରମାଣ କରିଚାଲିଛି ଯେ, ସେ ଆମେରିକା ଓ ଇସ୍ରାଏଲର ଅନ୍ୟାୟ ସର୍ତ୍ତ ପାଖରେ ଆତ୍ମସମର୍ପଣ କରିବ ନାହିଁ କି ସେମାନଙ୍କ ଗୋଲାମ ହେବ ନାହିଁ। ଭାରତ ସରକାର ଇରାନ ପାଖରୁ ଅନେକ କିଛି ଶିଖିବାର ଅଛି।

ମୋ:୯୪୩୭୦୦୭୭୭୦

# ସନ୍ଧିକ୍ଷଣରେ ସବୁଜିମା ସ୍ୱାସ୍ଥ୍ୟ



ଅଲେଖ ଚନ୍ଦ୍ର ସାମଲ

ବର୍ତ୍ତମାନ ସମୟର ସବୁଠାରୁ ଉଦ୍‌ବେଗଜନକ ଚିତ୍ରଟି ଜାତିସଂଘର ଜିଏଫ୍‌ଆର୍‌ଏ ରିପୋର୍ଟରୁ ଜଣାପଡ଼ିଛି, ତାହା ହେଉଛି ଆମ ପୃଥିବୀର ବିଶେଷକରି ଜଙ୍ଗଲର ସ୍ୱାସ୍ଥ୍ୟ ଓ ସ୍ଥିତି ଭଲ ନାହିଁ। ଅର୍ଥାତ୍ ଜଙ୍ଗଲ ବୃଦ୍ଧି ହାରରେ ଆଶାନୁରୂପକ ଅଗ୍ରଗତି ଘଟୁନି। ତେବେ ଗୋଟିଏ ଭଲ ଖବର ହେଉଛି ବିଶ୍ୱ ତାଲିକାରେ ଜଙ୍ଗଲର ଆୟତନ ଦୃଷ୍ଟିକୁ ଦେଖିଲେ ଭାରତର ସ୍ଥାନ ନବମ। କିନ୍ତୁ ଜାତିସଂଘର ରିପୋର୍ଟଟି ଏହା ସୁସ୍ପଷ୍ଟ କରିଛି ଯେ ୨୦୩୦ ସୁଦ୍ଧା ବିଶ୍ୱସ୍ତରରେ ନିଘଞ୍ଚ ଜଙ୍ଗଲ ସୃଷ୍ଟି କରାଯିବାର ଯେଉଁ ମାପକାଠି ଓ ମାନଦଣ୍ଡ ରହିଥିଲା ସେଥିରୁ ସୁଫଳ ସେପରି ମିଳୁନି। ଜଙ୍ଗଲ କ୍ଷୟ ନିଶ୍ଚିତ ଭାବରେ ସବୁଜିମାର ଭବିଷ୍ୟତକୁ ନେଇ ଉଦ୍‌ବେଗ ସୃଷ୍ଟି କରିବା ସ୍ୱାଭାବିକ।

ପ୍ରଥମଟି ହେଉଛି ଗ୍ଲୋବାଲ ଫରେଷ୍ଟ ରିସୋର୍ସେସ ଆସେସ୍‌ମେଣ୍ଟ ଜିଏଫ୍‌ଆର୍‌ଏ ରିପୋର୍ଟ ଯାହା ଜାତିସଂଘର 'ଫୁଡ ଏଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେଶନ' ଦ୍ୱାରା ପ୍ରକାଶିତ। ସେଥିରେ ୧୯୯୦ରୁ ୨୦୨୫ ମସିହା ମଧ୍ୟରେ ଉପଲବ୍ଧ ପ୍ରଚୁର ଡେଟା ଠୁଳ କରାଯାଇ ସମୁଦାୟ ଅବଧିକୁ ୧୯୯୦ରୁ ୨୦୦୦, ୨୦୦୦ରୁ ୨୦୧୫ ଏବଂ ୨୦୧୫ରୁ ୨୦୨୫ ଭଳି ୩ଟି କାଳ ଖଣ୍ଡରେ ବିଭାଜନ କରି ୨୩୬ଟି ଦେଶର ଜଙ୍ଗଲର ସ୍ଥିତିକୁ ସୋପାନ କ୍ରମେ ତୁଳନାତ୍ମକ ବିଶ୍ଳେଷଣ କରାଯାଇଛି। ତାହା ଅନୁସାରେ ପୃଥିବୀରେ ଘଟି ଚାଲିଥିବା ଜଙ୍ଗଲ କ୍ଷୟର ବିକଳ ଚିତ୍ର ମୁଖ୍ୟତଃ ୪ଟି ଦେଶରେ ଜଙ୍ଗଲ ଆଚ୍ଛାଦନ କାରଣରୁ ଅପେକ୍ଷାକୃତ ନିଷ୍ପ୍ରଭ ହୋଇଥାଏ, ଯେଉଁ ଦେଶଗୁଡ଼ିକ ହେଲେ ରୁଷିଆ, ବ୍ରାଜିଲ, କାନାଡ଼ା ଓ ଯୁକ୍ତରାଷ୍ଟ୍ର ଆମେରିକା। ସମ୍ପ୍ରତି ପୃଥିବୀର ସମୁଦାୟ ଜଙ୍ଗଲର ୨୬% ଅର୍ଥାତ୍ ୮୩୨.୬୩ ନିୟୁତ ହେକ୍ଟର ଆୟତନ ବିଶିଷ୍ଟ ଜଙ୍ଗଲ ରୁଷିଆରେ ଅଛି ଯାହା ସର୍ବାଧିକ। ପରବର୍ତ୍ତୀ ତିନିଟି ସ୍ଥାନରେ ଅଛନ୍ତି ବ୍ରାଜିଲ ୪୮୬.୦୯ ନିୟୁତ ହେକ୍ଟର, କାନାଡ଼ା ୩୬୮.୮୨ ନିୟୁତ ହେକ୍ଟର ଏବଂ ଯୁକ୍ତରାଷ୍ଟ୍ର ଆମେରିକା ୩୦୮.୯ ନିୟୁତ ହେକ୍ଟର। ସେହି ରିପୋର୍ଟରୁ ଜଣାପଡ଼ିଛି ଯେ ୭୨.୭୪ ନିୟୁତ ହେକ୍ଟର ପରିମିତ ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ଭାରତ ସମ୍ପ୍ରତି ପୃଥିବୀର ସମୁଦାୟ ଜଙ୍ଗଲର ୨%ର ଅଧିକାରୀ। ସେହି ରିପୋର୍ଟରୁ ଜଣାପଡ଼ିଛି ଯେ ୧୯୯୦–୨୦୦୦ ମସିହା କାଳଖଣ୍ଡରେ ପରିଦୃଷ୍ଟ ହେଉଥିବା ନେଟ୍ ଜଙ୍ଗଲ କ୍ଷୟ ବାର୍ଷିକ ୧୦.୭ ନିୟୁତ ହେକ୍ଟର ୨୦୦୦–୨୦୧୫ ମଧ୍ୟବର୍ତ୍ତୀ ଅବଧିରେ ବାର୍ଷିକ ୩.୬୮ ନିୟୁତ ହେକ୍ଟରକୁ ହ୍ରାସ ପାଇବା ପଛରେ ଅଛି କାନାଡ଼ା, ଚାଇନା, ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଜଙ୍ଗଲ ଆୟତନ ବୃଦ୍ଧିର ଅବଦାନ। ତେବେ ଏହା ସତ୍ତ୍ୱେ ୨୦୧୫–୨୦୨୫ ଅବଧିରେ ନେଟ୍ ଜଙ୍ଗଲ କ୍ଷୟରେ ପୁନର୍ବାର ବୃଦ୍ଧି ଘଟି ତାହା ବାର୍ଷିକ ୪.୧୨ ନିୟୁତ ହେକ୍ଟରରେ ପହଞ୍ଚିଥିବା ମଧ୍ୟ ଚିନ୍ତାର କାରଣ ହୋଇଥାଏ। ପ୍ରକାଶ ଥାଉକି ବିଭିନ୍ନ ପ୍ରାନ୍ତରେ ଜଙ୍ଗଲ ସୃଷ୍ଟିର ଉଦ୍ୟମ ପ୍ରଗାଢ଼ ହୋଇଥିଲେ ହେଁ ଜଙ୍ଗଲ କ୍ଷୟର ଭରଣା କରିବା ଲାଗି ତାହା ଯଥେଷ୍ଟ ନୁହେଁ ଏବଂ ଜଙ୍ଗଲ ଆୟତନ ବୃଦ୍ଧି ସବୁ ପ୍ରାନ୍ତରେ ସମାନୁପାତିକ ନୁହେଁ ମଧ୍ୟ। ଅଳ୍ପ କିଛି ଦେଶର ଉନ୍ନତ ପ୍ରଦର୍ଶନ ହେତୁ ଦୃଶ୍ୟପଟ ଆଂଶିକ ଆଶ୍ୱାସନାମୂଳକ ହୋଇଥାଏ।



ଦ୍ୱିତୀୟ ରିପୋର୍ଟ ଅର୍ଥାତ୍ ଫରେଷ୍ଟ ଡିକ୍ଲେୟାରେଶନ ଆସେସ୍‌ମେଣ୍ଟ ରିପୋର୍ଟ ୨୦୨୫ ଦର୍ଶାଇଥାଏ କିଭଳି ଜଙ୍ଗଲ କ୍ଷୟଜନିତ ଉଦ୍‌ବେଗଜନକ ସ୍ଥିତିର ମୁକାବିଲା ସକାଶେ ବୈଶ୍ୱିକ ଉଦ୍ୟମ ଆଦୌ ଯଥେଷ୍ଟ ନୁହେଁ। ଏହି ରିପୋର୍ଟ ୟୁଏନ୍‌ଡିପିର ତତ୍ତ୍ୱାବଧାନରେ ଗୋଟିଏ ସ୍ୱେଚ୍ଛାସେବୀ ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ। ତାହା କହିଛି ଯେ ୨୦୧୪ ମସିହାର ନ୍ୟୁୟର୍କ ଘୋଷଣାନାମା ଏବଂ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହୋଇଥିବା 'କପ୍ ୨୬'ର ଘୋଷଣାନାମା ଅନୁସାରେ ୨୦୩୦ ମସିହା ସୁଦ୍ଧା ଜଙ୍ଗଲ କ୍ଷୟ ରୋକିବା ଏବଂ ଜଙ୍ଗଲ ରିକ୍ତ ୩୫୦ ନିୟୁତ ହେକ୍ଟର ଅଞ୍ଚଳରେ ପୁନର୍ଭରଣା କରିବାର ଲକ୍ଷ୍ୟ ପରାହତ ହେବା ଅନିବାର୍ଯ୍ୟ। କାରଣ ଜଙ୍ଗଲ ପୁନର୍ଭରଣା ଦିଗରେ ଅଗ୍ରଗତିର ସ୍ଥିତି ହେଉଛି ମାତ୍ର ୩୭ ଶତାଂଶ। ଏଥିରେ କୁହାଯାଇଛି ଯେ କେବଳ ୨୦୨୪ରେ ଜଙ୍ଗଲ କ୍ଷୟର ପରିମାଣ ହେଉଛି ୮.୧ ନିୟୁତ ହେକ୍ଟର। ଏଥିରୁ ସର୍ବାଧିକ ଅର୍ଥାତ୍ ୮୦% ହେଉଛି ବିଷୁବ ମଣ୍ଡଳୀୟ ଅଞ୍ଚଳରେ। ବିଷୁବ ମଣ୍ଡଳୀୟ ଜଙ୍ଗଲଗୁଡ଼ିକର ଜୈବ ବିବିଧତା ସଘନ ହୋଇଥିବା ଦୃଷ୍ଟିରୁ ବିକଳ୍ପଶୂନ୍ୟ ଏବଂ ତହିଁରେ କ୍ଷତି ଉଦ୍‌ବେଗଜନକ। ଏହି ରିପୋର୍ଟ ଅନୁସାରେ ଜଙ୍ଗଲ କ୍ଷୟର କାରଣ ଭାବେ ଯାହା ସର୍ବାଗ୍ରେ ରହିଛି, ତାହା ସମସ୍ତଙ୍କୁ ବିସ୍ମିତ କଲା ଭଳି କୃଷିର ଅଭିବୃଦ୍ଧି ଅର୍ଥାତ୍ ଚାଷବାସ ଓ ପ୍ରାଣୀପାଳନ ସକାଶେ ଯେଉଁ ବୃକ୍ଷ ଛେଦନ ହେଉଛି ତାହା ସମୁଦାୟ ଜଙ୍ଗଲ କ୍ଷୟର ୮୬ ପ୍ରତିଶତ।

ଆମେ ସମସ୍ତେ ଏଥିରେ ସମର୍ଥନ କରିବା ଯେ ବାସ୍ତବରେ ଜଙ୍ଗଲ କ୍ଷୟ ଆଶାତୀତ ଭାବେ ହେଉଛି। ଗୋଟିଏ ପଟେ ଖାଦ୍ୟ ଅଧିକାର କ୍ଷେତ୍ରକୁ ଦେଖିଲେ ପୃଥିବୀର ପ୍ରତ୍ୟେକ ମନୁଷ୍ୟ ଲାଗି ଖାଦ୍ୟର ନିରନ୍ତର ବୃଦ୍ଧି ନିମିତ୍ତ ବିଶେଷକରି କୃଷି ଓ ପ୍ରାଣୀପାଳନ କ୍ଷେତ୍ର ନିମନ୍ତେ ସମତଳ ଭୂମି ଦରକାର ପଡ଼ିବ। ଯାହାକି ଜଙ୍ଗଲ ନଷ୍ଟ ହେବ ବା ଜଙ୍ଗଲ ବିଲୁପ୍ତି ହେବାର ପ୍ରଥମ ପାହାଚ କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀର ଖାଦ୍ୟ ଚାହିଦାରେ ବାର୍ଷିକ ୧.୩% ହାରରେ ବୃଦ୍ଧି ପରିଲକ୍ଷିତ ହେଉଛି। ପ୍ରାକୃତିକ ଜଙ୍ଗଲ ଯେଉଁପରି ଭାବରେ ନଷ୍ଟ ହେଉଛି କୌଣସି ପରିସ୍ଥିତିରେ କୃତ୍ରିମ ଉପାୟରେ ଜଙ୍ଗଲ ବା ପରିବେଶର ଘନତା ସୃଷ୍ଟି କରିବା ସମ୍ପୂର୍ଣ୍ଣ ବୃଥା। ସେହିପରି ଜଙ୍ଗଲରେ ମଧ୍ୟ ଖାଦ୍ୟ ଓ ଖାଦକ ଗୋଟିଏ ସ୍ଥାନରେ ରହୁଥିଲେ ମଧ୍ୟ ଜଙ୍ଗଲ ଏକ ଭାରସାମ୍ୟ ରକ୍ଷା କରନ୍ତି। ବର୍ତ୍ତମାନ ସମୟରେ ପୂର୍ବପରି ପ୍ରାଣୀମାନଙ୍କ ଶିକାର କିଛିକାଂଶରେ କମିଛି କିନ୍ତୁ ବୃକ୍ଷରୋପଣ ଯେପରି ଭାବରେ ହେବା କଥା ସେପରି ହେଉନାହିଁ। ପରିସଂଖ୍ୟାନର ତଥ୍ୟ ମୁତାବକ ଜଙ୍ଗଲ କ୍ଷୟ ପାଇଁ ଜୈବ ବିବିଧତା ଉପରେ ଗୁରୁତ୍ୱ ଦେବା ସର୍ବାଦୌ ବାଞ୍ଛନୀୟ।

**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ: ୯୪୩୭୨୫୭୧୨୩**

## ଏଇ ଭାରତରେ

ଦିଲ୍ଲୀ–ଏନ୍‌ସିଆର, ଉତ୍ତରପ୍ରଦେଶ, ହରିୟାଣା ଏବଂ ଗୁଜରାଟର ୨୦ଟି ସରକାରୀ ଓ ୮ଟି ଘରୋଇ ସ୍କୁଲରେ ପିଲାମାନେ ଚାଷକରି ପରିବା ଉତ୍ପାଦନ କରିବାକୁ ସକ୍ଷମ ହୋଇପାରିଛନ୍ତି। ଏହା ସମ୍ଭବ ହୋଇଛି ପ୍ରଗତି ଚାଣ୍ଡାଲଙ୍କ ଅର୍ବାନ ଫାର୍ମିଂ ମିଶନ ଦ୍ୱାରା। ଏବେ ସୁଦ୍ଧା ସେ ୭୮,୦୦୦ ପିଲାଙ୍କୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଦେଇସାରିଲେଣି। । ପିଲାଙ୍କୁ ଚାଷ କରିବାରେ ବି ସେ ସହଯୋଗ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନେ ପୁସ୍ତକ ଜ୍ଞାନ ହାସଲ କରିବା ସହ ପ୍ରକୃତି ସହ ଜଡ଼ିତ ହେଉଛନ୍ତି। ସାରା ଜୀବନ ପାଇଁ ଏକ ଉପଯୋଗୀ ଅଭ୍ୟାସକୁ ଆପଣାଇପାରୁଛନ୍ତି। ଚାଣ୍ଡାଲ ଶୋ ଗୁଡ୍ ଫାଉଣ୍ଡେଶନ ଗଠନ କରି ୨୦୧୭ରୁ ଏହି କାର୍ଯ୍ୟ ଜାରି ରଖିଛନ୍ତି। ୨୦୧୮ରେ ସରକାରୀ ସ୍କୁଲଗୁଡ଼ିକର ଭାଗୀଦାରିରେ ପିଲାଙ୍କ ପାଇଁ ଏକ ସମନ୍ୱିତ ପାଠ୍ୟକ୍ରମ ଗଢ଼ିଥିଲେ, ଯେଉଁଥିରେ ସମୟସାରଣୀରେ କୃଷିକୁ ସିଧାସଳଖ ଯୋଡ଼ି ପାରିଥିଲେ। ଶିକ୍ଷକ ଓ ପିଲାମାନେ ସ୍କୁଲରେ ପନିପରିବା ଚାଷ କରୁଛନ୍ତି । ସ୍କୁଲ ଛାତ ଉପରେ ବଗିଚା ମଧ୍ୟ କରୁଛନ୍ତି। ଏହାଦ୍ୱାରା ପିଲାମାନେ ଚାଷ ପଦ୍ଧତି, ସମୟ ଓ ଉତ୍ପାଦନ ସମ୍ପର୍କିତ ଜ୍ଞାନ ପାଉଚନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୩୦ ମାର୍ଚ୍ଚ ୧୯୭୭

- ଲୋକସଭା ସଦସ୍ୟ ସୁବ୍ରମନ୍ୟମ ସ୍ୱାମୀଙ୍କ ଉପରେ ରହିଥିବା ସମସ୍ତ ଅଭିଯୋଗକୁ ଡିରେକ୍ଟରେଟ୍ ଅଫ୍ ଏନ୍‌ଫୋର୍ସମେଣ୍ଟ ବିଚାରାଳୟର ଅନୁମତି ନେଇ ପ୍ରତ୍ୟାହାର କରିଦେଇଛନ୍ତି।
- ଜମ୍ମୁ ଓ କଶ୍ମୀର ବିଧାନସଭାକୁ ଭାଙ୍ଗିଦେବ ସମ୍ପର୍କରେ ଡକ୍ଟର କରଣ ସିଂହ ଲୋକ ସଭାରେ ମୁଲତବି ପ୍ରସ୍ତାବ ଆଗତ କରିଛନ୍ତି।

## ଚିରନ୍ତନୀ

ଦୂରଦେଶୁ ପରବାସୀ
ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ
ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କୁ ଘରଡ଼ିହ

ମହାଶୟ,

ହୀରାକୁଦ ନଦୀବନ୍ଧ ନିର୍ମାଣ ହେବା ପରେ ବିଦ୍ୟୁତ ଉତ୍ପାଦନ ଓ ଜଳସେଚନର ସୁବିଧା ହୋଇପାରିଛି। ମହାନଦୀ ଓ ଏହାର ଶାଖା ନଦୀର ବନ୍ୟା ଦାଉରୁ ଜନସାଧାରଣ ସୁରକ୍ଷିତ ହୋଇଛନ୍ତି। ଏହି ନଦୀବନ୍ଧ ନିର୍ମାଣ ସମୟରେ ବହୁ ପରିବାର ବିସ୍ଥାପିତ ହୋଇଥିଲେ। ସେମାନେ ଦୀର୍ଘ ୭୦ ବର୍ଷ ପରେ ନ୍ୟାଯ୍ୟ ଅଧିକାର ଘରଡିହ ପାଇପାରିବେ। ସେମାନଙ୍କୁ ଅସ୍ଥାୟୀ ଭାବେ ଥଇଥାନ କରାଯାଇଥିଲା। ନିଜସ୍ୱ ଜାଗା ମିଳି ନ ଥିଲା। ଲୋକେ ବିସ୍ଥାପିତ ହେବା ପରେ କେତେକଙ୍କୁ ସହାୟତା ଦିଆଯାଇଥିଲା। ହେଲେ ତାହା ସେମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିପାରୁ ନ ଥିଲା। ସରକାରଙ୍କ ଏଭଳି ନିଷ୍ପତ୍ତି ବିସ୍ଥାପିତଙ୍କ ପରିବାରର ବିକାଶରେ ସହାୟକ ହୋଇପାରିବ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାମ ନ କରିବାରୁ ନାବାଳିକାଙ୍କୁ ଚେଙ୍କ

## ନାବାଳିକା ଉଦ୍ଧାର, ଦମ୍ପତି ଥାନାରେ ଅଟକ

### ପ୍ରତି ମାସରେ ପରିବାର ଲୋକଙ୍କୁ ଦେଉଥିଲେ ୨ହଜାର ଟଙ୍କା

ଭୁବନେଶ୍ୱର,୨୯।୩(ତ୍ରିନାଥ ମହାନ୍ତି)



ଘର କାମ ନ କରିବାରୁ ନାବାଳିକାଙ୍କୁ ଚେଙ୍କ ସହ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳରୁ ଏଭଳି ଘଟଣା ପଦାକୁ ଆସିଛି। ରବିବାର ନାବାଳିକାଙ୍କୁ ଖଡ଼ିକାରେ ମାଡ଼ ମାରିବା ସହ ଚେଙ୍କ ଦେବାରୁ ସେ ଘରୁ କାନ୍ଦି କାନ୍ଦି ବାହାରକୁ ପଳାଇ ଆସିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ରୁଚିକା ସମାଜ ମଙ୍ଗଳ ସଂଗଠନକୁ ଖବର ଦେଇଥିଲେ। ସଂଗଠନର କର୍ମଚାରୀ ଶିଶୁକୁ ଉଦ୍ଧାର କରିବା ସହ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଚାଇଲ୍ଡ ଲାଇନ୍ ପହଞ୍ଚି ଶିଶୁର ଉଦ୍ଧାର କରିବା ସହ ବୟାନ ରେକର୍ଡ କରିଛି। ଏଥିସହ ପୋଲିସ କେସ୍ ନଂ-୨୯୪/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଶାରିରୀକ ଏବଂ ମାନସିକ ନିର୍ଯାତନା ଦେଉଥିବା ଉମେଶ ଚନ୍ଦ୍ର ସାମଲ ଏବଂ ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନାନୁସାରେ, ନାବାଳିକାଙ୍କ ଘର କେଉଁଝର ଜିଲାରେ ହୋଇଥିବାବେଳେ ତାଙ୍କ ବାପା ଓ ମା' ଉମେଶଙ୍କ ଘରେ କାମ କରୁଥିଲେ। ସେମାନେ କାମ ଛାଡି ଦେବାପରେ ତାଙ୍କ ନାବାଳିକା ଝିଅ ସେଠାରେ ପ୍ରାୟ ଦେଢ଼ବର୍ଷ ହେବ କାମ କରୁଥିଲେ। ଝିଅଟି ପାରିଶ୍ରମିକ ବାବଦକୁ ତା'ର ବାପାଙ୍କୁ ମାସିକ ୨ହଜାର ଟଙ୍କା ଦେଉଥିଲେ। ତେବେ ଘରର ସବୁ କାମ କଲାପରେ ମଧ୍ୟ ଉମେଶ ବିଭିନ୍ନ ଆଳ ଦେଖାଇ ପିଲାଟିକୁ ନିସ୍ତୁକ ପିଟୁଥିଲେ। ତତଲା ଲୁହା ଖଡିକାରେ ଚେଙ୍କ ଦେଉଥିଲେ। ରବିବାର ପ୍ରବଳ ମାଡ଼ ସହ ଚେଙ୍କ ସହି ନ ପାରି ତାଙ୍କର ମାଡ ସହି ନ ପାରି ଝିଅଟି ଘରୁ ପଳାଇ ଆସି ବାଟରେ କାନ୍ଦି କାନ୍ଦି ଯାଉଥିବା ସମୟରେ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ଝିଅଟିର ଶରୀରର ବହୁ ସ୍ଥାନରେ ମାଡ ଓ ଚେଙ୍କ ଦାଗ ଥିବା ଦେଖି ସନ୍ଦେହରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଓ ପୋଲିସକୁ ଜଣାଇଥିଲେ। ରୁଚିକା ତରଫରୁ ଥାନାରେ ଏତଲା ଦିଆଯାଇଛି। ଝିଅଟିର ଥଇଥାନ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ରୁଚିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି କହିଛନ୍ତି।

# ସମ୍ପତ୍ତି ବିବାଦରେ ବଡ଼ଭାଇଙ୍କୁ ହତ୍ୟା: ୨ ଭାଇ ଗିରଫ

କୋରାପୁଟ/ନାରାୟଣପାଟଣା,୨୯।୩
(ଅମିତାଭ ବେହେରା/ରାଜକିଶୋର ଜେନା)

ଜମି, ସମ୍ପତ୍ତି ବଣ୍ଟାକୁ ନେଇ ବଡ଼ଭାଇଙ୍କୁ ହତ୍ୟା କରିଥିବା ୨ ସାନଭାଇଙ୍କୁ କୋରାପୁଟ ଜିଲା ନାରାୟଣପାଟଣା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନାରାୟଣପାଟଣା ଥାନା ଅଧୀନ ତେନ୍ତୁଲିପଦର ପଞ୍ଚାୟତ କେନ୍ଦୁମୁଣ୍ଡା ଗ୍ରାମର କାର୍ଲା ହୁଇକା ଓ ଲିଙ୍ଗୁ ହୁଇକା। ଏନେଇ ଥାନାରେ ଖବରଦାତା ସମ୍ମିଳନୀ କରି ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ ବେହେରା ରବିବାର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, କେନ୍ଦୁମୁଣ୍ଡା ଗ୍ରାମର ବିକ୍ରୁନୁ ହୁଇକାଙ୍କ ୪ ପୁଅଙ୍କ ମଧ୍ୟରୁ ବଡ଼ପୁଅ ପାଲସୁ ହୁଇକା(୪୦)ଙ୍କ ନାମରେ ସମସ୍ତ ସମ୍ପତ୍ତି ରହିଥିଲା। ୨ ସାନଭାଇ



ଗିରଫ ୨ ଅଭିଯୁକ୍ତ।

ସମ୍ପତ୍ତିରୁ ଭାଗ ନେବା ପାଇଁ ପୂର୍ବରୁ ବିବାଦ କରୁଥିଲେ। ଗତ ୨୭ ତାରିଖ ସନ୍ଧ୍ୟାରେ ଧାର ନେଇଥିବା ଟଙ୍କାକୁ ନେଇ ପାଲସୁ ତାଙ୍କ ସାନଭାଇମାନଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଭାଇମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଏହା ହିଂସାର ରୂପ ନେଇଥିଲା। ୨ ସାନଭାଇ ମିଶି ପାଲସୁଙ୍କୁ ଗାମୁଛାରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ପରେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପାଲସୁଙ୍କ ମୃତ୍ୟୁ ହୋଇଥିଲା। ପାଲସୁଙ୍କ ସ୍ତ୍ରୀ ତୁଳସୀ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ବେଳେ ୨ ଭାଇ ତାଙ୍କୁ ଧମକ ଦେଇଥିଲେ। ଏ ନେଇ ତୁଳସୀ ନାରାୟଣପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ କାର୍ଲା ଓ ଲିଙ୍ଗୁଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ୨ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଏବଂ ନାରାୟଣପାଟଣା ଥାନାଧିକାରୀ ମମତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗୀ-ଚୌଦ୍ୱାର ଆର୍‌ଆଇ ଗିରଫ

## ମ୍ୟୁଟେଶନ କେସ୍‌ରେ ୩୦,୦୦୦ ଲାଞ୍ଚ

କଟକ/ଚୌଦ୍ୱାର,୨୯।୩(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ଆର୍‌ଆଇ ରାଜାରାମ ବାନ୍ଦ୍ରା ଭିଜିଲାନ୍ସ ଦ୍ୱାରା ରବିବାର ଗିରଫ ହୋଇଛନ୍ତି। ଏକ ଜମିର ମ୍ୟୁଟେଶନ କେସ୍‌ରେ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ସୂଚନାନୁସାରେ, ଜଣେ ବ୍ୟକ୍ତି ତାଙ୍କ ପତିତ କିସମ ଜମିକୁ ଘରବାରି କିସମକୁ ପରିବର୍ତ୍ତନ କରିବା ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ତହସିଲରେ ଅନ୍‌ଲାଇନ ମାଧ୍ୟମରେ ଏକ ମ୍ୟୁଟେଶନ କେସ୍ ୨୦୨୬ ମାର୍ଚ୍ଚ ୧୦ରେ ଫାଇଲ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଗାଇଡ୍‌ଲାଇନ ଅନୁସାରେ ଆବେଦନକାରୀ ବ୍ୟକ୍ତି ଏଥିପାଇଁ ଆବେଦନ କରିଥିଲେ। ଏହାପରେ ଆର୍‌ଆଇ ବାନ୍ଦ୍ରା ଆବେଦନକାରୀଙ୍କୁ ଯୋଗାଯୋଗ କରି ମାର୍ଚ୍ଚ ୨୯ ତାରିଖ (ରବିବାର) ଆର୍‌ଆଇ ଅଫିସକୁ ଆସିବା ବେଳେ ୩୦,୦୦୦ ଟଙ୍କା ସାଙ୍ଗରେ ନେଇ ଆସିବାକୁ କହିଥିଲେ। ଟଙ୍କା ନ ଆଣିଲେ ସେ ଆବେଦନକାରୀ ସପକ୍ଷରେ ରିପୋର୍ଟ ଦେବେ



ଆର୍‌ଆଇ ରାଜାରାମ ବାନ୍ଦ୍ରା।

ନାହିଁ ବୋଲି ଧମକ ମଧ୍ୟ ଦେଇଥିଲେ। ଏଭଳି ଧମକ ଶୁଣି ଆବେଦନକାରୀ କୌଣସି ଉପାୟ ନ ପାଇ ଏ ବାବଦରେ ଭିଜିଲାନ୍ସରେ ଜଣାଇଲେ। ଯୋଜନା ମୁତାବକ ସେ ଅଫିସ୍‌କୁ ଆସି ୩୦,୦୦୦ ଟଙ୍କା ଲାଞ୍ଚ ଅର୍ଥ ଆର୍‌ଆଇଙ୍କୁ ପ୍ରଦାନ କଲେ। ଏହି ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିବା ସହ ତାଙ୍କଠାରୁ ଲାଞ୍ଚ ୩୦,୦୦୦ ଟଙ୍କା ଜବତ କରିଥିଲେ। ଏନେଇ କଟକ ଭିଜିଲାନ୍ସରେ ଏକ ମାମଲା (ନଂ.୧୩/୨୦୨୬) ରୁଜୁ ହୋଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆର୍‌ଆଇଙ୍କ ଦୁଇଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଭିଜିଲାନ୍ସ ଉଭୟ ସ୍ଥାନରେ ତନଖି ଚଳାଇବା ସହ ତଦନ୍ତ ଚାଲୁ ରହିଥିବା ଜଣାଯାଇଛି।

# ଶିମିଳିପାଳରୁ ଶିକାରୀ ଗିରଫ, ବନ୍ଧୁକ ଜବତ

ବାରିପଦା,୨୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜା ଯାଇଥିବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ କଏଦ ଫଟୋଚିତ୍ରକୁ ନେଇ ବନ ବିଭାଗ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ କପ୍ତିପଦା ଥାନା ଅଧୀନ ଜେ.ଏସ୍. ଜାମଡିହା ଗ୍ରାମର ଦଶରଥ ସିଂ (୫୦)। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୧୮୦ ଗ୍ରାମ ବିସ୍ଫୋରକ, ସାଇକେଲ ବଲ୍, ପିନ୍ ଓ ମାଚିସ ବାକ୍ସ ପରି ଶିକାର ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତଙ୍କ



ବନ ବିଭାଗ ଦ୍ୱାରା ଗିରଫ ଶିକାରୀ ଓ ଜବତ ବନ୍ଧୁକ।

ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଜଙ୍ଗଲ ମଧ୍ୟରେ ଲାଗିଥିବା ଏଆଇ କ୍ୟାମେରାରୁ ବନ ବିଭାଗ ନିକଟକୁ ଏକ ଫଟୋ ଆସିଥିଲା। ଏହି ସୂଚନା ପାଇବା ମାତ୍ରେ ପୋଡ଼ାଡ଼ିହା ରେଞ୍ଜର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ାଉ କରିଥିଲା। ବନ କର୍ମଚାରୀମାନେ ଜଙ୍ଗଲରେ ଛପି ରହିଥିବାବେଳେ ଜଣେ ବ୍ୟକ୍ତି ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚତୁରତାର ସହ ବନ ବିଭାଗ ଟିମ୍ ଦଶରଥଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହି ଶିକାରୀ ଦଳରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେ ନେଇ ବନ ବିଭାଗ ତଦନ୍ତ ଜାରି ରଖିଥିବା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।




# ଦୋଳମଣ୍ଡପରେ ମାଂସ ଭୋଜିକୁ ବିରୋଧ କରିବାରୁ ଗଣ୍ଡଗୋଳ

## ରାସ୍ତାରୋକୋ କଲେ ଗ୍ରାମବାସୀ

ଭଦ୍ରକ,୨୯।୩
(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ନାଥସାହି ଦୋଳ ମଣ୍ଡପରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେଜଣ ଯୁବକ ରବିବାର ଅପରାହ୍ନରେ ମଦ ପିଇବା ସହ ମାଂସ ଭୋଜି କରିବା ଘଟଣାକୁ ବିରୋଧ କରିବାରୁ ଗଣ୍ଡଗୋଳ ଘଟିଛି। ସୂଚନା ଅନୁଯାୟୀ, ସେହି ଯୁବକମାନେ ଦୋଳ ମଣ୍ଡପରେ ମଦ ପିଉଥିବା ଓ ମାଂସ ଖାଉଥିବା ବେଳେ ଗ୍ରାମର ୨ଜଣ ଯୁବକ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣାକୁ ନେଇ ନାଥସାହି ଓ ବେହେରାସାହିର ଲୋକମାନେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ମିର୍ଜାପୁର ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରୋକୋ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିବାରୁ ରାସ୍ତାର ଉଭୟପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସିଟି ଡିଏସ୍‌ପି ଅନିଲ ପ୍ରଧାନ, ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ ଓ ସାବରଙ୍ଗ ଥାନାଧିକାରୀ ଶାନ୍ତନୁ ଜେନା ସେଠାରେ ପହଞ୍ଚି ଆଲୋଚନା କରିଥିଲେ। ମଣ୍ଡପ ଚତୁଃପାର୍ଶ୍ୱରେ ସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ ସହ ଅସାମାଜିକ ଯୁବକମାନଙ୍କ ଗତିବିଧି ଉପରେ ନଜର ରଖିବାକୁ ଗ୍ରାମବାସୀ ଦାବି କରିଥିଲେ। ଅତିରିକ୍ତ ଏସ୍‌ପି ଫୋନ ମାଧ୍ୟମରେ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟା ବେଳେ ରାସ୍ତାରୋକୋ ହଟିଥିଲା। ଅତିରିକ୍ତ ଏସ୍‌ପି ବେହେରା କହିଛନ୍ତି, ସ୍ଥିତି ନିୟନ୍ତ୍ରଣାଧୀନ ଅଛି। ଗ୍ରାମବାସୀଙ୍କ ଦାବି ବିଷୟରେ ଜିଲା ପ୍ରଶାସନ ପଦକ୍ଷେପ ନେବ। ସେମାନେ ଜିଲାପାଳଙ୍କ ସହ ଏ ବିଷୟରେ ଆଲୋଚନା କରିବେ ବୋଲି କୁହାଯାଇଛି। ଏନେଇ ଥାନାଧିକାରୀ ସାହୁ କହିଛନ୍ତି, ମଣ୍ଡପରେ ବିୟର୍ କାର୍ଟୁନ ରହିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ଗ୍ରାମବାସୀ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସ୍ଥିତିକୁ ନଜରରେ ରଖି ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।






**ସାତକୋଶିଆରେ ଛାଡ଼ଗଲା ୧୨ ଘଡ଼ିଆଳ କୁମ୍ଭୀର**

ବାରଙ୍ଗ,(ଲିଙ୍ଗରାଜ ରାଉତ): ମହାନଦୀର ସାତକୋଶିଆ ଗଣ୍ଡରେ ରବିବାର ୧୨ଟି ଘଡ଼ିଆଳ କୁମ୍ଭୀର ଛାଡ଼ାଯାଇଛି। ଟିକରପଡା ଘଡ଼ିଆଳ କୁମ୍ଭୀର ଗବେଷଣା କେନ୍ଦ୍ରରୁ ୧ଟି ଓ ନନ୍ଦନକାନନରୁ ଶନିବାର ରାତିରେ ଯାଇଥିବା ୧୧ଟି ଘଡିଆଳ କୁମ୍ଭୀର ରହିଛନ୍ତି। ସମସ୍ତ କୁମ୍ଭୀରଙ୍କ ବୟସ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ। ଛାଡ଼ାଯାଇଥିବା କୁମ୍ଭୀରଙ୍କ ଗତିବିଧି ଜାଣିବା ପାଇଁ ଶରୀରରେ ଟ୍ରାନ୍ସମିଟର ଲଗାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ କହିଛନ୍ତି।

# ୫ ଲିଟରିଆ ଟାଙ୍କି ଧରି ବଜାରଠୁ ହାଟ ବୁଲୁଛନ୍ତି

## ହୋଟେଲରୁ କିଣି ଚଳୁଛନ୍ତି ଯୁବପିଢ଼ି

### ଗ୍ୟାସ୍ ଏଜେନ୍ସିଙ୍କ ଉପରେ ପୋଲିସ ରଖିଛି କଡ଼ା ନଜର: ଡିସିପି

ଭୁବନେଶ୍ୱର,୨୯।୩(ତ୍ରିନାଥ ମହାନ୍ତି)

ଏଲ୍‌ପିଜି ସିଲିଣ୍ଡର ପାଇବା ପାଇଁ ଏବେ ଗାଁଠୁ ସହର ସମସ୍ତେ ଡହଳବିକଳ। ଆଉ ଟାଙ୍କି ପାଇଗଲେ ଖୁସି କହିଲେ ନସରେ। ଯାହାଙ୍କ ଖାତା ଅଛି ବୁକ୍ କଲେ କିଛିଟା ମିଳିଯାଉଛି। କିନ୍ତୁ ବେଶି ହଇରାଣ ହେଉଛନ୍ତି ରାଜଧାନୀରେ ଆସି ପାଠ ପଢୁଥିବା ଛାତ୍ରୀଛାତ୍ର ଓ ଘରୋଇ ଚାକିରି କରୁଥିବା ଯୁବପିଢ଼ି। ସାଧାରଣତଃ ସେମାନେ ଭଡ଼ାରେ ରହୁଛନ୍ତି। ୫ଲିଟରିଆ ଟାଙ୍କି ରଖି ରୋଷେଇ କରିଥାଆନ୍ତି। ଟାଙ୍କିରୁ ଗ୍ୟାସ୍ ସରିଯିବା ପରେ ସେମାନେ ଏହାକୁ ବଜାରରୁ ଭରି ରୋଷେଇ କରୁଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧଜନିତ ସ୍ଥିତି ପାଇଁ ସରକାର ଗ୍ୟାସ୍ ଉପରେ କଟକଣା କରିଛନ୍ତି। ଗ୍ୟାସ୍ ଅଭାବରୁ ମେସ୍ ଓ ହଷ୍ଟେଲ୍‌ରେ ରହୁଥିବା ପିଲା ହଇରାଣ ହେଉଛନ୍ତି। ଯେଉଁଠାରେ ଗ୍ୟାସ୍ ଭରୁଥିଲେ ସେମାନେ ଏବେ ମନା କରି ଦେଉଛନ୍ତି। ଅନେକ ପିଲା ସହର ଛାଡ଼ି ଗାଁକୁ ପଳାଇ ଯାଉଥିବା ବେଳେ ଆଉ କିଛି ପିଲା ହୋଟେଲରୁ ଖାଦ୍ୟ ଆଣି ଜୀବନ ନିର୍ବାହ କରୁଛନ୍ତି । ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ପିଲାଙ୍କ କଷ୍ଟ ଆହୁରି ଅଧିକ। ହୋଟେଲରୁ ଅଧିକ ଦାମରେ ଖାଇବା ସେମାନଙ୍କୁ ବାଧୁଛି। ଗ୍ୟାସ୍ ସଙ୍କଟ ଦର୍ଶାଇ ହୋଟେଲବାଲା ମିଲ୍ ଦାମ ବଢ଼ାଇ ଦେଇଛନ୍ତି। ଦିନକୁ ପାଖାପାଖି ୨ଶହ ଟଙ୍କା ଦେଇ ମିଲ୍ ଖାଉଥିବାରୁ ସେମାନଙ୍କୁ ବାଧୁଥିବା ଏକାଧିକ ହଷ୍ଟେଲ ପିଲା କହିଛନ୍ତି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା କପଡ଼ା କମ୍ପାନୀ ଓ ଅନ୍ୟ କମ୍ପାନୀରେ ଚାକିରି କରୁଥିବା ଯୁବତୀଯୁବକ ମଧ୍ୟ ହଇରାଣ ହେଉଛନ୍ତି। ସେମାନେ ସ୍ୱଳ୍ପ ଦରମା ପାଉଥିବାରୁ ୫ଲିଟିରିଆ ଗ୍ୟାସ୍ ରଖି ରୋଷେଇ କରୁଥିଲେ। କିନ୍ତୁ ଗ୍ୟାସ୍ ମିଳୁ ନ ଥିବାରୁ ସେମାନେ ମଧ୍ୟ ଖାଇବା ପାଇଁ ଡହଳବିକଳ ହେଉଛନ୍ତି।

ଅନ୍ୟପଟରେ ଯେଉଁମାନେ ଗ୍ୟାସ୍ ବୁକ୍ କରୁଛନ୍ତି, ସେମାନେ ସିଲିଣ୍ଡର ପାଇଁ ଲମ୍ବା ଲାଇନ୍‌ରେ ରହୁଛନ୍ତି। ଘଣ୍ଟା ଘଣ୍ଟା ଅପେକ୍ଷା କଲେ କେତେକଙ୍କୁ ଗ୍ୟାସ୍ ମିଳୁଛି। ଆଉ କେତେକ ସ୍ଥଳେ ଗ୍ୟାସ୍ ଡେଲିଭରି ମେସେଜ୍ ଆସୁଥିବା ବେଳେ କିନ୍ତୁ ଘରେ ଡେଲିଭରି ହେଉନି। ଏହାକୁ ନେଇ ଶନିବାର ଏୟାରଫିଲ୍ଡ ଥାନା ଆଗରେ ହୋ ହାଲ୍ଲା ହୋଇଥିବା ଦେଖିବାକୁ ମିଳିଛି। ଡହ ଡହ ଖରାରେ ରୋଷେଇ ପାଇଁ ମୁଣ୍ଡରେ କାଠ ଲଦି ଶ୍ରମିକ ଯାଉଥିବା ଦୃଶ୍ୟ ରାଜଧାନୀରେ ଦେଖାଗଲାଣି।

ଗ୍ୟାସ ସଙ୍କଟ ପାଇଁ କେବଳ ଯେ ଖାତା ଥିବା ଉପଭୋକ୍ତା ଦହଗଞ୍ଜ ହେଉଛନ୍ତି ତା ନୁହେଁ, ବଜାରରୁ ଖୁଚୁରା ଦରରେ ଅଳ୍ପ କିଛି କିଲୋ ଗ୍ୟାସ୍ କିଣି କିମ୍ବା ୫ କେଜିଆ ସିଲିଣ୍ଡର ରଖି ବହୁ ଛାତ୍ରଛାତ୍ରୀ, ଶ୍ରମିକ ଶ୍ରେଣୀର ଲୋକ ଏବଂ ବ୍ୟାଚଲରମାନେ ରୋଷେଇ କରିଥାନ୍ତି । ଏବେ ବଜାରରେ ଗ୍ୟାସ୍ କେଜି ସାଢ଼େ ୩ଶହରୁ ୪ଶହ ଟଙ୍କା ହୋଇଯାଇଥିବା ଦେଖିବାକୁ ମିଳିଲାଣି ।

ଗ୍ୟାସ୍ ଅଭାବ ନେଇ ଡିସିପି ଜଗମୋହନ ମୀନାଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ ଗ୍ୟାସ୍ ଏଜେନ୍ସି ଉପରେ ନଜର ରଖିବାକୁ ଥାନା ଅଧିକାରୀମାନଙ୍କୁ କୁହାଯାଇଛି। ବେଆଇନ ମହଜୁଦକାରୀ ଓ କଳାବଜାର କରୁଥିବା ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



**ବାଧ୍ୟ ହୋଇ ଗାଁକୁ ଫେରିଯିବୁ**

ଆମେ ୫ଲିଟରିଆ ଟାଙ୍କି ନେଇ ରୋଷେଇ କରୁଥିଲୁ। ଏବେ ସେହି ଟାଙ୍କି ଧରି ବୁଲିଲେ ମଧ୍ୟ ଗ୍ୟାସ୍ ମିଳୁନି। ବାଧ୍ୟ ହୋଇ ଆମେ ଗାଁକୁ ଫେରିଯିବୁ। ଏଠାରେ ଆମେ ମେସ୍‌ରେ ରହୁଥିଲୁ।

**–ପ୍ରିୟଙ୍କା ମହାନ୍ତି, ହଷ୍ଟେଲ ଅନ୍ତେବାସୀ**



**ଆମେ ଖାଇବୁ କ'ଣ**

ଆମେ ଏଠାରେ ହଷ୍ଟେଲରେ ରହି ଘରୋଇ ସଂସ୍ଥାରେ ଚାକିରି କରୁଛୁ। କିନ୍ତୁ ଆମେ ଗ୍ୟାସ୍ ପାଇଁ ଖାତା କରି ନ ଥିଲୁ। ସେଥିପାଇଁ ବଜାରରୁ ୫ଲିଟରିଆ ଟାଙ୍କିରେ ଗ୍ୟାସ୍ ଭରି ଚଳୁଥିଲୁ। ଏବେ ଗ୍ୟାସ୍ ନ ମିଳିବାରୁ ଆମେ ଖାଇବୁ କ'ଣ।

**–ବୈଶାଳୀ ମହାନ୍ତି, ମେଶ୍‌ରେ ରହୁଥିବା ପିଲା**



**କାଠଚୁଲାରେ ରୋଷେଇ କରିବୁ**

ଆମେ ଚଳିବା ପାଇଁ କାକୁତିମିନତି କରି ଖୋଲାରେ ୨ରୁ ୩ଲିଟର ଗ୍ୟାସ୍ ଭରୁଛୁ। କିନ୍ତୁ ଗ୍ୟାସ୍ ମିଳୁ ନ ଥିବାରୁ ଲିଟର ପିଛା ୪ଶହ ଟଙ୍କା ନେଉଛନ୍ତି ଦୋକାନୀ। ତାହା ଅପେକ୍ଷା କାଠ ଚୁଲାରେ ରୋଷେଇ କରିବୁ, ଆଉ କିଛି ଉପାୟ ନାହିଁ।

**–ସଞ୍ଜୁକ୍ତା ସାହୁ, ଗୃହିଣୀ**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଠାରେ ଚାଲିଥିବା ଜାତୀୟ ଓଡ଼ିଶୀ ମହୋତ୍ସବ 'ପୂର୍ବରଙ୍ଗ'ର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ବଙ୍ଗଳା ନାଟକ 'ଅନୁକୂଳ ଅଟୋପର'ର ଏକ ଦୃଶ୍ୟ।

# ଦୋକାନ ମାଲିକଙ୍କ ସହ ୨ ଗିରଫ

## ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ଘଟଣା

ଭୁବନେଶ୍ୱର,୨୯।୩(ତ୍ରିନାଥ ମହାନ୍ତି)

କଳିଙ୍ଗନଗରରେ ଗ୍ୟାସ୍ ଫିଲିଂ ବେଳେ ବିସ୍ଫୋରଣ ଘଟଣାରେ ଭରତପୁର ଥାନା ପୋଲିସ ଦୋକାନ ମାଲିକଙ୍କ ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନନ୍ଦବନ ନିକଟରେ ରହୁଥିବା ବିଭୂପ୍ରସାଦ ଭୂୟାଁ ଏବଂ ସୁକାନ୍ତ ବେହେରା। ସେମାନଙ୍କ ନିକଟରୁ ୧୬ ଗ୍ୟାସ୍ ଟାଙ୍କିକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖ ୧୧ଟା ୩୦ରେ କଳିଙ୍ଗ ନଗରର ଏକ ଦୋକାନରେ ବଡ଼ ସିଲିଣ୍ଡରରୁ ଛୋଟ ସିଲିଣ୍ଡରକୁ ଗ୍ୟାସ୍ ରିଫିଲିଂ କରାଯାଉଥିଲା। ଅସାବଧାନତା କାରଣରୁ ଗ୍ୟାସ୍ ଲିକ୍ ହୋଇ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ଦେବାଶିଷ ପାତ୍ର ନାମକ ଜଣେ ବ୍ୟକ୍ତି ଗୁରୁତର ଭାବେ ପୋଡ଼ି ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ବିଭୁପ୍ରସାଦ ଏକ ବିଦ୍ୟୁତ ମରାମତି ଦୋକାନ ଚଲାଇବା ବାହାନାରେ ଭଡ଼ାରେ ଦୋକାନ ନେଇ ବେଆଇନ ଭାବରେ ଏଲ୍‌ପିଜି ଫିଲିଂ କରୁଥିଲେ। ଏହି କାମ ପାଇଁ ଦେବାଶିଷ ପାତ୍ରଙ୍କୁ ନିୟୋଜିତ କରିଥିଲେ। ଅଭିଯୁକ୍ତ ସୁକାନ୍ତ ବେହେରା ଆଇଗିଣିଆ ଅଞ୍ଚଳର ଅନ୍ନପୂର୍ଣ୍ଣା ଗ୍ୟାସ ଏଜେନ୍ସିରୁ ବେଆଇନ ଭାବରେ ଏଲପିଜି ସିଲିଣ୍ଡର ଯୋଗାଣ କରି ଏହି କାର୍ଯ୍ୟକୁ ସହଜ କରୁଥିଲେ। ଉଭୟ ଅଭିଯୁକ୍ତ ଅଧିକ ଦରରେ ଏଲ୍‌ପିଜିର ଅନଧିକୃତ ଡିକାଣ୍ଟିଂ ଏବଂ ବିକ୍ରୟରେ ଲିପ୍ତ ଥିବା ଜଣାପଡିଛି। ଆଇଗିଣିଆ ବଜାର ନିକଟରୁ ଅଭିଯୁକ୍ତମାନଙ୍କୁ ରବିବାର ଗିରଫ କରାଯାଇଥିଲା। ଅଭିଯୁକ୍ତ ବିଭୁ ପ୍ରସାଦ ଭୂୟାଁ ଏଲ୍‌ପିଜି ପରିଚାଳନା ଏବଂ ବଣ୍ଟନ ପାଇଁ କୌଣସି ବୈଧ ଲାଇସେନ୍ସ କିମ୍ବା ଅନୁମତି ନ ପାଇ ବେଆଇନ ଭାବେ ବେପାର ଚଳାଇଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ବରପୁତ୍ରଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ପିଲାମାନେ ଶିକ୍ଷା ଗ୍ରହଣ କରନ୍ତୁ। ଏଥିସହ ତାଙ୍କ ଭଳି ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଥିଲେ। ସଂସ୍କୃତି ବିଭାଗର ପୂର୍ବତନ ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ବିପ୍ଳବୀ ଲକ୍ଷ୍ମଣଙ୍କ ବଳିଦାନ ସମ୍ପର୍କରେ ମତ ରଖିଥିଲେ। ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଯୁଗ୍ମ–ସମ୍ପାଦକ ଶିଦ୍ଧାର୍ଥ ଶଙ୍କର ଗଡନାୟକ, କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ, ଶଶି ଭୂଷଣ ଦାସ, ଧରଣୀଧର ରାଉତଙ୍କ ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶହୀଦ୍ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

ଶହୀଦ୍ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, କଳିଙ୍ଗ ହସ୍ପିଟାଲ ଛକ ଏବଂ ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ତାଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଓ ଏମ୍‌ପି ମୁନ୍ନା ଖାଁଙ୍କ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା, ଆଚାର୍ଯ୍ୟ ବିହାର ପରିଷଦ ସଭାପତି ଭାଗବତ ଦାଶ ଓ ପରିଷଦ ସଦସ୍ୟମାନେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକଙ୍କ ସ୍ମୃତିଚାରଣ କରିଥିଲେ।

# 'ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କାର, ମୂଲ୍ୟବୋଧଭିତ୍ତିକ ଶିକ୍ଷା ଜରୁରୀ'

ବାଲିଅନ୍ତା,୨୯।୩ (ନୀଳମାଧବ ସାହୁ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ 'ବୈଶାଖୀ–୨୦୨୬' ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭାଗବତନନ୍ଦ ସରସ୍ୱତୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କାର ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଭାଜପା ନେତା ଗୋଲକ ମହାପାତ୍ର, ସମ୍ମାନିତ ଅତିଥିଭାବେ ମଙ୍ଗୁଳି ଚରଣ ମହାନ୍ତି, ଉମ୍ବରୁଧର ଜେନା, ପ୍ରମୋଦ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ଅଧ୍ୟକ୍ଷତା ଓ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା' ଅନ୍ନପୂର୍ଣ୍ଣା ଜେନା ଧନ୍ୟବାଦ ଦେଇଥିଲେ।

# ଦେଶପ୍ରେମ ଚେତନାକୁ ସୁଦୃଢ଼ କରିଥିଲେ ଶହୀଦ ଲକ୍ଷ୍ମଣ




ରାଜ୍ୟସ୍ତରୀୟ ସମାରୋହରେ ଏମ୍‌ପି ମୁନ୍ନା ଖାଁଙ୍କ ସମେତ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା, ସ୍ୱାଭିମାନ ଓ ଦେଶପ୍ରେମର ଅଦ୍ୱିତୀୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିଜର ନିର୍ଭୀକ ସଂଗ୍ରାମ ଓ ବଳିଦାନ ମାଧ୍ୟମରେ ଇତିହାସରେ ଅମର ହୋଇ ରହିଛନ୍ତି। ଜନଜାତି ସମାଜର ଅଧିକାର ସୁରକ୍ଷା ଓ ପରାଧୀନତା ବିରୋଧରେ ତାଙ୍କର ଅବଦାନ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ବୋଲି ଶ୍ରାଦ୍ଧ ଦିବସ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ ଭୁବନେଶ୍ୱରର ମିଳିତ ସହଯୋଗରେ ସୂଚନା ଭବନଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମୁନ୍ନା ଖାଁ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକଙ୍କ ଅଦମ୍ୟ ସାହସ, ଜନସେବାମୂଳକ ଚେତନା ଓ ଜନଜାତି ସମାଜ ପାଇଁ ତାଙ୍କର ନିଷ୍ଠାପୂର୍ଣ୍ଣ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଜନଜାତିର ଅବଦାନ ଅସାଧାରଣ ଥିଲା। ଏହା ଆମ ସମାଜ ପାଇଁ ପ୍ରେରଣାଦାୟକ ବୋଲି ସେ ଉଲ୍ଲେଖ କରିଥିଲେ।

ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଯୋଗଦେଇ ଲକ୍ଷ୍ମଣ ନାଏକଙ୍କ ସଂଗ୍ରାମ ଜନଜାତି ସମାଜର ସ୍ୱାଭିମାନକୁ ସୁଦୃଢ଼ କରିଥିବାରୁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଡ. ସୋମା ଚାନ୍ଦ ଯୋଗଦେଇ କହିଲେ, ଲକ୍ଷ୍ମଣ ନାଏକ ଜଣେ ପ୍ରକୃତ ଲୋକନାୟକ ଥିଲେ। ସେ ଜନଜାତିମାନଙ୍କୁ ସଙ୍ଗଠିତ କରି ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ସହ ଦେଶପ୍ରେମର ଚେତନାକୁ ସୁଦୃଢ଼ କରିଥିଲେ। ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦ ସଭାପତି ଇଂ. ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନନ୍ଦନକାନନକୁ ଆସିଲେ ୩ ପ୍ରଜାତିର ୧୮ ପଶୁପକ୍ଷୀ





ବାରଙ୍ଗ/ତ୍ରିଶୂଳିଆ,୨୯।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ରବିବାର ସନ୍ଧ୍ୟାରେ ୩ ପ୍ରଜାତିର ୧୮ ପଶୁପକ୍ଷୀ ଜୁନାଗଡ଼ ସକ୍କାରବାଗ ପ୍ରାଣୀ ଉଦ୍ୟାନରୁ ଆସି ପହଞ୍ଚିଛନ୍ତି। ଆସିଥିବା ଏହି ନୂଆ ଅତିଥି ହେଲେ ଦୁଇହଳ ଚିତାବାଘ, ୧୦ ଜଙ୍ଗଲୀ କୁକୁଡ଼ା ଏବଂ ଦୁଇହଳ ନୂଆ ପ୍ରଜାତିର ସାରସପକ୍ଷୀ। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଗତ ୨୦ ତାରିଖରୁ ଏହି ଅଦଳବଦଳ ପ୍ରକ୍ରିୟା ଉଭୟ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି। ପ୍ରଥମେ ଜୁନାଗଡ଼ରୁ ଆସିଥିବା ଦଳ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ ମାଇ ଚଉଶିଙ୍ଗା, ୩ କୁଜି ହରିଣଙ୍କୁ ନେଇ ଶୁକ୍ରବାର ଯାଇଥିଲେ। ଏହାପରେ ନନ୍ଦନକାନନରୁ ଯାଇଥିବା ଦଳ ଜୁନାଗଡ଼ ସକ୍କାରବାଗ ପ୍ରାଣୀ ଉଦ୍ୟାନରୁ ୩ ପ୍ରଜାତିର ୧୮ ପଶୁପକ୍ଷୀଙ୍କୁ ସାଙ୍ଗରେ ନେଇ ରବିବାର ସନ୍ଧ୍ୟାରେ ପହଞ୍ଚିଛନ୍ତି। ନୂଆ ପଶୁପକ୍ଷୀମାନଙ୍କ ମଧ୍ୟରେ ଆସିଥିବା ସାରସ ପକ୍ଷୀ ନନ୍ଦନକାନନ ପାଇଁ ନୂଆ ପ୍ରଜାତିର ଅତିଥି। ତେବେ ନୂଆ ପଶୁପକ୍ଷୀ ଆସିବା ପରେ ନନ୍ଦନକାନନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅନ୍ୟପଟେ ନୂଆ ପ୍ରଜାତିର ସାରସ ପକ୍ଷୀ ପାଇ ନନ୍ଦନକାନନରେ ପଶୁପକ୍ଷୀ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇ ୧୭୮ରୁ ୧୭୯ରେ ପହଞ୍ଚିଛି ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ କହିଛନ୍ତି।

# ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୨୯।୩(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଶାନ୍ତିସ୍ତୂପ ନିକଟସ୍ଥ ହସ୍ତଶିଳ୍ପ ବଜାର ପରିସରରେ ସପ୍ତମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ ସ୍ୱାଇଁ ଯୋଗଦେଇ କଳା ମାଧ୍ୟମରେ ବିଶ୍ୱଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ଏନ୍‌ଟିପିସିର ବରିଷ୍ଠ ଅଧିକାରୀ ଧୀରଜ କୁମାର ଗୁପ୍ତା, ଗୁଲ୍‌ନ ଟପୋ ଏବଂ ବିଆର୍‌ଏମ୍‌ର ସମ୍ପାଦକ ସସ୍ମିତା ମହାନ୍ତି ଭାରତର କଳା ଓ ସଂସ୍କୃତିର ଗରିମା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ମହୋତ୍ସବର ବିଶେଷ ଆକର୍ଷଣ ଥିଲା ୧୦୦ଜଣ ଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ଶିବିର। ଏହି ଶିବିରକୁ ଚିତ୍ରଶିଳ୍ପୀ ପଞ୍ଚାନନ ସୁର୍ ଏବଂ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ ଉଦ୍‌ଘାଟନ କରି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଭାରତ ସମେତ ଲଣ୍ଡନ, ଆମେରିକା, ନେପାଳ ଓ ଭିଏତ୍‌ନାମ ପରି ବିଦେଶୀ ଶିଳ୍ପୀମାନଙ୍କର କଳାକୃତି ଏହି ପ୍ରଦର୍ଶନୀକୁ ଏକ ଅନ୍ତର୍ଜାତୀୟ ରୂପ ଦେଇଛି। ସମସ୍ତ କଳାକୃତି ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଶିଳ୍ପୀମାନଙ୍କୁ ସ୍ୱାଗତ କରିଥିଲେ।

# ଓଡ଼ିଶୀ ନୃତ୍ୟ, ପାଇକ ଆଖଡ଼ା ଆକର୍ଷଣ ସାଜିଲା

## ଶ୍ରୀଲିଙ୍ଗରାଜ ମହୋତ୍ସବର ୪ର୍ଥ ସନ୍ଧ୍ୟା

ପୁରୁଣା ଭୁବନେଶ୍ୱର,୨୯।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଶ୍ରୀଲିଙ୍ଗରାଜ ମହୋତ୍ସବର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ପ୍ରକାଶନୀ ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହୋତ୍ସବରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଭାଗବତ ତ୍ରିପାଠୀ, ରାଜୀବ ଲୋଚନ ସାହୁ, ଡ.ଅଶୋକ ପଣ୍ଡା, ଅମରେନ୍ଦ୍ର ଦାଶ, ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା, ପ୍ରତିଭା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଭୁବନେଶ୍ୱର ସାଇ ସ୍ମୃତି ନୃତ୍ୟ କଳାକେନ୍ଦ୍ର ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କଟକର ବ୍ଲୁ ଆଣ୍ଡ ବ୍ରାଇଟ ଏକାଡେମୀ ପକ୍ଷରୁ ବିହୁ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଖୋର୍ଦ୍ଧା ପାଇକ ଆଖଡ଼ା ପ୍ରଦର୍ଶନ ହୋଇଥିବା ବେଳେ କେନ୍ଦ୍ରୀୟ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ପକ୍ଷରୁ କୋଲକାତାରୁ ଆସିଥିବା କଳାକାରଙ୍କ ଦ୍ୱାରା ପୁରୁଲିଆ ଛଉ ନୃତ୍ୟ ଚିତ୍ତାକର୍ଷକ ହୋଇଥିଲା। ପରେ କଳାକାରଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଡ. ଲିଙ୍ଗରାଜ ସାହ, ନାରାୟଣ ମହାପାତ୍ର, ବାବନ ଚନ୍ଦ୍ର ପଢ଼ିହାରୀ, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ପ୍ରତାପ ପଟ୍ଟନାୟକ, ରଶ୍ମୀ ମହାପାତ୍ର, ବିଶ୍ୱନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ଶ୍ରୀଲିଙ୍ଗରାଜ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# 'ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରାଯାଉ'

## ରାଜ୍ୟସ୍ତରୀୟ ୨୧୦ତମ ପାଇକ ବିଦ୍ରୋହ ଦିବସ

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ୨୧୦ତମ ପାଇକ ବିଦ୍ରୋହ ଦିବସ ରବିବାର ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବା, ପାଇକ ଆଖଡ଼ା ରାଜ୍ୟ କ୍ରୀଡାର ମାନ୍ୟତା ଦେବା ସହିତ ସ୍କୁଲ, କଲେଜ ପାଠ୍ୟକ୍ରମରେ ସାମିଲ କରିବାକୁ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂ ଦାବି ରଖିଛନ୍ତି। ମହାସଂଘର ରାଜ୍ୟ ସଂଯୋଜକ ପାଇକଗୁରୁ କେଦାରନାଥ ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ, ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଅଗ୍ନିଶିଖା ପ୍ରଥମେ ବାଣପୁର ମାଟିରେ ଆରମ୍ଭ ହୋଇଥିଲା। ତେଣୁ ମାର୍ଚ୍ଚ ୨୯କୁ ବୀରଦ୍ୱର ଦିବସ ବା ପାଇକ ବିଦ୍ରୋହର ଦିବସ ଭାବରେ ସମଗ୍ର ଓଡ଼ିଶାରେ ପାଳନ କରାଯାଉଛି। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶଶାଙ୍କ ଶେଖର ଚୁଡ଼ାମଣି, ପାଇକଗୁରୁ ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ସଂଘର ଉପଦେଷ୍ଟା ଭିମସେନ୍ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଏହି ଦିନକୁ ପାଇକ ବିଦ୍ରୋହ ଦିବସ ଭାବରେ ଘୋଷଣା କରିବା ସହିତ ରାଜ୍ୟସ୍ତରୀୟ ପାଇକ ବିଦ୍ରୋହ ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପାଇକ ଆଖଡାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସେ ଦାବି ରଖିଥିଲେ। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫେସର ଗାୟନ ସାମଲ, ପାଇକରାଣୀ ସସ୍ମିତା ମଙ୍ଗରାଜ, ରାଜ୍ୟ ମୁଖପାତ୍ର ରାଜୀବ ନୟନ ରଥ, ଅବସରପ୍ରାପ୍ତ ପୋଲିସ ପ୍ରଶାସକ ବିଜୟ କୁମାର ଆଇଚଙ୍କ ସହ ମହାସଂଘର ଜିଲା କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଗଡ଼ପାତ୍ରପଡ଼ା ବାଲୁଙ୍କେଶ୍ୱର ପାଇକ ଆଖଡ଼ା ଓ କୃଷ୍ଣପ୍ରସାଦ ପାଇକ ଆଖଡ଼ା ଦଳର କଳାକାରମାନେ ସମରକଳା ପ୍ରଦର୍ଶନ କରିଥିଲେ।



ମ୍ୟୁଜିୟମ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିଙ୍କ ସହ ପାଇକ ଆଖଡା ଦଳ।

**ଅବକାରୀ ଚଢ଼ାଉ: ୨୬୨୫ ଲିଟର ଦେଶୀ ମଦ ଜବତ**

ଆଠଗଡ଼,(ସତ୍ୟ ପ୍ରସାଦ ରଥ) ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଠଗଡ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ୨୬୨୫ ଲିଟର ଦେଶୀ ମଦ ଜବତ କରାଯିବା ସହ ୧୭୮୫ ଲିଟର ଗୁଡ଼ ପୋଚ ନଷ୍ଟ କରାଯାଇଛି। ଏନେଇ ୪ଟି ମାମଲା ରୁଜୁ କରାଯାଇଛି। ଏହି ଚଢାଉରେ ଆଠଗଡ ଅବକାରୀ ନିରୀକ୍ଷକ ପ୍ରଧାନଙ୍କ ସମେତ ସହକାରୀ ଉପ ନିରୀକ୍ଷକ ରାଜେନ୍ଦ୍ର ଖେସ,ସରୋଜ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସାତକୋଶିଆରେ ଛଡ଼ାଗଲା ୧୨ ଘଡ଼ିଆଳ କୁମ୍ଭୀର

ବାରଙ୍ଗ,୨୯।୩(ଲିଙ୍ଗରାଜ ରାଉତ): ମହାନଦୀର ସାତକୋଶିଆ ଗଣ୍ଡରେ ରବିବାର ୧୨ଟି ଘଡ଼ିଆଳ କୁମ୍ଭୀର ଛଡ଼ାଯାଇଛି। ଏହି କୁମ୍ଭୀର ମଧ୍ୟରେ ଟିକରପଡା ଘଡ଼ିଆଳ କୁମ୍ଭୀର ଗବେଷଣା କେନ୍ଦ୍ରରୁ ୧ଟି ଓ ନନ୍ଦନକାନନରୁ ଶନିବାର ରାତିରେ ଯାଇଥିବା ୧୧ଟି ଘଡିଆଳ କୁମ୍ଭୀର ରହିଛନ୍ତି। ନନ୍ଦନକାନନରୁ ଯାଇଥିବା କୁମ୍ଭୀର ୧୧ଟି ମଧ୍ୟରେ ୫ ଅଣ୍ଡିରା, ୬ ମାଈ ରହିଛନ୍ତି ଏବଂ ଟିକରପଡାରୁ ଆସିଥିବା ଗୋଟିଏ ମାଈ କୁମ୍ଭୀର। ତେବେ ସମସ୍ତ କୁମ୍ଭୀରଙ୍କ ବୟସ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ। ଛଡ଼ାଯାଇଥିବା କୁମ୍ଭୀରଙ୍କ ଗତିବିଧି ଜାଣିବା ପାଇଁ ଶରୀରରେ ଟ୍ରାଞ୍ଜିଷ୍ଟର ଲଗାଯାଇଛି। କୁମ୍ଭୀରମାନଙ୍କୁ ଛଡ଼ାଯିବା ସମୟରେ ଅଧିକାରୀ ଓ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଅଭୟ କୁମାର ଦଲାଇ କହିଛନ୍ତି।

### ଆଶୀର୍ବାଦ ଫାଉଣ୍ଡେଶନ ଶିବିରରୁ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୨୯।୩(କାର୍ତ୍ତିକ ସାହୁ) ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେଶନ ପକ୍ଷରୁ ଅନ୍ଦରପୁରସ୍ଥିତ ସାଇବୃନ୍ଦାବନ ଗାର୍ଡେନଠାରେ ରବିବାର ଅନୁଷ୍ଠିତ ଶିବିରରୁ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅତିଥି ଭାବେ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ଇଂ. ପ୍ରକାଶ ସେଠୀ, ଡା. ଉମେଶ ରାୟ, ଡା. ନିରଞ୍ଜନ ତ୍ରିପାଠୀ, ଡା. ଭବାନୀ ଶଙ୍କର ପଣ୍ଡା, ପୋଲିସ ଏସିପି ଅମିତାଭ ମହାପାତ୍ର, ଇଂ. ଏନ. କେ. ମହାନ୍ତି, କର୍ପୋରେଟର ସୌଭାଗିନୀ ଜେନା, ଅରବିନ୍ଦ ଜେନା, ଇଂ. ସୁବ୍ରତ ଘଡ଼ାଇ, ଏମ୍‌ଡିଏ ସଭାପତି ସଞ୍ଜୟ ଜେନା, ଫ୍ରିଡମ ଅଏଲର ରାଜ୍ୟ ମୁଖ୍ୟ ଅମିୟ ଧଳ, ହୃଷୀକେଶ ଜେନା, ମମତା ରାଉତରାୟ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ କୁମାର ଭୋଳ, ମାନବେଶ ରାୟ, ଫାଉଣ୍ଡେଶନର ପ୍ରତିଷ୍ଠାତା ଦେବଦତ୍ତ ଧଳ, ସଂଯୋଜକ ସମୀର କର, ବରିଷ୍ଠ ସଭ୍ୟ ବୀରକିଶୋର ସାହୁ, ସଭାପତି ମାଗୁଣୀ ଚରଣ ଦାସ, ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ଅଭିନେତା ଶକ୍ତି ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ନିଖୋଜ ବଙ୍ଗୀୟ ପର୍ଯ୍ୟଟକ ଉଦ୍ଧାର

ବାରଙ୍ଗ/ତ୍ରିଶୂଳିଆ,୨୯।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ନନ୍ଦନକାନନ ବୁଲିବାକୁ ଆସି ନିଖୋଜ ଥିବା ଜଣେ ବଙ୍ଗୀୟ ପର୍ଯ୍ୟଟକ ରବିବାର ଉଦ୍ଧାର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ସାନ୍ତ୍ରାଗାଛି ଥାନା ଅଧୀନ ବକ୍ସର ଗ୍ରାମର ମହିନ୍ଦ୍ର ନାଥ ମଇତି(୮୦)। ସୂଚନା ମୁତାବକ, ମହିନ୍ଦ୍ର ସପରିବାର ଗତ ୨୭ ତାରିଖରେ ନନ୍ଦନକାନନ ବୁଲିବାକୁ ଆସିଥିଲେ। ନନ୍ଦନକାନନ ବୁଲିବା ପରେ ସନ୍ଧ୍ୟାରେ ବାହାରିବା ବେଳେ ସେ ପରିବାରଠୁ ଅଲଗା ହୋଇଯାଇଥିଲେ। ବସ୍‌ଷ୍ଟାଣ୍ଡରେ ରହିଥିବା ବସ୍ ପାଖରେ ସେ ନ ଥିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାସ୍ତା ଓ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଥିଲା।

### ଆହତ ମାଙ୍କଡ଼ ଉଦ୍ଧାର

ବାରଙ୍ଗ,୨୯।୩(ଲିଙ୍ଗରାଜ ରାଉତ): କୁହ୍ନେଇଁପଡ଼ା ଗ୍ରାମ ନିକଟ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଗୁରୁତର ଆହତ ହୋଇଥିବା ମାଙ୍କଡ଼କୁ ରବିବାର ବନବିଭାଗ ଉଦ୍ଧାର କରିଛି। ସକାଳ ପ୍ରାୟ ୭ଟାରେ ତ୍ରିଶୂଳିଆ-ବାଙ୍କୀ ମୁଖ୍ୟ ରାସ୍ତାର କୁହ୍ନେଇଁପଡ଼ା ଗ୍ରାମ ନିକଟରେ ଏକ ଆମ୍ବଗଛରୁ ମାଙ୍କଡ଼ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଡେଇଁ ପଡିବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ମାଙ୍କଡ଼ଟି ଗୁରୁତର ଆହତ ହୋଇ ତଳକୁ ଖସିପଡ଼ିଥିଲା। ଏନେଇ ସ୍ଥାନୀୟ ଲୋକେ ଡମପଡ଼ା ବନ ବିଭାଗ ଓ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଉଭୟ ବିଭାଗର କର୍ମଚାରୀ ପହଞ୍ଚିଥିଲେ। ପରେ ମାଙ୍କଡ଼ଟିକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସା ପରେ ମାଙ୍କଡ଼ଟିକୁ ଚନ୍ଦକା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ‘ପୁସ୍ତକ ମେଳା କଟକ ପାଇଁ ଗୌରବ ଆଣିଛି’

## ‘କଟକ ସାହିତ୍ୟ ସରୋବର’ ଉଦ୍‌ଯାପିତ



‘କଟକ ସାହିତ୍ୟ ସରୋବର’ ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

କଟକ,୨୯।୩(କୁମାରଶ୍ରୀ) କଟକ ମହାନଗର ନିଗମ ପକ୍ଷରୁ ପ୍ରଥମ କରି ଆୟୋଜିତ ଜିଲାସ୍ତରୀୟ ପୁସ୍ତକମେଳା ‘କଟକ ସାହିତ୍ୟ ସରୋବର-୨୦୨୬’ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୧୦ ଦିନ ଧରି ବାଲିଯାତ୍ରା ପଡ଼ିଆରେ ଜମିଥିଲା ପୁସ୍ତକମେଳା। ଉଦ୍‌ଯାପନୀ ସଭାରେ ସିଏମ୍‌ସି ମେୟର ସୁବାସ ସିଂ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସିଏମ୍‌ସି କମିଶନର କିରଣଦୀପ କୌର ସାହୋତା, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ଶର୍ମା, ସିଏମ୍‌ସିର ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଭାଷା ପ୍ରକାଶନର ପ୍ରକାଶକ ତଥା ସାହିତ୍ୟିକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଭଳି ପୁସ୍ତକ ମେଳା କଟକ ପାଇଁ ଗୌରବ ଆଣିଛି। ୧୦ ଦିନରେ ପାଠକ ଏବଂ ପ୍ରକାଶକଙ୍କୁ ଆମେ ଏକାଠି କରି କଟକର ସାହିତ୍ୟିକ ପରିବେଶକୁ ପୁଣି ଜୀବିତ କରିପାରିଛୁ। ଏହି ପୁସ୍ତକମେଳା ଆଗାମୀ ଦିନରେ ନୂଆ କଳେବର ସହ ସିଏମ୍‌ସି ଭେଟିଦେବ ବୋଲି ସିଏମ୍‌ସି ମେୟର ସିଂ କହିଛନ୍ତି। ୧୨ ବର୍ଷ ପରେ କଟକରେ ଏଭଳି ପୁସ୍ତକମେଳାର ଆୟୋଜନ କଟକର ସାଂସ୍କୃତିକ ଓ ସାହିତ୍ୟିକ ଭାବଧାରାକୁ ଆହୁରି ଆଗକୁ ବଢ଼ିବାରେ ସହାୟକ ହୋଇପାରିଛି ବୋଲି ବିଧାୟକ ବିଶ୍ୱାଳ କହିଛନ୍ତି। ଐତିହାସିକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ପୁସ୍ତକମେଳା ପାଠକ, ପ୍ରକାଶକ ଏବଂ ଲେଖକଙ୍କୁ ଏକାଠି କରିପାରିଛି। ଏହା କଟକର ପ୍ରକାଶନ ପରମ୍ପରାକୁ ଆହୁରି ଆଗକୁ ନେଇପାରିଛି। ସିଏମ୍‌ସିର ଏହି ପଦକ୍ଷେପ ପ୍ରଶଂସା ଯୋଗ୍ୟ ବୋଲି ବିଧାୟିକା ସୋଫିଆ କହିଛନ୍ତି। କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶକ ଏବଂ ବିକ୍ରେତା ଅଂଶଗ୍ରହଣ କରିଥିଲେ। ପୁସ୍ତକମେଳାରେ ସବୁବର୍ଗ ଏବଂ ବୟସର ପାଠକ ସାମିଲ ହେବା ସହ କଟକର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକାଡେମିକ୍ ପାଠ୍ୟ ପୁସ୍ତକ କିଣିବା ପାଇଁ ଷ୍ଟଲରେ ଭିଡ଼ ଜମାଇଥିଲେ। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ଚର୍ଚ୍ଚା ଏବଂ କବିତା ପଠନ କାର୍ଯ୍ୟକ୍ରମ ପାଠକଙ୍କୁ ବାନ୍ଧି ରଖିଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିମୋହିତ କରିଥିଲା। ପାଠକମାନେ ବହି କିଣିବା ସହ ମେଳାରେ ଆୟୋଜିତ ବିଭିନ୍ନ ଫୁଡ଼ ଷ୍ଟଲରେ ନାନା ରକମର ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ।

# ନନ୍ଦନକାନନକୁ ଆସିଲେ ୩ ପ୍ରଜାତିର ୧୮ ପଶୁପକ୍ଷୀ




ବାରଙ୍ଗ/ତ୍ରିଶୂଳିଆ,୨୯।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ରବିବାର ସନ୍ଧ୍ୟାରେ ୩ ପ୍ରଜାତିର ୧୮ ପଶୁପକ୍ଷୀ ଜୁନାଗଡ଼ ସକ୍କାରବାଗ ପ୍ରାଣୀ ଉଦ୍ୟାନରୁ ଆସି ପହଞ୍ଚିଛନ୍ତି। ଆସିଥିବା ଏହି ନୂଆ ଅତିଥି ହେଲେ ଦୁଇହଳ ଚିତାବାଘ, ୧୦ ଜଙ୍ଗଲୀ କୁକୁଡ଼ା ଏବଂ ଦୁଇହଳ ନୂଆ ପ୍ରଜାତିର ସାରସପକ୍ଷୀ। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଗତ ୨୦ ତାରିଖରୁ ଏହି ଅଦଳବଦଳ ପ୍ରକ୍ରିୟା ଉଭୟ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି। ପ୍ରଥମେ ଜୁନାଗଡ଼ରୁ ଆସିଥିବା ଦଳ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ ମାଈ ଚଉଶିଙ୍ଗା, ୩ କୁଜି ହରିଣଙ୍କୁ ନେଇ ଶୁକ୍ରବାର ଯାଇଥିଲେ। ଏହାପରେ ନନ୍ଦନକାନନରୁ ଯାଇଥିବା ଦଳ ଜୁନାଗଡ଼ ସକ୍କାରବାଗ ପ୍ରାଣୀ ଉଦ୍ୟାନରୁ ୩ ପ୍ରଜାତିର ୧୮ ପଶୁପକ୍ଷୀଙ୍କୁ ସାଙ୍ଗରେ ନେଇ ରବିବାର ସନ୍ଧ୍ୟାରେ ପହଞ୍ଚିଛନ୍ତି। ନୂଆ ପଶୁପକ୍ଷୀମାନଙ୍କ ମଧ୍ୟରେ ଆସିଥିବା ସାରସ ପକ୍ଷୀ ନନ୍ଦନକାନନ ପାଇଁ ନୂଆ ପ୍ରଜାତିର ଅତିଥି। ତେବେ ନୂଆ ପଶୁପକ୍ଷୀ ଆସିବା ପରେ ନନ୍ଦନକାନନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅନ୍ୟପଟେ ନୂଆ ପ୍ରଜାତିର ସାରସ ପକ୍ଷୀ ପାଇ ନନ୍ଦନକାନନରେ ପଶୁପକ୍ଷୀ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇ ୧୭୮ରୁ ୧୭୯ରେ ପହଞ୍ଚିଛି ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ କହିଛନ୍ତି।

# ଅଙ୍ଗଦାନ କରି ଉଦାହରଣ ସୃଷ୍ଟି କଲେ ଯୁବକ

## ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର


ବରଦା ପ୍ରସନ୍ନ ଦାସଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।


ବରଦା ପ୍ରସନ୍ନ ଦାସ।

ନିଶ୍ଚିନ୍ତକୋଇଲି,୨୯।୩ (ଅଶୋକ କୁମାର ମହାପାତ୍ର) ନିଶ୍ଚିନ୍ତକୋଇଲି ବ୍ଲକରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଙ୍ଗଦାନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ମହତ ଦାନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ଗାର୍ଡ ଅଫ୍ ଅନର ଦିଆଯାଇଛି।

ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟାଲୋ ଗ୍ରାମର ବିପିନ ବିହାରୀ ଦାସଙ୍କ ପୁତ୍ର ବରଦା ପ୍ରସନ୍ନ ଦାସ(୪୦) ଗତ କିଛିଦିନ ତଳେ ଫୁଲନଖରା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ପୂର୍ବରୁ ତାଙ୍କ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବା ନିମନ୍ତେ ସରକାରଙ୍କୁ ଜଣାଇଥିଲେ। ରବିବାର ତାଙ୍କ ମୃତ୍ୟୁ ଘଟିବା ପରେ ପରିବାର ବର୍ଗଙ୍କ ସମ୍ମତି ଏବଂ ଚୁକ୍ତି ଅନୁଯାୟୀ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ସହାୟତାରେ ତାଙ୍କର ଲିଭର,କିଡନୀ,ଆଖି, ଲଙ୍ଗସ, ହୃଦୟ ଆଦି ଅଙ୍ଗପ୍ରତ୍ୟଙ୍ଗ କାଢି ନିଆଯାଇଥିଲା। ମୃତ ଯୁବକଙ୍କ ମରଶରୀରକୁ ପୈତୃକ ଗ୍ରାମକୁ ଅଣାଯାଇ ଏକ ଶୋଭାଯାତ୍ରାରେ ଶ୍ମଶାନକୁ ନିଆଯାଇଥିଲା। ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ନେମାଳ ଥାନା ଆଇଆଇସିଙ୍କ ନେତୃତ୍ୱରେ ଶ୍ମଶାନରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ଗ୍ରାମ୍ୟ ଶ୍ମଶାନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଅଧ୍ୟାପକ ବିଜୟ କୁମାର ରାଉତ, ଯୁବନେତା ବୈକୁଣ୍ଠନାଥ ସିଂହ, କପିଳେନ୍ଦ୍ର ଦାଶଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକାକୂଳ ପରିବେଶରେ ଗ୍ରାମ୍ୟଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନଭାଇ ଶୁଭେନ୍ଦୁ ଦାସ ମୁଖାଗ୍ନି ଦେଇଥିଲେ।

### ଶ୍ରୀଶ୍ରୀ ଦାରୁ ରଘୁନାଥଜୀଉଙ୍କ ସୀତା ବିବାହ ବେଶ

ଟିଗିରିଆ,୨୯।୩(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଚାଲିଥିବା ପବିତ୍ର ରାମ ନବମୀ ପର୍ବର ରବିବାର ତୃତୀୟ ଦିନରେ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥ ଜୀଉ ଭକ୍ତମାନଙ୍କୁ ସୀତା ବିବାହ ବେଶରେ ଦର୍ଶନ ଦେଇଥିବା ପୂଜକ ସନ୍ତୋଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସହ ସନ୍ଧ୍ୟା ସମୟରେ ବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି।

### ବାଙ୍କୀର ନୂତନ ଉପଜିଲାପାଳ ହେଲେ ମନସ୍ୱିନୀ ଦାସ

ତାଳବସ୍ତ,୨୯।୩(ସୁବ୍ରତ କୁମାର ନାୟକ) ଟିଗିରିଆ ବ୍ଲକରେ ବିଡିଓ ଥିବା ମନସ୍ୱିନୀ ଦାସ ରବିବାର ବାଙ୍କୀ ନିର୍ବାଚନ ମଣ୍ଡଳୀର ନୂତନ ଉପଜିଲାପାଳ ଭାବେ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ପ୍ରଣବ କୁମାର ବେହେରା ବାଙ୍କୀର ଉପ ଜିଲାପାଳ ଥିଲେ, ସୂଚନାଯୋଗ୍ୟ, ଡମପଡା ବ୍ଲକରେ ବିଡିଓ ଭାବେ ବର୍ତ୍ତମାନ କାର୍ଯ୍ୟ କରୁଥିବା ଅଂଶୁମାନ ଦାସଙ୍କ ସ୍ତ୍ରୀ ହେଉଛନ୍ତି ମନସ୍ୱିନୀ ଦାସ। ଉଭୟ ସ୍ୱାମୀ ସ୍ତ୍ରୀ ଗୋଟିଏ ସ୍ଥାନରେ ମୁଖ୍ୟ ପ୍ରଶାସନିକ ଦାୟିତ୍ୱରେ ଥିବାରୁ ସାଧାରଣ ଜନତାଙ୍କ ସୁବିଧା ଅସୁବିଧା ଶୀଘ୍ର ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି।



# ବିଧାୟକ ଦେବୀରଞ୍ଜନ, ପୂର୍ବତନ ବିଧାୟକ ପ୍ରଭାତଙ୍କ କୁଶପୁତ୍ତଳିକା ଦାହ, ପ୍ରତିବାଦ ସଭା

ବାଙ୍କୀ,୨୯।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ରାଜ୍ୟ ସଭା ନିର୍ବାଚନରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ କ୍ରସ୍ ଭୋଟିଂକୁ ନେଇ ବାଙ୍କୀ କିଆପଲା ତାରିଣୀ ଛକରେ କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହାପରେ ବିଧାୟକ ଦେବୀ ରଞ୍ଜନ ଓ ତାଙ୍କ ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସଭାରେ ପୂର୍ବତନ ବିଧାୟକ ରାଜ୍ୟ କଂଗ୍ରେସ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଯେ,ରାଜ୍ୟ ସଭା ନିର୍ବାଚନରେ ଦେବୀରଞ୍ଜନ କ୍ରସ ଭୋଟିଂ କରି ବାଙ୍କୀର ସମ୍ମାନ କ୍ଷୁଣ୍ଣ କରି ଏହି ଅଞ୍ଚଳକୁ ନିନ୍ଦିତ କରିବାକୁ ଚେଷ୍ଟା କରିଛନ୍ତି। ବାଙ୍କୀବାସୀ ଏହାର ଉଚିତ୍ ଜବାବ ଦେବେ। ଏହି ସଭାରେ ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ କୁମାର ସାହୁ, ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର, ଯୁବ କଂଗ୍ରେସ ନେତା ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ଯୁବକଂଗ୍ରେସର ରମାକାନ୍ତ ସେଠୀ, ବରିଷ୍ଠ ନେତା ରଘୁ ସ୍ୱାଇଁ, ବ୍ଲକ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଲେଖାଶ୍ରୀଙ୍କ ମନ୍ତବ୍ୟକୁ ବିରୋଧ

## କଳା ସଂସ୍କୃତି ଓ କଳା ପରିଷଦ ଓଡ଼ିଶା କର୍ମକର୍ତ୍ତା




କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ) ସଂସ୍କୃତି ଓ କଳା ପରିଷଦ ଓଡ଼ିଶା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଓ ଗ୍ରାମାଞ୍ଚଳଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସଂସ୍କୃତି ଓ କଳା ପରିଷଦ ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ବିଧାୟକ ଡ. ପ୍ରଭାତ ବିଶ୍ୱାଳଙ୍କୁ ନେଇ ଆଶାଳୀନ ମନ୍ତବ୍ୟ ଦେଇଥିବାରୁ ପରିଷଦ ଏହାକୁ ବିରୋଧ କରିଛି। ରାଜ୍ୟର ୩୦ଟି ଜିଲାର ସଂକୀର୍ତ୍ତନ ମଣ୍ଡଳୀ ଓ କଳାକାରମାନେ ଏକଜୁଟ ହୋଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଛନ୍ତି। ଲେଖାଶ୍ରୀ ଦେଇଥିବା ମନ୍ତବ୍ୟ ପ୍ରତ୍ୟାହାର କରିବା ସହ ୭ ଦିନ ମଧ୍ୟରେ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ସେ କ୍ଷମା ପ୍ରାର୍ଥନା ନ କରନ୍ତି ତେବେ ଲେଖାଶ୍ରୀଙ୍କ ଘର ସମ୍ମୁଖରେ ପରିଷଦ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦ ସଭାରେ ରାଜ୍ୟ ସଂସ୍କୃତି କଳା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, କଳା ସଂସ୍କୃତି ବିଭାଗର ଶିକ୍ଷାବିତ ସ୍ନେହାଶିଷ ସିହ୍ନା, ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସଂଯୋଜକ ମିଟୁ ମିଥୁନ, ସଦସ୍ୟ ବନ୍ଦିତା ନାୟାର, ଅମ୍ରିତ କୁମାର ସାହୁ ଏବଂ ସ୍ମୃତି ପ୍ରକାଶ ସାହୁଙ୍କ ସମେତ ଶତାଧିକ କଳାକାର ଉପସ୍ଥିତ ଥିଲେ।

# ଟିଗିରିଆ ରାଜ୍ୟ ତୈଳିକ ବୈଶ୍ୟ ସମାଜର ସାଧାରଣ ଅଧିବେଶନ

ଟିଗିରିଆ/ତାଳବସ୍ତ,୨୯।୩ (ଜାଫର ଖାଁ/ସୁବ୍ରତ କୁମାର): ଟିଗିରିଆ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୧୦୫ତମ ବାର୍ଷିକ ସାଧାରଣ ଅଧିବେଶନ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମା’ ଡାଳଖାଇ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତୈଳିକ ବୈଶ୍ୟ ସମାଜର ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରମେଶ କୁମାର ସାହୁ ସର୍ବପ୍ରଥମେ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ରାଜ୍ୟ ବୈଠକ ନିଷ୍ପତ୍ତିକ୍ରମେ ସଭାପତି ଭାବେ ମହେନ୍ଦ୍ର କୁମାର ସାହୁ, ଉପସଭାପତି ଭାବେ ଦୁର୍ଗାପ୍ରସାଦ ସାହୁ, ସଦର ଭାବେ ବସନ୍ତ କୁମାର ସାହୁ, ସମ୍ପାଦକ ରମେଶ କୁମାର ସାହୁ, ସହସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ମହାଦେବ ସାହୁ, ଶିକ୍ଷା କମିଟି ସଭ୍ୟ ତପନ କୁମାର ସାହୁ, ନୀତି ନିର୍ଦ୍ଧାରଣ କମିଟି ସଭ୍ୟ ନାରାୟଣ ସାହୁ, ସାଧାରଣ ସଭ୍ୟ ଭାବେ ଭଗବାନ ସାହୁ, ଜଗତ୍‌ଜୀବନ ସାହୁ ପ୍ରମୁଖଙ୍କୁ ଚଳିତବର୍ଷ ପାଇଁ ମନୋନୀତ କରାଯାଇଛି। ଏଥିସହିତ ସପ୍ତରାଜ୍ୟର ଉପସଭାପତି ଭାବେ ଦିଲୀପ କୁମାର ସାହୁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଟିଗିରିଆ ରାଜ୍ୟର ସମସ୍ତ ନୂତନ ମନୋନୀତ ପଦାଧିକାରୀଙ୍କୁ ଉପସ୍ଥିତ ସଦସ୍ୟମାନେ ଅଭିନନ୍ଦନ ଜଣାଇଥିଲେ।

ସେହିପରି ଡମପଡ଼ା ରାଜ୍ୟ ତୈଳିକ ବୈଶ୍ୟ ସମାଜର ଦୁଇଦିନିଆ ୧୦୫ ତମ ସାଧାରଣ ଅଧିବେଶନ ମାର୍ଚ୍ଚ ୩୦ ଏବଂ ୩୧ ଦୁଇଦିନ ଧରି ଓଡ଼ିଶା ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜର ସ୍ୱୀକୃତିରେ ଅନୁଷ୍ଠିତ ହେବ। ତାଳବସ୍ତର ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏହା ଆୟୋଜନ କରାଯିବ। ଏନେଇ ଡମପଡ଼ା ଅଞ୍ଚଳର ତୈଳିକ ଭାଇଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ଦୁଇ ଦିନିଆ ଅଧିବେଶନରେ ବିଶିଷ୍ଟ ପ୍ରତିଭାମାନଙ୍କୁ ପୁରସ୍କୃତ, ସମ୍ବର୍ଦ୍ଧନା ସଭା, ଶିକ୍ଷାବୃତ୍ତି ବଣ୍ଟନ, ଆପତ୍ତି ଦରଖାସ୍ତ ଗ୍ରହଣ, ସପ୍ତରାଜ୍ୟ ନୂତନ କର୍ମକର୍ତ୍ତା ନିର୍ବାଚନ, ଶପଥ ପାଠ ପରି କାର୍ଯ୍ୟକ୍ରମ କରାଯିବ। ଏନେଇ ଆୟୋଜିତ ପ୍ରସ୍ତୁତି ବୈଠକରେ ଦୁଲଣାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେଉର, ଡମପଡା ରାଜ୍ୟର ସଭାପତି ଶରତ କୁମାର ସାହୁ, ସଦର ବେହେରା ଗଙ୍ଗାଧର ସାହୁ ଏବଂ ସହସମ୍ପାଦକ ନିମାଇଁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇ ପ୍ରଶାନ୍ତି ମନ୍ଦିରର ବାର୍ଷିକ ଉତ୍ସବ



ମାହାଙ୍ଗା,୨୯।୩(ଅଜୟ କୁମାର ମହାନ୍ତି) ମାହାଙ୍ଗା ସାଇ ପ୍ରଶାନ୍ତି ମନ୍ଦିରର ୬ଷ୍ଠ ବାର୍ଷିକ ଉତ୍ସବ ଚଳିତ ମାର୍ଚ୍ଚ ୨୫ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୪ ଦିନ ବ୍ୟାପୀ ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜରିଆ ନଦୀ ଆଳତୀ ଓ କଳସ ଶୋଭାଯାତ୍ରା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସାଇପ୍ରେମୀ ସୁରେନ୍ଦ୍ର କୁମାର ବାରିକ ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଦେଇ ପୁରୋଧା ଭାବରେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ୨୭ ତାରିଖ ରାମନବମୀ ଅବସରରେ ସାଇବାବାଙ୍କ ଚଭାଡି ଶୋଭାଯାତ୍ରା ବାହାରି ସ୍ଥାନୀୟ ଗ୍ରାମଗୁଡିକ ପରିକ୍ରମା କରି ରାତି ୧୦ଟାରେ ମନ୍ଦିରକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ବହୁ ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଚଭାଡ଼ି ପାଲିଙ୍କି କାନ୍ଧରେ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୨୮ ତାରିଖ ରାତିରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ୪ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ଦେବେନ୍ଦ୍ର ସାହୁ, ଯାଜ୍ଞସେନୀ,ଜେନା, ସେକ ମସୁଦ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ।

# ପୋଲ ଖୁଣ୍ଟ ଭୁଶୁଡ଼ିଲା, ଯାତାୟାତ ବନ୍ଦ


ପୋଲ ଭୁଶୁଡ଼ି ପଡ଼ିଛି।

ତ୍ରିଶୂଳିଆ,୨୯।୩ (ତୁଷାର କାନ୍ତ ବେହେରା): ଦାଢ଼ା ପଞ୍ଚାୟତ ଭଗବତୀ ନଗର ଗାଁମୁଣ୍ଡ ଦୟା କେନାଲ ଉପରେ ଥିବା ପୋଲର ଗୋଟିଏ ଖୁଣ୍ଟ ଶନିବାର ରାତିରେ ଭୁଶୁଡ଼ି ପଡ଼ିଛି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ପୋଲ ରହିଥିବା ବେଳେ ଯାତାୟାତ ବନ୍ଦ ରହିଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ତୁରନ୍ତ ଦୃଷ୍ଟି ଦେବା ସହ ନୂତନ ପୋଲ ନିର୍ମାଣ କରିବାକୁ ଗ୍ରାମର କିଶନ ନାୟକ, ମହେନ୍ଦ୍ର ଭୋଇ, ସରୋଜ ସାମଲ, ଅଶୋକ ଭୋଇ, ବିଦ୍ରୁପ ସାମଲ, ରାଜୁ ସାମଲ ପ୍ରମୁଖ ଦାବି କରିଛନ୍ତି। ଖବରପାଇ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ସୂଚନାଥାଉ କି, ଦୟା କେନାଲ ଉପରେ ଏହି ପୋଲଟି ୯୧ ଦଶକରେ ନିର୍ମିତ ହୋଇଥିଲା। ପୋଲଟି ତିନୋଟି ପଥର ଖୁଣ୍ଟ ଉପରେ ରହିଥିଲା। ଦୀର୍ଘ ବର୍ଷ ପାଣିରେ ରହି ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ତିନୋଟି ଖୁଣ୍ଟ ମୂଳରୁ ପଥର ବାହାରି ଗଲାଣି। ଏପରିକି ପୋଲ ନିର୍ମାଣ ହେବା ଦିନଠାରୁ ସୁରକ୍ଷା ବାଡ଼ ନ ଥିଲା। ଦୀର୍ଘବର୍ଷ ଧରିଥିବା ଏହି ପୋଲ ମରାମତି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ପୋଲର ଖୁଣ୍ଟ ଭୁଶୁଡିଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କ ଘରୁ ଟଙ୍କା, ସୁନାରୁପା ଅଳଙ୍କାର ଚୋରି

ବୋଲଗଡ଼,୨୯।୩(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ସାନକୁମ୍ଭାରି ପଞ୍ଚାୟତ ଅନ୍ତର୍ଗତ ଶୂନ୍ୟଆଶ୍ରମ ନିକଟସ୍ଥ ଖବରଦାତା ଅଶୋକ ପ୍ରଧାନଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ସମସ୍ତ ଆସବାବପତ୍ର ଏଣେତେଣେ ଫୋପାଡ଼ିବା ସହ ଆଲମିରା ଭାଙ୍ଗି ୭୫ ହଜାର ଟଙ୍କା, ୩ଟି ସୁନାମୁଦି, ୨ଟି କାନଫୁଲ, ଗୋଟିଏ ମଙ୍ଗଳସୂତ୍ର ଓ ରୁପା ବ୍ରେଶଲେଟ, ଚେନ ଓ ଲକେଟ ନେଇଯାଇଛନ୍ତି। ଏଥିସହିତ ଅନେକ ଜରୁରୀ ଡକ୍ୟୁମେଣ୍ଟ ମଧ୍ୟ ନେଇଯାଇଛନ୍ତି। ଏନେଇ ଅଶୋକ ରବିବାର ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ମିହିର ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### ଭାଜପାର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଖୋର୍ଦ୍ଧା,୨୯।୩(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ନିଷ୍ପତ୍ତି ଅନୁଯାୟୀ ସମଗ୍ର ଦେଶରେ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ଅବସରରେ ଖୋର୍ଦ୍ଧା ମଣ୍ଡଳର ଦୁଇଦିନିଆ ପ୍ରଶିକ୍ଷଣ ଶିବିର କାଇପଦରଠାରେ ଉଦ୍‌ଘାଟିତ ହୋଇଯାଇଛି। 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ' ନାମରେ ନାମିତ ଏହି ଶିବିରକୁ ଜିଲାର ପୂର୍ବତନ ସଭାପତି ରଶ୍ମିରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ରଂଜିତ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ଜାତୀୟ ପରିଷଦ ସଦସ୍ୟ ଅଜୟ ମିଶ୍ର, ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ଉପସଭାପତି ପ୍ରଫୁଲ୍ଲ ଦଳାଇ, ପୂର୍ବତନ ମଣ୍ଡଳ ସଭାପତି ପ୍ରଦୀପ୍ତ ପାଣି, ସାଂସଦଙ୍କ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପାର୍ଟି ଦ୍ୱାରା ସ୍ଥିରୀକୃତ ବିଭିନ୍ନ ବିଷୟ ଏବଂ ସଙ୍ଗଠନ ସଂରଚନା ଉପରେ ବକ୍ତାମାନେ ଆଲୋକପାତ କରିବେ। ମଣ୍ଡଳ ଅନ୍ତର୍ଗତ ୬ଟି ପଞ୍ଚାୟତର ପ୍ରମୁଖ, ୩୫ଟି ବୁଥର ସଭାପତି, ମଣ୍ଡଳରୁ ତଦୂର୍ଦ୍ଧ୍ୱ ପଦାଧିକାରୀ ଏବଂ ମଣ୍ଡଳ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ଶ୍ରୀଜଗନ୍ନାଥ ଚେତନା ପରିଷଦ ମୁକ୍ତି ପସରାର ବାର୍ଷିକୋତ୍ସବ ୪ରୁ

ବେଗୁନିଆ,୨୯।୩(ସନ୍ଧ୍ୟାରାଣୀ ମିଶ୍ର)

ଶ୍ରୀଜଗନ୍ନାଥ ଚେତନା ପରିଷଦ ମୁକ୍ତି ପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ଦଧିବାମନ ଜୀଉଙ୍କ ନୂଆସାହିସ୍ଥିତ ଆମ୍ରକାନନ ନିକଟ ମନ୍ଦିର ପରିସରରେ ଏପ୍ରିଲ ୪ରୁ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ଦୀନବନ୍ଧୁ ଦାଶ, ସମ୍ପାଦକ ଭାଗୀରଥି ପରିଡ଼ା ପ୍ରମୁଖ କହିଛନ୍ତି। ୪ ତାରିଖ ସକାଳ ୬ଟାରେ ନଗର ପରିକ୍ରମା, ନାମ ସଂକୀର୍ତ୍ତନ, ହୋମଯଜ୍ଞ, ପୂର୍ବାହ୍ନ ୧୦ରେ ବିଷ୍ଣୁ ସହସ୍ର ନାମ ପାଠ, ଭଗବଦ୍ ଗୀତା, ବେଦପାଠ, ଅପରାହ୍ନ ୪ଟାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଜନ ପ୍ରତିଯୋଗିତା, ୬ଟା ୩୦ରେ ମଙ୍ଗଳ ଆଳତି ଓ ନାମ ସଂକୀର୍ତ୍ତନ, ୭ଟାରେ ଧର୍ମସଭା ଉଦ୍‌ଘାଟନ ଓ ପରେ ପ୍ରବଚନ କାର୍ଯ୍ୟକ୍ରମ ହେବ। ସେହିପରି ୫ତାରିଖ ସକାଳ ୭ଟାରେ ହନୁମାନ ଚାଳିଶା ପାଠ, ଅପରାହ୍ନ ୪ଟାରେ ଭଜନ ଆଧାରିତ ନୃତ୍ୟ ପ୍ରତିଯୋଗିତା, ସନ୍ଧ୍ୟା ୬ଟା ୩୦ରେ ମଙ୍ଗଳ ଆଳତି ଓ ନାମ ସଂକୀର୍ତ୍ତନ, ସନ୍ଧ୍ୟା ୭ଟାରେ ଧର୍ମସଭା ଉଦ୍‌ଘାଟନ ଓ ପ୍ରବଚନ କାର୍ଯ୍ୟକ୍ରମ। ୬ ତାରିଖରେ ଭଗବତ ଗୀତାପାଠ, ଗାୟତ୍ରୀ ଦୀପଯଜ୍ଞ, ମଙ୍ଗଳ ଆଳତି ଓ ନାମ ସଂକୀର୍ତ୍ତନ, ଧର୍ମସଭା ଉଦ୍‌ଘାଟନ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଛି।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ

ବେଗୁନିଆ,୨୯।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ଦୁର୍ଗାମଣ୍ଡପ ପରିସରରେ ନବଦିନ ବ୍ୟାପୀ ଚାଲିଥିବା ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ରାମ ନବମୀ ଦିନ ଉଦ୍‌ଯାପିତ ହୋଇଯାଇଛି। ବ୍ୟାସଭାବେ ବିପିନ ବିହାରୀ ମହାପାତ୍ର ଯୋଗଦେଇଥିବା ବେଳେ ସନ୍ଧ୍ୟାରେ ପ୍ରବକ୍ତା ହରିହର ଜେନା, ଗୋପାଳ ଚନ୍ଦ୍ର ରାୟଗୁରୁ, ଡ. ମିହିର ପଟ୍ଟନାୟକ, ଗୁରୁ ପ୍ରସାଦ ମହାପାତ୍ର, ଅଶୋକ ଦାଶ, ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ସତ୍‌ସଙ୍ଗ ମହିମା ଓ ଶିବ ପାର୍ବତୀ ବିବାହଠାରୁ ଆରମ୍ଭ କରି ଶ୍ରୀରାମଙ୍କ ରାଜାଭିଷେକ ଓ କାକଭୂଷଣ୍ଡି ଗରୁଡ଼ ସମ୍ବାଦ ଉପରେ ପ୍ରବଚନ ଦେଇଥିଲେ।

# 'ଏକତା ବଳରେ ସଶକ୍ତ ହେବ ଗ୍ରାମୀଣ ପରମ୍ପରା'

ବେଗୁନିଆ,୨୯।୩
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ଆମ ଗାଁ ମହୋତ୍ସବ ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି।

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମସ୍ଥିତ ମହୋତ୍ସବ ପଡ଼ିଆରେ ଚାଲିଥିବା ଆମ ଗାଁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କମିଟି ଉପସଭାପତି କୁଞ୍ଜବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତା ଭାବେ ବେଗୁନିଆ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ବେହେରା ଏବଂ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ମନୋଜ ପ୍ରଧାନ ମଞ୍ଚାସୀନ ଥିଲେ। ଗ୍ରାମୀଣ ସଂସ୍କୃତି, ଐତିହ୍ୟ, କଳା ଓ ପରମ୍ପରା ଅତି ମହନୀୟ। ଆଧୁନିକତାର ସ୍ପର୍ଶରେ ଏବେ ଏହା ବିଲୁପ୍ତ ପ୍ରାୟ। ଭାଇଚାରା ଓ ଆନ୍ତରିକତାର ସହିତ ଗାଁ ମହୋତ୍ସବକୁ ଉଜ୍ଜୀବିତ ରଖିବା ସମସ୍ତଙ୍କର ଦାୟିତ୍ୱ ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। କମିଟି ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଅମିୟ ଭୂଷଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ କୁମାର ନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ସଂଘମିତ୍ରା ସେଠୀ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

**ଆମ ଗାଁ ମହୋତ୍ସବ ଉଦ୍‌ଯାପିତ**

କରାଯାଇଥିଲା। ଏକାଗ୍ରତା ଓଡ଼ିଶୀ ଭୁବନେଶ୍ୱର, ଶ୍ରୀହରି କଳା ନିକେତନ କଳାହାଣ୍ଡି, ମେଲୋଡି ଡାର୍କ ବ୍ଲୁ, ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ, କଣ୍ଠଶିଳ୍ପୀ କୈଳାସ ପ୍ରଧାନ, ଜୟନ୍ତ ବେହେରାଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କ ମନ ଜିଣିଥିଲା। ମା'ଖମ୍ବେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ସିନେ ପ୍ରଯୋଜକ ରାଜେନ୍ଦ୍ର କୁମାର ପାତ୍ର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ଓ ଛତା ବଣ୍ଟନ କରିଥିଲେ। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ କପ୍ ପ୍ରଦାନ କରାଯାଇଥିଲା। ଆୟୋଜକ କମିଟି ସଭ୍ୟ ଚିତ୍ତରଞ୍ଜନ ହୋତା, ମନୋରଞ୍ଜନ ପଣ୍ଡା, ଉଦ୍ଧବ ବାରିକ, ରବୀନ୍ଦ୍ର ବାରିକ, ନିତ୍ୟାନନ୍ଦ ସେନାପତି, ମୃତ୍ୟୁଞ୍ଜୟ ପଣ୍ଡା, ଦିବାକର ପଣ୍ଡା, ଭଗବାନ ଦାଶ, ହରିବନ୍ଧୁ ଦାଶ, ପ୍ରେମାନନ୍ଦ ସେଠୀ, ସ୍ୱାଧୀନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




ଆମ ଗାଁ ମହୋତ୍ସବ ଉଦ୍‌ଯାପନ ଦିବସରେ ରବିବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

**୪ ପୁସ୍ତକ ଉନ୍ମୋଚିତ**

ଚିଲିକା ଆଞ୍ଚଳିକ ବିକାଶ ପରିଷଦର ୧୩ତମ ବାର୍ଷିକ ଉତ୍ସବ ଓ ସାଧାରଣ ପରିଷଦ ବୈଠକ ରବିବାର ରେଡକ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଫକୀର ଚରଣ ଶତପଥୀଙ୍କ ସଭାପତିତ୍ୱରେ ଅତିଥି ଭାବେ ସାହିତ୍ୟିକ ଶଶାଙ୍କ ଚୂଡ଼ାମଣି, କଥାଶିଳ୍ପୀ ଅର୍ଚ୍ଚନା ନାୟକ ଯୋଗଦେଇ ଚିଲିକା ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜେକେ ବରାଳ ଯୋଗଦେଇଥିଲେ। ଏହି ଅବସରରେ ଫକିର ମୋହନ ଷଡ଼ଙ୍ଗୀଙ୍କ ଉପନ୍ୟାସ 'ବିଜୟିନୀ ସୃଷ୍ଟି', 'କନକ ଚମ୍ପା', ଚିତ୍ରଶିଳ୍ପୀ ସ୍ୱର୍ଗତ ଉପେନ୍ଦ୍ର ମହାରଥୀଙ୍କ 'ବିଶ୍ୱମୁକ୍ତି' ଓ ନିଳାଦ୍ରୀ ଭୂଷଣ ହରିଚନ୍ଦନଙ୍କ 'ନୀଳଚନ୍ଦନର ସ୍ମୃତିଲେଖ' ଉନ୍ମୋଚିତ ହୋଇଥିଲା। ଏଥିସହିତ ନାଚୁଣୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାରଙ୍କୁ ନିରବଚ୍ଛିନ ସାଧନା ପାଇଁ ଓ ସୁଶାନ୍ତ କୁମାର ସାହୁଙ୍କୁ କାଙ୍କଣ ଶିଖରୀର ଉନ୍ନତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଉମାଶଙ୍କର ଷଡ଼ଙ୍ଗୀ ଓ ନିଳାଦ୍ରୀଭୂଷଣ ହରିଚନ୍ଦନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ସୁଶିଲ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଫକୀର ମୋହନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଯାଦବ ସଙ୍ଗଠନର ଊନବିଂଶ ସମ୍ମିଳନୀ



ଖୋର୍ଦ୍ଧା,୨୯।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଯାଦବ ସଙ୍ଗଠନର ଊନବିଂଶ ସମ୍ମିଳନୀ ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ପୀଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗଗନ ବିହାରୀ ବେହେରା ବିବରଣୀ ପାଠ କରିବା ସହ ସମ୍ମିଳନୀ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଖୋର୍ଦ୍ଧା, ବାଣପୁର, ନିରାକାରପୁର, କୁହୁଡ଼ି, କାଠଖୁଣ୍ଟିଆ, ଅତ୍ରି ଆଦି ଅଞ୍ଚଳର କର୍ମକର୍ତ୍ତା ଯୋଗଦେଇଥିଲେ। ଅନୁଷ୍ଠାନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏହି ସମ୍ମିଳନୀରେ ଶ୍ରୀଧର ବେହେରା, ଦୁର୍ଯ୍ୟୋଧନ ବେହେରା, ରମେଶ ଚୌଧୁରୀ, ଚୈତନ୍ୟ ବେହେରା, ଫକୀର ଚରଣ ବେହେରା, ଅଜିତ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ଜଣେ ମୃତ

ଝାଁଳା,୨୯।୩(ବୁଲା ବାରିକ)

୧୬ନଂ. ଜାତୀୟ ରାଜପଥର ଓଗାଳପଡ଼ା ଭୁଆସୁଣୀ ମନ୍ଦିର ସମ୍ମୁଖରେ ରବିବାର କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଗାଳପଡ଼ା ଗ୍ରାମର ପ୍ରମୋଦ ନାୟକ। ସୂଚନା ମୁତାବକ, ସନ୍ଧ୍ୟାରେ ପ୍ରମୋଦ କୌଣସି କାମରେ ଭୁଆସୁଣୀ ବଜାରକୁ ଆସିଥିଲେ। ରାସ୍ତା ପାରି ହେଉଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଥିବା ବେଳେ ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୯।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ସାନତୁଳସୀପୁର ଗ୍ରାମ ତଳସାହିସ୍ଥିତ ମା' ବାୟାଣୀଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ଊନବିଂଶତମ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଯଜ୍ଞାଚାର୍ଯ୍ୟ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ଦାଶଙ୍କ ନେତୃତ୍ୱରେ ବସନ୍ତ କୁମାର ପରିଡ଼ା ଓ ତାଙ୍କ ସ୍ତ୍ରୀ ସୁକାନ୍ତି କର୍ତ୍ତା ଭାବେ ଉପବେସନ କରିଥିଲେ। ତୁଳସୀପୁରର ଓଡ଼ିଶୀ ସଂକୀର୍ତ୍ତନ ଗାୟକ ଶଙ୍କର ବେହେରା, ଭୋଗଡ଼ା ଗ୍ରାମର ଗାୟକ ଗଣେଶ ନିଶଙ୍କ, ନୟାଗଡ଼ ଜିଲା ଫତେଗଡ଼ ଗ୍ରାମର ଗାୟକ ଶ୍ରୀନିବାସ ପଲେଇ, କଟକ ଜିଲା ଢଁସର ଗ୍ରାମର ଗାୟକ ବିଜୟ କୁମାର ଜେନା ଓ ପୁରୀ ଜିଲା ବ୍ରହ୍ମଗିରିର ଗାୟକ ମନୋରମା ବେହେରା ପ୍ରମୁଖ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରବିବାର ନଗର କୀର୍ତ୍ତନ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଥିଲା।

# 'ତୃଣମୂଳସ୍ତରରୁ ଦଳର ସଙ୍ଗଠନକୁ ସୁଦୃଢ଼ କର'

ବୋଲଗଡ଼,୨୯।୩(ଦେବବ୍ରତ ହୋତା)

ସ୍ଥାନୀୟ ମା' ଭୂଇଁଆଣି ପୀଠଠାରେ ରବିବାର ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବନିଯୁକ୍ତ ବ୍ଲକ କଂଗ୍ରେସ ସଭାପତି ରମାକାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ରାଜ୍ୟ କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଏକତ୍ରିତ ହୋଇ ଦଳ ସଙ୍ଗଠନ ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନଟବର ପାଣ୍ଡେ, ମାଧବ ଚନ୍ଦ୍ର ବିଶ୍ୱାଳ, ରଘୁନାଥ ସାହୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଖୋର୍ଦ୍ଧା ଜିଲା ଉପସଭାପତି ସୁଧାଂଶୁ ସୁବୁଦ୍ଧି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, କଳ୍କୀସେନା ସଭାପତି ସର୍ବେଶ୍ୱର ମାର୍ଥା, ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇ ବୁଥ୍‌ସ୍ତରରୁ ଦଳକୁ ସଙ୍ଗଠିତ କରିବା ପାଇଁ କହିଥିଲେ। ତୃଣମୂଳସ୍ତରରେ କର୍ମୀମାନେ ଦଳ ସଙ୍ଗଠନ ପାଇଁ ଏକଜୁଟ ହୋଇ କାର୍ଯ୍ୟକଲେ ନିଶ୍ଚିତ ସଫଳତା ମିଳିବ ବୋଲି ସତ୍ୟଜିତ ପଟ୍ଟନାୟକ କହିଥିଲେ। ବ୍ଲକର ୧୯ଟି ପଞ୍ଚାୟତର ବହୁ ପୁରୁଷ ମହିଳା କର୍ମୀ ଉକ୍ତ ସମ୍ମିଳନୀରେ ଉପସ୍ଥିତ ଥିବା ବେଳେ ଖଙ୍ଗୁରିଆ, ଡାବରଧୁଆ ଓ ତୃତୀୟାପଡା ଅଞ୍ଚଳର ୧୫ଜଣ ମହିଳା ନୂତନ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଗଦାଧର ଚମ୍ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମୀ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଏବଂ ଅନ୍ୟମାନେ।

# ଶରୀର, ମନ, ଆତ୍ମାକୁ ସଞ୍ଜମ କରେ ଯୋଗ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବୋଲଗଡ଼,୨୯।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ କଲ୍ୟାଣୀମଣ୍ଡପଠାରେ ସେଭେନ-ସି ଯୋଗ ସାଧନାକେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ କେନ୍ଦ୍ର ପ୍ରତିଷ୍ଠାତା ଅବସରପ୍ରାପ୍ତ ଅଧ୍ୟାପକ ଡ.ଭାସ୍କର ଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଳାଙ୍ଗ ଗ୍ରାମ ସଭାପତି ପ୍ରଶାନ୍ତ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ପିଏନ୍ କଲେଜର ପୂର୍ବତନ କ୍ରୀଡା ଓ ଯୋଗ ଶିକ୍ଷକ ଭଞ୍ଜକିଶୋର ଯତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶରୀର, ମନ ଓ ଆତ୍ମାକୁ ସଞ୍ଜମ କରିବାର ଆଧ୍ୟାତ୍ମିକ ପଦ୍ଧତି ହେଉଛି ଯୋଗ ବୋଲି କହିଥିଲେ। ରାଜସୁନାଖଳା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିଚାଳିକା ବ୍ରହ୍ମକୁମାରୀ ରଶ୍ମିତା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଯୋଗ ଓ ରାଜଯୋଗ କିପରି ସୁସ୍ଥମନ, ନିରୋଗ ଜୀବନ ସହ ମାନବୀୟ ଚେତନା ସୃଷ୍ଟି କରୁଛି ତାହା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗାଚାର୍ଯ୍ୟ ଭାଗୀରଥି, ରତିକାନ୍ତ ରାଉତରାୟ, ସଂଗ୍ରାମ କେଶରୀ ସାହୁ, ପ୍ରଧାନ ଶିକ୍ଷକ ଯୋଗିନ୍ଦ୍ର ଦାସ, ବ୍ରହ୍ମ କୁମାରୀ ସରୋଜିନୀ ଓ ବାବା ପ୍ରେମାନନ୍ଦ ଯୋଗର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ରର ସଦସ୍ୟ ପ୍ରଦୀପ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# 'ଛାତ୍ରୀଛାତ୍ର ସୁନାଗରିକ ହେଲେ ସୁସ୍ଥ ସମାଜ ଗଠନ ହୋଇପାରିବ'

ନିରାକାରପୁର,୨୯।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଛାତ୍ରୀଛାତ୍ରମାନେ ସୁନାଗରିକ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ନିରାକାରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୧୩ଶ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ସନ୍ତୋଷ କୁମାର କର ପୌରୋହିତ୍ୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ନାଚୁଣୀ କଲେଜ ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ସାହୁ ଏବଂ ମୁଖ୍ୟ ବକ୍ତାଭାବେ ପୂର୍ବତନ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଶିକ୍ଷକ ଉମାକାନ୍ତ ହରିଚନ୍ଦନ ଏବଂ ସ୍କୁଲ ନିର୍ଦ୍ଦେଶକ ଛବିରାମ ପରିଡ଼ା ମଞ୍ଚାସୀନ ଥିଲେ। ଏହି ସମାରୋହକୁ ସୁଜାତା ମହାପାତ୍ର ଓ ସମୀକ୍ଷା ଦାସ ସଞ୍ଚାଳନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ସୁମନ୍ତ ସାମନ୍ତରାୟ, ଲିପକ ବେହେରା, ଅଭିଜିତ୍ ମାଝୀ, ମନୋରଞ୍ଜନ ସୁବୁଦ୍ଧି, ଅମିତ୍ ପଟ୍ଟନାୟକ, ଶିକ୍ଷୟିତ୍ରୀ ବୈଶାଖୀ ପାଇକରାୟ, ଜିକୁନା ଜେନା, ରିପଲ ପ୍ରଧାନ, ଶୁଭଶ୍ରୀ ଯୁଝାରସିଂହ, ଜ୍ୟୋତିକା ସାହୁ, ରୀନା ପରିଡ଼ା, ଜ୍ୟୋତିର୍ମୟୀ ନାଥଶର୍ମା, ଭାରତୀ ରାଉତ, ହିରଣ୍ମୟୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



# 'ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା କରାଯାଉ'

**ରାଜ୍ୟସ୍ତରୀୟ ୨୧୦ତମ ପାଇକ ବିଦ୍ରୋହ ଦିବସ**

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ୨୧୦ତମ ପାଇକ ବିଦ୍ରୋହ ଦିବସ ରବିବାର ଭୁବନେଶ୍ୱରସ୍ଥିତ ମ୍ୟୁଜିୟମ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଘୋଷଣା କରିବା, ପାଇକ ଆଖଡ଼ା ରାଜ୍ୟ କ୍ରୀଡାର ମାନ୍ୟତା ଦେବା ସହିତ ସ୍କୁଲ, କଲେଜ ପାଠ୍ୟକ୍ରମରେ ସାମିଲ କରିବାକୁ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂ ଦାବି ରଖିଛନ୍ତି। ମହାସଂଘର ରାଜ୍ୟ ସଂଯୋଜକ ପାଇକଗୁରୁ କେଦାରନାଥ ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ କହିଲେ, ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହର ଅଗ୍ନିଶିଖା ପ୍ରଥମେ ବାଣପୁର ମାଟିରେ ଆରମ୍ଭ ହୋଇଥିଲା।



ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ତେଣୁ ମାର୍ଚ୍ଚ ୨୯କୁ ବୀରତ୍ୱର ଦିବସ ବା ପାଇକ ବିଦ୍ରୋହର ଦିବସ ଭାବରେ ସମଗ୍ର ଓଡ଼ିଶାରେ ପାଳନ କରାଯାଉଛି। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ପାଇକଗୁରୁ ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ସଂଘର ଉପଦେଷ୍ଟା ଭିମସେନ୍ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଏହି ଦିନକୁ ପାଇକ ବିଦ୍ରୋହ ଦିବସ ଭାବରେ ଘୋଷଣା କରିବା ସହିତ ରାଜ୍ୟସ୍ତରୀୟ ପାଇକ ବିଦ୍ରୋହ ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପାଇକ ଆଖଡାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସେ ଦାବି ରଖିଥିଲେ। ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫେସର ଗାୟନ ସାମଲ, ପାଇକରାଣୀ ସସ୍ମିତା ମଙ୍ଗରାଜ, ରାଜ୍ୟ ମୁଖପାତ୍ର ରାଜୀବ ନୟନ ରଥ, ଅବସରପ୍ରାପ୍ତ ପୋଲିସ ପ୍ରଶାସକ ବିଜୟ କୁମାର ଆଇଚଙ୍କ ସହ ମହାସଂଘର ଜିଲା କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଗଡ଼ପାତ୍ରପଡ଼ା ବାଲୁଙ୍କେଶ୍ୱର ପାଇକ ଆଖଡ଼ା ଓ କୃଷ୍ଣପ୍ରସାଦ ପାଇକ ଆଖଡ଼ା ଦଳର କଳାକାରମାନେ ସମରକଳା ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ଏନ୍‌ଫୋର୍ସମେଣ୍ଟ ଓ ଆୱାରନେସ୍ କାର୍ଯ୍ୟକ୍ରମ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଗତ ୨୧ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମ କରାଯାଉଛି। ଶନିବାର ପୁରୀ ଟାଉନ୍‌ଥାନା ଏବଂ ପେଣ୍ଠକଟା ମେରାଇନ୍ ଥାନାଠାରେ ଏନ୍‌ଫୋର୍ସମେଣ୍ଟ ଏବଂ ଆୱାରନେସ କାର୍ଯ୍ୟକ୍ରମ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଆୱାରନେସ୍‌ରେ ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ମୋଟରଯାନ ନିରୀକ୍ଷକ ବିଭୁରଞ୍ଜନ ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ଦମୟନ୍ତୀ ମାହାଲି, ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ ପାତ୍ର ଉପସ୍ଥିତ ଥିଲେ। ଟାଉନ୍ ଥାନା ଓ ପେଣ୍ଠକଟା ମେରାଇନ୍ ଥାନାର ଅଧିକାରୀମାନେ ମଧ୍ୟ ଏହି ଏନ୍‌ଫୋର୍ସମେଣ୍ଟ ଏବଂ ସଡ଼କ ସୁରକ୍ଷା ଆୱାରନେସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଇନ ଉଲ୍ଲଂଘନକାରୀଙ୍କ ଉପରେ ବିଭିନ୍ନ ପ୍ରକାରର ୩୨ଟି ଚାଲାଣ କରାଯାଇ ୮୭ ହଜାର ୧୧୩ଟଙ୍କାର ଜରିମାନା କରାଯାଇଛି।

### ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟର ବାର୍ଷିକୋତ୍ସବ

ଅସ୍ତରଙ୍ଗ,୨୯।୩(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଉକ୍ତ ବିଦ୍ୟାଳୟ ସବୁବେଳେ ଶିକ୍ଷା, କୃତିତ୍ୱ ଓ ସଂସ୍କାର କ୍ଷେତ୍ରରେ ଗୁରୁତ୍ୱ ଦେଇଆସୁଛି। ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଏହି ଶିକ୍ଷାନୁଷ୍ଠାନକୁ ମଣିଷ ତିଆରି ଏକ ନିଆରା ଅନୁଷ୍ଠାନ ଭାବେ ପୁରୀ ଜିଲ୍ଲା ସମେତ ଆଖପାଖ ଅଞ୍ଚଳରେ ପ୍ରତିପାଦିତ କରିପାରିଛନ୍ତି ବୋଲି ମୁଖ୍ୟବକ୍ତା ଭାବେ ସମାଜ ସଂସ୍କାରକ ଚନ୍ଦ୍ର ବିନ୍ଦୁ ଦାସ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ବିଦ୍ୟାଳୟ ପ୍ରତିଷ୍ଠାଠାରୁ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟର ଲୋକପ୍ରିୟତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଆରତୀ ନାୟକ, ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ସ୍ୱାଇଁ, ଅତିରିକ୍ତ ଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ବିଆର୍‌ସିସି ପ୍ରିୟଦର୍ଶୀ ବିଶ୍ୱାଳ, ସିଆର୍‌ସିସି ସନ୍ତୋଷ କୁମାର ସ୍ୱାଇଁ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଦୁଷ୍ମନ୍ତ ପରିଡ଼ା, ରମାକାନ୍ତ ବସ୍ତିଆ, କାଳନ୍ଦୀ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### କାର୍ ଧକ୍କାରେ ଜଣେ ମୃତ

ଯାଁଳା,୨୯।୩(ବୁଲା ବାରିକ)

୧୬ନଂ. ଜାତୀୟ ରାଜପଥର ଓଗାଳପଡ଼ା ଭୁଆସୁଣୀ ମନ୍ଦିର ସମ୍ମୁଖରେ ରବିବାର କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓଗାଳପଡ଼ା ଗ୍ରାମର ପ୍ରମୋଦ ନାୟକ। ସୂଚନା ମୁତାବକ, ସନ୍ଧ୍ୟାରେ ପ୍ରମୋଦ କୌଣସି କାମରେ ଭୁଆସୁଣୀ ବଜାରକୁ ଆସିଥିଲେ। ରାସ୍ତା ପାରି ହେଉଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଥିବା ବେଳେ ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ମଦ୍ୟପାନକୁ କେନ୍ଦ୍ରକରି ହୋଇଥିଲା ହତ୍ୟାକାଣ୍ଡ

## ଧୋବାଖାଲରେ ଯୁବକଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

ପୁରୀ,୨୯।୩( ଅଜିତ୍ କୁମାର ମହାନ୍ତି)

ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଧୋବାଖାଲ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ହୋଇଥିଲା। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ବଡ଼ଶଙ୍ଖ ସୁଦର୍ଶନ ନଗରର ସମୀର ବାରିକ ଓରଫ ତପୁ। ଏହି ହତ୍ୟାକାଣ୍ଡ ଘଟଣାରେ ରବିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ଗୋବିନ୍ଦ ପାଇକରାୟ ଓରଫ କାଲୁ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଖଣ୍ଡା, ଇଟା, ଖଣ୍ଡାର କାଠ ହ୍ୟାଣ୍ଡେଲ, ରକ୍ତ ଲାଗିଥିବା କଳା ରଙ୍ଗର ଶାର୍ଟ, ରବର ସାଣ୍ଡାଲ ଓ ୨ଟି ମୋବାଇଲ ଜବତ କରାଯାଇଥିବା ନେଇ ରବିବାର ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଏସ୍‌ପି ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ମୃତ ଯୁବକ ଜଣଙ୍କ ସମୀର ବାରିକ। ଗତ ୨୭ରେ ଗୋବିନ୍ଦ ପାଇକରାୟ, ସମୀର ବାରିକ, ବାବୁଲା ବେହେରା, କୁନା ପ୍ରଧାନ ଏବଂ କୁନା ଦାସ ରେଳଷ୍ଟେଶନଠାରେ ମଦ୍ୟପାନ କରିଥିଲେ। ସେମାନେ ଆହୁରି ମଦ୍ୟପାନ କରିବାକୁ ଇଚ୍ଛା କରିଥିଲେ। ଗୋବିନ୍ଦ ଅନ୍ୟମାନଙ୍କୁ ଧୋବାଖାଲରେ ମଦ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାତି ପ୍ରାୟ ୧୨ଟାରେ ସମସ୍ତେ ତାରିଣୀ ବସ୍ତିକୁ ଯାଇଥିଲେ, କିନ୍ତୁ ପ୍ରତିଶ୍ରୁତି ଅନୁଯାୟୀ ମଦ ମିଳି ନ ଥିଲା। ତେଣୁ ସେମାନଙ୍କ ମଧ୍ୟରେ ଉକ୍ତ ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଝଗଡ଼ା ହେବା ସହ ଅଭିଯୁକ୍ତଙ୍କ ମୋବାଇଲ୍‌କୁ ଅନ୍ୟମାନେ ଛଡ଼ାଇ ନେଇଥିଲେ। ଏନେଇ ପରସ୍ପର ମଧ୍ୟରେ କଥା କଟାକଟି ହୋଇଥିଲା। ଅଭିଯୁକ୍ତ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଅନ୍ୟମାନଙ୍କୁ ଆକ୍ରମଣ କରିଥିଲେ। ସମୀର ବାରିକଙ୍କ ବେକ ଏବଂ ମୁଣ୍ଡରେ ଆଘାତ ଲାଗିଥିଲା। ଆଘାତ ପାଇବା ପରେ ସମୀର ତଳେ ପଡ଼ିଯାଇଥିଲେ। ଅଭିଯୁକ୍ତ ଇଟା ସାହାଯ୍ୟରେ ସମୀରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ସମୀରଙ୍କ ମୃତ୍ୟୁ ଘଟିଥିଲା। ପରେ ଭୟରେ ଅନ୍ୟମାନେ ସେଠାରୁ ପଳାଇଥିଲେ। ଏହି ଘଟଣାରେ ପୋଲିସ ଶନିବାର ଗିରଫ କରି ଥାନାକୁ ଆଣି ପଚରାଉଚରା କରିଥିବା ବେଳେ ମଦ୍ୟପାନକୁ ନେଇ ଉକ୍ତ ହତ୍ୟାକାଣ୍ଡ ଘଟିଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ସେଠାରୁ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଓଡ଼ିଶାର ଗର୍ବକୁ ଅପମାନ ଏକ ଦୁର୍ଭାଗ୍ୟଜନକ ଅପଚେଷ୍ଟା

## ନିଶିକାନ୍ତ ଦୁବେଙ୍କ ବିଜୁ ବିରୋଧୀ ମନ୍ତବ୍ୟ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଯେଉଁ ଅପମାନଜନକ ଓ ଅସତ୍ୟ ମନ୍ତବ୍ୟ ଦେଇଛନ୍ତି, ତାହାକୁ ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମା ନିନ୍ଦା କରିଛନ୍ତି।

ଦୁବେ କହିଛନ୍ତି, ୧୯୬୨ ଚାଇନା ଯୁଦ୍ଧ ସମୟରେ ବିଜୁବାବୁ ନେହେରୁଙ୍କ ସହିତ ଯୁକ୍ତରାଷ୍ଟ୍ର ଆମେରିକା ଓ ସିଆଇଏ ମଧ୍ୟରେ ଲିଙ୍କ୍‌ରେ ଥିଲେ। ତାଙ୍କ ଅନୁଯାୟୀ ଚାର୍‌ବାଟିଆ ଏୟାର ବେସ୍ ଯୁଦ୍ଧ ବିମାନ ପାଇଁ ବ୍ୟବହୃତ ହୋଇଥିଲା। ବିଜୁବାବୁ ଏଥିରେ ଜଡ଼ିତ ଥିଲେ। ଏହି ମନ୍ତବ୍ୟ କେବଳ ଐତିହାସିକ ତଥ୍ୟର ବିକୃତି ନୁହେଁ, ବରଂ ଓଡ଼ିଶାର ଭୂମିପୁତ୍ର ଓ ଜାତୀୟ ନେତାଙ୍କ ପ୍ରତି ଏକ ନିନ୍ଦନୀୟ ଘଟଣା। ବିଜୁ ପଟ୍ଟନାୟକଙ୍କ ଜୀବନ ଓ କର୍ମକୁ ବୁଝି ନ ଥିବା ନିଶିକାନ୍ତ ପ୍ରଥମେ ବିଜୁବାବୁଙ୍କ ବ୍ୟକ୍ତିତ୍ୱକୁ ଜାଣିବା ଜରୁରୀ। ବିଜୁବାବୁ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିଳ୍ପପତି ଓ ରାଜନେତା। ଭାରତ ଛାଡ଼ ଆନ୍ଦୋଳନ ସମୟରେ ସେ ବିମାନରୁ ଲିଫ୍‌ଲେଟ୍ ବାଣ୍ଟି ଥିଲେ ଓ ସ୍ୱାଧୀନତା ଯୋଦ୍ଧାଙ୍କୁ ଗୋପନୀୟ ଭାବେ ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ସାହାଯ୍ୟ। ୧୯୪୭ ମସିହାରେ ନେହେରୁଙ୍କ ନିର୍ଦ୍ଦେଶରେ ବିଜୁବାବୁ ଡାକୋଟା ବିମାନରେ ଇଣ୍ଡୋନେସିଆର ନେତା ସାହରିୟାର ଓ ଅନ୍ୟ ନେତାମାନଙ୍କୁ ଡଚ୍ ଉପନିବେଶବାଦୀଙ୍କ କବଳରୁ ଉଦ୍ଧାର କରି ଭାରତ ଆଣିଥିଲେ। ଏହି ସାହସିକ କାର୍ଯ୍ୟ ପାଇଁ ଇଣ୍ଡୋନେସିଆ ତାଙ୍କୁ 'ଭୂମିପୁତ୍ର' ସମ୍ମାନ ପ୍ରଦାନ କରିଥିଲା, ଯାହା କି ବିଦେଶୀଙ୍କୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ। ମହାନ୍ ନେତାଙ୍କୁ ସିଆଇଏ ଏଜେଣ୍ଟ ବା ଲିଙ୍କ୍ କହି ଅପମାନ କରିବା କେବଳ ଅଜ୍ଞତା ନୁହେଁ, ବରଂ ରାଜନୈତିକ କୌଶଳର ଏକ ନିମ୍ନସ୍ତରୀୟ ଉଦାହରଣ। ଦୁବେଙ୍କ ଏହି ମନ୍ତବ୍ୟ କେବଳ ବିଜୁବାବୁଙ୍କ ନୁହେଁ, ସମଗ୍ର ଓଡ଼ିଆ ଜାତିର ଅପମାନ। ଆମେ ଏହାର ତୀବ୍ର ନିନ୍ଦାକରୁଛୁ ଓ ଆଶାକରୁଛୁ ଯେ ଦୁବେ ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିବେ ଓ ଇତିହାସ ପଢ଼ି ଶିଖିବେ ବୋଲି ଦାସବର୍ମା ମତବ୍ୟକ୍ତ କରିଛନ୍ତି।

# ମୁରବିମାନେ ସଂସ୍କୃତି, ପରମ୍ପରାକୁ ଗୁରୁତ୍ୱ ଦିଅନ୍ତି

## ୧୦୦ ବର୍ଷର ପ୍ରସିଦ୍ଧ ଛଇତନା ମେଳଣ ଉଦ୍‌ଘାଟିତ

ଗୋପ,୨୯।୩(ଭାରତୀ ଭୂଷଣ ଉପାଧ୍ୟାୟ)

୧୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଛଇତନା ଅଞ୍ଚଳର ୨୨ ମୌଜାର ମୁରବି ଓ ସାଧାରଣ ଲୋକମାନେ ସଂସ୍କୃତି, ପରମ୍ପରାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ବାଲିଘାଇ ଫାଣ୍ଡି ଆଇନ ଶୃଙ୍ଖଳାକୁ ମଧ୍ୟ ଅଧିକ ମାତ୍ରାରେ ଗୁରୁତ୍ୱ ଦିଏ ବୋଲି ଫାଣ୍ଡି ଅଧିକାରୀ ଶିଶିର ମହାନ୍ତି କହିଛନ୍ତି। ଶନିବାର ବିଳମ୍ବିତ ରାତିରେ ପ୍ରସିଦ୍ଧ ଛଇତନା ମେଳଣ ଆରମ୍ଭ ହୋଇଛି। ଗାଁ ମନ୍ଦିରରୁ ଜମାଣ ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟ, ନାଗାମେଢ଼, ବିଭିନ୍ନ ଆଲୋକରେ ରୋଶଣି ଶୋଭାଯାତ୍ରା କରି ସୁସଜ୍ଜିତ ବିମାନରେ ଥାନପତି ଗ୍ରାମେଶ୍ୱର ଦେବ ଦଧିବାମନ, ମଦନ ମୋହନ ବାସୁଦେବଙ୍କୁ ନଗର ପରିକ୍ରମା କରାଇ ନେଇ ମେଳଣ ପଡ଼ିଆ ଆସ୍ଥାନରେ ବିଜେ କରାଇଥିଲେ।



ପୁରାତନ ଛଇତନା ମେଳଣ ଆରମ୍ଭ ।

ବିଧି ଅନୁଯାୟୀ, ରାତ୍ର ୧୨ଟା ପରେ ଶାନ୍ତିପୂଜା ଓ କାଳୀପୂଜା ପରେ ୪ସାହି ପକ୍ଷରୁ ୧୨ ନାଗା, ୮ ମେଢ଼ ସହ ବାଦ୍ୟ, ବିଭିନ୍ନ ସାମରିକ କଳା ପ୍ରଦର୍ଶନ ଓ ନିଆଁ ବନାଟି ଆଦି ଶୋଭାଯାତ୍ରା ବାହାରିଥିବା ବେଳେ ଜମାଣ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସମବେତ ହୋଇଥିଲେ। ରବିବାର ମେଳଣ ପଡ଼ିଆକୁ ଆଖପାଖ ଗାଁଗୁଡ଼ିକରୁ ଶୋଭାଯାତ୍ରାରେ ଠାକୁର ଆସିବା ସହ ମଙ୍ଗଳବାର ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ମେଳଣ ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି। ଉକ୍ତ ମେଳଣ ୩ଦିନ ଧରି ଚାଲିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଛଇତନା ପଞ୍ଚାୟତର ମହିଳା ସରପଞ୍ଚ ରିନାରାଣୀ ପ୍ରଧାନଙ୍କ ସହିତ ଅନ୍ୟ ଅତିଥିମାନେ ଯୋଗଦେଇ ଏହି ମେଳଣର ସଂସ୍କୃତି ପରମ୍ପରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ହାଇମାଷ୍ଟ ଲାଇଟ୍ ଅଚଳ, ଅନ୍ଧାରରେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ

ସାକ୍ଷୀଗୋପାଳ,୨୯।୩(ଭରତ ରାଉତ)

୩୧୬ ନଂ. ଜାତୀୟ ରାଜପଥର ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ହାଇମାଷ୍ଟ ଲାଇଟ୍ ଏବେ ଏକମାସ ହେବ ଅଚଳ ହୋଇ ପଡ଼ିଛି। ଉକ୍ତ ଛକଟି ବସ୍‌ଷ୍ଟାଣ୍ଡ, ମେଡିକାଲ୍, ପୋଷ୍ଟଅଫିସ ଓ ସାକ୍ଷୀଗୋପାଳ ମନ୍ଦିରକୁ ପ୍ରବେଶପଥର ରାସ୍ତା। ସନ୍ଧ୍ୟାହେଲେ ଲୋକମାନେ ବସ୍, ଅଟୋକୁ ଏଠାରେ ଅପେକ୍ଷା କରିଥାନ୍ତି। ଅନ୍ଧାର ଯୋଗୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସନ୍ଧ୍ୟାହେଲେ ଓଭରବ୍ରିଜ୍ ଓ ବସ୍‌ଷ୍ଟାଣ୍ଡ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାର



ହୋଇଯାଉଛି। ଅନ୍ୟପକ୍ଷରେ ଅନ୍ଧାର ଯୋଗୁ ମହିଳାମାନେ ସନ୍ଧ୍ୟା ପରେ ଏହି ବସ୍‌ଷ୍ଟାଣ୍ଡରେ ନିଜକୁ ନିରାପଦ ମଣୁନାହାନ୍ତି। ଏହି ବାଟ ଦେଇ ଅଧିକାରୀମାନେ ଯିବାଆସିବା କରୁଥିଲେ ମଧ୍ୟ କିପରି କାହା ନଜର ପଡୁନାହିଁ, ତାହା ଏବେ ବୁଦ୍ଧିଜୀବୀଙ୍କୁ ଚକିତ କରିଛି। ପୁରୀ ଜିଲାପାଳ ତୁରନ୍ତ ଏ ଦିଗ ପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ବ୍ୟବସାୟୀ ଉନା ସେଠୀ ଅଭିଯୋଗ କରିଥିବା ବେଳେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ୧ରେ ରାଜ୍ୟସ୍ତରୀୟ ବୀର କଳିଙ୍ଗ ପୁତ୍ର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ଖବରଦାତା ସମ୍ମିଳନୀରେ ଲୋଗୋ ଉନ୍ମୋଚନ କରାଯାଉଛି ।

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆମେଚର ବଡି ବିଲ୍ଡର୍ସ ଆସୋସିଏଶନ ପକ୍ଷରୁ ଆସନ୍ତା ୧ରେ ୪ର୍ଥ ଥର ପାଇଁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ବୀର କଳିଙ୍ଗ ପୁତ୍ର' ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ମୁଖ୍ୟ ମାର୍ଗଦର୍ଶକ ମନୋଜ ରଥ, ସଭାପତି ସତ୍ୟନାରାୟଣ ମହାନ୍ତି, ସାଧାରଣ ସମ୍ପାଦକ ଡ. ଭାରତୀ କୃଷ୍ଣ ବ୍ରହ୍ମା, ଉପସଭାପତି ବାସୁଦେବ ପ୍ରତିହାରୀ, ଲକ୍ଷ୍ମୀନାରାୟଣ ପ୍ରତିହାରୀ, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍କଳ ଦିବସରେ ପୁରୀ ଟାଉନ ହଲ୍ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ୫୫ରୁ ୧୦୦ କି.ଗ୍ରା. ଓଜନର ୧୦ଟି ବର୍ଗରେ ଓ ମେନ୍ସ ଫିଜିକ୍‌ର ଦୁଇଟି ବର୍ଗରେ ପ୍ରତିଯୋଗିତା ହେବ। ଏଥିରେ ୨ଶହ ପ୍ରତିଯୋଗୀ ଓ ୫୦ ଅଫିସିଆଲ୍ ଅଂଶଗ୍ରହଣ କରିବେ। ଚାମ୍ପିୟନ ଅର୍ଥରାଶି ଏକ ଲକ୍ଷ ଟଙ୍କା ରହିଥିବା ବେଳେ ରନରଅପ୍ ଅର୍ଥରାଶି ୫୦ ହଜାର ରଖାଯାଇଛି। ଅନ୍ୟାନ୍ୟ ବର୍ଗ ପୁରସ୍କାର ରାଶି ବାବଦରେ ସର୍ବମୋଟ୍ ୫ ଲକ୍ଷ ୧୦ ହଜାର ଟଙ୍କା ରଖାଯାଇଛି।

# ୧୫ ମାସରେ ନିଖୋଜ ୮୭୪ ଜଣ ଉଦ୍ଧାର

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଜିଲାରେ ନିରାପତ୍ତା, ସାମାଜିକ ସୁରକ୍ଷା ଏବଂ ନିଖୋଜ ବ୍ୟକ୍ତିଙ୍କ ସମ୍ବନ୍ଧରେ ପୁରୀ ପୋଲିସ ସଦା ସଚେତନ ଓ ସକ୍ରିୟ ଭାବେ କାର୍ଯ୍ୟରତ ଅଛି। ବିଶେଷକରି ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଅଭିଯାନ ଓ ସମନ୍ୱୟ ମାଧ୍ୟମରେ ସଫଳତା ଅର୍ଜନ କରିଛି। ୨୦୨୫-୨୬ ବର୍ଷ ମଧ୍ୟରେ ପୁରୀ ପୋଲିସ ଦ୍ୱାରା ନିଖୋଜ ମାମଲାର ବ୍ୟକ୍ତିମାନଙ୍କୁ ଉଦ୍ଧାର କରାଯାଇଛି। ୨୦୨୫ ମସିହାରେ ମୋଟ ୭୯୦ ଜଣ ନାବାଳିକା, ମହିଳା, ନାବାଳକ, ପୁରୁଷ ଉଦ୍ଧାର କରାଯାଇଥିଲା। ସେଥିମଧ୍ୟରେ ୧୭୫ ଜଣ ପୁରୁଷ, ୩୫୯ ମହିଳା, ୩୬ ନାବାଳକ ଏବଂ ୨୨୦ ନାବାଳିକା ଅନ୍ତର୍ଭୁକ୍ତ ରହିଛନ୍ତି। ସେହିପରି ୨୦୨୬ରେ ଏପର୍ଯ୍ୟନ୍ତ ମୋଟ୍ ୮୪ ଜଣ ନାବାଳିକା, ମହିଳା, ନାବାଳକ, ପୁରୁଷଙ୍କୁ ସଫଳତାର ସହ ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ୧୭ ପୁରୁଷ, ୩୮ ମହିଳା, ୨ ନାବାଳକ ଏବଂ ୨୭ ନାବାଳିକା ଅଛନ୍ତି। ଗତ ୧୫ ମାସର ତଥ୍ୟ ଅନୁସାରେ, ମୋଟ ୮୭୪ ଜଣ ବ୍ୟକ୍ତିଙ୍କୁ ପୁରୀ ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି। ଏଥିରେ ୧୯୨ ପୁରୁଷ, ୩୯୭ ମହିଳା, ୩୮ ନାବାଳକ ଏବଂ ୨୪୭ ନାବାଳିକା ଅନ୍ତର୍ଭୁକ୍ତ ଅଛନ୍ତି। ନିଖୋଜ ମାମଲାରେ ପୋଲିସ ଦ୍ୱାରା ଟେକ୍ନୋଲୋଜିର ବ୍ୟବହାର, ଅନ୍ୟ ଜିଲା ଓ ରାଜ୍ୟ ସହ ସମନ୍ୱୟ, ସୋସିଆଲ ମିଡିଆର ଠିକ୍ ବ୍ୟବହାର ଏବଂ ସାଧାରଣ ଲୋକଙ୍କ ସହଯୋଗ ଦ୍ୱାରା ଉଦ୍ଧାର କାର୍ଯ୍ୟକୁ ଆହୁରି ଦୃଢ଼ କରାଯାଇଛି। ବିଶେଷକରି ଶିଶୁ ଓ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପୋଲିସ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ ଓ କଲେଜରେ ଜାଗୃତା ଅଭିଯାନ ଏବଂ ସମାଜର ବିଭିନ୍ନ ଅଂଶ ସହ ମିଳିତ ଉଦ୍ୟମ ଜାରି ରହିଛି। ଏହାଦ୍ୱାରା ନିଖୋଜ ଘଟଣାକୁ କମାଇବା ସହ ଏକ ସୁରକ୍ଷିତ ସମାଜ ଗଠନରେ ସହଯୋଗ ମିଳୁଛି। ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ଯଦି କୌଣସି ବ୍ୟକ୍ତି ନିଖୋଜ ହୋଇଥା'ନ୍ତି କିମ୍ବା ସନ୍ଦିଗ୍ଧ ପରିସ୍ଥିତି ଦେଖାଯାଏ, ତେବେ ୧୧୨ କିମ୍ବା ନିକଟ ଥାନାରେ ଜଣାଇବା ପାଇଁ ପୋଲିସ ସୂଚନା ଦେଇଛି।

# ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ୪ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୯।୩ (ସୌମ୍ୟରଞ୍ଜନ ରାଉତ)

ଚିଲିକା ଆଞ୍ଚଳିକ ବିକାଶ ପରିଷଦର ୧୩ତମ ବାର୍ଷିକ ଉତ୍ସବ ଓ ସାଧାରଣ ପରିଷଦ ବୈଠକ ରବିବାର ରେଡକ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଫକୀର ଚରଣ ଶତପଥୀଙ୍କ ସଭାପତିତ୍ୱରେ ଅତିଥି ଭାବେ ସାହିତ୍ୟିକ ଶଶାଙ୍କ ଚୂଡ଼ାମଣି, କଥାଶିଳ୍ପୀ ଅର୍ଚ୍ଚନା ନାୟକ ଯୋଗଦେଇ ଚିଲିକା ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜେକେ ବରାଳ ଯୋଗଦେଇଥିଲେ। ଏହି ଅବସରରେ ଫକିର ମୋହନ ଷଡ଼ଙ୍ଗୀଙ୍କ ଉପନ୍ୟାସ 'ବିଜୟିନୀ ସୃଷ୍ଟି', 'କନକ ଚମ୍ପା', ଚିତ୍ରଶିଳ୍ପୀ ସ୍ୱର୍ଗତ ଉପେନ୍ଦ୍ର ମହାରଥୀଙ୍କ 'ବିଶ୍ୱମୁକ୍ତି' ଓ ନିଳାଦ୍ରୀ ଭୂଷଣ ହରିଚନ୍ଦନଙ୍କ 'ନୀଳଚନ୍ଦନର ସ୍ମୃତିଲେଖ' ଉନ୍ମୋଚିତ ହୋଇଥିଲା। ଏଥିସହିତ ନାରୁଣୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାରଙ୍କୁ ନିରବଚ୍ଛିନ୍ନ ସାଧନା ପାଇଁ ଓ ସୁଶାନ୍ତ କୁମାର ସାହୁଙ୍କୁ କାଙ୍କଣ ଶିଖରୀର ଉନ୍ନତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଉମାଶଙ୍କର ଷଡ଼ଙ୍ଗୀ ଓ ନିଳାଦ୍ରୀଭୂଷଣ ହରିଚନ୍ଦନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ସୁଶିଲ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଫକୀର ମୋହନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ମା' ହିଙ୍ଗୁଳାଙ୍କ ଯାତ୍ରା, ବିଶ୍ୱ ଶାନ୍ତି ମହାଯଜ୍ଞ ମହୋତ୍ସବ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରିର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଯାତ୍ରା ଏବଂ ବିଶ୍ୱ ଶାନ୍ତି ମହାଯଜ୍ଞ ମହୋତ୍ସବ ୨୭ରୁ ଆରମ୍ଭ ହୋଇ ଏପ୍ରିଲ୍ ୧ରେ ଶେଷହେବ। ପ୍ରତିଦିନ ପୁରୀ, ବ୍ରହ୍ମପୁର, ନୟାଗଡ଼, ଖୋର୍ଦ୍ଧା ଏବଂ ଜଗତ୍‌ସିଂହପୁର ଜିଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି। ଏପ୍ରିଲ ୧ ତାରିଖ ଦିନ ଅଗ୍ନିରୂପୀ ମା' ହିଙ୍ଗୁଳାଙ୍କ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ବ୍ରହ୍ମଗିରି ଅଞ୍ଚଳରେ ଏହା ହେଉଛି ସବୁଠାରୁ ବଡ଼ଯାତ୍ରା। ପ୍ରାୟ ୫୦ ବର୍ଷ ହେବ ଏହି ଯାତ୍ରା ହୋଇଆସୁଛି। ପୂର୍ବତନ ମନ୍ତ୍ରୀ ତଥା



ବିଜେଡିର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ମାତଲାପୁର ଗ୍ରାମ ଗସ୍ତ କରି ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କୁ ଦର୍ଶନକରି ଆଶୀର୍ବାଦ ଲାଭ କରିଛନ୍ତି। ଦାସବର୍ମା କହିଛନ୍ତି, ମା' ହିଙ୍ଗୁଳାଙ୍କୁ ପୁରୀ ଶ୍ରୀମନ୍ଦିର ରୋଷଘରର ଅଧିଷ୍ଠାତ୍ରୀ ଦେବୀ ବୋଲି ବିଶ୍ୱାସ କରାଯାଏ। ଏହା ଜଗନ୍ନାଥଙ୍କ ସଂସ୍କୃତି ସହ ସମ୍ପର୍କ ରହିଛି। ଯାତ୍ରା ସମୟରେ ମା' ଶ୍ରୀମନ୍ଦିରରୁ ବିଦାୟ ନେଇ ମାତଲାପୁର ପୀଠକୁ ଆସନ୍ତି ବୋଲି ଲୋକକଥା ରହିଛି। ମାତଲାପୁର ଗ୍ରାମର ଅଧିଷ୍ଠାତ୍ରୀ ମା' ହିଙ୍ଗୁଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଯାତ୍ରା ମହୋତ୍ସବରେ ଯୋଗଦେଇ ମା' ହିଙ୍ଗୁଳା ବ୍ରହ୍ମଗିରି ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଏହି ଗସ୍ତ ସମୟରେ ବ୍ରହ୍ମଗିରି ବ୍ଲକର ସମାଜସେବୀ ପ୍ରଫୁଲ୍ଲ ଜେନା, ବାରେଣି ଜେନା, ବ୍ରହ୍ମଗିରି ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଜୟ ବେହେରା, ଧରଣୀକୁଦା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଜୟ କୁମାର ନାୟକ, ବ୍ରହ୍ମଗିରି ସରପଞ୍ଚଙ୍କ ପ୍ରତିନିଧି ନନ୍ଦ ବିଶ୍ୱାଳ, କହଳପଦା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ଜେନା, ମାତଲାପୁର ଗ୍ରାମର ମୁରବି ମନୋରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶିଶୁକଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।




ପୁରୀ ଝାଡେଶ୍ୱରୀ କ୍ଲବ ପରିସରରେ ତୃତୀୟ ଥ୍ରୋ ବଲ୍ ପ୍ରିମିଅର ଲିଗ୍ କପ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ଗୋଡ଼ିବାରିକୁ ଗଲା ହାତୀ 'ରାମୁ'ର କଙ୍କାଳ

## ସଂରକ୍ଷଣ ସହ ପ୍ରଦର୍ଶନ ହେବ

ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ସବୁଠୁ ଚର୍ଚ୍ଚିତ, ପ୍ରିୟ, ବଳଶାଳୀ ଓ ବଡ଼ ହାତୀ 'ରାମୁ'ର ଦେହାବଶେଷକୁ ସଂରକ୍ଷିତ କରି ରଖିବ ବନ ବିଭାଗ। ରାମୁ ବିଷୟରେ ଜାଣିବେ ଲୋକେ। ଭୁବନେଶ୍ୱର ଉପକଣ୍ଠ ଗୋଡ଼ିବାରି ପ୍ରକୃତି ନିବାସରେ ରାମୁର କଙ୍କାଳ ସଂରକ୍ଷିତ କରି ରଖାଯିବା ସହ ପ୍ରଦର୍ଶିତ ହେବ। ଠିଆ ହେବ ରାମୁର କଙ୍କାଳ। ଏଥିପାଇଁ ରବିବାର ଭୁବନେଶ୍ୱର ବନ୍ୟପ୍ରାଣୀ ରେଞ୍ଜ ଅଫିସରୁ ହାତୀ କଙ୍କାଳକୁ ଗୋଡିବାରି ପ୍ରକୃତି ନିବାସକୁ ନିଆଯାଇ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି।

୨୦୨୫ ଡିସେମ୍ବର ୯ରେ ଭରତପୁର ଡ଼ମପଡ଼ା ଜଙ୍ଗଲର ମାଟିତଳୁ ହାତୀର କଙ୍କାଳ ଉଦ୍ଧାର କରାଯାଇଥିଲା। ପ୍ରାଣୀ ବିଜ୍ଞାନୀ ତଥା ସେଞ୍ଚୁରିଆନ୍ ୟୁନିଭର୍ସିଟିର ଜୁଲୋଜି ପ୍ରଫେସର ଶିବ ପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ୨୫ଜଣିଆ ଟିମ୍ ଦ୍ୱାରା ରାମୁର ପ୍ରାୟ ୨୫୦ ଖଣ୍ଡ ହାଡ଼ ବାହାର କରାଯାଇଥିଲା। ହାଡ଼କୁ ସଫା କରାଯିବା ସହ ରେଞ୍ଜ୍ ଅଫିସ୍‌ରେ ଆବଶ୍ୟକ ରାସାୟନିକ ପ୍ରକ୍ରିୟାକରଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରାମୁର ହାଡ଼ଗୁଡିକୁ ସାବୁନ, ସର୍ଫ ପକାଇ ସଫା କରାଯାଇଥିଲା। ଏହାପରେ ଫର୍ମାଲିନ୍ ଦେଇ ହାଡ଼ଗୁଡିକୁ ଫିକ୍ସ କରାଯାଇଥିଲା। ତେବେ ୩ମାସ ପରେ ରବିବାର ଶିବ ପ୍ରସାଦଙ୍କ ସହ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ ଏବଂ ଚନ୍ଦକା ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ କଙ୍କାଳକୁ ଗୋଡ଼ିବାରି ନିଆଯାଇଛି। ହାତୀ ମୃତ୍ୟୁର ଅଭିଯୁକ୍ତ ଏଯାବତ୍ ଧରାପଡି ନ ଥିବାରୁ କେସ୍‌ର ଶୁଣାଣିସରିନାହିଁ। ତେଣୁ ପ୍ରମାଣ ପାଇଁ ରାମୁର ପ୍ରକୃତ ଦାନ୍ତକୁ ନିୟମ ଅନୁଯାୟୀ ସରକାରୀ ଟ୍ରେଜେରିରେ ରଖାଯାଇଛି। ଏଥିସହ ଗ୍ଲାସ୍ ଫାଇବରରେ ନକଲି ଦାନ୍ତ ତିଆରି କରାଯାଇ ରାମୁର କଙ୍କାଳ ସହିତ ଗୋଡ଼ିବାରିକୁ ନିଆଯାଇଛି।

ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୧୯ରେ ବିଦ୍ୟୁତ୍ ଆଘାତରେ ରାମୁର ମୃତ୍ୟୁ ହୋଇଥିଲା। ପ୍ରାୟ ୧୦ରୁ ୧୫ଫୁଟ ଗଭୀରରେ ପର୍ଯ୍ୟାପ୍ତ ଲୁଣ ଦେଇ ରାମୁର ମୃତଦେହକୁ ପୋତା ଯାଇଥିଲା। ତେବେ ରାମୁ ମୃତ୍ୟୁର ୩ଦିନ ପରେ ଏହାର କଙ୍କାଳ ସଂରକ୍ଷଣ କରିବା ପାଇଁ ଶୁଭେନ୍ଦୁ ବନ ବିଭାଗକୁ ଚିଠି ଲେଖିଥିଲେ। ଏହାର ୧୬ମାସ ପରେ ବନ ବିଭାଗ ପକ୍ଷରୁ କଙ୍କାଳ ସଂରକ୍ଷଣ ପାଇଁ ଅନୁମତି ମିଳିଥିଲା। ରାମୁ ନିଜ ଜୀବନକାଳରେ କେବେ କାହାର ଅନିଷ୍ଟ କରି ନ ଥିଲା। ତା'ର ଆଚାର ବ୍ୟବହାରରେ ସମସ୍ତେ ଆକୃଷ୍ଟ ହୋଇଥିଲେ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ସମସ୍ତଙ୍କର ପ୍ରିୟ ଥିଲା। ତେଣୁ ତାକୁ ସବୁଦିନ ପାଇଁ ମନେ ରଖିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦିଆଯାଇଛି।


ଗୋଡିବାରି ପ୍ରକୃତି ନିବାସକୁ ସ୍ଥାନାନ୍ତର ହୋଇଥିବା ରାମୁ କଙ୍କାଳର କିଛି ଅଂଶ।

# ଶିକ୍ଷା ହେଉଛି ଶକ୍ତି, ଚରିତ୍ରର ପରିପ୍ରକାଶ: ରାଜ୍ୟପାଳ

ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)

ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା କେବଳ ସୂଚନା ସଂଗ୍ରହ ନୁହେଁ, ବରଂ ଆନ୍ତରିକ ପୂର୍ଣ୍ଣତା, ଶକ୍ତି ଓ ଚରିତ୍ରର ପରିପ୍ରକାଶ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ରବିବାର ରାମକୃଷ୍ଣ ମିଶନର ବିବେକାନନ୍ଦ ହଲ୍‌ରେ ଆୟୋଜିତ 'ଶିକ୍ଷକଙ୍କ ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷା' ସମ୍ପର୍କିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ସେ ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନ ସହିତ ଚରିତ୍ରକୁ ପୋଷଣ କରିବାକୁ ଆହ୍ୱାନ ଜଣାଇଥିଲେ। ଏଥିସହ ଶିକ୍ଷା, ସମାଜସେବା ଏବଂ ଆଧ୍ୟାତ୍ମିକ ଜାଗରଣରେ ରାମକୃଷ୍ଣ ମିଶନର ଉଲ୍ଲେଖନୀୟ ଅବଦାନ ପାଇଁ ରାମକୃଷ୍ଣ ମିଶନକୁ ପ୍ରଶଂସା କରିଥିଲେ। ରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ମିଶନ ନିରନ୍ତର ଏକ ସନ୍ତୁଳିତ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିଆସିଛି। ଏହା ବୌଦ୍ଧିକ, ନୈତିକ ଏବଂ ଆଧ୍ୟାତ୍ମିକ ଅଭିବୃଦ୍ଧିକୁ ସମନ୍ୱିତ କରିଥାଏ। ଭାରତୀୟ ମୂଲ୍ୟବୋଧରେ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଏବଂ ଅହିଂସା ପ୍ରତିଫଳିତ। ଏଗୁଡ଼ିକ କେବଳ ଆଦର୍ଶ ନୁହେଁ ବରଂ ଦୈନନ୍ଦିନ ଜୀବନରେ ପାଳନ କରାଯିବା ପାଇଁ ଉଦ୍ଦିଷ୍ଟ। ଶିକ୍ଷକମାନେ ମାର୍ଗଦର୍ଶକ ଓ ରାଷ୍ଟ୍ର ନିର୍ମାତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଏବଂ ମାର୍ଗଦର୍ଶନ ଓ ଉଦାହରଣ ମାଧ୍ୟମରେ ଯୁବମାନଙ୍କୁ ଗଠନ କରନ୍ତି। ସେହିପରି ମୂଲ୍ୟବୋଧ କେବଳ ପୁସ୍ତକରୁ ଶିକ୍ଷା ଦିଆଯିବା ଉଚିତ ନୁହେଁ, ବରଂ ଦୈନନ୍ଦିନ ଜୀବନରେ ବଞ୍ଚିବା ଏବଂ ଅଭିଜ୍ଞତା ହାସଲ କରିବା ଉପରେ ଏହା ପର୍ଯ୍ୟବସିତ ହେବା ଉଚିତ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ରାମକୃଷ୍ଣ ମଠ ହାଇଦ୍ରାବାଦର ସମ୍ପାଦକ ସ୍ୱାମୀ ବୋଧମୟାନନ୍ଦ ଉଦ୍‌ବୋଧନ ଦେଇଥିଲେ। ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ସ୍ୱାଗତ ଭାଷଣ ଓ ମିଶନର ସଭାପତି ଡ. ଚଣ୍ଡୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରାମକୃଷ୍ଣ ମିଶନ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟିଙ୍କ ସହ ଅନ୍ୟ ଅତିଥିମାନେ।

# ହାଇୱା ଡ୍ରାଇଭରଙ୍କ ଛାତିରେ ପଶିଗଲା ବାଉଁଶ

ଭୁବନେଶ୍ୱର, ୨୯।୩(ତ୍ରିନାଥ ମହାନ୍ତି)

ଚନ୍ଦ୍ରଶେଖରପୁର ଥାନା କଲ୍ୟାଣ ମଣ୍ଡପ ସମ୍ମୁଖରେ ରବିବାର ଭୋରୁ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଉଁଶ ବୋଝେଇ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା ହାଇୱା। ଫଳରେ ହାଇୱା କାଚ ଭାଙ୍ଗି ଛାତି,ପେଟ ଏବଂ ହାତରେ ବାଉଁଶ ପଶିଯାଇଥିଲା। ଖବର ପାଇ ପିସିଆର ଭ୍ୟାନ୍ ପହଞ୍ଚି ଆହତ ଡ୍ରାଇଭରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ସେଠାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପୋଲିସ ଦୁଇଟି ଗାଡ଼ିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନା ଅନୁସାରେ, ରବିବାର ଭୋର୍ ୫ଟା ସମୟରେ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ସମ୍ମୁଖରେ ଏକ ବାଉଁଶ ବୋଝେଇ ଟ୍ରକ୍ ରାସ୍ତା ଉପରେ ରହିଥିଲା। ପଟିଆରୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ପଛରୁ ବାଉଁଶ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଫଳରେ ବାଉଁଶଗୁଡ଼ିକ କାଚ ଭାଙ୍ଗି ଡ୍ରାଇଭରଙ୍କ ଛାତିରେ ପଶିଯାଇଥିଲା। ଡ୍ରାଇଭରଙ୍କ ଆଖି ଲାଗିଯାଇଥିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି।

# ହାୱାନା ବାର୍ ସମ୍ମୁଖରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଭୁବନେଶ୍ୱର, ୨୯।୩(ତ୍ରିନାଥ ମହାନ୍ତି)

କମେଣ୍ଟମରାକୁକେନ୍ଦ୍ରକରିଚନ୍ଦ୍ରଶେଖରପୁର ହାୱନା ବାର୍ ସମ୍ମୁଖରେ ଶନିବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଯୁକ୍ତିତର୍କ, ଗାଳିଗୁଲଜ ସହ ପରସ୍ପର ହାତାହାତି ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଏକ ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁସାରେ, ସମ୍ବଲପୁରରୁ ଗୋଟିଏ ଗୋଷ୍ଠୀ ଏବଂ ଗାଡ଼କଣର ଗୋଟିଏ ଗୋଷ୍ଠୀ ବାର୍‌ରେ ମଦ ପିଇ ବାହାରିବା ପରେ ଏହି ଘଟଣା ଘଟାଇଥିଲେ।

# ନିଖୋଜ ବଙ୍ଗୀୟ ପର୍ଯ୍ୟଟକ ଉଦ୍ଧାର

ବାରଙ୍ଗ/ତ୍ରିଶୂଳିଆ, ୨୯।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନନ୍ଦନକାନନ ବୁଲିବାକୁ ଆସି ନିଖୋଜ ଥିବା ଜଣେ ବଙ୍ଗୀୟ ପର୍ଯ୍ୟଟକ ରବିବାର ଉଦ୍ଧାର ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ସାନ୍ତ୍ରାଗାଛି ଥାନା ଅଧୀନ ବକ୍ସର ଗ୍ରାମର ମହିନ୍ଦ୍ର ନାଥ ମଇତି(୮୦)। ସୂଚନା ମୁତାବକ, ମହିନ୍ଦ୍ର ସପରିବାର ଗତ ୨୭ ତାରିଖରେ ନନ୍ଦନକାନନ ବୁଲିବାକୁ ଆସିଥିଲେ। ନନ୍ଦନକାନନ ବୁଲିବା ପରେ ସନ୍ଧ୍ୟାରେ ବାହାରିବା ବେଳେ ସେ ପରିବାରଠୁ ଅଲଗା ହୋଇଯାଇଥିଲେ। ବସ୍‌ଷ୍ଟାଣ୍ଡରେ ରହିଥିବା ବସ୍ ପାଖରେ ସେ ନ ଥିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାସ୍ତା ଓ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବାଶିଷ


@ ସ୍ୱରୂପ


@ ଚନ୍ଦନ


@ ଦିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାକୃତିକ ସମ୍ପଦ ସୁରକ୍ଷା ଦାବିକଲା 'ଲୋକ ଅଧିକାର ସମାବେଶ'

## ବିକଳ୍ପ ବିକାଶ ନୀତି ନେଇ ଘୋଷଣାପତ୍ର ଜାରି

ଭୁବନେଶ୍ୱର, ୨୯।୩ (ବନ୍ଦନା ସେଠୀ)

ବିକାଶ ନାମରେ ସରକାର ପ୍ରାକୃତିକ ସମ୍ପଦକୁ ଅବିଚାରିତ ଭାବେ କର୍ପୋରେଟ ଲୁଣ୍ଠନ ପାଇଁ ଟେକି ଦେଉଛନ୍ତି। ରାଜ୍ୟକୁ ସମ୍ବଳହୀନ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଲୋକ ଅଧିକାର ସମାବେଶ ଦାବି କରିଛି। ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ରବିବାର ଲୋୟର ପିଏମଜିଠାରେ 'ଲୋକ ଅଧିକାର ସମାବେଶ' ଆୟୋଜିତ ହୋଇଯାଇଛି। ଲୋକଶକ୍ତି ଅଭିଯାନ, ଜନଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ ଏବଂ ସେଣ୍ଟର୍ ଫର୍ କ୍ଲାଇମେଟ ଜଷ୍ଟିସ ପକ୍ଷରୁ ଆୟୋଜିତ ଏହି ସମାବେଶରେ ଏକ ବିକଳ୍ପ ବିକାଶଧାରା ଆପଣେଇବା ପାଇଁ ଏକ ଘୋଷଣାପତ୍ର ଜାରି କରାଯାଇଥିଲା। ଓଡ଼ିଶା ସରକାର, ବିଭିନ୍ନ ରାଜନୈତିକ ଦଳ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଏହି ବିକଳ୍ପ ବିକାଶ ନୀତି ସମ୍ପର୍କରେ ବିଚାର କରିବାକୁ ଲୋକ ଅଧିକାର ସମାବେଶ ଆହ୍ୱାନ କରିଛି।

ରାଜ୍ୟର ପ୍ରାକୃତିକ ସମ୍ବଳଗୁଡିକର ସ୍ଥିତି, କେତେ ସରିଛି ଓ କେତେ ରହିଛି ସେ ସମ୍ପର୍କିତ ଶ୍ୱେତପତ୍ର ପ୍ରକାଶ କରିବା, ପ୍ରାକୃତିକ ସମ୍ପଦଗୁଡ଼ିକୁ ଭବିଷ୍ୟତ ପିଢି ପାଇଁ ସଂରକ୍ଷିତ ରଖିବା, ଭବିଷ୍ୟତ ପିଢି ଓ ବର୍ତ୍ତମାନର ପରିବେଶ ସୁରକ୍ଷା ଦୃଷ୍ଟିରୁ ନୂତନ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିବା, ପ୍ୟାରିସ ବୁଝାମଣା ପତ୍ର ଅନୁଯାୟୀ ନୂଆ ଥର୍ମାଲ ପାୱାର ପ୍ଲାଣ୍ଟ ଉପରେ ନିଷେଧାଦେଶ ଜାରି କରିବା, କୃଷି ଓ ଜଙ୍ଗଲରେ ଦିଆଯାଉଥିବା ନୂଆ କୋଇଲା ଖନନ ଲିଜ ପ୍ରତ୍ୟାହାର କରିବା, ରାଜ୍ୟର ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ପାଇଁ ଅବିଚାରିତ, ଅବୈଜ୍ଞାନିକ ଓ ଅତ୍ୟଧିକ ଖଣି ଖନନକୁ ନିଷେଧ କରିବା, କୃଷିଜାତ, ଜଙ୍ଗଲଜାତ ଓ ସାମୁଦ୍ରିକ ଉତ୍ପାଦନ କେନ୍ଦ୍ରିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାୟନ ପାଇଁ ନୀତି ଓ ଯୋଜନା ପ୍ରଣୟନ କରିବା, ଇସ୍ପାତ, ଆଲୁମିନିୟମ ତଥା ଅନ୍ୟାନ୍ୟ ଶିଳ୍ପଜାତ ପଦାର୍ଥକୁ ବ୍ୟବହାର କରି 'ଫିନିସ୍ଡ ଗୁଡ୍ସ' ପ୍ରସ୍ତୁତ କରିବା, ଶିଳ୍ପ ପ୍ରତିଷ୍ଠା କରିବା, କୃଷିଜାତ ଶସ୍ୟର ଉଚିତ୍ ମୂଲ୍ୟପାଇଁ ଆଇନ ପ୍ରଣୟନ କରିବା, ଜବରଦସ୍ତ ଜମି ଓ ଜଙ୍ଗଲ ଅଧିଗ୍ରହଣ ବନ୍ଦ କରିବା ଆଦି ଘୋଷଣା ପତ୍ରରେ ଉଲ୍ଲେଖ ରହିଛି। ଜନ ଆନ୍ଦୋଳନଗୁଡିକର ରାଷ୍ଟ୍ରୀୟ ସମନ୍ୱୟ (ଏନ.ଏ.ପି.ଏମ)ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ନେତା ଲିଙ୍ଗରାଜ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡ. ବିଶ୍ୱଜିତ୍ ଏବଂ ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ ପ୍ରମୁଖ ଯୋଗଦେଇ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଫେବୃଆରୀ ୨୫ରୁ ସତ୍ୟଭାମାପୁରରୁ ଆରମ୍ଭ ହୋଇଥିବା 'ଲୋକ ଅଧିକାର ଯାତ୍ରା' ମାର୍ଚ୍ଚ ୨୩ରେ କଟକରେ ସମାପ୍ତ ହେବାପରେ ପ୍ରଥମଥର ଭୁବନେଶ୍ୱରରେ ଏହି ଲୋକ ଅଧିକାର ସମାବେଶ ଅନୁଷ୍ଠିତ ହୋଇଛି।



'ଲୋକ ଅଧିକାର ସମାବେଶ'ରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, କୃଷକ ନେତା ଲିଙ୍ଗରାଜଙ୍କ ସହ ଅନ୍ୟ ଅତିଥିମାନେ।

# ବାଲିପାଟଣାରେ କୃଷକ ସମ୍ମିଳନୀ

ବାଲିପାଟଣା, ୨୯।୩(ଅଭିମନ୍ୟୁ ନାୟକ)

ଚାଷୀଙ୍କ ଅଧିକାର, ସୁରକ୍ଷା ସହ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରାଯିବା ଉଚିତ୍ ବୋଲି ରବିବାର ଶିଶୁ ଅନନ୍ତ କଲେଜ ପଡିଆରେ ଆୟୋଜିତ କୃଷକ ସମ୍ମିଳନୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୌମେନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଚଗଲା ବାବା, ଅବସରପ୍ରାପ୍ତ କୃଷି ଅଧିକାରୀ ଡ. ଦିବାକର ନାୟକ, ଡ. ଗୁରୁପ୍ରସାଦ ଛୋଟରାୟ, ଅମରେଶ୍ୱର ମିଶ୍ର, ଡ. ରାଜେନ୍ଦ୍ର ଦାସ, ସୁରେଶ ପଣ୍ଡା, ଡ. ପ୍ରଭୁ ଚରଣ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ଜିଲା କୃଷି ଅଧିକାରୀ ତରୁଣ ଛୋଟରାୟ ସ୍ୱାଗତ ଭାଷଣ ଦେଇଥିଲେ। ବହୁ ସମୟରେ ଗ୍ରାମର ଗରିବ ଚାଷୀଟିଏ ସରକାରଙ୍କ ପ୍ରଦତ୍ତ ସୁବିଧା ପାଇବାରୁ ବଞ୍ଚିତ ହେଉଛି। ସେମାନଙ୍କୁ ସହଯୋଗ କରିବାକୁ ଏହି ସମାବେଶରୁ ଗଠିତ କୃଷକ ସଙ୍ଗଠନ କାମ କରିବ ବୋଲି ସଭାପତି ରାୟ କହିଛନ୍ତି। ଲୋକନାଥ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଜୟଦେବ ନିର୍ବାଚନମଣ୍ଡଳୀର ବହୁ ଚାଷୀ ଉପସ୍ଥିତ ଥିଲେ।

# ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ୪ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୯।୩ (ସୌମ୍ୟରଞ୍ଜନ ରାଉତ)

ଚିଲିକା ଆଞ୍ଚଳିକ ବିକାଶ ପରିଷଦର ୧୩ତମ ବାର୍ଷିକ ଉତ୍ସବ ଓ ସାଧାରଣ ପରିଷଦ ବୈଠକ ରବିବାର ରେଡକ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଫକୀର ଚରଣ ଶତପଥୀଙ୍କ ସଭାପତିତ୍ୱରେ ଅତିଥି ଭାବେ ସାହିତ୍ୟିକ ଶଶାଙ୍କ ଚୂଡ଼ାମଣି, କଥାଶିଳ୍ପୀ ଅର୍ଚ୍ଚନା ନାୟକ ଯୋଗଦେଇ ଚିଲିକା ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଜେକେ ବରାଳ ଯୋଗଦେଇଥିଲେ। ଏହି ଅବସରରେ ଫକିର ମୋହନ ଷଡ଼ଙ୍ଗୀଙ୍କ ଉପନ୍ୟାସ 'ବିଜୟିନୀ ସୃଷ୍ଟି', 'କନକ ଚମ୍ପା', ଚିତ୍ରଶିଳ୍ପୀ ସ୍ୱର୍ଗତ ଉପେନ୍ଦ୍ର ମହାରଥୀଙ୍କ 'ବିଶ୍ୱମୁକ୍ତି' ଓ ନିଳାଦ୍ରୀ ଭୂଷଣ ହରିଚନ୍ଦନଙ୍କ 'ନୀଳଚନ୍ଦନର ସ୍ମୃତିଲେଖ' ଉନ୍ମୋଚିତ ହୋଇଥିଲା। ଏଥିସହିତ ନାରୁଣୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାରଙ୍କୁ ନିରବଚ୍ଛିନ ସାଧନା ପାଇଁ ଓ ସୁଶାନ୍ତ କୁମାର ସାହୁଙ୍କୁ କାଙ୍କଣ ଶିଖରୀର ଉନ୍ନତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଉମାଶଙ୍କର ଷଡ଼ଙ୍ଗୀ ଓ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ସୁଶୀଲ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଫକୀର ମୋହନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବାଣପୁରରୁ ଆରମ୍ଭ ହୋଇଥିଲା ପ୍ରଥମେ ପାଇକ ବିଦ୍ରୋହ

**ଖୋର୍ଦ୍ଧା, ୨୯।୩(ପ୍ରଭାତ ପାଣିଗ୍ରାହୀ)**



ଇଂରେଜ ହାତରୁ ମାତୃଭୂମିର ସୁରକ୍ଷା ପାଇଁ ପାଇକ ବୀରମାନଙ୍କ ତ୍ୟାଗ, ବଳିଦାନ, ଶୌର୍ଯ୍ୟ ଅତୁଳନୀୟ। ପାଇକ ବିଦ୍ରୋହର ଆଦ୍ୟ ପର୍ବ ହେଉଛି ୧୮୧୭ ମାର୍ଚ୍ଚ ୨୯ ତାରିଖ। ଏହି ଦିବସରେ ବାଣପୁରରୁ ପ୍ରଥମେ ବିଦ୍ରୋହ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିଲା। ଏହି ସ୍ମୃତିକୁ ମନେପକାଇବା ପାଇଁ ଖୋର୍ଦ୍ଧା ଦଳବେହେରା ଗଡ଼ାଧୀଶ ସଂଘ ପକ୍ଷରୁ ବିଜେବି ହାଇସ୍କୁଲ ପରିସରରେ ବକ୍ସିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା।

ବକ୍ସି ବିଦ୍ରୋହ ପୂର୍ବରୁ ଗଞ୍ଜାମ ଜିଲା ଶେରଗଡ଼ ରାଜା ଏବଂ ଘୁମୁସର ରାଜାଙ୍କୁ କନ୍ଧ ସୈନ୍ୟଙ୍କୁ ପଠାଇବା ପାଇଁ ଅନୁରୋଧ କରିଥିଲେ। ଘୁମୁସର ଅଞ୍ଚଳର ଚାରିଶହ କନ୍ଧ ସୈନ୍ୟ ସିନ୍ଧୁ ଆରୁକଙ୍କ ନେତୃତ୍ୱରେ ବାଣପୁର ଜଙ୍ଗଲ, ପାହାଡ଼ ଦେଇ ଅରାଙ୍ଗଠାରେ ୨୮ ତାରିଖରେ ପହଞ୍ଚିଥିଲେ। ପରଦିନ ୨୯ ତାରିଖରେ ବକ୍ସି ଜଗବନ୍ଧୁ, ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟ, ପଞ୍ଚୁପଲ୍ଲୀ ଦଳବେହେରା ଶ୍ରୀହରି ମାନସିଂହ, ଛତ୍ରଗଡ଼ ବିଶୋଇ ରଥି ସାମନ୍ତସିଂହାର, ଅରାଙ୍ଗ ଦଳବେହେରା ଶ୍ୟାମସୁନ୍ଦର ପାଟଶାଣୀ, କନ୍ଧ ସର୍ଦ୍ଦାର ବଜ୍ରାନନ୍ଦ ସିଂ ଓ ସେମାନଙ୍କ ପାଇକମାନେ ମିଶି ବାଣପୁରରେ ସରକାରୀ କୋଠାବାଡ଼ି ଭାଙ୍ଗି ଧ୍ୱଂସ କରିବା ସହ ଖଜଣାଖାନା ଲୁଟ୍ କରିଥିଲେ। ସେଠାରୁ ସେମାନେ ଖୋର୍ଦ୍ଧା ପାଞ୍ଚଗଡ଼ ଓ ଗଙ୍ଗପଡ଼ାଠାରେ ଯୁଦ୍ଧ ବିଭୀଷିକା ସୃଷ୍ଟି କରିଥିଲେ। ଏହି ଐତିହାସିକ ପାଇକ ବିଦ୍ରୋହର ପ୍ରଥମ ମୂଳଦୁଆ ବାଣପୁରରୁ ପଡ଼ିଥିଲା ବୋଲି ମତପ୍ରକାଶ ପାଇଥିଲା। ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟଙ୍କ ସଂଯୋଜନାରେ ବାଲିହୁଙ୍କା ଦଳବେହେରା ଅଜୟ କୁମାର ମାନ୍ଧାତା, ବଡ଼ପାରୀର ଏସ୍. ରଞ୍ଜନ ମାଳବିହାର, ଜୟମଙ୍ଗଳର ଦାୟାଦ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଡିହପୁରର ଦାୟାଦ ସୁବାସ ଚନ୍ଦ ସାମନ୍ତରାୟ, କଳିଙ୍ଗ ପାଇକ ସଙ୍ଗଠନ ସଭାପତି ଭୀମସେନ ପ୍ରଧାନ, ଗବେଷକ ସତ୍ୟବାଦୀ ବଳିୟାରସିଂହ, ରାଜେନ୍ଦ୍ର କୁମାର ନରେନ୍ଦ୍ର, ବିନାୟକ ପାଇକରାୟ, ବେଲେଶ୍ୱର ଜୁଝାରସିଂହ, ବୈଦ୍ୟନାଥ ବରାଳ, ବିଦ୍ୟାଧର ଲେଙ୍କା, ଖବରଦାତା ସମରେନ୍ଦ୍ର ବଳିଆରସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପାଇକ ସମରକଳା ଏକାଡେମୀ ପ୍ରତିଷ୍ଠା, ପାଇକ ଆଖଡ଼ା ପରିଚାଳନା ପାଇଁ ଆର୍ଥିକ ଅନୁଦାନ ଦାବି କରିଥିଲେ।

## ନନ୍ଦନକାନନକୁ ଆସିଲେ ୩ ପ୍ରଜାତିର ୧୮ ପଶୁପକ୍ଷୀ

**ବାରଙ୍ଗ/ତ୍ରିଶୂଳିଆ, ୨୯।୩**
**(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ରବିବାର ସନ୍ଧ୍ୟାରେ ୩ ପ୍ରଜାତିର ୧୮ ପଶୁପକ୍ଷୀ ଜୁନାଗଡ଼ ସକ୍କାରବାଗ ପ୍ରାଣୀ ଉଦ୍ୟାନରୁ ଆସି ପହଞ୍ଚିଛନ୍ତି। ଆସିଥିବା ଏହି ନୂଆ ଅତିଥି ହେଲେ ଦୁଇହଳ ଚିତାବାଘ, ୧୦ ଜଙ୍ଗଲୀ କୁକୁଡ଼ା ଏବଂ ଦୁଇହଳ ନୂଆ ପ୍ରଜାତିର ସାରସପକ୍ଷୀ। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣଙ୍କ ଅନୁମୋଦନ ପରେ ଗତ ୨୦ ତାରିଖରୁ ଏହି ଅଦଳବଦଳ ପ୍ରକ୍ରିୟା ଉଭୟ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି। ପ୍ରଥମେ ଜୁନାଗଡ଼ରୁ ଆସିଥିବା ଦଳ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ ମାଈ ଚଉଶିଙ୍ଗା, ୩ କୁଜି ହରିଣଙ୍କୁ ନେଇ ଶୁକ୍ରବାର ଯାଇଥିଲେ। ଏହାପରେ ନନ୍ଦନକାନନରୁ ଯାଇଥିବା ଦଳ ଜୁନାଗଡ଼ ସକ୍କାରବାଗ ପ୍ରାଣୀ ଉଦ୍ୟାନରୁ ୩ ପ୍ରଜାତିର ୧୮ ପଶୁପକ୍ଷୀଙ୍କୁ ସାଙ୍ଗରେ ନେଇ ରବିବାର ସନ୍ଧ୍ୟାରେ ପହଞ୍ଚିଛନ୍ତି। ନୂଆ ପଶୁପକ୍ଷୀମାନଙ୍କ ମଧ୍ୟରେ ଆସିଥିବା ସାରସ ପକ୍ଷୀ ନନ୍ଦନକାନନ ପାଇଁ ନୂଆ ପ୍ରଜାତିର ଅତିଥି। ତେବେ ନୂଆ ପଶୁପକ୍ଷୀ ଆସିବା ପରେ ନନ୍ଦନକାନନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅନ୍ୟପଟେ ନୂଆ ପ୍ରଜାତିର ସାରସ ପକ୍ଷୀ ପାଇ ନନ୍ଦନକାନନରେ ପଶୁପକ୍ଷୀ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇ ୧୭୮ରୁ ୧୭୯ରେ ପହଞ୍ଚିଛି ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ କହିଛନ୍ତି।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଦେବାଶିଷ



@ ସ୍ୱରୂପ



@ ଚନ୍ଦନ



@ ଦିପୁ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଗାଦିଶ୍ୱର ଦେବଙ୍କ ପାଣିତୋଳା କାର୍ଯ୍ୟକ୍ରମ



**ବାଣପୁର, ୨୯।୩(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଘାସଡିହ ଗ୍ରାମର ଆରାଧ୍ୟ ଗାଦିଶ୍ୱର ଦେବଙ୍କ ୧୭ ଦିନିଆ ପାଣିତୋଳା କାର୍ଯ୍ୟକ୍ରମ ଶନିବାର ମଧ୍ୟରାତ୍ରରେ ଗ୍ରାମର ଚନ୍ଦନ ପୋଖରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ଜଣ ଭଗତା ଉପସ୍ଥିତ ଥିଲେ। ରବିବାର ଭୋର ୫ଟାରେ ପୁଷ୍କରିଣୀରେ ସ୍ନାନକରି ଭାଟପଡ଼ା ଅଞ୍ଚଳର ସୀମା ଠାକୁର ତଥା ଗ୍ରାମର ଗ୍ରାମେଶ୍ୱର ଦେବଙ୍କ ମନ୍ଦିର ବେଢ଼ା ପରିକ୍ରମା କରି ପାଟଭଗତା ବଂଶୀଧର ପ୍ରଧାନଙ୍କ ଦୁଆରେ ଭୋଗ ଖାଇ ଗ୍ରାମ ପରିଭ୍ରମଣ କରିଥିଲେ। ରାତିରେ ଠାକୁରଙ୍କୁ ନେଇ ପାରମ୍ପରିକ ଦଣ୍ଡନୃତ୍ୟ ଶିବପାର୍ବତୀ, ଶବର ସବରୁଣୀ, କେଳାକେଲୁଣୀ ବେଶ ହେବା ସହିତ ସାମାଜିକ ନାଟକ 'ଏ ଆଖି କାନ୍ଦୁଚି ତୋରି ପାଇଁ' ମଞ୍ଚସ୍ଥ ହେବ। ଗାଦିଶ୍ୱର ଦେବଙ୍କ ପୂଜକ ଦିବାକର ଦାସ ଓ ଶ୍ରୀହରି ରଣା ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି।

## ଏପ୍ରିଲ ୨୦ରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଜଟଣୀ, ୨୯।୩(ରବୀନ୍ଦ୍ରନାଥ ମହାକୁଡ଼)**

ଆସନ୍ତା ଏପ୍ରିଲ ୨୦ରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ଏନେଇ ରବିବାର ଜଟଣୀ ପୌରାଞ୍ଚଳସ୍ଥ ରୋଟାରୀ କ୍ଲବ ସଭାଗୃହରେ ଜଗନ୍ନାଥପୁର-ମାନପୁର ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନର ସଭାପତି ମନମୋହନ ରାଉତରାୟ ସଭାପତିତ୍ୱ କରିଥିବା ବେଳେ ଧନୁଯାତ୍ରା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଆବାହକ ତଥା ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ସମ୍ପାଦକ ଅଶୋକ ମଙ୍ଗରାଜ ଉପସ୍ଥିତ ଥିଲେ। ଆସନ୍ତା ପଣା ସଂକ୍ରାନ୍ତିରେ ଶ୍ରୀମନ୍ଦିରରୁ ରୀତିନୀତିରେ ଆଜ୍ଞାମାଳ ଆସିବା ପରେ ସହର ପରିକ୍ରମା କରାଯିବ। ସେହିପରି ଏପ୍ରିଲ ୨୦ ତାରିଖ ଅକ୍ଷୟତୃତୀୟାରେ ସ୍ଥାନୀୟ କୁମାଖାଡିଆ ଗ୍ରାମରୁ କଂସ ମହାରାଜଙ୍କ ଧନୁ ଶୋଭାଯାତ୍ରାରେ ଅଣାଯାଇ ପଡ଼ିଆରେ ସ୍ଥାପନା କରାଯାଇ ବିଧିବଦ୍ଧ ଭାବେ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ୭ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ଶ୍ରୀକୃଷ୍ଣଙ୍କ ଲୀଳା ଆଧାରିତ ନାଟକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହେବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ଖ୍ୟାତନାମା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହେବ। ମୀନାବଜାର ସହ ବହୁ ସରକାରୀ ଏବଂ ବେସରକାରୀ ଷ୍ଟଲ ପଡ଼ିବା ସହ ସୁଭଦ୍ରା ଶକ୍ତିମେଳାର ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ସଭା ହେବା ସହ ବହୁ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଆୟୋଜକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ପ୍ରଥମକରି ଅନୁଷ୍ଠାନ ଏବଂ ଶ୍ରୀକୃଷ୍ଣଙ୍କ କଥାବସ୍ତୁକୁ ନେଇ ମହୋତ୍ସବ ମଞ୍ଚରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯିବ। ଉଦ୍‌ଯାପନୀ ଦିବସରେ ୪୦ଫୁଟ ଉଚ୍ଚର କଂସ ମହାରାଜଙ୍କ ପିତୁଳାରେ ଅଗ୍ନି ସଂଯୋଗ କରାଯାଇ କଂସବଧ କରାଯିବା ପରେ ମହୋତ୍ସବ ଉଦ୍‌ଯାପିତ ହେବ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଚରଣ ପ୍ରଧାନ, ପ୍ରତାପ ସ୍ୱାଇଁ, ପ୍ରଶାନ୍ତ ପ୍ରଧାନଙ୍କ ସହ ଅନୁଷ୍ଠାନର ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

**କୃଷ୍ଣପ୍ରସାଦ, ୨୯।୩**
**(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଭାଜପାର ମଣ୍ଡଳସ୍ତରୀୟ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଟିଛିଣିସ୍ଥିତ ବୀଣାପାଣି ୟୁଥ୍ କ୍ଲବ ପରିସରରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହେବା ପରେ ଗତ ଶନିବାର ଉଦ୍‌ଯାପିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଦେଶ ସଙ୍ଗଠନର ମହାମନ୍ତ୍ରୀ ମାନସ ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଜିଲା ଭାଜପା ସଭାପତି ଦେବେନ୍ଦ୍ର ନାଥ ତରେଇ, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଦୁଷ୍ମନ୍ତ କୁମାର ନାୟକ, ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଗଣମାଧ୍ୟମ ସଂଯୋଜକ ଅନିଲ କୁମାର ସେଠ, ମାନସ ଲେଙ୍କା, ଆଲୋକ ମହାନ୍ତି, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଯୋଗେନ୍ଦ୍ର ନାଥ ପଲେଇ, ଅଜୟ କୁମାର ବିଶ୍ୱାଳ, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ବିକ୍ରମ ବରାଳ ସାହୁ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇ, ସିଆଳ ସମିତିସଭ୍ୟ ଭୀମସେନ ସେଠୀ, ବଡ଼ଖାଡ଼ ସମିତିସଭ୍ୟ ଉମାକାନ୍ତ ସେଠୀ, ପ୍ରଦୀପ ଜେନା, ବିଷ୍ଣୁ ଚରଣ ବେହେରା, ମନୋଜ ଜେନା, କ୍ଷେତ୍ରବାସୀ ପଲେଇ, ରଶ୍ମିରଞ୍ଜନ ବିଶ୍ୱାଳ, ବିଛନ୍ଦ ଜେନା, ଗୋପାଳ କୃଷ୍ଣ ପଲେଇ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼, ବୁଥ୍ କମିଟି ଗଠନ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରଦେଶ ସଙ୍ଗଠନର ମହାମନ୍ତ୍ରୀ ମାନସ ମହାନ୍ତି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ହରିହର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଦଳୀୟ ସଙ୍ଗଠନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବ୍ଲକର ୧୨ଟି ପଞ୍ଚାୟତର ପ୍ରମୁଖ ବୁଥ୍ ସଭାପତି, ସମସ୍ତ ମଣ୍ଡଳ ସଭାପତି, ମହିଳା ମୋର୍ଚ୍ଚା, ବିଭିନ୍ନ ପଞ୍ଚାୟତର କର୍ମୀମାନେ ଯୋଗଦେଇଥିଲେ।

## ରାମଲୀଳା ନାଟକର ତୃତୀୟ ସନ୍ଧ୍ୟା: ସୀତା ବିବାହ, ପର୍ଶୁରାମ ଭେଟ



**ଝାଁଳା, ୨୯।୩(ବୁଲା ବାରିକ)**

ଝାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ରଘୁନାଥ ଦେବଙ୍କ ପୀଠରେ ରାମଲୀଳା ନାଟକ ରଘୁନାଥ ଦେବ ନାଟ୍ୟ ପରିଷଦର କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଛି। ରବିବାର ତୃତୀୟ ସନ୍ଧ୍ୟାରେ ସୀତା ବିବାହ ଏବଂ ପର୍ଶୁରାମ ଭେଟ ଚିତାକର୍ଷକ ଥିଲା। ନାଟକରେ ବିଜୟ ବାରିକ ରାମ ଭୂମିକାରେ ଅଭିନୟ କରିଥିବା ବେଳେ ସୁନୀଲ ମଙ୍ଗରାଜ ଲକ୍ଷ୍ମଣ, ବିଚିତ୍ର ପରିଡା ସୀତ, ରବୀନ୍ଦ୍ର ବାରିକ ବିଶ୍ୱାମିତ୍ର ଓ ପର୍ଶୁରାମ, ଦାଶରଥୀ ସାଇଁ ଦଶରଥ ପ୍ରମୁଖ କଳାକାରଙ୍କ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ବେଳେ ବହୁ ଭକ୍ତ ରଘୁନାଥ ଦେବଙ୍କ ଦର୍ଶନ କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ମଞ୍ଜେଶ୍ୱର କ୍ରିକେଟ୍ କ୍ଲବ୍ ଚାମ୍ପିୟନ

### ବିଶ୍ୱଜିତ୍ ମ୍ୟାନ ଅଫ୍ ଦି ମ୍ୟାଚ

**ବାଘମାରୀ, ୨୯।୩**
**(ମିହିର ରଞ୍ଜନ ମହାପାତ୍ର)**



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ବାଘମାରୀ ପଞ୍ଚାୟତ ଅଧୀନ ଅଟ୍ରି ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଗୀଟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ମଞ୍ଜେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମଞ୍ଜେଶ୍ୱର କ୍ରିକେଟ କ୍ଲବ ଏବଂ ପତିତପାବନ କ୍ରିକେଟ କ୍ଲବ ଅଟ୍ରି ମଧ୍ୟରେ ହୋଇଥିଲା। ଟସ୍ ଜିତି ପତିତପାବନ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ମଞ୍ଜେଶ୍ୱର କ୍ରିକେଟ କ୍ଲବ ୧୩.୧ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜୟୀ ଟିମ୍‌ର ବିଶ୍ୱଜିତ୍ ୨୪ ବଲରେ ୫୨ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଧର୍ମପଦ ଦାଶ, ବିକାଶ କୁମାର ପ୍ରଧାନ, ମାନସ ବରାଳ, ବଇଜ ପାଲଟାସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମକୁ ୪୦,୦୦୧ ଟଙ୍କା ସହ ଟ୍ରଫି ଏବଂ ରନରଅପ୍ ଟିମ୍‌କୁ ୩୦,୦୦୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜ୍ୟୋତି ପ୍ରକାଶ ସାମନ୍ତରାୟ ଏବଂ ବିଭୁଦତ୍ତ ରାୟ ପିତମ ମ୍ୟାଚ ପରିଚାଳନା କରିଥିବା ବେଳେ ଚିତ୍ତ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଜୟ କୁମାର ବେହେରା ଭାଷ୍ୟକାର, ଅନୁଷ୍ଠାନ ସମ୍ପାଦକ ଜିତୁ ଶ୍ରୀଚନ୍ଦନ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### କଳ୍ପନା କର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଜାଗେଶ୍ୱରୀ ଟିମ୍ ବିଜୟୀ

**ନିରାକାରପୁର, ୨୯।୩**
**(ମାନସ ଚନ୍ଦ୍ର ପଟ୍ଟନାୟକ)**



ଲେଣ୍ଡୋ ପଞ୍ଚାୟତ ଲଳିତାପାଟପୁର ଖେଳପଡ଼ିଆରେ ଚାଲିଥିବା କଳ୍ପନା କର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ ମହାବୀର କ୍ରିକେଟ ଟିମ୍ ଆସେଲି ଓ ଜାଗେଶ୍ୱରୀ କ୍ରିକେଟ ଟିମ୍ ଲେଣ୍ଡୋ ମଧ୍ୟରେ ହୋଇଥିଲା। ଟସ୍ ଜିତି ଜାଗେଶ୍ୱରୀ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ମହାବୀର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ଜାଗେଶ୍ୱରୀ ଟିମ୍ ୯.୨ ଓଭରରେ ୫ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସୁଶାନ୍ତ ସାହୁ ଏବଂ ଆଦିତ୍ୟ ଶ୍ରୀଚନ୍ଦନ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଅତିଥିଭାବେ ସାମାଜିକ କର୍ମୀ ଭଗବାନ କର, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍କୋରର ଭାବେ ଅଭିଷେକ ତ୍ରିପାଠୀ ଦାୟିତ୍ୱ ତୁଲାଇଥିବା ବେଳେ ଦେବବ୍ରତ ସାମନ୍ତରାୟ, ସୁକାନ୍ତ କୁମାର ଗଜେନ୍ଦ୍ର, ସିଦ୍ଧାର୍ଥ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।




୨୯।୩।୨୦୨୬

| ୬,୪୬,୨୮୪ ଟଙ୍କା | |
|---|---|
| ସୁନା | ୨୦ ମିଲିଗ୍ରାମ୍ |
| ରୁପା | ୧୧.୭୦୦ ଗ୍ରାମ୍ |

# ସୀତା ବିବାହ ସହ ପର୍ଶୁରାମ କଳା ହରଣ ନୀତି ସମ୍ପନ୍ନ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତ ରାମନବମୀ ଠାରୁ ଆରମ୍ଭ ହୋଇଛି। ଚୈତ୍ରମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ସାହିଯାତ କ୍ରମରେ ରବିବାର ସୀତା ବିବାହ ନୀତି ସହ ପର୍ଶୁରାମ କଳା ହରଣ ନୀତି ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ, ରବିବାର ସକାଳେ ହରଚଣ୍ଡୀ ସାହିରୁ ପର୍ଶୁରାମ ବାହାରି ସାତସାହି ପରିକ୍ରମା କରି ରଣକୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ସନ୍ଧ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଏବଂ ମା' ସୀତାଙ୍କ ପ୍ରତିମୂର୍ତ୍ତିଙ୍କୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ପର୍ଶୁରାମ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡୀ ସାହି ଆଖଡ଼ାରୁ ପର୍ଶୁରାମ ଚରିତ୍ରରେ ପଟୁଆରରେ ସାହି ଏବଂ ବାଦି



ସାହିଯାତର ତୃତୀୟ ଦିନରେ ହରଚଣ୍ଡୀ ସାହିରୁ ବାହାରିଥିବା ପର୍ଶୁରାମ ବେଶଧାରୀ ।

## ସାହିଯାତର ତୃତୀୟ ଦିବସ

ସାହି ପରିକ୍ରମା କରି ବିଳମ୍ବିତ ରାତିରେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେଠାରେ ଶିବଧନୁ ଭଙ୍ଗ ହେବା ସହ ପର୍ଶୁରାମ କଳା ହରଣ ନୀତି ଅନୁଷ୍ଠିତ ହୋଇଥିଲା। ମା' ସୀତାଙ୍କ ବିବାହ ନୀତି ମଧ୍ୟ ସମ୍ପାଦନ କରାଯାଇଥିଲା। ନୀତି ସମ୍ପନ୍ନ ପରେ ଶୀତଳଭୋଗ ମଣୋହି କରାଯାଇ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହରଚଣ୍ଡୀ ସାହିର ବିଭିନ୍ନ ଯାଗାରୁ କାଳୀ ମେଢ଼, ଫୁଲ ମେଢ଼, ହନୁମାନ ମେଢ଼, ସହାର୍ସାର୍ଜୁନ ସହ ବିଭିନ୍ନ ପ୍ରକାର ମେଢ଼ ସହ ବିଭିନ୍ନ ସମର କଳା ପ୍ରଦର୍ଶନ କରାଯାଇଥିଲା। ଅନେକ କୁନି କୁନି ପିଲା ମଧ୍ୟ ମେଢ଼ ବନ୍ଧାଇ ସାହିଯାତରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁରୀବାସୀ ସାହିଯାତରେ ସାମିଲ ଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ସମୁଦ୍ରରୁ ୪ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍‌ଗାର୍ଡ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ସମୁଦ୍ରରେ ରବିବାର ଏକ ଅଘଟଣ ଦେଖିବାକୁ ମିଳିଛି। ଡିପ୍ କରେଣ୍ଟ ଯୋଗୁ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ି ଯାଉଥିବା ୪ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ, ରବିବାର ପୂର୍ବାହ୍ନରେ ହୋଟେଲ ସୋନାଲି ସମ୍ମୁଖ ସେକ୍ଟର-୮ ବେଳାଭୂମିରେ ବଲାଙ୍ଗୀର ଜିଲାର ଚିନ୍ମୟ ସାହୁ ଗାଧୋଉଥିବା ବେଳେ ଉଚ୍ଚ ଲହଡ଼ି ମାଡ଼ରେ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାରକରି ଲାଇଫ୍‌ଗାର୍ଡମାନେ କୂଳକୁ ଆଣିଥିଲେ। ସେହିପରି ପଶ୍ଚିମବଙ୍ଗ ହୁଗୁଳିର ରେତି ଚୌଧୁରୀ ଓ ଶ୍ରୀୟାଂଶ ସା ହୋଟେଲ କାମେଲିୟା ସମ୍ମୁଖ ସେକ୍ଟର-୧୧ଠାରେ ଗାଧୋଉଥିବା ବେଳେ ସମୁଦ୍ର ମଧ୍ୟକୁ ଚାଲିଯାଇଥିଲେ। ତାଙ୍କୁ ମଧ୍ୟ ଲାଇଫ୍‌ଗାର୍ଡମାନେ ଉଦ୍ଧାରକରି କୂଳକୁ ଆଣିଥିଲେ। ଭୁବନେଶ୍ୱର ଶହୀଦନଗର ଅଞ୍ଚଳର କାହ୍ନା ବିଶ୍ୱାଳ ସେକ୍ଟର-୧୨ରେ ଭାସିଯାଉଥିବା ବେଳେ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ତେବେ ପ୍ରତିଦିନ ପୁରୀ ବେଳାଭୂମିରେ ଏପରି ଅଘଟଣ ଦେଖିବାକୁ ମିଳୁଛି।

### ଶ୍ରୀକ୍ଷେତ୍ରରେ ମହାସତ୍‌ସଙ୍ଗ ଲୀଳା

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବଙ୍କ ଦ୍ୱାରା ବଡ଼ଦାଣ୍ଡସ୍ଥିତ ମଣିରାମ ମଠ ପରିସରରେ ପରମ ପ୍ରେମମୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାସତ୍‌ସଙ୍ଗ ଲୀଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣିରାମ ମଠ ମହନ୍ତ ସନ୍ଥ ଅଭିରାମ ଦାସ୍‌ଜୀ ମହାରାଜ, ବିଶିଷ୍ଟ କଥାବାଚକ ବାବା ଦିବାକର ଦାସ୍ ମହାରାଜ, ପ୍ରେମ୍‌ସାଗର ବାବା ଅରକ୍ଷିତ ଦାସ୍ ମହାରାଜ, ବାବା ଅନନ୍ତ ଦାସ୍ ମହାରାଜ, ସର୍ଜନ ପ୍ରଭୁ, ପରମାନନ୍ଦ ପ୍ରଭୁ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ। ବେତାର କଣ୍ଠଶିଳ୍ପୀ ଦୀପ୍ତି ଦାଶ, କରୁଣାକର ନାୟକ, ଅପର୍ଣ୍ଣା ଦେବୀ, ପ୍ରଫୁଲ୍ଲ ନାୟକ, ସୁଶୀଲ ଦାସ, ଶିବପ୍ରସାଦ ବାବୁ, ସୁପର୍ଣ୍ଣା ଦେବୀ, ଅଶୋକ ମହାପାତ୍ରଙ୍କ ସମେତ ଶ୍ରୀଗୁରୁ ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତିଙ୍କୁ ଶ୍ରୀଗୁରୁଦେବ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱର ମଙ୍ଗଳ ପାଇଁ ବଡ଼ଦାଣ୍ଡରେ ସମୂହ ପ୍ରାର୍ଥନା କରାଯାଇଥିଲା। ଶେଷରେ ସମ୍ପାଦକ ଅସିତ୍ ରଞ୍ଜନ ପ୍ରଧାନ ସମସ୍ତ ଭକ୍ତଜନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ବଟି ମାଗିବା ଅଭିଯୋଗରେ ୩ ଗିରଫ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ବଟିଆଦାୟ ଅଭିଯୋଗରେ ବାସେଳୀସାହି ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମହାବୀର ବେହେରା (୨୫), ମନୋଜ ବାରିକ(୨୬) ଓ ରମେଶ ଚନ୍ଦ୍ର ବେହେରା। ପୋଲିସ ଅଭିଯୁକ୍ତଙ୍କଠାରୁ ଗୋଟିଏ ଭୁଜାଲି, ଲାଠି ଏବଂ ଏକ ହଜାର ଟଙ୍କା ଜବତ କରିଛି। ଏନେଇ ପୋଲିସ କେସ୍ ନଂ.୧୧୨/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଙ୍ଗଳାଘାଟ ନିକଟ ଏନ୍‌ଏଚ୍‌ଠାରେ ଯାତ୍ରୀବାହୀ ଗାଡ଼ି, ଦୋକାନୀ, ଲୋକମାନଙ୍କୁ ଭୁଜାଲି ଦେଖାଇ ବଟି ମାଗୁଥିବା ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସହ ରବିବାର କୋର୍ଟଚାଲାଣ କରିଛି।

# ଦ୍ୱିତୀୟ ମକର ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଡା. ସମ୍ବିତ ପାତ୍ର ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ତାଳବଣିଆ ଠାରେ ଶନିବାର ଦ୍ୱିତୀୟ ମକର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ସହ ହସ୍ତଶିଳ୍ପକୁ ପ୍ରୋତ୍ସାହନ କରାଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ପିଙ୍କି ପ୍ରଧାନ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମଧୁସୂଦନ ସିଂହାରୀ, ପୁରୀ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଉମାକାନ୍ତ ନାୟକ, ଆଇନଜୀବୀ ଦିଗ୍‌ଦର୍ଶନ ପଟ୍ଟନାୟକ, ସଭାପତି ରାଜେଶ କୁମାର ନନ୍ଦ, ସମ୍ପାଦକ ସୁଜିତ ପଟ୍ଟନାୟକ, ଆବାହକ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ। ଉକ୍ତ ମହୋତ୍ସବରେ ୪୦ଟି ବିଭିନ୍ନ ଷ୍ଟଲ୍ ପଡ଼ିଛି। ସେହିପରି ଛୋଟ ପିଲାଙ୍କ ନିମନ୍ତେ ଦୋଳିଖେଳର ବ୍ୟବସ୍ଥା କରାଯାଇଛି। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶାର ସ୍ୱନାମଧନ୍ୟ ନାୟିକା ତଥା କଣ୍ଠଶିଳ୍ପୀ ଯୋଗଦାନ କରି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

### ସ୍କୁଟି ଧକ୍କାରେ ଅଙ୍ଗନୱାଡି କର୍ମୀ ଗୁରୁତର

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅନ୍ତର୍ଗତ ପ୍ରତାପପୁରୁଷୋତ୍ତମପୁର ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ କମଳିନୀ ଆଚାର୍ଯ୍ୟ(୫୫) ଗତ ୨୫ ତାରିଖରେ ଦୁର୍ଘଟଣାର ଶିକାର ହୋଇ ଏକ ଘରୋଇ ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, କମଳିନୀ ଅଙ୍ଗନୱାଡି ୱାର୍କର ଡ୍ୟୁଟିର ନଥିପତ୍ର ଆଣିବା ପାଇଁ ଘରକୁ ଯାଉଥିବା ବେଳେ ଜଣେ ନାବାଳିକା ସ୍କୁଟି ଆଣି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କମଳିନୀ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ଯୋଗୁ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଆଇସିୟୁରେ ରଖାଯାଇ ଚିକିତ୍ସା ଜାରି ରହିଛି ବୋଲି ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି।




ମାଟିମଣ୍ଡପ ସାହିରୁ ଶନିବାର ବାହାରିଥିବା ସାହିଯାତର ବେଶଧାରୀ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବାଶିଷ



@ ସ୍ୱରୂପ



@ ଚନ୍ଦନ



@ ଦିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### 'ଆମ ବସ୍' ଧକ୍କାରେ ସ୍କୁଟିଚାଳକ ଗୁରୁତର

ବଳଙ୍ଗା,୨୯।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ପିପିଲି-ନିମାପଡ଼ା ମୁଖ୍ୟରାସ୍ତାର ଶାଳଜଙ୍ଗଠାରେ ରବିବାର ରାତିରେ କୋଣାର୍କରୁ ଭୁବନେଶ୍ୱର ଯାଉଥିବା ୭୧ ନଂ. 'ଆମ ବସ୍' ସାମ୍ନାରେ ଯାଉଥିବା ଏକ ସ୍କୁଟିକୁ ଧକ୍କା ଦେଇଛି। ଫଳରେ ସ୍କୁଟିଚାଳକ ଗୁରୁତର ହୋଇ ସ୍ଥାନୀୟ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ସ୍କୁଟି ଚାଳକ ହେଲେ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ସନ୍ତୋଷ କୁମାର ସେନାପତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ସନ୍ତୋଷଙ୍କୁ ଉଦ୍ଧାର କରି ପିପିଲି ମେଡିକାଲ ପଠାଇଛନ୍ତି। ଖବରପାଇ ବଳଙ୍ଗା ପୋଲିସ ଦୁର୍ଘଟଣା ଘଟାଇଥିବା 'ଆମ ବସ୍' ଓ ସ୍କୁଟିକୁ ଜବତ କରିବା ସହ ବସ୍ ଚାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଚାଳକ ମଦ୍ୟପାନ କରି ବସ୍ ଚଳାଉଥିବା ନେଇ ଘଟଣାସ୍ଥଳରେ ଉପସ୍ଥିତ ଲୋକେ କହିଛନ୍ତି।

### ପୁରୀରେ ପହଞ୍ଚିଲା ୪ର୍ଥ ପର୍ଯ୍ୟାୟ ରଥକାଠ

ପୁରୀ,୨୯।୩(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ରଥ ନିର୍ମାଣ ନିମନ୍ତେ ଚଳିତ ବର୍ଷର ଚତୁର୍ଥ ପର୍ଯ୍ୟାୟ ରଥ କାଠ ରବିବାର ପୁରୀରେ ପହଞ୍ଚିଛି। ୨ଟି ଟ୍ରକ୍ ଯୋଗେ ୫୨ ଖଣ୍ଡ ରଥ କାଠ ବୌଦ୍ଧ ଜିଲାର ମାଧପୁର ବନଖଣ୍ଡରୁ ଆସିଛି। ଚତୁର୍ଥ ପର୍ଯ୍ୟାୟରେ ଆସିଥିବା ରଥ କାଠରେ ୨୦ ଫୁଟିଆ ୧୫ ଖଣ୍ଡ ଏବଂ ୧୨ ଫୁଟିଆ ୩୭ ଖଣ୍ଡ ଧଉରା କାଠ ରହିଛି। ତେବେ ପ୍ରତିବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ୪୭ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ରଥ ନିର୍ମାଣ ପାଇଁ ୮୧୮ ଖଣ୍ଡ କାଠ ଆବଶ୍ୟକ ରହିଛି। ବର୍ତ୍ତମାନ ସୁଦ୍ଧା ୧୭୮ ଖଣ୍ଡ କାଠ ପୁରୀରେ ପହଞ୍ଚିଛି। ଅବଶିଷ୍ଟ ରଥ କାଠ ପର୍ଯ୍ୟାୟକ୍ରମେ ଆସି ପୁରୀରେ ପହଞ୍ଚିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଶିକ୍ଷା ମାନବ ସମାଜକୁ ସଶକ୍ତ କରେ

## ବୀରଭଦ୍ର ନୋଡାଲ୍ ବିଦ୍ୟାପୀଠର ହୀରକ ଜୟନ୍ତୀ

କାକଟପୁର/ଅସ୍ତରଙ୍ଗ,୨୯।୩ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ବିଦ୍ୟାଳୟ କେବଳ ଶିକ୍ଷାର ସ୍ଥାନ ନୁହେଁ, ଏହା ପରିବର୍ତ୍ତନ ଏକ ମନ୍ଦିର, ଜ୍ଞାନର ଭଣ୍ଡାର; ଯେଉଁଠାରେ ଉତ୍ତମ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଶିକ୍ଷା ଦିଆଯାଏ। ଶିକ୍ଷା ମାନବ ସମାଜକୁ ସଶକ୍ତ କରେ ବୋଲି ବୀରଭଦ୍ର ନୋଡାଲ୍ ବିଦ୍ୟାପୀଠ, ବାଙ୍ଗୁରିଗାଁ ହୀରକ ଜୟନ୍ତୀ ସମାରୋହ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉଦ୍‌ଘାଟନ କରିଥିଲେ।




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟମାନେ ।

କାକଟପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ବାଙ୍ଗୁରିଗାଁସ୍ଥିତ ବୀରଭଦ୍ର ନୋଡାଲ୍ ବିଦ୍ୟାପୀଠରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, କାକଟପୁର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ରାକେଶ ବିଶ୍ୱାଳ, ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା 'ମହକ-୨' ଉନ୍ମୋଚନ କରାଯାଇଥିଲା। ପୁରାତନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବରେ ରବିବାର ସନ୍ଧ୍ୟାରେ ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତ୍ତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ମା' ନବମଲ୍ଲିକାଙ୍କ ପୀଠରେ ବାସନ୍ତୀ ଦୁର୍ଗାପୂଜା**

ବ୍ରାହ୍ମଣଝରିଲୋ,୨୯।୩: କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ନବମଲ୍ଲିକାଙ୍କ ପୀଠରେ ବାସନ୍ତୀଦୁର୍ଗା ପୂଜା ପାଳିତ ହୋଇଯାଇଛି। ପ୍ରତିବର୍ଷର ପରମ୍ପରାକୁ ଅନୁସରଣ କରି ଏହିବର୍ଷ ମଧ୍ୟ ଗ୍ରାମବାସୀଙ୍କ ସହଯୋଗ ଓ ଭକ୍ତିଭାବ ମଧ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଯଜ୍ଞ ମହୋତ୍ସବରେ କର୍ତ୍ତା ଭାବେ ବରାଦ ପ୍ରସାଦ ବେଉରା ଓ ସୌଭାଗ୍ୟ ବେଉରା ଦାୟିତ୍ୱ ତୁଲାଇଥିଲେ। ବିଦ୍ୱାନ ପଣ୍ଡିତ ପ୍ରଣବ କୁମାର ଦାଶଙ୍କ ନିର୍ଦ୍ଦେଶନା ଓ ବେଦମନ୍ତ୍ର ପାଠ ଯଜ୍ଞକୁ ଅଧିକ ଗମ୍ଭୀର ଓ ପବିତ୍ର କରିଥିଲା। ସନ୍ଧ୍ୟାରେ ଚାରି ମଣ୍ଡଳର ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଭକ୍ତିରସରେ ମୁଗ୍ଧ କରିଥିଲା। ଭଜନ, କୀର୍ତ୍ତନ ଓ ଧାର୍ମିକ ସଙ୍ଗୀତରେ ପରିବେଶ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି କରିଥିଲା।



# ୭୦୦ ବର୍ଷର ପରମ୍ପରା ବଜାୟ ରଖିଛି ରାଣୀହାଟ ଶଗଡ଼ିଆ ସାହି





କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଐତିହ୍ୟ, କଳା, ସଂସ୍କୃତିରେ ପରିପୂର୍ଣ୍ଣ ହଜାରେ ବର୍ଷର ସହର କଟକ। ଏହାର ପ୍ରତ୍ୟେକ ସାହିରେ ପୌରାଣିକ ଗାଥା ରହିଛି। ଏଥିମଧ୍ୟରୁ ରାଣୀହାଟ ଶଗଡ଼ିଆ ସାହି ଅନ୍ୟତମ। ଏଠାରେ ହନୁମାନ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ସାହି ପରିସରରେ ଥିବା ମହାବୀରଙ୍କ ମୁଖା ଦୁଇଦିନ ଯଥା ଏପ୍ରିଲ ୧୪ ଓ ୧୫ ତାରିଖ ସାହି ପରିକ୍ରମା କରିବା ସହ ଭୋଗ ଖାଇବେ। ପ୍ରଥମେ ୧୪ ତାରିଖରେ ୪୦୦ ଘରେ ଭୋଗ ଖାଇବାକୁ ସ୍ଥିର କରାଯାଇଥିବାବେଳେ ୧୫ରେ ୨୦୦ ଘରେ ଭୋଗ ଖାଇବା କାର୍ଯ୍ୟକ୍ରମ ରହିଛି। ୧୫ ତାରିଖ ସନ୍ଧ୍ୟାରେ ରାଣୀହାଟ ଦୁର୍ଗାଘର ସମ୍ମୁଖରେ ଅନ୍ୟ ମୁଖାଙ୍କ ସହ ଏକତ୍ରିତ ହେବେ। ଶଗଡ଼ିଆ ସାହି ଅଧିକାରୀ ନଗେନ ସାମନ୍ତରାୟ, ମହନ୍ତ କ୍ଷୀରେନ୍ଦ୍ର ନାଥ ନାୟକ, କଟୁଆଳ ମାନସ କୁମାର ଦାସ, ସଭାପତି ଜଳଧର ଖୁଣ୍ଟିଆ, ସମ୍ପାଦକ ବିଚିତ୍ରାନନ୍ଦ ଖୁଣ୍ଟିଆ, କୋଷାଧ୍ୟକ୍ଷ ତପନ କୁମାର ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଯୁବକ ସଂଘର କର୍ମକର୍ତ୍ତା ପରିଚାଳନା କରୁଛନ୍ତି।

## ଆକର୍ଷଣ

ଚଳିତବର୍ଷ ପ୍ରଥମ କରି ଏହି ମୁଖା ମେଳଣରେ ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ରାଜସ୍ଥାନୀ ତୋରଣ କରାଯିବ। ତୋରଣକୁ କଟକ କାରିଗରମାନେ ତିଆରି କରିବେ। ପ୍ରତିବର୍ଷ ଭଳି ହନୁମାନ ବେଶଧାରୀଙ୍କ କଳାପ୍ରଦର୍ଶନର ଯୋଜନା କରାଯାଇଛି।

## ସାହି ଇତିହାସ

ପ୍ରାୟ ୭୦୦ ବର୍ଷ ପୂର୍ବେ ଶଗଡ଼ିଆ ସାହିରେ ଶବରମାନେ ବାସ କରୁଥିଲେ। ସେତେବେଳେ ଏହି ସାହିର ନାମ ସଉରାସାହି ରହିଥିଲା। ଏଠାରେ ଶବରମାନଙ୍କୁ କ୍ଷତ୍ରିୟ ଆଖ୍ୟା ଦିଆଯାଉଥିଲା। ଧୀରେ ଧୀରେ ସେମାନଙ୍କ ବଂଶ ବୃଦ୍ଧି ପାଇଥିଲା। ପରେ ଏଠାରେ ବୈଶ୍ୟ, ବ୍ରାହ୍ମଣ ଓ ଅନ୍ୟ ସମ୍ପ୍ରଦାୟର ଲୋକେ ବାସ କଲେ। ଏହି ଅଞ୍ଚଳର ଗଛ ତଳେ ଥିବା ଏକ ଚାଳଘରେ ହନୁମାନଙ୍କୁ ପୂଜା କରାଯାଉଛି। ଏହି ମୁଖା ଠାକୁର ପୂଜା ୫୦୦ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ରାମାୟଣର ବିଭିନ୍ନ ଚିରତ୍ରଙ୍କ ମୁଖା ଲଗାଇ କଳାକାରମାନେ ଆଖଡ଼ା ପରିବେଷଣ କରୁଥିଲେ। ସେହି ସମୟରେ କଟକରେ ୪ଟି ସାହି ଥିଲା। ଏହାର ନାମ ସେହି ସମୟରେ ଝାଞ୍ଜିରୀ (ଏବେକାର ଝାଞ୍ଜିରୀମଙ୍ଗଳା), ବାରାଣସୀ(ବିଡ଼ାନାସୀ), ଯୁବୁରା (ଯୋବ୍ରା) ଓ ସଉରାସାହି(ଶଗଡ଼ିଆ ସାହି)। ଏହି ୪ଟି ସାହିରେ ପ୍ରଥମେ ଆଖଡ଼ା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏଥିସହ ଓଡ଼ିଶାର ସଂକୀର୍ତ୍ତନ ମଧ୍ୟ ଏଠାରୁ ଆରମ୍ଭ ହୋଇଥିଲା। ଅନ୍ୟପଟେ ଏହି ମୁଖା ମେଳଣ ସାହିର ପୂର୍ବତନ ଅଧିକାରୀ ସୁରେନ୍ଦ୍ର ମହାନ୍ତି ଓ ସମ୍ପାଦକ ବାନାମ୍ବର ଖୁଣ୍ଟିଆ ଆରମ୍ଭ କରିଥିଲେ। ସେତେବେଳେ ୭ଟି ସାହିର ମୁଖା ମେଳଣକୁ ଆସୁଥିଲା। ହେଲେ ଏବେ ଏହି ସଂଖ୍ୟା ୧୪ରେ ପହଞ୍ଚିଛି।

## ହନୁମାନ ଜୟନ୍ତୀ ଲାଗି ପ୍ରସ୍ତୁତି

- ମୁଖା ମେଳଣରେ ସାମିଲ ହେବେ ୧୪ ସାହିର ମୁଖା
- ୬୦୦ ଘରେ ଭୋଗ ଖାଆନ୍ତି ମହାବୀର

### ପ୍ରଥମେ ୫ ମୁଖା ସାମିଲ ହେଉଥିଲେ



"ଏହି ମୁଖା ମେଳଣ କଟକର ଏକ ଅନ୍ୟତମ ପରିଚୟ। ଏଭଳି ମେଳଣ ଅନ୍ୟ କେଉଁଠି ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ପ୍ରଥମକରି ଏହି ମେଳଣ ଆରମ୍ଭ ହୋଇଥିବାବେଳେ ଏଥିରେ ୫ଟି ସାହିର ମୁଖା ସାମିଲ ହେଉଥିଲା। ପରେ ଧୀରେ ଧୀରେ ଏହି ଅନ୍ୟାନ୍ୟ ସାହିର ମୁଖା ଏଥିରେ ଯୋଡ଼ି ହୋଇଛି।

**ସୁରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ଅଧିକାରୀ**

### ମାନସିକ ପୂରଣ ହେବାର ବିଶ୍ୱାସ ରହିଛି



"ଏହି ମେଳଣ ବହୁ ବର୍ଷ ଧରି କଟକରେ ହୋଇ ଆସୁଛି। ଖାସ୍ କରି ମହାବୀରଙ୍କ ପାଖରେ ଯାହା ମାନସିକ କରାଯାଏ, ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ମେଳଣରେ ଚଳିତଥର ରାଜସ୍ଥାନର ଏକ ୩୦ ଫୁଟ୍ ଉଚ୍ଚତାର ତୋରଣ କରାଯିବ। ଏହାସହ ମେଳଣରେ ବଲାଙ୍ଗୀର ବାଦ୍ୟ ସାମିଲ ହେବ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

**ନଗେନ ସାମନ୍ତରାୟ, ଅଧିକାରୀ, ଶଗଡ଼ିଆ ସାହି**

### ଶାନ୍ତିଶୃଙ୍ଖଳାର ସହ ମେଳଣ କରାଯିବ



"କଟକର ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏହି ମେଳଣ କରାଯାଇଆସୁଛି। ଠାକୁରଙ୍କ ପାଇଁ ୨୦ କେଜି ଓଜନର ଚାନ୍ଦି ଗହଣା କରାଯାଇଛି। ମୁଖା ମେଳଣରେ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହାସହ ଶାନ୍ତିଶୃଙ୍ଖଳାର ସହ ମେଳଣ କରାଯିବାକୁ ମିଳିତ ଭାବେ ନିଷ୍ପତ୍ତି ନିଆଯାଇଛି।

**କ୍ଷୀରେନ୍ଦ୍ର ନାଥ ନାୟକ, ମହନ୍ତ**

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ ସ୍ୱରୂପ



@ ଚନ୍ଦନ



@ ଦୀପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ପ୍ରଦେଶ କଂଗ୍ରେସ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତଙ୍କୁ ଅଭିନନ୍ଦନ

କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଭାବେ କଟକର ବିଶ୍ୱଜିତ ମହାନ୍ତିଙ୍କୁ ଚୟନ କରାଯାଇଛି। ତେବେ ବର୍ତ୍ତମାନ ପ୍ରଚାର ପ୍ରସାର ପାଇଁ ସୋସିଆଲ ମିଡିଆ ଏକ ଉତ୍ତମ ପନ୍ଥା ହୋଇଥିବାବେଳେ ଏହାକୁ ଅଧିକ କ୍ରିୟାଶୀଳ କରି ଦଳର ନୀତି ଆଦର୍ଶ ଓ ବିଭିନ୍ନ ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ସ୍ୱର ହେବାକୁ କଂଗ୍ରେସ ଗୁରୁତ୍ୱ ଦେଉଛି। ଏହି ପରିପ୍ରେକ୍ଷୀରେ ବିଶ୍ୱଜିତଙ୍କୁ ରାଜ୍ୟ କଂଗ୍ରେସ ସୋସିଆଲ ମିଡିଆ ଦାୟିତ୍ୱକୁ ବିଶ୍ୱଜିତ ତୁଲାଇବା ସହ ଦଳକୁ ମଜଭୁତ କରିବେ ବୋଲି କଟକ ନଗର (ଜିଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ବରିଷ୍ଠ ନେତା ନିର୍ମଳ ସ୍ୱାଇଁ, ରଜନୀ ବହିଆ, ଜୟନାରାୟଣ ତ୍ରିପାଠୀ, ରଶ୍ମିକାନ୍ତ ସାମଲ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଯୁକ୍ତି ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତ କଂଗ୍ରେସ କମିଟି ସଂଗଠନ ସମ୍ପାଦକ ଭେନୁ ଗୋପାଳ, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଇଥିବା ଏକ ପ୍ରେସବିବୃତିରେ ଜଣାଇଛନ୍ତି।



ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ରବିବାର ବିସର୍ଜନ ପାଇଁ ଦେବୀଗଡ଼ା କୋଠଯୋଡ଼ି ନଦୀକୁ ନିଆଯାଉଛି। (ଫଟୋ: ରାଜକିଶୋର ମହାନ୍ତି)।

## ପାରମ୍ପରିକ ବାଦ୍ୟରେ କମ୍ପିଲା ସହର

କଟକ,୨୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀମୂର୍ତ୍ତି ଭସାଣି ଉତ୍ସବ ରବିବାର ଶେଷ ହୋଇଛି। ଶେଷ ପର୍ଯ୍ୟାୟରେ ମୋଟ ୧୩ଟି ଯଥା ବିଡ଼ାନାସୀ ବାସନ୍ତୀ ଦୁର୍ଗାପୂଜା କମିଟି, ଚାନ୍ଦିନୀଚୌକ, ଶିବପ୍ରସାଦ ଭଗତ ଟ୍ରଷ୍ଟ, ବିନୋଦବିହାରୀ ବାଲୁବଜାର, ଚୌଧୁରୀବଜାର ବାସନ୍ତୀ ଦୁର୍ଗା, ଉପର ତେଲେଙ୍ଗାବଜାର, ଦରଘାବଜାର, ମଙ୍ଗଳାବାଗ, ରାଣୀହାଟ, ରାଣୀହାଟ ବଜାର, ଷ୍ଟେଶନବଜାର ପୂଜା କମିଟି, ଶିଖରପୁର-ଗଣ୍ଡରପୁର-ମହାନଦୀବିହାର, ଶ୍ରୀଶ୍ରୀ ଜୟଦୁର୍ଗା ସମିତି ସୂତାହାଟ, ରାଜାବଗିଚା ସର୍ବୋଦୟପୁର ପ୍ରତିମା ବିଳମ୍ବିତ ରାତି ସୁଦ୍ଧା ଦେବୀଗଡ଼ରେ ବିସର୍ଜନ ହୋଇଥିଲେ। ଏହି ପ୍ରତିମାଗୁଡ଼ିକ ପ୍ରଥମେ ନିଜ ନିଜ ସାହି ପରିକ୍ରମା କରିବା ପରେ ଅପରାହ୍ନ ସମୟରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ବାଦ୍ୟରେ ପ୍ରକମ୍ପିତ ହୋଇ ଉଠିଥିଲା ସହର। ସୂଚନାଥାଉ କି, ଗତ ୨୪ ତାରିଖରୁ ସହରର ୧୮ଟି ମଣ୍ଡପରେ ବାସନ୍ତୀ ଦୁର୍ଗାଙ୍କ ପ୍ରତିମା ପୂଜା ପାଉଥିଲେ। ୨ଟି ପର୍ଯ୍ୟାୟରେ ଭସାଣି ଉତ୍ସବ କରାଯିବାକୁ ପୂର୍ବରୁ ସ୍ଥିର କରାଯାଇଥିଲା। ଭସାଣି ଯାତ୍ରା ପାଇଁ ସମୁଦାୟ ୧୫ ପ୍ଲାଟୁନ ପୋଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଥିଲା।

## ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ପ୍ରସ୍ତୁତି ବୈଠକ

କଟକ ସଦର,୨୯।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ରବିବାର ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଇଂ. ଗିରିଜା ଶଙ୍କର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏପ୍ରିଲ ୧୨ରେ ହେବାକୁ ଥିବା ବାର୍ଷିକ ଉତ୍ସବ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ସଂଘର ବିସ୍ତାର, ଜନତାଙ୍କ ସେବାମୂଳକ କାର୍ଯ୍ୟ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁବତୀ, ଯୁବକ ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାଛଡା ପଖାଳ ଦିବସ ମଧ ପାଳନ କରାଯାଇଥିଲା। ବୈଠକରେ ଗୋକୁଳ ଚନ୍ଦ୍ର ପ୍ରଧାନ, ରୋହିତ ସ୍ୱାଇଁ, ହୃଷୀକେଶ ଜେନା, ଶ୍ରୀକାନ୍ତ ବେଉରା, ଦୁଲାଲ ଭୋଇ, ଅନିରୁଦ୍ଧ ରାଉଳ, ମାନ ଗୋବିନ୍ଦ ପଣ୍ଡା, ଅନିଲ ଦାସ, ସଞ୍ଜୀବ ଦାସ ଓ ବଳରାମ ନାୟକ, ତୃପ୍ତିମୟୀ ଓଝା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘ ସମ୍ପାଦକ ଦେବୀ ପ୍ରସାଦ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଙ୍କେଶ୍ୱରୀ ମନ୍ଦିରର ମହାଯଜ୍ଞ ଉଦ୍‌ଯାପିତ

କଟକ ସଦର,୨୯।୩(ସୁଶାନ୍ତ କୁମାର ଜେନା)

କଟକସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ବାଲିକୁଦାସ୍ଥିତ ମା' ବାଲୁଙ୍କେଶ୍ୱରୀ ମନ୍ଦିରରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତିରେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଚିତ୍ତରଞ୍ଜନ ସାହୁ, ସରପଞ୍ଚ ରତ୍ନାକର ରାଉତ, ସମିତି ସଭ୍ୟା ସସ୍ମିତା ଦାଶଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗଦେଇଥିଲେ। ପ୍ରଥମ ଦିବସରେ ଶତାଧିକ ମହିଳା ବିରାଟ ପଟୁଆରରେ ମାଳିକା ରତ୍ନବଟକୁ ଶୋଭାଯାତ୍ରାରେ ଯାଇ କଳସରେ ପାଣି ଉଠାଇ ଯଜ୍ଞମଣ୍ଡପକୁ ଆସିଥିଲେ। ପ୍ରତିଦିନ ସମୂହ ପ୍ରସାଦ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଉମେଶ ବାଡ଼ି, ସରୋଜ କୁମାର ପାତ୍ର, ବିକାଶ ରାଉତରାୟ, ଗଜେନ୍ଦ୍ର ଭୋଇ, ରବୀନ୍ଦ୍ର ଭୋଇ, ସଭାପତି ନୃସିଂହ ଭୋଇ, ସମ୍ପାଦକ ଶେଷଦେବ ଦାଶ, କୋଷାଧ୍ୟକ୍ଷ ଭଗବାନ ଭୋଇ, ବିଶ୍ୱଜିତ ବାଡ଼ି ପ୍ରମୁଖ ସହଯୋଗ କରିଥିଲେ।

## ଶିବିରରୁ ୫୫ ୟୁନିଟ ରକ୍ତ ସଂଗ୍ରହ

ଚୌଦ୍ୱାର,୨୯।୩(ଆଶୁତୋଷ ଦାସ)

ଚୌଦ୍ୱାର ମା' ବିରଜା କ୍ରିକେଟ କ୍ଲବ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଓଟିଏମ୍ କଲୋନୀସ୍ଥିତ ଆମ୍ବିସନ୍ କ୍ଲବରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡ୍‌କ୍ରସ୍ କନଭେନର ସସ୍ମିତା ପଟ୍ଟନାୟକ, ଡା. ଅବିନାସ ଦାସ, ସରୋଜ ମହାନ୍ତି, ଗୋବିନ୍ଦ ମହନ୍ତ, ପୀତାମ୍ବର ଜେନା ପ୍ରମୁଖ ଶିବିରରେ ରକ୍ତ ସଂଗ୍ରହ କରିଥିଲେ। ଟେଟ୍ରାହେଡ୍ରନ୍ ଶିକ୍ଷାନୁଷ୍ଠାନର ମୁଖ୍ୟ ତ୍ରିଦେବ ବେହେରା, ୟୁଏମ୍ ଏସ୍‌ଏଲର ମହାପ୍ରବନ୍ଧକ ଭାଗବତ ସାହୁ, ଆମ୍ବିସନ୍ କ୍ଲବ୍ ସଭାପତି ଅମିତ କୁମାର ବେଉରା, ସମ୍ପାଦକ ବିଶ୍ୱଜିତ ଭଞ୍ଜ, କାଉନସିଲର ଆଶୁତୋଷ ଦାସ, କ୍ଷୀରୋଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଟେଟ୍ରାହେଡ୍ରନ ଏଡୁକେଶନ୍ ଟ୍ରଷ୍ଟ ସହଯୋଗରେ ଆୟୋଜିତ ଶିବିରକୁ ଦେବାଶିଷ ରାଉତ, ରୋହିତ ସ୍ୱାଇଁ, ଭାଗ୍ୟ ପ୍ରସାଦ ବାରିକ, ସାର୍ଥକ ମହାନ୍ତି, ବାସୁଦେବ ବାରିକ, ସୁଧୀର ରାଓଙ୍କ ସମେତ ବିରଜା କ୍ରିକେଟ କ୍ଲବ୍‌ର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଗଣେଶ ଗାଙ୍ଗ ଚାମ୍ପିୟନ



ଖେଳାଳିଙ୍କ ଗହଣରେ ଉପସ୍ଥିତ ଅତିଥି।

ବ୍ରାହ୍ମଣଝରିଲୋ,୨୯।୩

କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମ ଢିଅସାହି ଖେଳ ପଡିଆରେ ମା' ନବ ମଲ୍ଲିକା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମ୍ୟାଚରେ ଗଣେଶ ଗାଙ୍ଗ ଦଳ ଦୃଢ଼ ପ୍ରଦର୍ଶନ କରି ମା' ତାରେଣି ୱାରିଅର୍ସ ଦଳକୁ ୧୨ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବ ଗ୍ରାମ ସମ୍ପାଦକ ଅଜୟ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଟକ ସଦର ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଯୁବ ସଂଗଠକ ନଳିନୀକାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଟ୍ୱିନ ସିଟି ପ୍ରେସ କ୍ଲବ ସଭାପତି ଅମିତ କୁମାର ପରିଜା, ବିଶିଷ୍ଟ ଉଦ୍ୟୋଗୀ ରଞ୍ଜିତ କୁମାର ବେଉରା, ଗ୍ରାମର କୋଷାଧ୍ୟକ୍ଷ ଶୈଳଜା ନନ୍ଦ ସାହୁ, ୱାର୍ଡ ସଭ୍ୟ ବରାଦ ପ୍ରସାଦ ବେଉରା, ବାନାମ୍ବର ପରିଡା, ଦିଲୀପ କୁମାର ବେଉରା, ହେମନ୍ତ କୁମାର ବେଉରା ଓ ପ୍ରତିଶ କୁମାର ବେଉରା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ବିଚିତ୍ର କୁମାର ବେଉରା କରିଥିବା ବେଳେ ସୌଭାଗ୍ୟ ରଞ୍ଜନ ବେଉରା, ପ୍ରଫୁଲ୍ଲ କୁମାର ବେଉରା, ରଶ୍ମି ରଞ୍ଜନ ବେଉରା, ଅରିଜିତ ବେଉରା ଓ ଉଦିତ ରଞ୍ଜନ ପରିଡା ସମେତ ଅନେକ ଯୁବ ପ୍ରତିଭା ସକ୍ରିୟ ଭୂମିକା ନେଇଥିଲେ।

## 'ଭରଦ୍ୱାଜଙ୍କ ମୌଳିକ ଦୃଷ୍ଟିକୋଣ ପ୍ରଣିଧାନଯୋଗ୍ୟ'

କଟକ,୨୯।୩(କାର୍ତ୍ତିକ ସାହୁ)

ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟର ସମ୍ପାଦନା କ୍ଷେତ୍ରରେ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ମୌଳିକ ଦୃଷ୍ଟିକୋଣ ପ୍ରଣିଧାନଯୋଗ୍ୟ। ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ଜଣେ ପ୍ରଖ୍ୟାତ ସ୍ରଷ୍ଟା ଭାବରେ ସେ ଅମର ରହିବେ। ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି।

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହକୁ ମୁଖ୍ୟ ଅତିଥି ନିତ୍ୟାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଡ. ପ୍ରମୋଦ କୁମାର ପରିଡ଼ା ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ପ୍ରଦୀପ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ 'ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ସାରସ୍ୱତ ସାଧନାର ଦିଗ୍‌ବଳୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ସଞ୍ଜିତା ମିଶ୍ର ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶିଶିର ବେହେରା ଆଲୋଚକ ଭାବେ ଭରଦ୍ୱାଜଙ୍କ ସାରସ୍ୱତ ସାଧନାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ଦିଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ। ତୃତୀୟ ଅଧିବେଶନରେ ମୁରଲୀଧର ସାମଲ, ନରହରି ମିଶ୍ର, ସୁରେଶ କୁମାର ନାୟକ, ପ୍ରସନ୍ନ କୁମାର ସ୍ୱାଇଁ, ପ୍ରେମଚାନ୍ଦ ମହାନ୍ତି, ଗୋପା ଦାସ, ଦୁଲାଲକୃଷ୍ଣ ପତି, ଛବିରାଣୀ ପତି, ମୀରା ବେଉରା, ସସ୍ମିତା ପଟ୍ଟନାୟକ ପ୍ରମୁଖ କବିମାନେ ଭରଦ୍ୱାଜଙ୍କ କବିତା ଆବୃତ୍ତି କରିଥିଲେ।



ଜାନକୀ ବଲ୍ଲଭ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଉପସ୍ଥିତ ଅତିଥି।

### ଜାନକୀ ବଲ୍ଲଭ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

# ଇ-କମର୍ସ ଶୁଳ୍କକୁ ନେଇ ଭାରତ-ଆମେରିକା ମତଭେଦ

## ଡବ୍ଲ୍ୟୁଟିଓ ସଂସ୍କାର ରୋଡମ୍ୟାପ୍‌ରେ ବାଧା




ୟାଉଣ୍ଡେ (କାମେରୁନ), ୨୯।୩ (ରଏଟର୍ସ)

ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ସଂସ୍କାର ପାଇଁ ପ୍ରସ୍ତୁତ ହେଉଥିବା ବ୍ଲୁ-ପ୍ରିଣ୍ଟ ଏବେ ଏକ ବଡ଼ ବିବାଦ ଘେରକୁ ଚାଲିଆସିଛି। ବିଶେଷକରି ଡିଜିଟାଲ ବାଣିଜ୍ୟ ବା ଇ-କମର୍ସ ଶୁଳ୍କକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଥିବା ମତଭେଦ ଯୋଗୁ ଏହି ପ୍ରକ୍ରିୟା ମନ୍ଥର ହୋଇଯାଇଛି। ୧୯୯୮ ମସିହାରୁ ଇଲେକ୍ଟ୍ରୋନିକ୍ସ ଟ୍ରାନ୍ସମିଶନ ଯଥା ସଫ୍ଟୱେର, ସଙ୍ଗୀତ ଏବଂ ମୁଭି ଡାଉନ୍‌ଲୋଡ୍ ଆଦି ଉପରେ କୌଣସି ଅନ୍ତର୍ଜାତୀୟ ଶୁଳ୍କ ଲାଗୁ କରାଯାଉନାହିଁ। ଏହି ବ୍ୟବସ୍ଥାର ଅବଧି ଚଳିତ ମାସ ଶେଷ ହେଉଥିବାବେଳେ ଏହାକୁ ବଢ଼ାଇବା ପାଇଁ ଆମେରିକା ଚାପ ପକାଉଛି। ଇରାନ ଯୁଦ୍ଧ ଯୋଗୁ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହୋଇଥିବା ବେଳେ, ଡବ୍ଲ୍ୟୁଟିଓ ବୈଠକରେ ଏହି ଅଚଳାବସ୍ଥା ବିଶ୍ୱ ବାଣିଜ୍ୟ ପ୍ରତି ଆହୁରି ଅନିଶ୍ଚିତତା ସୃଷ୍ଟି କରିଛି। ଯଦି ଇ-କମର୍ସ ଶୁଳ୍କ ଉପରେ ସହମତି ନ ହୁଏ, ତେବେ ଏହା ଡବ୍ଲ୍ୟୁଟିଓର ପ୍ରାସଙ୍ଗିକତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିବ ବୋଲି କୂଟନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଭାରତ ମାତ୍ର ୨ ବର୍ଷ ପାଇଁ ଏହି ସୁବିଧା ବଢ଼ାଇବାକୁ ରାଜି ହୋଇଛି, କାରଣ ଏହି ଶୁଳ୍କ ଛାଡ଼ ଯୋଗୁ ବିକାଶଶୀଳ ଦେଶଗୁଡ଼ିକ ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ଆମେରିକା ଏହାକୁ ସ୍ଥାୟୀ ଭାବେ ଲାଗୁ କରିବାକୁ ଚାହୁଁଥିବା ବେଳେ, ଅତି କମ୍‌ରେ ୧୦ ବର୍ଷ ପାଇଁ ଏହି ମୋରାଟୋରିୟମ ବଢ଼ାଇବାକୁ ଯୁକ୍ତି କରୁଛି। ବ୍ୟବସାୟିକ ଗୋଷ୍ଠୀଙ୍କ ମତରେ ଏହାଦ୍ୱାରା ବାଣିଜ୍ୟରେ ସ୍ଥିରତା ରହିବ।

ବହୁ ପ୍ରତୀକ୍ଷିତ ଡବ୍ଲ୍ୟୁଟିଓ ସଂସ୍କାର ରୋଡମ୍ୟାପ୍‌ରେ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଏଥିରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସଂସ୍କାର, ସବ୍‌ସିଡିରେ ସ୍ୱଚ୍ଛତା, ବିକାଶଶୀଳ ଦେଶଙ୍କ ସୁବିଧା ଆଦି ଅନ୍ତର୍ଭୁକ୍ତ। ସଂଗଠନର ନିଷ୍ପତ୍ତି ନେବା ଶୈଳୀକୁ ସହଜ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଚାଇନା ଭଳି ଦେଶଗୁଡ଼ିକ ଯେପରି ସବସିଡି ନିୟମର ଅପବ୍ୟବହାର ନ କରିବେ, ସେଥିପାଇଁ ଆମେରିକା ଏବଂ ୟୁରୋପୀୟ ସଂଘ ନୂତନ ନିୟମ ଉପରେ ଜୋର୍ ଦେଉଛନ୍ତି। ବିକାଶଶୀଳ ଦେଶଗୁଡ଼ିକୁ ମିଳୁଥିବା ସ୍ୱତନ୍ତ୍ର ସୁବିଧାଗୁଡ଼ିକର ପୁନଃସମୀକ୍ଷା ପାଇଁ ମଧ୍ୟ ଏଥିରେ ପ୍ରସ୍ତାବ ରହିଛି।

# ଖଦିର ପ୍ରଚାର ପ୍ରସାର ପାଇଁ ଡିଜିଟାଲ ମାର୍କେଟିଂ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୯।୩ (ସୌମ୍ୟରଞ୍ଜନ ରାଉତ)



ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ପାଇଁ ଖଦି ଓ ଗ୍ରାମୋଦ୍ୟୋଗ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ସ୍ଥାନୀୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟରେ ଚାଲିଥିବା ୭ ଦିନିଆ ଖଦି ମେଳା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏପରି କହିଛନ୍ତି। ଖଦିର ପ୍ରଚାର ପ୍ରସାର ପାଇଁ ଡିଜିଟାଲ ମାର୍କେଟିଂ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ସହ ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ନୂଆ ନୂଆ ଡିଜାଇନ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ଖଦି ସାମଗ୍ରୀ ବ୍ୟବହାର ହେଲେ ଏହି କ୍ଷେତ୍ର ସଶକ୍ତ ହୋଇପାରିବ । ତେଣୁ ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ବସ୍ତ୍ର ପିନ୍ଧିବାକୁ ମନ୍ତ୍ରୀ ମଲ୍ଲିକ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ଖଦି ମେଳାରେ ବୁଣାକାର ଓ କାରିଗରଙ୍କ ମଧ୍ୟରେ ଇ-କମର୍ସ ଉପରେ ସଚେତନତା ସୃଷ୍ଟି କରାଯିବା ସହ ୫୦ ଗୋଟି କାରିଗର ଓ ବୁଣାକାର ଗୋଷ୍ଠୀଙ୍କୁ ଓପନ ନେଟୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍‌ଡିସି) ପ୍ଲାଟଫର୍ମ ସହ ସଂଯୋଗ କରାଯାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଚିବ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂ, ଡ. ଅରୁନ୍ଧତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତଥର ମୋଟ ୭୫ଟି ଷ୍ଟଲ ଖୋଲାଯାଇଥିଲା । ଓଡ଼ିଶା ସହ ତେଲଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ରାଜ୍ୟର ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି । ଯାଜପୁରର ବାପୁଜୀ ଖଦି ସେବା ସଂଘ, ଖୋର୍ଦ୍ଧାର ମା’ ଦୁର୍ଗା ଗ୍ରାମ୍ୟ ଶିଳ୍ପ ସମିତି ଏବଂ ରେଶମ ଓ ଶ୍ରେଷ୍ଠ ଷ୍ଟଲ ବର୍ଗରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ।

# ‘ଭଲ ଉତ୍ପାଦ ଏହାର ଗୁଣବତ୍ତା ଦ୍ୱାରା ଆଦୃତ ହୁଏ’

**ଭୁବନେଶ୍ୱରସ୍ଥିତ ଜୟବାବା ଅଟୋମୋବାଇଲ୍ସର ମ୍ୟାନେଜିଂ ପାର୍ଟନର ହର୍ଷିତ ଲୋଧା ଜଣେ ସଫଳ ଉଦ୍ୟୋଗୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ୨୦୨୩ରେ ପ୍ରତିଷ୍ଠିତ ‘ଜୟବାବା ଟ୍ରାଇବ୍’ର ପ୍ରତିଷ୍ଠାତା ଏବଂ ସକ୍ରିୟ ସଦସ୍ୟ ଭାବେ ସେ ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ବ୍ୟବସାୟିକ ଯାତ୍ରା ସମ୍ପର୍କରେ ହର୍ଷିତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...**



ହର୍ଷିତ ଲୋଧା




**ପ୍ର- ରୟାଲ ଏନ୍‌ଫିଲ୍ଡ ବିକ୍ରି ୨୦୨୫ରେ ଏକ ବଡ଼ ରେକର୍ଡ ସୃଷ୍ଟି କରିଛି। ଭାରତରେ ୧୦ ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି ହୋଇଛି। ୨୦୨୪ ତୁଳନାରେ ଏହା ୨୫% ବଢ଼ିଛି। ଓଡ଼ିଶା ବଜାରରେ ମଧ୍ୟ ଏପରି ଉତ୍ସାହ ଆପଣ ଲକ୍ଷ୍ୟ କରୁଛନ୍ତି କି?**

ଉ- ହଁ, ଏହା ସତ୍ୟ। ଭୁବନେଶ୍ୱରରେ ଆମର ରିଟେଲ ବିକ୍ରିରେ ୫୧% ବୃଦ୍ଧି ଦେଖାଯାଇଛି ଏବଂ ଏହା ରୟାଲ ଏନ୍‌ଫିଲ୍ଡର ମାର୍କେଟ ଶେୟାରରେ ମଧ୍ୟ ପ୍ରତିଫଳିତ ହୋଇଛି। ଭୁବନେଶ୍ୱରର ପ୍ରିମିୟମ୍ ମୋଟରସାଇକେଲ ସେଗମେଣ୍ଟରେ ରୟାଲ ଏନ୍‌ଫିଲ୍ଡର ବଜାର ଅଂଶଧନ ୩୦%ରୁ ୩୨% କୁ ବୃଦ୍ଧି ପାଇଛି ଏବଂ ସମଗ୍ର ଓଡ଼ିଶାରେ ଏହା ୩.୯%ରୁ ବୃଦ୍ଧି ପାଇ ୨୯.୯%ରେ ପହଞ୍ଚିଛି।

**ପ୍ର- ଭୁବନେଶ୍ୱରର ପ୍ରମୁଖ ମୋଟରସାଇକଲ ଡିଲରମାନଙ୍କ ମଧ୍ୟରୁ ଜଣେ ହୋଇଥିବାବେଳେ ଆପଣଙ୍କ ମତରେ ଏହି ଶିଳ୍ପ ବର୍ତ୍ତମାନ କେଉଁ ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେଉଛି?**

ଉ- ଜିଏସ୍‌ଟି ୨.୦ ଲାଗୁ ହେବା ପରେ ୩୫୦ସିସି ମୋଟରସାଇକେଲରେ ଟିକସ ୨୮%ରୁ ୧୮%କୁ ହ୍ରାସ ପାଇବା ଯୋଗୁ ଚାହିଦାରେ ବୃଦ୍ଧି ହୋଇଛି। ଆମେ ଏହି ବର୍ଦ୍ଧିତ ଚାହିଦାର ପ୍ରାୟ ୭୫ରୁ ୮୦% ପୂରଣ କରିବାରେ ସଫଳ ହୋଇଛୁ ଏବଂ ଏହାସହ ଆମେ ଆମର ରିଟେଲ ବିକ୍ରିରେ ୫୦%ରୁ ଅଧିକ ବୃଦ୍ଧି ହାସଲ କରିଛୁ।

**ପ୍ର- ଯୁକ୍ତରାଷ୍ଟ୍ର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ହାର୍ଲେ-ଡେଭିଡଶନ ବାଇକ୍‌ଗୁଡ଼ିକୁ ଶସ୍ତା କରିଦେବ, ରୟାଲ ଏନ୍‌ଫିଲ୍ଡ ଉପରେ ଏହା ପ୍ରଭାବ ପକାଇବ କି?**

ଉ- ମୁଁ ବିଶ୍ୱାସ କରେ ଯେ କୌଣସି ଉତ୍ପାଦ କେବଳ ରିହାତି କିମ୍ବା ମାଗଣା ଉପହାର ଦେଇ ବିକ୍ରି କରାଯାଇପାରିବ ନାହିଁ। ଭାରତରେ, ଏକ ଭଲ ଉତ୍ପାଦ ତାହାର ଗୁଣବତ୍ତା ଏବଂ ଠିକ୍ ମୂଲ୍ୟ ପାଇଁ ଆଦୃତ ହୁଏ। ଆମର ବଢ଼ୁଥିବା ବିକ୍ରି ଏହାର ସବୁଠାରୁ ବଡ଼ ପ୍ରମାଣ।

**ପ୍ର- ଏପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା କିପରି ଥିଲା? ଆପଣଙ୍କର ସ୍ୱତନ୍ତ୍ରତା (ୟୁନିକ୍ ସେଲିଂ ପଏଣ୍ଟ) କ’ଣ?**

ଉ- ୩ ବର୍ଷ ପୂର୍ବେ ଜୟବାବା ଆରମ୍ଭ ହେବା ଦିନଠାରୁ ଏହାର ନେତୃତ୍ୱ ନେବା ଏକ ଚମତ୍କାର ଅନୁଭୂତି ରହିଛି। ଗ୍ରାହକମାନଙ୍କୁ ସର୍ବୋତ୍ତମ ଅନୁଭୂତି ପ୍ରଦାନ କରିବା ଏବଂ ସେମାନଙ୍କୁ ଏହି ସ୍ୱତନ୍ତ୍ର ରାଇଡିଂ ସଂସ୍କୃତି ସହ ପରିଚିତ କରାଇବା ଆମର ଲକ୍ଷ୍ୟ ଥିଲା। ‘ଜୟବାବା ଟ୍ରାଇବ୍’ ହେଉଛି ଆମର ଏକ ରାଇଡିଂ ଗ୍ରୁପ୍, ଯାହା ରାଇଡିଂକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିଲା ଏବଂ ସମୟ ସହିତ ଏହା ଆହୁରି ବଡ଼ ଓ ଉନ୍ନତ ହେବାରେ ଲାଗିଛି। ଆମର ‘ନେଟ ପ୍ରୋମୋଟର ସ୍କୋର’ ୫୦ ରୁ ଅଧିକ ରହିଛି, ଯାହା ଶିଳ୍ପ ମାନଦଣ୍ଡଠାରୁ ଅଧିକ ଏବଂ ଆମର ସଫଳତାର ସୂଚକ।

**ପ୍ର- ଜଣେ ଉଦ୍ୟୋଗୀ ଭାବରେ ଆପଣ କାହିଁକି ଏହି ବ୍ୟବସାୟକୁ ବାଛିଲେ? ନୂତନ ଭାବେ ଏହି କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିଙ୍କୁ ଆପଣ କ’ଣ ପରାମର୍ଶ ଦେବେ?**

ଉ- ବାଇକିଂ ସବୁବେଳେ ମୋର ପ୍ୟାଶନ୍ ରହିଛି ଏବଂ ମୁଁ ମାନସିକ ସୁସ୍ଥତା ପାଇଁ ବାଇକ ଚଳାଏ। ମୁଁ ଏପରି ଏକ ବ୍ୟବସାୟରେ ମୋର ସମ୍ପୃକ୍ତି ଚାହୁଁଥିଲି, ଯାହା ମୋତେ ଉତ୍ସାହିତ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରେରଣା ଦେବ। ମୁଁ ବରଂ କହିବି ଯେ ଏକ ସୁଯୋଗ ପାଇଲି ଏବଂ ଜଣେ ରୟାଲ ଏନଫିଲ୍ଡ ଡିଲର ହୋଇଗଲି। ବର୍ତ୍ତମାନ ନିଜ ସ୍ୱପ୍ନକୁ ସାକାର କରିବା ସହ ନିଜ ପସନ୍ଦର ବ୍ୟବସାୟ କରୁଛି। ଯୁବପିଢ଼ିଙ୍କୁ କହିବି, ସେମାନେ ଯାହା କରିବାକୁ ଭଲ ପାଆନ୍ତି ତାହା କରନ୍ତୁ। ତାହା ସେମାନଙ୍କୁ ସର୍ବୋତ୍ତମ ସଫଳତା ଦେବ।

# ଜିଓ ପକ୍ଷରୁ ଜାତୀୟ ସୁରକ୍ଷା ମାସ

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ, ସୁରକ୍ଷା ଡ୍ରିଲ, ଆଲୋଚନାଚକ୍ର, ପ୍ରଶିକ୍ଷଣ ଅଧିବେଶନ ତଥା ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ସହିତ ଜାତୀୟ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ମାସର ପ୍ରଥମ ଭାଗରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡର ଓଡ଼ିଶା ମୁଖ୍ୟ ଗୌରବ କୁମାର ଭୁବନେଶ୍ୱରରୁ ଏହି ଏକ ମାସ ବ୍ୟାପୀ ସଚେତନତା ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ୫୫ତମ ଜାତୀୟ ସୁରକ୍ଷା ମାସର ଥିମ୍ ଥିଲା ‘ସୁରକ୍ଷା ସୁଦୃଢ଼ କରିବା ପାଇଁ ଲୋକଙ୍କୁ ସାମିଲ କରନ୍ତୁ, ଶିକ୍ଷିତ କରନ୍ତୁ ଏବଂ ସଶକ୍ତ କରନ୍ତୁ’। ସଚେତନତା ଅଭିଯାନର ଅଂଶସ୍ୱରୂପ ରାଜ୍ୟବ୍ୟାପୀ ଜିଓର ବିଭିନ୍ନ ପ୍ରତିଷ୍ଠାନରେ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ସଡ଼କ ସୁରକ୍ଷା ବ୍ୟବସ୍ଥା, କାର୍ଯ୍ୟସ୍ଥଳରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ବ୍ୟବହାର ଇତ୍ୟାଦିର ଗୁରୁତ୍ୱ ସମ୍ପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାୟଗଡା, ଭବାନୀପାଟଣା, କେଉଁଝର, ଅନୁଗୋଳ, ସମ୍ବଲପୁର, ରାଉରକେଲା, ବାରିପଦା ଏବଂ ଭଦ୍ରକ ଆଦି ସହରରେ ଜିଓ କର୍ମଚାରୀମାନଙ୍କ ଦ୍ୱାରା ଚିତ୍ରାଙ୍କନ ଏବଂ ପୋଷ୍ଟର ତିଆରି ପ୍ରତିଯୋଗିତା, ସୁରକ୍ଷା ପ୍ରତିଜ୍ଞା, ସୁରକ୍ଷା ବ୍ୟାଜ, କୁଇଜ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ କରାଯାଇଛି। ଏହି ପଦକ୍ଷେପଗୁଡ଼ିକରେ ଅଂଶଗ୍ରହଣ ଉତ୍ସାହଜନକ ରହିବା ସହିତ ଅଂଶଗ୍ରହଣକାରୀମାନଙ୍କୁ ଅର୍ଥପୂର୍ଣ୍ଣ ଉପାୟରେ ସଚେତନ ଏବଂ ସାମିଲ କରିବା ନେଇ ଉଦ୍ୟମ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ଜିଓ ଏହାର କର୍ମଚାରୀ, ସେମାନଙ୍କ ପରିବାର ଏବଂ ବ୍ୟାପକ ସମାଜର ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ଏକ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ କରୁଛି।

# ରେଳପଥରେ ଆପତ୍ତିଜନକ ବିଜ୍ଞାପନ ନିଷିଦ୍ଧ

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

## ମଦ୍ୟପାନ, ତମାଖୁ, ଧୂମପାନ ପ୍ରଚାର ମନା

ଭାରତୀୟ ରେଳପଥ ଅଧୀନ ରେଳପଥରେ ଆପତ୍ତିଜନକ ବିଜ୍ଞାପନ ନିଷିଦ୍ଧ କରାଯାଇଛି। ଟ୍ରେନରେ ପ୍ରଦର୍ଶିତ ବିଜ୍ଞାପନ ପାଇଁ ପ୍ରତ୍ୟେକ ବିଜ୍ଞାପନ ଯୋଜନାର ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଏବଂ ସମ୍ପୃକ୍ତ ରେଳପଥ ଡିଭିଜନର ଡିଭିଜନାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ। ତେବେ ବିଜ୍ଞାପନ ପ୍ରଦର୍ଶନ ପାଇଁ ବ୍ରାଣ୍ଡ୍ ଚୟନ କରିବା ବିଜ୍ଞାପନ ଏଜେନ୍ସିର ବିଶେଷାଧିକାର। ବିଜ୍ଞାପନ ପ୍ରଦର୍ଶନ ପାଇଁ ବିଜ୍ଞାପନ ଏଜେନ୍ସି କେନ୍ଦ୍ର କିମ୍ବା ରାଜ୍ୟ ଆଇନ ପାଳନ କରିବା ଆବଶ୍ୟକ। ଆଇନର ନଜରରେ ଆପତ୍ତିଜନକ ବିଜ୍ଞାପନ ନିଷେଧ ଅଟେ । ଟ୍ରେନ ଭିତରେ କିମ୍ବା ବାହାରେ ଆଲକୋହଲ ପାନୀୟର ବିଜ୍ଞାପନ ପ୍ରଦର୍ଶନ କରାଯାଇପାରିବ ନାହିଁ। ସେହିପରି ବିଜ୍ଞାପନର ପ୍ରଚ୍ଛଦପଟରେ କାମୁକ ଦୃଶ୍ୟ ରହିଥିଲେ କିମ୍ବା ପରିବହନର ଅନ୍ୟାନ୍ୟ ମାଧ୍ୟମରୁ ପ୍ରତିଯୋଗିତାମୂଳକ ବିଜ୍ଞାପନ ମଧ୍ୟ ପ୍ରଦର୍ଶନ କରାଯାଇପାରିବ ନାହିଁ। ରେଳ ଦୁର୍ଘଟଣା ବିରୋଧରେ ପଲିସି ପ୍ରଦାନ କରୁଥିବା ଘରୋଇ ବୀମା କମ୍ପାନୀଗୁଡ଼ିକ ତରଫରୁ ବିଜ୍ଞାପନ ଲଗାଯାଇପାରିବ ନାହିଁ। ସିଗାରେଟ, ବିଡ଼ି ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦର ବିଜ୍ଞାପନ ଉପରେ ମଧ୍ୟ ପ୍ରତିବନ୍ଧକ ରହିଛି। କୌଣସି ସ୍ଥାନରେ ଉଲ୍ଲଂଘନ ହେଲେ, ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଶୁକ୍ରବାର ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତୀୟ ରେଳପଥର ଇ-କ୍ରୟ ବ୍ୟବସ୍ଥା (ଆଇଆରଇପିଏସ) ଅନଲାଇନ ପୋର୍ଟାଲରେ ଇ-ନିଲାମ ଜରିଆରେ ସମସ୍ତ ବିଜ୍ଞାପନ ଚୁକ୍ତିନାମା ପ୍ରଦାନ କରାଯାଇଥାଏ। ବିଜ୍ଞାପନଦାତାଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡକୁ ରେଖାଙ୍କିତ କରୁଥିବା ବାଣିଜ୍ୟିକ ଆୟ ଏବଂ ଅଣ-ଭଡ଼ା ରାଜସ୍ୱ ନୀତି ଏବଂ ଅନୁବନ୍ଧ ସମ୍ବନ୍ଧୀୟ ସ୍ୱତନ୍ତ୍ର ସର୍ତ୍ତାବଳୀ ଅନୁଯାୟୀ ନିବେଶକଙ୍କୁ ଚୟନ କରାଯାଇଥାଏ।

# ଇଣ୍ଡା ଫାଉଣ୍ଡେଶନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



କଳିଙ୍ଗନଗର, ୨୯।୩ (ଶୁଭାଶିଷ ରାଉତ)

ଇମ୍ଫାର ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଯାଜପୁର ଜିଲା ଦାନଗଦି ବ୍ଲକ୍ ଯଖପୁରା ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍ଗାବନ୍ଧୀ ପ୍ରୋଜେକ୍ଟ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାମାଜିକ କର୍ମୀ ହଳଧର ନାୟକ, ପଞ୍ଚାୟତର ବରିଷ୍ଠ ନାଗରିକ ଗଣେଶ୍ୱର ସାହୁ, ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗ ଜିଏମ୍ ଜିଏସ୍‌ପି ରାଓ ଏବଂ ଦାନଗଦି ବ୍ଲକ ସିଏଚ୍‌ସିର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଜ୍ୟୋତି ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରାକେଶ ଆଇଚ ଓ ପ୍ରକାଶ ବେହେରା ଏବଂ ଇମ୍ଫା ପକ୍ଷରୁ ଲୋକ ସମ୍ପର୍କ ବିଭାଗର ଡିଜିଏମ୍ ବାସୁଦେବ ମୁଣ୍ଡା ଓ ପ୍ରିୟବ୍ରତ କେଶି ପ୍ରମୁଖ ଯୋଗଦେଇଥିଲେ। ଇମ୍ଫା କଳିଙ୍ଗନଗରର ମାନବ ସମ୍ବଳ ବିଭାଗର ଜିଏମ୍ ଜିଏସ୍‌ପି ରାଓ ଫାଉଣ୍ଡେଶନ ପକ୍ଷରୁ ଅଞ୍ଚଳରେ ଚାଲୁଥିବା କନ୍ୟା ଏକ୍ସପ୍ରେସ, ଇ-ଶିକ୍ଷା ଏକ୍ସପ୍ରେସ ଏବଂ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଅଞ୍ଚଳରେ ବିକାଶଧାରକୁ ତ୍ୱରାନ୍ୱିତ କରିବ ବୋଲି କହିଥିଲେ। ଶିବିରରେ ଡା. ଜ୍ୟୋତି ମହାପାତ୍ର, ଡା. ପ୍ରୟାଗଜିତ ରାଉତରାୟ ଓ ଡା. ସାଇ ସିକନ ଜେନା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ଥାନୀୟ ବାଲୁଙ୍ଗାବନ୍ଧୀ ଏବଂ ଅଁଳାପାଳ ଗ୍ରାମର ପ୍ରାୟ ୨୩୩ ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟାଯାଇଥିଲା। ଶିବିରକୁ ସୁଜିତ ରାଉତ, ଇମ୍ଫା ଲୋକସମ୍ପର୍କ ଅଧିକାରୀ ଓ ଫାଉଣ୍ଡେଶନର ମ୍ୟାନେଜର ଆଶିଷ ଦାସ ପରିଚାଳନା କରିଥିଲେ। ଫାଉଣ୍ଡେଶନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ ଓ ମହାମାୟା ମହାଦେବ ପାଲ ପ୍ରମୁଖ ସହଯୋଗ କରିଥିଲେ।

# ବୈଶାଖୀ ମେଳାରେ ଗାଲାକ୍ସି ସୋଲାର୍ ଷ୍ଟଲ୍

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)




ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରର ଅଗ୍ରଣୀ କମ୍ପାନୀ ଗାଲାକ୍ସି ସୋଲାର୍ ଏନର୍ଜି ପ୍ରାଇଭେଟ ଲିମିଟେଡ କଟକ ବୈଶାଖୀ ବାଣିଜ୍ୟ ମେଳାରେ ସବୁଜ ଶକ୍ତି ସମାଧାନ ପ୍ରଦର୍ଶନ କରୁଛି। ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ଏହି ଗାଲାକ୍ସି ସୋଲାର୍ କମ୍ପାନୀର ଟିମ୍ ଷ୍ଟଲ ନମ୍ବର ଏ-୨୫ରେ ଆଧୁନିକ ସୋଲାର୍ ଟେକ୍ନୋଲୋଜି ପ୍ରଦର୍ଶନ କରୁଛନ୍ତି। ଏହା ଘରୋଇ ଏବଂ ଶିଳ୍ପକ୍ଷେତ୍ରର ଉପଭୋକ୍ତାଙ୍କୁ ଖର୍ଚ୍ଚ ସଞ୍ଚୟକାରୀ ଶକ୍ତି ସମାଧାନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ମେଳାରେ ଗାଲାକ୍ସି ସୋଲାର୍ ଟିମ ବ୍ୟକ୍ତିଗତ ଶକ୍ତି ଅଡିଟ, ସୋଲାର୍ ଇନ୍‌ଷ୍ଟଲେଶନ ବିଷୟରେ ପରାମର୍ଶ ଏବଂ ଲାଇଭ ଡେମୋନଷ୍ଟ୍ରେଶନ ପ୍ରଦାନ କରୁଛି। ଏହାଦ୍ୱାରା ଲୋକେ ନିଜର ମାସିକ ବିଦ୍ୟୁତ୍ ବିଲ୍ ବହୁତ କମ୍ କରିପାରିବେ ବୋଲି ଜଣାପଡ଼ିଛି। ଗାଲାକ୍ସି ସୋଲାର୍ ଏନର୍ଜିର ଜଣେ ମୁଖପାତ୍ର କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ସ୍ଥାନୀୟ ଲୋକଙ୍କୁ ସବୁଜ ଶକ୍ତି ବିକଳ୍ପ ପ୍ରଦାନ କରିବା, ଯାହା ଦୀର୍ଘକାଳୀନ ଆର୍ଥିକ ଲାଭ ଏବଂ ପରିବେଶ ସୁରକ୍ଷା ଦେବ।

# ଆମଦାନୀ ଉପରେ ନିର୍ଭରଶୀଳ ଓଡ଼ିଶା

ଭୁବନେଶ୍ୱର, ୨୯।୩ (ଅନୁରାଧା ମହାରଣା)

## ସଂରକ୍ଷିତ ଅଛି ବକ୍ସାଇଟ୍, ଅନିଶ୍ଚିତତାରେ ରିଫାଇନେରୀ

ଭାରତର ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଦିଗରେ ଯାତ୍ରା ଏକ ସ୍ପଷ୍ଟ ମୂଲ୍ୟ-ଶୃଙ୍ଖଳା ବ୍ୟବଧାନ ଦ୍ୱାରା ପଛକୁ ଯାଉଛି। ଏହା ଓଡ଼ିଶାରେ ଦେଶର ଅଧାରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ରହିଛି, ତଥାପି ଆମର ରିଫାଇନାରୀଗୁଡ଼ିକ ଏବେ ବି ଅନିଶ୍ଚିତ, ପ୍ରାୟତଃ ବାଧାପ୍ରାପ୍ତ ଆମଦାନୀ ଉପରେ ନିର୍ଭର କରେ। କଳାହାଣ୍ଡି ଏବଂ ରାୟଗଡ଼ାରେ ବକ୍ସାଇଟ୍ ଖଣି ଖୋଲିବା କେବଳ ଶିଳ୍ପ ପ୍ରଗତିକୁ ତ୍ୱରାନ୍ୱିତ କରିବା ନୁହେଁ ବରଂ ଭାରତର କଞ୍ଚାମାଲ ଭବିଷ୍ୟତକୁ ସୁରକ୍ଷିତ କରିବା ଏବଂ ଆର୍ଥିକ ସ୍ଥିରତା ନିର୍ମାଣ କରିବା ପାଇଁ ବୋଲି ଆଇଆଇଟି ଖଡ଼୍ଗପୁରର ପୂର୍ବତନ ପ୍ରଫେସର ସୁରେଶ ଚନ୍ଦ୍ର ମିଶ୍ର କହିଛନ୍ତି। ସେ କହିଛନ୍ତି, ଭାରତ ଏହାର ୯୫% ରୁ ଅଧିକ ଲୁହାପଥର, ୫୫% ବକ୍ସାଇଟ୍ ଏବଂ ୯୦% କ୍ରୋମାଇଟ୍ ଘରୋଇ ଭାବରେ ଉତ୍ପାଦନ କରେ। କେବଳ ଓଡ଼ିଶା ଭାରତର ଅଧାରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ଏବଂ ଏହାର ଲୁହାପଥର ଉତ୍ପାଦନର ଏକ ତୃତୀୟାଂଶ ଅଟେ। ଏଗୁଡ଼ିକ ଭାରତର ଇସ୍ପାତ, ଆଲୁମିନିୟମ, ଭିତ୍ତିଭୂମି ଏବଂ ଶକ୍ତି ପରିବର୍ତ୍ତନ ମହତ୍ତ୍ୱାକାଂକ୍ଷାକୁ ଆଧାର କରୁଥିବା ରଣନୈତିକ ସମ୍ପତ୍ତି ଅଟନ୍ତି। ତଥାପି ଖଣିଜ ପଦାର୍ଥର ପ୍ରାଧାନ୍ୟ ସ୍ୱୟଂଚାଳିତ ଭାବରେ ଉତ୍ପାଦନ ଗଭୀରତାରେ ପରିଣତ ହୁଏ ନାହିଁ କିମ୍ବା ଚାକିରି ଘନତା ଗ୍ୟାରେଣ୍ଟି ଦିଏ ନାହିଁ ବୋଲି ପ୍ରଫେସର ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ମଧ୍ୟପ୍ରାଚ୍ୟ ସଙ୍କଟ: ଆର୍ଥିକ ଦୁର୍ବଳ କ୍ଷେତ୍ର ପାଇଁ ବଢ଼ିପାରେ ‘ରିଲିଫ’ ପ୍ୟାକେଜ

ନୂଆଦିଲ୍ଲୀ, ୨୯।୩

ପଶ୍ଚିମ ଏସିଆରେ ସଙ୍କଟ ନ ଥମିଲେ କେନ୍ଦ୍ର ସରକାର ଆର୍ଥିକ ଦୁର୍ବଳ କ୍ଷେତ୍ରଗୁଡ଼ିକ ପାଇଁ ଅଧିକ ରିଲିଫ ପ୍ୟାକେଜ ଘୋଷଣା କରିପାରନ୍ତି। ଏଥିରେ ଏମ୍‌ଏସ୍‌ଏମ୍‌ଇ ସହ ଅନ୍ୟାନ୍ୟ ଦୁର୍ବଳ କ୍ଷେତ୍ର ସାମିଲ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାଦ୍ୱାରା ସେହି କ୍ଷେତ୍ରଗୁଡ଼ିକ ତିଷ୍ଠି ରହିବା ସହ ଦେଶର ବଜାରରେ ମୂଲ୍ୟବୃଦ୍ଧି ନିୟନ୍ତ୍ରଣରେ ରଖିବା ଲକ୍ଷ୍ୟ ରହିଛି। ସରକାର ଏପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲରେ ଏକ୍ସାଇଜ ଡ୍ୟୁଟି କମାଇବା ସହିତ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆବଶ୍ୟକ ପଡ଼ିଲେ ଆହୁରି ପଦକ୍ଷେପ ନେବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସୂତ୍ର କହିଛି। ମଧ୍ୟପ୍ରାଚ୍ୟରେ ଚାଲୁଥିବା ଯୁଦ୍ଧ କାରଣରୁ ବିଶ୍ୱ ତୈଳ ମୂଲ୍ୟ ବଢ଼ୁଛି। ଏହାର ପ୍ରଭାବରୁ ସାଧାରଣ ଲୋକଙ୍କୁ ରକ୍ଷା ଦେବା ପାଇଁ ସରକାର ପେଟ୍ରୋଲରେ ଏକ୍ସାଇଜ ଡ୍ୟୁଟି ପ୍ରତି ଲିଟର ୩ ଟଙ୍କା କମାଇ ଦେଇଛନ୍ତି ଏବଂ ଡିଜେଲକୁ ଡ୍ୟୁଟି ମୁକ୍ତ କରିଛନ୍ତି। ଏହା ସହିତ ଦେଶରେ ଡିଜେଲ ଓ ବିମାନ ଇନ୍ଧନର ଯୋଗାଣ ବଢ଼ାଇବା ପାଇଁ ସେଗୁଡ଼ିକର ରପ୍ତାନି ଉପରେ ଡ୍ୟୁଟି ପୁନଃ ଲଗାଇଛନ୍ତି। ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପରେ ଇରାନ ବଡ଼ ଧରଣର ପ୍ରତିଶୋଧ ନେଇଥିଲା। ଏହା ପରେ ବିଶ୍ୱ ତୈଳ ମୂଲ୍ୟ ପ୍ରାୟ ୫୦% ବଢ଼ିଯାଇଛି। ମାର୍ଚ୍ଚ ଆରମ୍ଭରେ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୧୯ ଡଲାର୍ ପର୍ଯ୍ୟନ୍ତ ପହଞ୍ଚିଥିଲା, ପରେ ଏହା ପ୍ରାୟ ୧୦୦ ଡଲାରକୁ ଖସିଛି। ଭାରତ ନିଜର ୮୮% କ୍ରୁଡ ତୈଳ ଏବଂ ଅଧା ପ୍ରାକୃତିକ ଗ୍ୟାସ ବାହାରୁ ଆଣେ। ଏହା ମୁଖ୍ୟତଃ ହର୍ମୁଜ ପ୍ରଣାଳୀ ଦେଇ ଆସେ। ଏହି ମାସର ଆରମ୍ଭରେ ସରକାର ରପ୍ତାନିକାରୀଙ୍କୁ ରପ୍ତାନି ବାଧ୍ୟତା ପୂରଣରେ କିଛି ଆଶ୍ୱସ୍ତି ଦେଇଛନ୍ତି, କାରଣ ପଶ୍ଚିମ ଏସିଆ ସଙ୍କଟ ଯୋଗୁ ସାମଗ୍ରୀ ପରିବହନରେ ଅସୁବିଧା ହେଉଛି। ଏହା ସହିତ ସରକାର ‘ରିଲିଫ’ ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନା ପାଇଁ ୪୯୭ କୋଟି ଟଙ୍କା ରଖାଯାଇଛି। ଏହା ଅଧିକ ମାଲ ବହନ ଖର୍ଚ୍ଚ, ବୀମା ଖର୍ଚ୍ଚ ବଢ଼ିବା ଏବଂ ଯୁଦ୍ଧ ଯୋଗୁ ହେଉଥିବା ବିପଦରୁ ରପ୍ତାନିକାରୀଙ୍କୁ ସହାୟତା ଦେବ। ଏହି ପଦକ୍ଷେପ ଦ୍ୱାରା ଦେଶର ସପ୍ଲାଇ ଚେନ୍ ମଜଭୁତ୍ ରହିବ, ଛୋଟ ରପ୍ତାନିକାରୀଙ୍କୁ ସୁରକ୍ଷା ମିଳିବ, ଅର୍ଡର ବାତିଲ ହେବ ନାହିଁ ଏବଂ ରପ୍ତାନି କ୍ଷେତ୍ରରେ ଚାକିରି ସୁରକ୍ଷିତ ରହିବ ବୋଲି ଆଶା କରାଯାଉଛି। ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି ଯେ, ଏହି ସଙ୍କଟରେ ସର୍ବାଧିକ ପ୍ରଭାବିତ ବ୍ୟବସାୟୀ ଓ ପରିବାରକୁ ତୁରନ୍ତ ସହାୟତା ଦେବା ଦରକାର। ଏକାସଙ୍ଗରେ ଦୀର୍ଘକାଳୀନ ଆବଶ୍ୟକତା ପାଇଁ ଟଙ୍କା ଯୋଗାଡ଼ କରିବା ମଧ୍ୟ ଜରୁରୀ। ଏଥିରେ କେବଳ ତୈଳ ନୁହେଁ, ଅନ୍ୟାନ୍ୟ ସାମଗ୍ରୀରେ ମଧ୍ୟ ଦୀର୍ଘକାଳୀନ ସଞ୍ଚୟ କରିବା ଦରକାର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଛତିଶଗଡ଼ର ସ୍ୱର୍ଣ୍ଣ ଖଣ୍ଡେଲୱାଲ ଆଗୁଆ

**କଟକ, ୨୯। ୩ (କୁମାରଶ୍ରୀ)**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ୍ ଚେସ୍ ପ୍ରତିଯୋଗିତାର ୭ମ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଛତିଶଗଡର ସ୍ୱର୍ଣ୍ଣ ଖଣ୍ଡେଲୱାଲ ଏକକ ଅଗ୍ରଣୀ ହାସଲ କରିଛନ୍ତି। ତାମିଲନାଡୁର କେଏସ୍ ନବୀନ, ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ, ତାମିଲନାଡୁର ଆର୍ଯ୍ୟନ ବ୍ରହ୍ମଚାରୀ, ଓଡ଼ିଶାର ଲଳିତ ସାହୁ, ଲକ୍ଷ୍ମୀଦତ୍ତ ସାବତ, ପଶ୍ଚିମବଙ୍ଗର ଅବିର ମିତ୍ର, ଡିପ୍ର ମଣ୍ଡଳ, ଅନିର୍ବାଣ ସାହୁ, ସିବନ୍ତକ ଶାହା ପରବର୍ତ୍ତୀ ସ୍ଥାନ ହାସଲ କରିଛନ୍ତି। ସୋମବାର ଅବଶିଷ୍ଟ ରାଉଣ୍ଡ ଖେଳ ହେବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି। ପ୍ରକାଶଥାଉ କି, ଆଇଏସ୍ ଚେସ୍ ସେଣ୍ଟର ଓ ଅଲ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଉକ୍ତ ପ୍ରତିଯୋଗିତା ଆୟୋଜନ ହୋଇଛି।

# କୋହଲିଙ୍କ ନୂଆ କୀର୍ତ୍ତିମାନ

**ବେଙ୍ଗାଲୁରୁ, ୨୯।୩**

ବିରାଟ କୋହଲି ସନରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ୩୮ ବଲରେ ବିସ୍ଫୋରକ ୬୯ ରନ ପାଳି ଖେଳିଥିଲେ। ଏହି ଅପରାଜିତ ଇନିଂସ ଅବସରରେ ସେ ଏସିଆରେ ଟି୨୦ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ପାକିସ୍ତାନର ଶୋଏବ ମଲିକଙ୍କ ନାମରେ ଥିଲା। ସେ ୫୫୭ ଟି୨୦ ମ୍ୟାଚ୍‌ରେ ୧୩,୫୭୧ ରନ କରିଥିଲେ। କିନ୍ତୁ କୋହଲି ବର୍ତ୍ତମାନ ୪୧୫ ମ୍ୟାଚ୍‌ରେ ୧୩,୬୧୨ ରନ କରିଛନ୍ତି।


PRIYA CEMENT
STRENGTH THAT ROARS

VENDORS REQUIRED

WITH EXPERTISE IN WALL PAINTING, DEALER BOARDS & POSM

We are a large and reputed cement manufacturing company, inviting vendors with experience in:
High-Rise Wall Paints - Shop Paints - Dealer Boards (ACP Boards, Glow Sign Boards, Non-Lit Flex Boards, Foam Boards etc.)
In-store branding at dealer outlets, Printing Leaflets, Certificates, Brochures etc.

Interested vendors may apply / call
Srikanth Marri - 7022030619, srikanth.marri@priyacement.com
Abhimanyu Singh - 8517979409, abhimanyu.s@priyacement.com


# ଗ୍ରୀନ୍ସ, ଟାଉନ୍ କ୍ଲବ କ୍ୱାର୍ଟର ଫାଇନାଲରେ

**ରାମକୃଷ୍ଣ ମହାପାତ୍ର ମେମୋରିଆଲ କ୍ରିକେଟ**

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇଟେକ୍ ମେଡିକାଲ କଲେଜ ଖେଳପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଗ୍ରୀନ୍ସ ଏକାଡେମୀ ଓ ଟାଉନ୍ କ୍ଲବ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତୃତୀୟ ପ୍ରି-କ୍ୱାର୍ଟରରେ ଗୀନ୍ସ କ୍ରିକେଟ ଏକାଡେମୀ ୭ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗ୍ରୀନ୍ସ କ୍ରିକେଟ ଏକାଡେମୀ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୨ ରନ କରିଥିଲା। ଦଳ ପକ୍ଷରୁ ଦୀପ୍ତାଂଶୁ ଦାସ ସର୍ବାଧିକ ୩୯ ରନ କରିଥିଲେ। ପ୍ରଗତି ସ୍ପୋର୍ଟିଂ ବୋଲର ସ୍ୱସ୍ତିକ ଦେହୁରୀ ୪ ଓଭରରେ ୧୭ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ୧୦୩ ରନ ବିଜୟ ଲକ୍ଷ୍ୟରେ ବ୍ୟାଟିଂ କରିଥିବା ପ୍ରଗତି ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟରେ ୯୫ ରନରେ ସୀମିତ ରହିଥିଲା। ଅସୀମ ବାରାଦ ୩୭ ବଲରୁ ୫୫ ରନ ସଂଗ୍ରହ କରିଥିଲେ ହେଁ ଦଳକୁ ଜିତାଇ ପାରି ନ ଥିଲେ। ବିଜୟୀ ଦଳର ଆର୍ଯ୍ୟନ୍ ମହାନ୍ତି ୩ଟି ଏବଂ ଶୁଭମ୍ ମହାନ୍ତି, ଅଭିଷେକ ସେନାପତି ଓ ଜଗନ୍ନାଥ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଫଳରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୭ ରନରେ ବିଜୟ ଲାଭ କରିଥିଲା। ଆର୍ଯ୍ୟନ୍ ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ପୂର୍ବତନ ରଣଜୀ ଖେଳାଳି ଓ କୋଚ୍ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ କୁମାର ଜେନା।

ଚତୁର୍ଥ ପ୍ରି-କ୍ୱାର୍ଟର ଫାଇନାଲରେ ଟାଉନ କ୍ଲବ୍ ୬୨ ରନରେ ହାଇଟେକ୍ କ୍ରିକେଟ ଏକାଡେମୀକୁ ହରାଇଥିଲା। ଟସ୍‌ଜିତି ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ଇଶାନ ମହାପାତ୍ର ସର୍ବାଧିକ ୬୩ ରନ କରିଥିଲେ। ବିପକ୍ଷ ଦଳର ବୋଲର ଭାବତୋଷ ବିଶ୍ୱାଳ ୪ ଉଇକେଟ ନେଇଥିଲେ। ଜବାବରେ ହାଇଟେକ୍ କ୍ରିକେଟ ଏକାଡେମୀ ଦଳ ୧୪.୨ ଓଭରରେ ୭୬ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ହାଇଟେକ୍ ମେଡିକାଲ କଲେଜ ପିଇଟି ସୁରେଶ ନାୟକ ଅତିଥିଭାବେ ଯୋଗଦେଇ ଇଶାନ ମହାପାତ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଜୟଦେବ ସଂଘ ପକ୍ଷରୁ ଜଗମୋହନ ସ୍ୱାଇଁ, ଆୟୁଷ ପ୍ରଧାନ, ପବିତ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍ଯ୍ୟନ ମହାନ୍ତି ଓ ଇଶାନ ମହାପାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଓସିଏ କ୍ଲବ ଲିଗ୍**

# ମରୋଜୁଙ୍କ ଶତକ ; ବାରବାଟୀ କଲ୍‌ଚରାଲ ବିଜୟୀ

**କଟକ, ୨୯। ୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ର ରବିବାର ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ବାରବାଟୀ କଲ୍‌ଚରାଲ ୟୁନିୟନ ୧୮୫ରନରେ କିଶୋର କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାରବାଟୀ କଲ୍‌ଚରାଲ ଦଳ ୮ ଉଇକେଟ ବିନିମୟରେ ୪୮୧ରନ କରିଥିଲା। ମରୋଜୁ ପ୍ରଶାନ୍ତ ୧୩୨ବଲରୁ ୧୮୬ରନର ଶତକୀୟ ଇନିଂସ ଖେଳିଥିଲେ। ଜସ୍ମିତ ନୈନ ଦ୍ରୁତ ୬୮ରନ ସଂଗ୍ରହ କରିଥିଲେ। ଜବାବରେ ଭଗୱତ ସିଂଙ୍କ ୧୦୮ ରନ ସତ୍ତ୍ୱେ କିଶୋର କ୍ଲବ ୬ ଉଇକେଟ ହରାଇ ୨୯୬ରନ କରିବାକୁ ସକ୍ଷମ ହୋଇଥିଲା। ଶତକ ହାସଲ କରିଥିବା ମରୋଜୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରବିବାର ଖେଳାଯାଇଥିବା ଅନ୍ୟ ଦୁଇ ମ୍ୟାଚ୍‌ରେ ରୟାଲ କ୍ଲବ ୪ ଉଇକେଟରେ ରାଇଜିଂ ଷ୍ଟାରକୁ ଏବଂ ରାଇଜିଂ ଷ୍ଟୁଡେଣ୍ଟସ ୮ ଉଇକେଟରେ ଓଜିପି କ୍ଲବକୁ ହରାଇଛି।

# ବ୍ଲାକ୍‌ବେଲ୍ଟ ପରୀକ୍ଷା, ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୯।୩ (ବିଜୟ ରଣା)**

ଉତ୍କଳ କରାଟେ ସ୍କୁଲ ପରିସରରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ କରାଟେ ଖେଳର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ପ୍ରଶିକ୍ଷକ ପ୍ରଶିକ୍ଷଣ ଓ ସେମିନାରରେ ଓଡ଼ିଶାର ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ଭାଗ ନେଇଥିଲେ। ଏହି ଅବସରରେ ସ୍କୁଲର ବ୍ଲାକ୍‌ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ସେନ୍‌ସେଇ ଗଣେଶ ଚନ୍ଦ୍ର ବେହେରା ୫ମ ଡାନ୍ ହାସଲ କରିଥିବା ବେଳେ ୨ଜଣ ଦ୍ୱିତୀୟ ଡାନ୍ ଏବଂ ୫୫ ଜଣ ପ୍ରଥମ ଡାନ୍ ବ୍ଲାକ୍‌ବେଲ୍ଟରେ କୃତକାର୍ଯ୍ୟ ହୋଇଥିଲେ। ପ୍ରଶିକ୍ଷଣ ଶିବିର ଓ ବ୍ଲାକବେଲ୍ଟ ପରୀକ୍ଷା ହାନ୍‌ସୀ ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।




ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର ଓ ସେମିନାରରେ ଯୋଗଦେଇଥିବା ପ୍ରଶିକ୍ଷକମାନେ।


# Classified Everyday

0674-2580101, 9692975378



**REAL ESTATE**

**SALE**

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**AFFIDAVIT**

By virtue of an affidavit sworn before Executive Magistrate, Bisra, dated 26th March 2026, I, BINAY MINZ, At- BIJADIHI, P.O.- Bangurkela, P.S.- BISRA, Dist.- Sundargarh, Odisha, PIN- 770036, Odisha declare that I have changed my name from BINOD MINZ to BINAY MINZ. Henceforth, I shall be known as BINAY MINZ for all purposes.
BINAY MINZ
D-3783

ସତ୍ୟବାଦୀ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଇଜିଲାସ ସତ୍ୟପାଠ ନଂ.- ୮୮୬/ ୨୫.୦୩.୨୦୨୬ ଜରିଆରେ ମୁଁ ସତ୍ୟପାଠ ପୂର୍ବକ ଘୋଷଣା କରୁଅଛି କି, ଆମ୍ଭ ପିତା କୁବେର ରାଉତ, ବୟସ (୭୭)ଙ୍କୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପ୍ରଭାବିତ କରି ଆମର ପାରିବାରିକ ଭୂ-ସମ୍ପତ୍ତି ହସ୍ତାନ୍ତର କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ଆମ୍ଭେ ଏକମାତ୍ର ପୁତ୍ର ଥାଇ ଆମ୍ଭ ଅଗୋଚରରେ ସତ୍ୟପାଠରେ ବର୍ଣ୍ଣିତ ନିମ୍ନୋକ୍ତ ସମ୍ପତ୍ତି ବେଆଇନ ଭାବରେ ହସ୍ତାନ୍ତର କରାଗଲେ ଆମ୍ଭ ପରିବାର ଏଥିପାଇଁ ଦାୟୀ ରହିବୁନାହିଁ। ସମ୍ପତ୍ତିର ବିବରଣୀ- ପୁରୀ ଜିଲ୍ଲା, ସତ୍ୟବାଦୀ ତହସିଲ, ମୌଜା- ନୂଆବାଗଲପୁର, ଖାତା ନଂ.- ୫୮, ୩୪, ୧୫ ଏବଂ ମୌଜା- ପଦ୍ମପୁର, ଖାତା ନଂ.- ୬୮, ୪୩୫/୫୨
ସ୍ୱା./- ସଞ୍ଜୟ କୁମାର ରାଉତ
ପିତା- କୁବେର ରାଉତ, ଗ୍ରାମ- ନୂଆବାଗଲପୁର, ପୋଷ୍ଟ- ମହୁରା, ଥାନା- ବଳଙ୍ଗା, ପୁରୀ
D-3784

By virtue of an affidavit before the Executive Magistrate, Bonai, Dtd.- 23.03.26, I, NAGESWAR MAHANTA, R/o. Village/P.O.- Kudeikela, P.S.- Lahunipara, Dist.- Sundargarh, Odisha, PIN- 770040 declare that my daughter name has been wrongly mentioned in Sukanya Samriddhi Yojana Postal Account under Lahunipara BO as JAYANTI MAHANTA instead of SUREKHA MAHANTA. That both the names is same and one person. Henceforth, she shall be known as SUREKHA MAHANTA for all purposes. D-3782

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଅନ୍ୱେଷା ଧରାଶ୍ରୀ ଜେନା
(ଲାଡ୍‌ଲି)
ଆବିର୍ଭାବ- ୨୩।୦୪।୨୦୦୯
ତିରୋଧାନ- ୩୦।୦୩।୨୦୧୨
ହଣ୍ଡପା, ଅନୁଗୋଳ
ଆମକୁ କନ୍ଦାଇ କନ୍ଦାଇ ତୁ ସବୁଦିନ ପାଇଁ ଚାଲିଗଲୁ। ତୁ ଯେଉଁଠି ବି ଅଛୁ ଭଲରେ ଥା। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଜେନା ପରିବାରବର୍ଗ
ଧ-୩୭୮୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଉମେଶ ଚନ୍ଦ୍ର ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ: ୨୫।୦୧।୧୯୪୭
ତିରୋଧାନ: ୨୦।୦୩।୨୦୨୬
ବାପା! ଚାହୁଁ ଚାହୁଁ ଆଜିକୁ ୧୦ ଦିନ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ସମସ୍ତଙ୍କୁ ବ୍ୟଥିତ କରିଛି। ଆମ୍ଭମାନଙ୍କୁ ଆପଣଙ୍କର ସେହି ଅନାବିଳ ସ୍ନେହ ଓ ମିଷ୍ଟଭାଷୀ କଥା ଆମ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ଝିଅ କୁନିଆ, ମାମିନା, ପିଙ୍କିନା, ଜ୍ୱାଇଁ- ବିଭୁ, ବାବୁ, ସଂଜୟ ଏବଂ ନାତୁଣୀ ଓ ନାତୁଣୀଜ୍ୱାଇଁ।
ଧ-୩୭୮୭

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଦେବାଶିଷ ରାଉତ
(ହୋଟେଲ ବ୍ଲୁ ଭାଇନ ଓ ତନ୍ଦୁରିୱାଲାର ପ୍ରତିଷ୍ଠାତା)
ସ୍ଥାନ:- କୁଁଆସ, ଭଦ୍ରକ
ଆବିର୍ଭାବ: ୧୧।୦୧।୧୯୬୨
ତିରୋଧାନ: ୨୦।୦୩।୨୦୨୬
ଆଜି ପବିତ୍ର ଏକାଦଶାହ ତିଥି ଅବସରରେ ପରିବାରର ସମସ୍ତ ସଦସ୍ୟମାନଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆପଣଙ୍କ ଆତ୍ମା ସ୍ୱର୍ଗଲାଭ କରୁ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସମସ୍ତ ଭ୍ରାତୃବର୍ଗ, ଝିଆରୀ ଓ ପୁତୁରାମାନେ, ଭାଇବୋହୂମାନେ, ସ୍ତ୍ରୀ: ଭକ୍ତିସୁଧା ରାଉତ, ପୁତ୍ର: ଅମିତ ବିକ୍ରମ ରାଉତ, କନ୍ୟା: ଅଙ୍କିତା ପ୍ରିୟଦର୍ଶିନୀ ଏବଂ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୭୮୬

**ଦ୍ୱାଦଶାହ ଉପଲକ୍ଷେ**
**୩୦।୦୩।୨୦୨୬**



୰ଶରତ କୁମାର ପାଢ଼ୀ
ମିଶ୍ରପଡ଼ା, ଅନୁଗୋଳ
ଆବିର୍ଭାବ: ୧୦।୦୩।୧୯୫୯
ତିରୋଧାନ: ୧୯।୦୩।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୩୭୮୮

**୧୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ସ୍ନେହଲତା ଷଡଙ୍ଗୀ (ସ୍ନେହ)
୧୦୪, ରତ୍ନାକର ବାଗ-୧, ଭୁବନେଶ୍ୱର,
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ, ବାହୁଡ଼ାଯାତ୍ରା)
ଆଜି ତୁମର ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆଜି ତୁମ ଆତ୍ମା ଆରପାରିରେ ରହି ମଧ ଆମମାନଙ୍କୁ ଆଶୀର୍ବାଦ କରୁଥାଉ, ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସ୍ୱାମୀ କାଳିନ୍ଦୀ ଚରଣ ଷଡ଼ଙ୍ଗୀ, ପୁଅ- ବାବୁଲି, ବୋହୂ-ଗୀତୁ, ଝିଅ- ଟୁନି, ଜ୍ୱାଇଁ- ରାମ, ପୁଅ- ମୁନା, ବୋହୂ- ଅପୁ, ନାତିନାତୁଣୀ- ନୀରଜ, ନୀରଜା, ଗୁଡୁ ଓ କାହ୍ନାଙ୍କ ସହ ସମସ୍ତ ପରିବାରବର୍ଗ।
ଧ-୩୭୮୫

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଦଳାଚକଟା ପିଡ଼ିତଙ୍କୁ ବିଜୟ ଉତ୍ସର୍ଗ କଲା ଆରସିବି



**ବେଙ୍ଗାଲୁରୁ, ୨୯।୩**

ସନ୍‌ରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ଏକ ଜବରଦସ୍ତ ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜ ବେଙ୍ଗାଲୁରୁ (ଆର୍‌ସିବି) ତା'ର ଅଭିଯାନ ଆରମ୍ଭ କରିଛି। ଦଳର ଏହି ବିଜୟକୁ ଅଧିନାୟକ ରଜତ ପଟିଦାର ଗତବର୍ଷ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ଉତ୍ସର୍ଗ କରିଛନ୍ତି। ଫ୍ରାଞ୍ଚାଇଜ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଭିଡିଓରେ ପଟିଦାର କହିଛନ୍ତି, ଏହି ବିଜୟକୁ ଆମେ ଗତବର୍ଷ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କୁ ଉତ୍ସର୍ଗ କରୁଛୁ। ଏହାବାଦ୍ ସେ ପ୍ରକାଶ କରିଛନ୍ତି, ଏହି ବିଜୟ ଲାଗି ଦେବଦତ୍ତ ପଡିକଲ ଓ ବିରାଟ କୋହଲିଙ୍କୁ ଶ୍ରେୟ ଦିଆଯିବା ଦରକାର। ସେମାନେ ଖୁବ୍ ଭଲ ଆରମ୍ଭ ଦେଇଥିଲେ। ତା' ପରେ ଆମେ ମ୍ୟାଚ୍‌କୁ ଯଥାଶୀଘ୍ର ଶେଷ କରିବାକୁ ଦେଖିଥିଲୁ। ୨୦୦ ଟାର୍ଗେଟ ପିଛା କରିବା କଷ୍ଟକର। ଆମ ଖେଳାଳିମାନେ ଖୁବ୍ ଭଲ ବ୍ୟାଟିଂ ଓ ବୋଲିଂ କରିଥିଲେ।

# ସ୍କୁଲ୍ସ ଓପନ ଚେସ୍: ଆରିଶ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩ୟ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ପାଇ ଆରିଶ୍ ନନ୍ଦ ଗୋସ୍ୱାମୀ ଚାମ୍ପିୟନ ହୋଇଛନ୍ତି। ଆୟୁଷ୍ମାନ ବେହେରା, ସ୍ୱସ୍ତି ଷଡ଼ଙ୍ଗୀ, ସତଭିକ ମହାନ୍ତି ଓ ଶ୍ରୀୟାଂଶୀ ବେହେରା ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୪ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ (ଭାରତ)ର ମ୍ୟାନେଜର (ପ୍ରଡକ୍ସନ) ଆଦିତ୍ୟ କୁମାର ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଭାଇସ୍-ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଲକ୍ଷ୍ମୀପ୍ରିୟାଙ୍କ ସମ୍ପର୍କୀୟ ନିବେଦିତା ପଟ୍ଟନାୟକ, ସୌମ୍ୟା ମହାନ୍ତି ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।





# ବିଜୟରୁ ମୁମ୍ବାଇର ଅଭିଯାନ

ମୁମ୍ବାଇ,୨୯।୩

ରୋହିତ ଶର୍ମା ଓ ରିୟାନ ରିକଲଟନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ୬ ଉଇକେଟରେ ପରାସ୍ତ କରିଛି। ଫଳରେ ମୁମ୍ବାଇ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ରାଜସ୍ଥାନ ବନାମ ସିଏସ୍‌କେ**

**ସ୍ଥାନ: ଗୁଆହାଟୀ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ମୁମ୍ବାଇ ଆଇପିଏଲ୍‌ରେ ତା'ର ପ୍ରଥମ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଅନ୍ତିମ ଥର ୨୦୧୩ରେ ମୁମ୍ବାଇ ତା'ର ପ୍ରଥମ ମ୍ୟାଚ୍ ଜିତିଥିଲା।

ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍‌କୁ ରାହାନେ ଓ ଫିନ ଆଲେନ ୬୯ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଆଲେନ ୧୭ ବଲରେ ୩୭ (୬ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ନଂ-୩ରେ ଆସିଥିବା କାମେରନ ଗ୍ରୀନ (୧୮) ବିଫଳ ହୋଇଥିଲେ। ରାହାନେ ୪୦ ବଲରେ ୬୭ (୩ ଚୌକା ଓ ୫ ଛକା) ଓ ଅଙ୍ଗକ୍ରିଶ ରଘୁବଂଶୀ ୨୯ ବଲରେ ୫୧ (୬ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ରିଙ୍କୁ ସିଂ ୨୧ ବଲରେ ୩୩ (୪ ଚୌକା) ରନ କରି ଅପରାଜିତ ରହିଥିଲେ। କେକେଆର ୨୦ ଓଭରରେ ୪ ଉଇକେଟ ହରାଇ ୨୨୦ ରନ କରିଥିଲା। ମୁମ୍ବାଇ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ୩ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ପାଇଁ ଆରମ୍ଭରୁ ରୋହିତ ଶର୍ମା ଓ ରିୟାନ ରିକଲଟନ ଛକା ଓ ଚୌକା ବର୍ଷା କରିଥିଲେ। ଦୁହେଁ ୧୧.୫ ଓଭରରେ ୧୪୮ ରନର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରିଥିଲେ। ରୋହିତ ୩୮ ବଲରେ ୭୮ (୬ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ସୂର୍ଯ୍ୟକୁମାର ଯାଦବ (୧୬) ବିଫଳ ହୋଇଥିଲେ। ଶତକ ଆଡ଼େ ମୁହାଁଇଥିବା ରିକଲଟନ ୪୩ ବଲରେ ୮୧ (୪ ଚୌକା ଓ ୮ ଛକା) ରନ କରି ଦୁର୍ଭାଗ୍ୟବଶତଃ ରନ ଆଉଟ୍ ହୋଇଥିଲେ। ଏହାପରେ ତିଲକ ବର୍ମା (୨୦) ଓ ହାର୍ଦ୍ଦିକ (୧୮*) ଦଳର ବିଜୟ ଲାଗି ଆବଶ୍ୟକୀୟ ରନ ସଂଗ୍ରହ କରିନେଇଥିଲେ। ଫଳରେ ମୁମ୍ବାଇ ୧୯.୧ ଓଭରରେ ୪ ଉଇକେଟ ହରାଇ ୨୨୪ ରନ କରି ନେଇଥିଲା।



ଶଟ୍ ଖେଳିବା ଅବସରରେ ରୋହିତ ଶର୍ମା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୨୦/୪ (ଅଜିଙ୍କ୍ୟ ରାହାନେ-୬୭, ଅଙ୍ଗକ୍ରିଶ ରଘୁବଂଶୀ-୫୧, ରିଙ୍କୁ ସିଂ-୩୩*, ଶାର୍ଦ୍ଦୁଳ ଠାକୁର-୩/୩୯)। ମୁମ୍ବାଇ ଇଣ୍ଡିଆନ୍ସ: ୧୯.୧ ଓଭରରେ ୨୨୪/୪ (ରିୟାନ ରିକଲଟନ-୮୧, ରୋହିତ ଶର୍ମା-୭୮, ସୁନୀଲ ନାରିନ-୧/୪୩)।

# ଏଲ୍‌ଏଲ୍‌ସିସି କ୍ରିକେଟ: ରେଡ୍ ଷ୍ଟାର ଚାମ୍ପିୟନ



ଚାମ୍ପିୟନ ରେଡ୍ ଷ୍ଟାର୍ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୯।୩ (ତପନ ସ୍ୱାଇଁ)

ସ୍ଥାନୀୟ ଆଇଆର୍‌ସିରେ ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଆୟୋଜକ ଏଲ୍‌ଏଲ୍‌ସିସିକୁ ୭ ଉଇକେଟରେ ହରାଇ ରେଡ୍ ଷ୍ଟାର ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ନିର୍ଦ୍ଧାରିତ ୩୫ ଓଭରରେ ୫ ଉଇକେଟ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଜୟଦୀପ ରାଜ ନାୟକ ସର୍ବାଧିକ ୬୮ ରନକରି ଅପରାଜିତ ରହିଥିଲେ। ଆର୍ଯ୍ୟନ ପାଟଶାଣୀ ୪୧ ଏବଂ ଆଶୀର୍ବାଦ ପ୍ରଧାନ ଓ ଅଧିନାୟକ ତେଜେଶ୍ୱର ପଣ୍ଡା ୨୮ ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ଅଧିନାୟକ ଓମ୍ ଶ୍ରୀ ଏସ୍. ସାହୁ ୩ଟି ଏବଂ ମହମ୍ମଦ ଶାହାବାଜ ସଲାମ ୨ଟି ଉଇକେଟ ନେଇଥିଲେ। ୧୯୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ରେଡ୍ ଷ୍ଟାର ଦଳ ୨୩ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓମ୍ ଶ୍ରୀ ସାହୁ ୩୯ ବଲ୍‌ରୁ ୫୬ ଏବଂ ଧନଞ୍ଜୟ ରାୟ ୩୩ ରନକରି ଅପରାଜିତ ରହିଥିଲେ। ଦୁଇ ଓପନର ଅମିତ କୁମାର ସାହୁ ଓ ଆୟାନ ଷଡ଼ଙ୍ଗୀ ଦ୍ରୁତ ୪୪ ରନ ଲେଖାଏ ସଂଗ୍ରହ କରିଥିଲେ। ଏଲ୍‌ଏଲ୍‌ସିସି ବୋଲର ସୁନୀଲ କୁମାର ନାୟକ ୩ଟି ଯାକ ଉଇକେଟ ନେଇଥିଲେ। ୩ଟି ଉଇକେଟ ନେବା ସହ ୫୬ ରନରେ ଅପରାଜିତ ରହିଥିବା ରେଡ୍ ଷ୍ଟାର ଦଳର ଓମ୍ ଶ୍ରୀ ଏସ୍. ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଫାଇନାଲର ପ୍ରଥମାର୍ଦ୍ଧ ପରେ କ୍ରୀଡ଼ା ଖବରଦାତା ତପନ ସ୍ୱାଇଁ, ବିମଳ ରାଉଳ, ଶକ୍ତି ପ୍ରସାଦ ନନ୍ଦ, ପ୍ରଫୁଲ୍ଲ ସାହୁ ଓ ଚକ୍ରଧର ମାଝିଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ପାୟର ଅବଦୁଲ ରହିମ ଖାଁ ଓ ଚନ୍ଦ୍ରମୋହନ ବରାଳ ମ୍ୟାଚ ପରିଚାଳନା କରିଥିଲେ। ଅମିତେଶ ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଆର୍ଯ୍ୟନ ମୋରେ ଓ ରିଶି ଇମର୍ଜିଂ ଖେଳାଳି ପୁରସ୍କାର ପାଇଥିବାବେଳେ ପୁଫୁନ ବେହେରା ଶ୍ରେଷ୍ଠ କ୍ୟାଚ, ରୋହିତ ବିଭାର ଶ୍ରେଷ୍ଠ ଫିଲ୍ଡର, ଆର୍ଯ୍ୟନ ଷଡ଼ଙ୍ଗୀ ଶ୍ରେଷ୍ଠ ଉଇକେଟ କିପର, ମୋହିତ ପଙ୍କଜ ସାହୁ ଶ୍ରେଷ୍ଠ ବୋଲର, ଅମିତ ଶ୍ରେଷ୍ଠ ବ୍ୟାଟର, ଓମ୍ ଶ୍ରୀ ଏସ୍. ସାହୁ ଗେମ୍ ଚେଞ୍ଜର ଓ ପ୍ଲେୟର ଅଫ୍ ଦି ସିରିଜ ଏବଂ ପ୍ରଗତି ସ୍ପୋର୍ଟିଂ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ପାଇଥିଲେ। ପୂର୍ବରୁ ଅନୁଷ୍ଠିତ ବାଳିକା ବର୍ଗର ଟୁର୍ଣ୍ଣାମେଣ୍ଟରେ ଶ୍ରୀୟା ପ୍ରିୟଦର୍ଶିନୀ ଶ୍ରେଷ୍ଠ ଫିଲ୍ଡର, ଅନନ୍ୟା ଦାସ ଶ୍ରେଷ୍ଠ ଉଇକେଟ କିପର, ମିତାଲି ଶର୍ମା ଶ୍ରେଷ୍ଠ ବୋଲର, ତନଭି ରଞ୍ଜନ ଶ୍ରେଷ୍ଠ ବ୍ୟାଟର ଏବଂ ମିତାଲି ଶର୍ମା ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ପ୍ରଧାନ ଏବଂ କର୍ପୋରେଟର ମାନସିର ସୁନ୍ଦରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏଲ୍‌ଏଲ୍‌ସିସି କ୍ଲବର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରତିଷ୍ଠିତ କୋଚ୍ ଅଜୟ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା।

# ଜାତୀୟ କ୍ରୀଡ଼ା ସଂହିତା ମାନିବେ ସମସ୍ତ କ୍ରୀଡ଼ା ସଂଘ

**ଅଲିମ୍ପିକ ସଂଘର ବାର୍ଷିକ ଅଧିବେଶନରେ ନିଷ୍ପତ୍ତି**

କଟକ, ୨୯।୩(କୁମାରଶ୍ରୀ)

ରାଜ୍ୟର ସମସ୍ତ କ୍ରୀଡ଼ା ସଂଘ ଜାତୀୟ କ୍ରୀଡ଼ା ସଂହିତା ମାନିବେ। ୬ ମାସ ଭିତରେ ସଂଘର ସମ୍ବିଧାନ ସଂଶୋଧନ କରିବେ। ସଂହିତାର ସମସ୍ତ ନିୟମକୁ ଅନୁପାଳନ କରି ଡିସେମ୍ବର ସୁଦ୍ଧା ନିର୍ବାଚନ କରିବେ। ରବିବାର ଓଡ଼ିଶା ଅଲିମ୍ପିକ ସଂଘ(ଓଓଏ)ର ବାର୍ଷିକ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି। ଜାତୀୟ କ୍ରୀଡ଼ା ସଂହିତା ଲାଗୁ କରିବା ନିମନ୍ତେ ସମସ୍ତ କ୍ରୀଡ଼ା ସଂଘକୁ ବିଧିବଦ୍ଧ ଭାବେ ସୂଚାଇ ଦିଆଯାଇଛି ବୋଲି ଓଓଏ ସମ୍ପାଦକ ଅଭିଜିତ ପାଲ କହିଛନ୍ତି। ଉପସଭାପତି କମଳାକାନ୍ତ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଘରେ ଦେଖାଦେଇଥିବା ବିବାଦ ବାବଦରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ କ୍ଲବ ହାଉସ୍‌ର ନବୀକରଣ ଆଗାମୀ ଦୁଇ ମାସ ଭିତରେ ଶେଷ କରାଯିବ ବୋଲି ମତପ୍ରକାଶ ପାଇଥିଲା। ଓଓଏ ସହ ଅନୁବନ୍ଧିତ ବିଭିନ୍ନ ୟୁନିଟକୁ ମିଳୁଥିବା ଅନୁଦାନ ରାଶି ବୃଦ୍ଧି କରାଯାଇଛି। ଯେଉଁ ୟୁନିଟ ୩୦ହଜାର ଟଙ୍କାର ଅନୁଦାନ ପାଉଥିଲେ ଆଗାମୀ ଦିନରେ ସମ୍ପୃକ୍ତ ୟୁନିଟକୁ ୫୦ହଜାର ଟଙ୍କା ଏବଂ ୧୫ହଜାର ଟଙ୍କା ପାଉଥିବା ୟୁନିଟ ୩୦ହଜାର ଟଙ୍କା ପାଇବ। ଓଓଏ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଉପସଭାପତି ପ୍ରତାପ ଶତପଥୀ, ବିନୋଦ ଦାସ, ନଳିନୀ କୁମାର ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଣ୍ଟୋନେଲି ଜିତିଲେ ଜାପାନିଜ ଗ୍ରାଁ ପ୍ରି

ସୁଜୁକା, ୨୯।୩ (ଏପି)

ଇଟାଲିର ୧୯ ବର୍ଷୀୟ ମର୍ସିଡିଜର କିମି ଆଣ୍ଟୋନେଲି ରବିବାର ଜାପାନିଜ ଗ୍ରାଁ ପ୍ରି ଜିତିଛନ୍ତି। ଏହା ହେଉଛି ତାଙ୍କର କ୍ରମାଗତ ଦ୍ୱିତୀୟ ଫର୍ମୁଲା-୧ ରେସ୍ ବିଜୟ। ଆଣ୍ଟୋନେଲି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ମ୍ୟାକ୍‌ଲରେନର ତଥା ଅଷ୍ଟ୍ରେଲିଆର ଓସ୍କାର ପିଆଷ୍ଟ୍ରିଙ୍କୁ ୧୩.୪ସେକେଣ୍ଡ ବ୍ୟବଧାନରେ ପଛରେ ପକାଇ ରେସ୍ ଜିତିଛନ୍ତି। ଫେରାରିର ଚାର୍ଲ୍ସ ଲେକ୍‌ଲେର୍କ୍ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେଣ୍ଟ୍ରାଲ ଜାପାନରେ ଅବସ୍ଥିତ ସୁଜୁକା ସର୍କିଟରେ ଅନୁଷ୍ଠିତ ଏହି ରେସ୍‌ରେ ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ୫ମ ଓ ଫେରାରିର ଲୁଇସ୍ ହାମିଲଟନ ୬ଷ୍ଠ ସ୍ଥାନରେ ରହିଥିଲେ। ଆଣ୍ଟୋନେଲି ଦୁଇ ସପ୍ତାହ ପୂର୍ବେ ଚାଇନାରେ ତାଙ୍କ କ୍ୟାରିୟରର ପ୍ରଥମ ଫର୍ମୁଲା-୧ ରେସ୍ ଜିତିଥିଲେ। ଫର୍ମୁଲା ୱାନ ଇତିହାସରେ ଦ୍ୱିତୀୟ ସର୍ବକନିଷ୍ଠ ଡ୍ରାଇଭର ଭାବେ ରେସ୍ ଜିତିବାର ଗୌରବ ଅର୍ଜନ କରିଥିଲେ। ମାକ୍ସ ଭର୍ଷ୍ଟାପେନ୍ ୨୦୧୬ରେ ମାତ୍ର ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଡ୍ରାଇଭର ଭାବେ ଫର୍ମୁଲା-୧ ରେସ୍ ଜିତିଥିଲେ। ଆଣ୍ଟୋନେଲି ଆହୁରି ମଧ୍ୟ ଚାଇନାରେ ପୋଲ୍ ପୋଜିଶନ ହାସଲ କରିଥିଲେ। ସିଜନର ପ୍ରଥମ ତିନୋଟି ରେସ୍ ପରେ ଆଣ୍ଟୋନେଲିଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୭୨ରେ ପହଞ୍ଚିଛି ଏବଂ ସର୍ବକନିଷ୍ଠ ଭାବେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ଅଛନ୍ତି।



ଜାପାନିଜ୍ ଗ୍ରାଁ ପ୍ରି ବିଜୟୀ କିମି ଆଣ୍ଟୋନେଲି।



ମାୟାମି ଓପନ ଟେନିସ ମହିଳା ସିଙ୍ଗଲ୍ସ ଟ୍ରଫି ସହ ଆରିନା ସାବାଲେଙ୍କା।

# ବନ୍ଦ ହେବା ସ୍ଥିତିରେ ତୀରନ୍ଦାଜୀ ଏଚ୍‌ପିସି

■ ଦୁର୍ବଳ ଭିତ୍ତିଭୂମି; ଅସନ୍ତୋଷ ଜାହିର କଲା ଟାଟା ଏକାଡେମୀ

■ ଖେଳ ଛାଡ଼ି ସାରିଲେଣି ୮ କ୍ରୀଡ଼ାବିତ୍, ଏବେ ଅଛନ୍ତି ୧୬

■ ଏ ଦିଗରେ ଧ୍ୟାନ ଦିଆଯିବ: କ୍ରୀଡ଼ା ସଚିବ

କଟକ, ୨୯।୩(କୁମାରଶ୍ରୀ)

ଓଡ଼ିଶାରେ ତୀରନ୍ଦାଜୀ ଖେଳର ବିକାଶକୁ ଦୃଷ୍ଟିରେ ରଖି ଦୁଇ ବର୍ଷ ପୂର୍ବେ କେନ୍ଦୁଝରର ଶଙ୍କରପୁରଠାରେ ଉତ୍କୃଷ୍ଟ ପ୍ରଦର୍ଶନ କେନ୍ଦ୍ର ତଥା ଏଚ୍‌ପିସି ପ୍ରତିଷ୍ଠା ହୋଇଥିଲା। ଟାଟା ତୀରନ୍ଦାଜୀ ଏକାଡେମୀର ସହଭାଗିତାରେ ରାଜ୍ୟରେ ଏହି ପାରମ୍ପରିକ ଖେଳରୁ ପ୍ରତିଭା ସୃଷ୍ଟି କରାଯିବା ଲକ୍ଷ୍ୟ ରହିଥିଲା। ତେବେ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଖୋଲାଯାଇଥିବା ରାଜ୍ୟର ଏହି ଏକମାତ୍ର ତୀରନ୍ଦାଜୀ ଏଚ୍‌ପିସି ଏବେ ବନ୍ଦ ହେବା ସ୍ଥିତିକୁ ଆସିଲାଣି। ରାଜ୍ୟ କ୍ରୀଡ଼ା ବିଭାଗ ଯେଉଁ ସବୁ ସର୍ତ୍ତ ରଖି ଏଚ୍‌ପିସି ଆରମ୍ଭ କରିଥିଲା ତାହା ପୂରଣ କରିପାରୁନି। ଉତ୍ତମ ଭିତ୍ତିଭୂମି ଯୋଗାଇବା ତ ଦୂରର କଥା ଫାଙ୍କା ପଡ଼ିଆରେ ଖେଳାଳିଙ୍କୁ ପ୍ରଶିକ୍ଷଣର ସୁଯୋଗ ଦିଆଯାଉଛି। ଅତ୍ୟାଧୁନିକ ପ୍ରଶିକ୍ଷଣ ଏଠାରେ ସ୍ୱପ୍ନ ପାଲଟିଛି। ଏପରି କି ୪୦ଜଣ ଖେଳାଳି ରହିବେ ବୋଲି ସ୍ଥିର ହୋଇଥିବା ବେଳେ ଏବେ ମାତ୍ର ୧୬ ଜଣ ଏଚ୍‌ପିସିରେ ଅଛନ୍ତି। ଇତି ମଧ୍ୟରେ ୮ଜଣ ଖେଳ ଛାଡ଼ିଛନ୍ତି। ଟାଟା ଏକାଡେମୀ ଅସନ୍ତୋଷ ଜାହିର କରି ଗତ ମାସରେ କ୍ରୀଡ଼ା ବିଭାଗକୁ ଅବ୍ୟବସ୍ଥା ବାବଦରେ ଅବଗତ କରାଇଥିଲା। କ୍ରୀଡ଼ା ସଚିବ ଭୁପେନ୍ଦ୍ର ପୁନିଆଙ୍କୁ ପଚାରିବାରୁ ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ସେ ମତ ଦେଇଛନ୍ତି।

ନିକଟ ଅତୀତରେ ଓଡ଼ିଆ ତୀରନ୍ଦାଜମାନେ ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୬୯ତମ ଏସ୍‌ଜିଏଫଆଇ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳଗତ ଭାବେ ରନର୍ସଅପ ମଧ୍ୟ ହୋଇଛି। ଦିନକୁ ଦିନ ଜାତୀୟ ମାନଚିତ୍ରରେ ଓଡ଼ିଶା ତୀରନ୍ଦାଜୀ ଖେଳର ସ୍ଥିତି ମଜଭୁତ ହେଉଥିବା ବେଳେ ରାଜ୍ୟ କ୍ରୀଡ଼ା ବିଭାଗର ଅବହେଳାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟାଟା ଏକାଡେମୀ ପକ୍ଷରୁ ଝାଡଖଣ୍ଡରେ ଏକ ଏଚ୍‌ପିସି ରହିଛି, ଯେଉଁଠାରୁ ଭାରତର ଅନେକ ସୁନାମଧନ୍ୟ ଖେଳାଳି ସୃଷ୍ଟି ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୪ରେ ଓଡ଼ିଶା ସରକାର ରାଜ୍ୟରେ ଏକ ଏଚ୍‌ପିସି ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ। ଟାଟା ଏକାଡେମୀର ସହାୟତା ଲୋଡ଼ା ଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସ୍ଥାନ ଚିହ୍ନଟ ହୋଇଥିଲା। ପରେ କେନ୍ଦୁଝରର ଶଙ୍କରପୁରରେ ଏଚ୍‌ପିସି ପ୍ରତିଷ୍ଠା ନିମନ୍ତେ ସ୍ଥିର କରାଯାଇଥିଲା। ସେହିବର୍ଷ ଟାଟା ଏକାଡେମୀ ସହିତ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଭିତ୍ତିଭୂମି ଯୋଗାଇବା ଦାୟିତ୍ୱ କ୍ରୀଡ଼ା ବିଭାଗ ସମ୍ଭାଳିବ, ଖେଳାଳିଙ୍କୁ ଉନ୍ନତ ପ୍ରଶିକ୍ଷଣ ଦାୟିତ୍ୱ ଟାଟା ଏକାଡେମୀର ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଚ୍‌ପିସିର ଜଣେ ବରିଷ୍ଠ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ଟାଟା ଏକାଡେମୀ ୩ଜଣ ପ୍ରଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରିଛି। ହେଲେ ଖେଳର ବିକାଶ ନେଇ ସେହିଭଳି କୌଣସି ସ୍ଥିତି ଦେଖିବାକୁ ମିଳୁନି। ୧୨ଜଣ ବାଳକ ଏବଂ ୧୨ଜଣ ବାଳିକାଙ୍କୁ ନେଇ ପ୍ରଥମେ କମ୍ପାଉଣ୍ଡ ରାଉଣ୍ଡରେ ପ୍ରଶିକ୍ଷଣ ଦିଆଯାଉଥିଲା। ୮ଜଣ ଖେଳ ଛାଡ଼ି ଚାଲି ଗଲେଣି। ଆଗାମୀ ଦିନରେ ରିକର୍ଭ ରାଉଣ୍ଡରେ ୧୦ଜଣ ଖେଳାଳିଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ଦିଆଯିବ ବୋଲି ଆଲୋଚନା ହେଉଛି। ହେଲେ ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଟାଟା ଏକାଡେମୀ ବାରମ୍ବାର ଅସନ୍ତୋଷ ଜାହିର କରୁଛି। ଧନୁ କିଣିବା ନିମନ୍ତେ ଅସମର୍ଥ ଆଦିବାସୀ ପିଲାଙ୍କୁ ଏଠାରେ ପ୍ରଶିକ୍ଷଣ ଦେବାର ଯୋଜନା ବିଫଳ ହେବାକୁ ବସିଲାଣି ବୋଲି ଅଧିକାରୀ ଜଣକ କହିଛନ୍ତି। କ୍ରୀଡ଼ା ବିଭାଗ ଦୃଷ୍ଟି ନ ଦେଲେ ଏଚ୍‌ପିସି ବନ୍ଦ ହୋଇଯିବ ବୋଲି ସେ କ୍ଷୋଭର ସହ କହିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ କୁହନ୍ତି ଯେ, ପ୍ରୋତ୍ସାହନ ମିଳିଲେ ତୀରନ୍ଦାଜମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିପାରିବେ। ଏଚ୍‌ପିସି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାକୁ ସୁଫଳ ମିଳିବ। କ୍ରୀଡ଼ା ବିଭାଗ ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସମ୍ପୂର୍ଣ୍ଣାନନ୍ଦ କହିଛନ୍ତି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ